# ଧରିତ୍ରୀ DHARITRI

ରବିବାର, ମେ ୧୦/୨୦୨୦ (୨୦ ପୃଷ୍ଠା) | Sunday, May 10/2020

୪୬ଶ ଭାଗ ୧୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପରାମର୍ଶଦାତା ସାଜିଛନ୍ତି ସଞ୍ଜୟ**

ଲକ୍‌ଡାଉନ୍ ଯୋଗୁ କୋଚ୍ ବଦଳରେ ପରାମର୍ଶଦାତା ଦାୟିତ୍ୱ ତୁଲାଇବାକୁ ପଡ଼ୁଛି ବୋଲି କହିଛନ୍ତି ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ କୋଚ୍ ସଞ୍ଜୟ ମିଶ୍ର।

୨୦

୧୦

**ସୋନାକ୍ଷୀଙ୍କ ନିଆରା ଅଭିଯାନ**

ଡାକ୍ତରଙ୍କ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ସେମାନଙ୍କ ପାଇଁ ପିପିଇ କିଟ୍ ଦେବାକୁ ସେ ଘୋଷଣା କରିଛନ୍ତି।



୧୯ ଜିଲାରେ କରୋନା, ଗଞ୍ଜାମ ସ୍ଥିତି ଗମ୍ଭୀର

........୩........

**ଅନ୍‌ଲାଇନ୍‌ରେ ପଢ଼ନ୍ତୁ ଏଥରର ଛୁଟିଦିନ**



www.dharitriepaper.in
www.dharitri.com

**ଆଜିର ସମ୍ପାଦକୀୟ**

ବିକଳ୍ପ ଜୀବିକା ସନ୍ଧାନେ

**ଆଜିର ମନ୍ତବ୍ୟ**

“ୟୁପି ସରକାର ଶ୍ରମ ଆଇନରୁ ଶିଳ୍ପସଂସ୍ଥାକୁ ବାଦ୍‌ଦେବା ଦୁର୍ଭାଗ୍ୟଜନକ।

–ମାୟାବତୀ, ବିଏସ୍‌ପି ନେତ୍ରୀ

# ପ୍ରବାସୀଙ୍କୁ ଫେରିବାକୁ ଦିଅ

**ଭୁବନେଶ୍ୱର,୯।୫(ବ୍ୟୁରୋ)**

କରୋନା(କୋଭିଡ-୧୯) ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମାର୍ଚ୍ଚ ୨୪ରୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଶନିବାର ଏହି ଲକ୍‌ଡାଉନ୍‌କୁ ୪୬ ଦିନ ପୂରିଛି। ବିଭିନ୍ନ ରାଜ୍ୟରେ ବହୁ ଓଡ଼ିଆ ଅସହାୟ ଅବସ୍ଥାରେ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ସେମାନଙ୍କର ଜୀବିକା ଉଦ୍ଦେଶ୍ୟରେ ଯାଇଛନ୍ତି। ସେହିପରି ଅନ୍ୟ କେତେଜଣ ଛାତ୍ରୀଛାତ୍ର, ରୋଗୀ, ତୀର୍ଥଯାତ୍ରୀ, ପର୍ଯ୍ୟଟକ ମଧ୍ୟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୫ରୁ ୩୦ ପ୍ରତିଶତ ଲୋକ ନିଜ ଘରକୁ ଫେରିବାକୁ ଚାହୁଁଛନ୍ତି। ସେମାନଙ୍କୁ ଫେରିବାକୁ ଅନୁମତି ଦିଆ ନ ଗଲେ ଭୟଙ୍କର ମାନବୀୟ ସମସ୍ୟା ସୃଷ୍ଟି ହେବ। ଆବେଗିକ ଦୁର୍ବଳତା, କରୋନା ଭୟ ଏବଂ ଆତ୍ମୀୟସ୍ୱଜନଙ୍କ ପାଖରେ ରହିବାର ଇଚ୍ଛା ନେଇ ସେମାନେ ଫେରିବାକୁ ଚାହୁଁଛନ୍ତି। ସେହି ଲୋକମାନେ ନିକଟ ଭବିଷ୍ୟତରେ ଆର୍ଥିକ ଅନିଶ୍ଚିତତା ଦେଇ ଗତି କରିବା ଆଶଙ୍କା ରହିଛି। ଯେଉଁମାନେ କିଛି ସମୟ ପାଇଁ ଫେରିବାକୁ ଚାହୁଁଛନ୍ତି ସେମାନଙ୍କୁ ଆସିବାକୁ ଦିଆଯିବା ଉଚିତ। ସେମାନେ ହେଉଛନ୍ତି ଓଡ଼ିଆ ଲୋକ। ସରକାର ଏବଂ ସମାଜ ସେମାନଙ୍କୁ ଫେରିବାକୁ ଅନୁମତି ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ବାହାର ରାଜ୍ୟରେ ଥିବା ପ୍ରବାସୀ ଓଡ଼ିଆଙ୍କ ମଧ୍ୟରୁ ଅଧିକାଂଶ କଳକାରଖାନା ଓ ବ୍ୟବସାୟ ପ୍ରତିଷ୍ଠାନ ଖୋଲିବାକୁ ଅପେକ୍ଷା କରି ରହିଛନ୍ତି। ସେମାନେ ନିଜର ଜୀବିକାକୁ ବଞ୍ଚାଇ ପାରିବେ। ୨୦୨୦ ମେ ପହିଲାରୁ ଶ୍ରମିକ, ଛାତ୍ରୀଛାତ୍ରମାନଙ୍କୁ ଟ୍ରେନ୍ ଓ ବସ୍‌ରେ ଫେରିବାକୁ ଆଇନତଃ ଅନୁମତି ଦିଆଯାଇଛି। କୌଣସି ବ୍ୟକ୍ତିଙ୍କୁ ନିଜ ରାଜ୍ୟକୁ ଯିବା ପାଇଁ ଅଟକାଯାଇ ପାରିବ ନାହିଁ ବୋଲି ମେ ୮ ତାରିଖରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି କାରଣରୁ ଆଇନଗତ ଓ ମାନସିକ ସ୍ତରରେ ସରକାର ସେମାନଙ୍କୁ ଗ୍ରହଣ କରିବାକୁ ବାଧ୍ୟ। ଯଦି ଏବେ ସେମାନଙ୍କୁ ଆସିବାକୁ ଦିଆ ନ ଯିବ ତେବେ ଏହା ଏକ ମାନବୀୟ ସମସ୍ୟାର ରୂପନେବ। ଲୋକମାନେ ରେଳଧାରଣା, ☞ପୃଷ୍ଠା–୪

**ନଚେତ୍ ସୃଷ୍ଟି ହୋଇପାରେ ମାନବୀୟ ସଙ୍କଟ: ବୁଦ୍ଧିଜୀବୀଙ୍କ ମତ**



## ଓଡ଼ିଶା ଆସୁଛି ୫ ଟ୍ରେନ୍

**ଭୁବନେଶ୍ୱର,୯।୫ (ବ୍ୟୁରୋ)**

ରାଜ୍ୟ ବାହାରେ ଫସିଥିବା ପ୍ରବାସୀ ଓଡ଼ିଆଙ୍କୁ ଆଣିବାକୁ ସରକାର ସବୁ ବ୍ୟବସ୍ଥା କରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ପ୍ରବାସୀଙ୍କୁ ଧରି ଶନିବାର ୫ଟି ସ୍ୱତନ୍ତ୍ର ଟ୍ରେନ୍ ଓଡ଼ିଶା ଅଭିମୁଖେ ଯାତ୍ରା ଆରମ୍ଭ କରିଛି। ବାଟରେ ବିଭିନ୍ନ ଷ୍ଟେଶନରେ ସେମାନେ ଖୁସିରେ ‘ଜୟ ଜଗନ୍ନାଥ’ କହିବା ସହ ସ୍ଥାନୀୟ ଜିଲାପାଳ ଏବଂ ଅନ୍ୟ ପଦାଧିକାରୀଙ୍କ ଉପରକୁ ଫୁଲ ପକାଇ କୃତଜ୍ଞତା ଜଣାଉଛନ୍ତି। ଗୁଜରାଟରୁ ୩ଟି ଟ୍ରେନ୍ ଏବଂ ମହାରାଷ୍ଟ୍ର ପାନଭେଲ୍ ଓ ତାମିଲନାଡୁର ଚେନ୍ନାଇରୁ ଗୋଟିଏ ଲେଖାଏ ଟ୍ରେନ ଆସୁଛି। ୫ ଟ୍ରେନ ରବିବାର ସୁଦ୍ଧା ଗଞ୍ଜାମ ଜିଲାର ଜଗନ୍ନାଥପୁର, ଖୋର୍ଦ୍ଧା ରୋଡ୍ ଓ ଟିଟିଲାଗଡ଼ ଷ୍ଟେଶନରେ ପହଞ୍ଚିବ। ଏସବୁ ଟ୍ରେନ୍‌ରେ ୧ ହଜାରରୁ ଅଧିକ ଯାତ୍ରୀ ଆସୁଥିବା ସୂଚନା ରହିଛି। ଟ୍ରେନ୍‌କୁ ସାନିଟାଇଜ୍ କରି ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ଟ୍ରେନଟି ସୁରଟରୁ ଶନିବାର ଅପରାହ୍ନ ସାଢ଼େ ଗୋଟାଏରେ ବାହାରିଥିବାବେଳେ ଗଞ୍ଜାମ ଜଗନ୍ନାଥପୁର ଷ୍ଟେଶନରେ ପ୍ରବାସୀଙ୍କୁ ଛାଡ଼ିବ। ଦ୍ୱିତୀୟ ଟ୍ରେନଟି ମହାରାଷ୍ଟ୍ର ପାନ୍‌ଭେଲରୁ ଟିଟିଲାଗଡ଼ ଓ ଗୁଜରାଟ ସାବରମତିରୁ ବାହାରିଥିବା ଅନ୍ୟ ଦୁଇ ଟ୍ରେନ୍ ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିବ। ସେହିପରି ଚେନ୍ନାଇରୁ ଶନିବାର ରାତି ୧୦ରେ ଛାଡ଼ିଥିବା ଆଉ ଗୋଟିଏ ଟ୍ରେନ ସୋମବାର ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିବ ବୋଲି ପୂର୍ବତଟ ରେଲୱେ ପକ୍ଷରୁ ସୂଚନା ମିଳିଛି।

# ଶ୍ରମିକ ଟ୍ରେନ୍‌କୁ ନେଇ କେନ୍ଦ୍ର–ପଶ୍ଚିମବଙ୍ଗ ମୁହାଁମୁହିଁ

**ନୂଆଦିଲ୍ଲୀ,୯।୫**

କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ସାରା ଦେଶ ଦେଢ଼ମାସ ହେଲା ଲକ୍‌ଡାଉନରେ ଥିବାରୁ ବିଭିନ୍ନ ରାଜ୍ୟରେ ପ୍ରବାସୀ ଶ୍ରମିକମାନେ ଅଟକି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାମଧନ୍ଦା ନ ଥିବାରୁ ଅନେକଙ୍କ ପାଖରେ ଖାଇବାକୁ କିଛି ନାହିଁ। ସେମାନଙ୍କୁ ଫେରାଇଆଣିବାକୁ ରାଜ୍ୟ ସରକାରମାନେ ପଦକ୍ଷେପ ନେଇଛନ୍ତି। କେନ୍ଦ୍ର ସରକାର ସେମାନଙ୍କ ପାଇଁ ସ୍ୱତନ୍ତ୍ର ଶ୍ରମିକ ଟ୍ରେନ୍ ଚଳାଚଳ କରୁଛନ୍ତି। ତେବେ ପଶ୍ଚିମବଙ୍ଗକୁ ଫେରିବାକୁ ଥିବା ଶ୍ରମିକମାନଙ୍କ ପାଇଁ ନୈରାଶ୍ୟ ସୃଷ୍ଟି କରିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି। ସ୍ୱତନ୍ତ୍ର ଟ୍ରେନ୍‌କୁ ପଶ୍ଚିମବଙ୍ଗରେ ପ୍ରବେଶ ଲାଗି ରାଜ୍ୟର ଟିଏମ୍‌ସି ସରକାର ଅନୁମତି ଦେଉ ନାହାନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ପ୍ରବାସୀ ଶ୍ରମିକମାନଙ୍କ ପ୍ରତି ଅନ୍ୟାୟ ବୋଲି ଶାହା ☞ପୃଷ୍ଠା–୪



ଅମିତ୍ ଶାହା

**ବଢୁଛି ଶ୍ରମିକଙ୍କ ଦୁର୍ଦ୍ଦଶା**

- ଟ୍ରେନ୍‌କୁ ଅନୁମତି ଦେଉନି ରାଜ୍ୟ : ଶାହା
- କେନ୍ଦ୍ର ମିଛ କହୁଛି: ଟିଏମ୍‌ସି

## ୩୦୨ ଟ୍ରେନ୍‌ରେ ଫେରିଲେଣି ୩.୪ ଲକ୍ଷ ଶ୍ରମିକ

**ନୂଆଦିଲ୍ଲୀ,୯।୫(ପି.ଟି.)**

ଲକ୍‌ଡାଉନ ଯୋଗୁ ବିଭିନ୍ନ ରାଜ୍ୟରେ ଅଟକି ରହିଥିବା ପ୍ରବାସୀ ଶ୍ରମିକମାନଙ୍କୁ ସେମାନଙ୍କ ରାଜ୍ୟକୁ ଫେରାଇନେବା ଲାଗି ରେଲୱେ ଗତ ୧ ତାରିଖରୁ ‘ଶ୍ରମିକ ସ୍ପେଶିଆଲ୍’ ଟ୍ରେନ୍ ଚଳାଇଛି। ବର୍ତ୍ତମାନ ସୁଦ୍ଧା ୩୦୨ଟି ସ୍ୱତନ୍ତ୍ର ଟ୍ରେନ ଚଳାଚଳ କଲାଣି ଓ ମୋଟ ୩ ଲକ୍ଷ ୪୦ ହଜାର ଶ୍ରମିକ ସେମାନଙ୍କୁ ରାଜ୍ୟକୁ ଫେରିଲେଣି ବୋଲି ରେଲୱେ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଆଉ ୪୭ଟି ଟ୍ରେନ୍ ଚାଲିବାକୁ ଥିବାବେଳେ ସେଥିରୁ ୩୪ଟି ଛାଡ଼ିସାରିଲାଣି। ପ୍ରତି ଶ୍ରମିକ ସ୍ପେଶିଆଲ ☞ପୃଷ୍ଠା–୪




**ଏଜେଏଲ୍‌ର ମୁମ୍ବାଇ ବିଲ୍ଡିଂକୁ ବାଜ୍ୟାପ୍ତ କଲା ଇଡି**

ମନିଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଆସୋସିଏଟେଡ ଜର୍ନାଲ୍ସ ଲିମିଟେଡ୍ (ଏଜେଏଲ୍)ର ମୁମ୍ବାଇର ବାନ୍ଦ୍ରା ଅଞ୍ଚଳରେ ଥିବା ୯ ମହଲା ବିଲ୍ଡିଂର କିଛି ଅଂଶକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ଏହି ସମ୍ପତ୍ତିର ମୂଲ୍ୟ ୧୬.୩୮ କୋଟି ଟଙ୍କା। ବିଲ୍ଡିଂର କିଛି ଅଂଶକୁ ବାଜ୍ୟାପ୍ତ କରିବା ଲାଗି ଇଡି ଏଜେଏଲ୍, ଏହାର ସିଏମ୍‌ଡି ଏବଂ ବରିଷ୍ଠ କଂଗ୍ରେସ ନେତା ମୋତିଲାଲ ଭୋରାଙ୍କ ପାଖକୁ ନୋଟିସ୍ ପଠାଇଥିଲା।





ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ନାଜି ପରାଜୟର ୭୫ ବର୍ଷ ପୂର୍ତ୍ତି ଅବସରରେ ମସ୍କୋସ୍ଥିତ ରେଡ୍ ସ୍କୋୟାର ଉପରେ ରଷିଆର ସାମରିକ ହେଲିକପ୍ଟର ପଇଁତରା ମାରୁଛନ୍ତି।

# ୧୦ ଦିନରେ ଡିସ୍‌ଚାର୍ଜ ହେବେ ଆକ୍ରାନ୍ତ

■ ବଦଳିଲା କରୋନା ସଂକ୍ରମିତ ଡିସ୍‌ଚାର୍ଜ ନିୟମ

■ ହସ୍ପିଟାଲ ଛାଡ଼ିବା ପୂର୍ବରୁ ଗୁରୁତର ଅସୁସ୍ଥଙ୍କ କୋଭିଡ୍ ପରୀକ୍ଷା ହେବ



ନୂଆଦିଲ୍ଲୀ,୯।୫(ପି.ଟି.)

ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ପାଉଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରୋଗୀଙ୍କ ଡିସ୍‌ଚାର୍ଜ ନୀତିରେ ପରିବର୍ତ୍ତନ କରିଛନ୍ତି। ସଂଶୋଧିତ ନିୟମ ଅନୁଯାୟୀ ଗୁରୁତର ଅସୁସ୍ଥ କିମ୍ବା ଅନ୍ୟାନ୍ୟ ରୋଗ ଥିବା କରୋନା ଆକ୍ରାନ୍ତଙ୍କୁ ହସ୍ପିଟାଲ ଡିସ୍‌ଚାର୍ଜ କରିବା ପୂର୍ବରୁ ସେମାନଙ୍କର ଆର୍‌ଟି-ପିସିଆର୍ ପରୀକ୍ଷା ନେଗେଟିଭ୍ ଆସିବା ଜରୁରୀ। ସାଧାରଣ ତଥା ଲକ୍ଷଣ ନ ଥିବା କୋଭିଡ୍ ମାମଲାରେ ଡିସ୍‌ଚାର୍ଜ ପୂର୍ବରୁ ପରୀକ୍ଷାର ଆବଶ୍ୟକତା ନ ଥିବା ମନ୍ତ୍ରଣାଳୟ କହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଚଳିଆସୁଥିବା ନିୟମ ଅନୁଯାୟୀ ଜଣେ ରୋଗୀ ୧୪ ଦିନରେ ନେଭେଟିଭ୍ ଏବଂ ଏହାର ୨୪ ଘଣ୍ଟା ପରେ ସମାନ ଫଳାଫଳ ଆସିଲେ ସେ ଡିସ୍‌ଚାର୍ଜ ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଉଥିଲା। ଏବେ କେବଳ ଗୁରୁତର ଆକ୍ରାନ୍ତ ଏବଂ ଏଚ୍‌ଆଇଭି, ହୃଦ୍‌ରୋଗ, ଡାଇବେଟିସ୍ ଭଳି ଜଟିଳ ସମସ୍ୟା ଥିବା କରୋନା ରୋଗୀଙ୍କ କ୍ଷେତ୍ରରେ ଡିସ୍‌ଚାର୍ଜ ପାଇଁ ପରୀକ୍ଷା ଫଳାଫଳ ନେଗେଟିଭ୍ ହେବା ଜରୁରୀ। ଯାହାଙ୍କଠାରେ ଜ୍ୱର ୩ ଦିନରେ ଛାଡ଼ିଯିବ ଏବଂ ବିନା ଅକ୍ସିଜେନ ସହାୟତାରେ ପରବର୍ତ୍ତୀ ୪ ଦିନ ସାଚୁରେଶନ ୯୫ ପ୍ରତିଶତ ରହିବ, ତାଙ୍କୁ ୧୦ ଦିନ ପରେ ଛାଡ଼ିଦିଆଯାଇପାରିବ। ସେମାନଙ୍କୁ ଛାଡ଼ିବା ପୂର୍ବରୁ ଆଉ କୋଭିଡ୍ ପରୀକ୍ଷା କରାଇବାକୁ ପଡ଼ିବନି। ସେହିପରି ଡିସ୍‌ଚାର୍ଜ ସମୟରେ ରୋଗୀଙ୍କୁ ଘରେ ଆଉ ୭ ଦିନ ଆଇସୋଲେଶନରେ ରହିବା ପାଇଁ ପରାମର୍ଶ ଦିଆଯିବ। ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପାଖାପାଖି ୬୦ ହଜାର ଛୁଇଁଥିବାବେଳେ ୧୯୮୧ ଜଣଙ୍କର ମୃତ୍ୟୁ ହେଲାଣି। ଗତ ୨୪ ଘଣ୍ଟା ମଧ୍ୟରେ ୩୩୨୦ ଜଣ ସଂକ୍ରମିତ ହୋଇଥିବାବେଳେ ୯୫ ଜଣଙ୍କ ଜୀବନ ଯାଇଛି।

# ଆଜିଠାରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ ଶ୍ରେଣୀ ଖାତାଦେଖା

**ଘରେ ରହି ଖାତା ଦେଖିବେ ଶିକ୍ଷକ**

ନୂଆଦିଲ୍ଲୀ,୯।୫: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଖାତାଦେଖା ରବିବାରଠାରୁ ଆରମ୍ଭ ହେଉଛି। ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଏଥିପାଇଁ ଦେଇଥିବା ପ୍ରସ୍ତାବକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁମୋଦନ କରିଛି। କୋଭିଡ୍-୧୯ ଜନିତ ଲକ୍‌ଡାଉନ ଯୋଗୁ ଚଳିତ ବର୍ଷ କେତେକ ବିଷୟରେ ପରୀକ୍ଷା ଏପର୍ଯ୍ୟନ୍ତ ହୋଇପାରି ନ ଥିବାବେଳେ ଖାତାଦେଖା ବିଳମ୍ବିତ ହୋଇଛି। ଏଥର ଶିକ୍ଷୟିତ୍ରୀଶିକ୍ଷକମାନେ ସେମାନଙ୍କ ଘରେ ରହି ପରୀକ୍ଷା ଖାତା ମୂଲ୍ୟାୟନ କରିବେ। ଏଥିପାଇଁ ୩୦୦୦ ସ୍କୁଲ୍‌ରୁ ପରୀକ୍ଷା ଖାତାଗୁଡ଼ିକୁ ମୂଲ୍ୟାୟନ କରିବାକୁ ଥିବା ଶିକ୍ଷକମାନଙ୍କ ଘରକୁ ପଠାଯିବ। ମୂଲ୍ୟାୟନ ପ୍ରକ୍ରିୟା ୫୦ ଦିନରେ ଶେଷ ହେବ ବୋଲି ଆଶା କରାଯାଉଛି। ଚଳିତ ବର୍ଷ ଦଶମ ଶ୍ରେଣୀରେ ପାଖାପାଖି ୧୮ ଲକ୍ଷ ଓ ଦ୍ୱାଦଶ ଶ୍ରେଣୀରେ ୧୨ ଲକ୍ଷ ପିଲା ବୋର୍ଡ ପରୀକ୍ଷା ଦେଇଥିଲେ। ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖ୍‌ରିୟାଲ ନିଶଙ୍କଙ୍କ କହିବା ଅନୁଯାୟୀ ୩୦୦୦ ସ୍କୁଲରେ ଖାତାଦେଖା ପାଇଁ ଅନୁମତି ମିଳିଛି। ଉକ୍ତ ସ୍କୁଲ୍‌ରୁ ପରୀକ୍ଷାଖାତାକୁ ଶିକ୍ଷକମାନଙ୍କ ଘରକୁ ପଠାଯିବ।

# ୟୁପିରେ ସ୍ଥଗିତ ହେବ ୩୫ ଶ୍ରମ ଆଇନ

■ ଅଧ୍ୟାଦେଶ କାର୍ଯ୍ୟକାରୀ ହେଲେ ଅଧିକାରରୁ ବଞ୍ଚିତ ହେବେ ଶ୍ରମିକ

■ ବୈଧତାକୁ ନେଇ ଚ୍ୟାଲେଞ୍ଜ ହୋଇପାରେ



ନୂଆଦିଲ୍ଲୀ,୯।୫: କୋଭିଡ୍-୧୯ ମହାମାରୀ ଯୋଗୁ ସାରା ବିଶ୍ୱର ଅର୍ଥନୀତି ଗୁରୁତର ପ୍ରଭାବିତ ହୋଇଛି। ଏପରିସ୍ଥଳେ ଉତ୍ତରପ୍ରଦେଶ ସରକାର ରାଜ୍ୟର ଅର୍ଥନୀତିକୁ ସଜାଡିବା ଲାଗି ଜରୁରୀ ପୁଞ୍ଜି ଆକର୍ଷଣ କରିବା ଲକ୍ଷ୍ୟରେ ୩୮ ଶ୍ରମ ଆଇନ ମଧ୍ୟରୁ ୩୫ଟିକୁ ୩ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ରାଜ୍ୟର ଶିଳ୍ପସଂସ୍ଥା ଓ ବ୍ୟବସାୟ ପ୍ରତିଷ୍ଠାନ ତିନିବର୍ଷ ଯାଏ ପ୍ରାୟତଃ ସମସ୍ତ ଶ୍ରମ ଆଇନରୁ ମୁକ୍ତ ରହିବେ। ଅଧ୍ୟାଦେଶ କାର୍ଯ୍ୟକାରୀ ହେଲେ ଶ୍ରମିକମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେବେ। ବ୍ୟବସାୟ ସଂସ୍ଥାଗୁଡ଼ିକ ମନଇଚ୍ଛା କର୍ମଚାରୀ ନିଯୁକ୍ତି ଓ ଛଟେଇ କରିପାରିବେ ବୋଲି କୁହାଯାଉଛି। ଯୋଗୀ ଆଦିତ୍ୟନାଥ ସରକାର ଆଣିଥିବା ଅଧ୍ୟାଦେଶରୁ ଅଟ୍ଟାଳିକା ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ଆଇନ, ୧୯୯୬, ଶ୍ରମିକ କ୍ଷତିପୂରଣ ଆଇନ, ୧୯୨୩ ଏବଂ ଗୋଟି ଶ୍ରମିକ ବ୍ୟବସ୍ଥା (ଉଚ୍ଛେଦ) ଆଇନ, ୧୯୭୬କୁ ବାଦ୍ ଦିଆଯାଇଛି। ଫଳରେ ଏହି ୩ଟି ଆଇନ ପୂର୍ବଭଳି ରାଜ୍ୟରେ କାର୍ଯ୍ୟକାରୀ ହେବ। ଏହାକୁ ବାଦ୍ ଦେଲେ ସର୍ବନିମ୍ନ ମଜୁରି ଆଇନ, ମଜୁରି ପ୍ରଦାନ ଅଧିନିୟମ ଏବଂ ବୋନସ ପ୍ରଦାନ ଅଧିନିୟମ ଭଳି କେନ୍ଦ୍ରୀୟ ଆଇନ ସମେତ ୩୫ଟି ଆଇନ ଆଗାମୀ ୩ ବର୍ଷ ପାଇଁ କାର୍ଯ୍ୟକାରୀ ହେବନାହିଁ।

ଶ୍ରମ ଯୁଗ୍ମ ତାଲିକାରେ ଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ଆଇନ ପ୍ରଣୟନ କରିପାରିବାର ବ୍ୟବସ୍ଥା ରହିଛି। ତେବେ କୌଣସି ରାଜ୍ୟ ସରକାର ଚାହିଁଲେ କେନ୍ଦ୍ରୀୟ ଆଇନକୁ ସମ୍ପୂର୍ଣ୍ଣ ସ୍ଥଗିତ ରଖିପାରିବ କି ବୋଲି ବିଶେଷଜ୍ଞମାନେ ପ୍ରଶ୍ନ ଉଠାଇଛନ୍ତି। ସରକାର ଆଣିଥିବା ଅଧ୍ୟାଦେଶ କେନ୍ଦ୍ରର ଅନୁମୋଦନ ପାଇଁ ପଠାଯିବ ବୋଲି ଉତ୍ତରପ୍ରଦେଶ ମୁଖ୍ୟ ଶାସନ ସଚିବ ଆର୍.କେ. ତିୱାରୀ କହିଛନ୍ତି। ଏହାର ଅର୍ଥ ସମ୍ବିଧାନର ଅନୁଚ୍ଛେଦ ୨୧୩ ଅନୁଯାୟୀ ରାଜ୍ୟ ସରକାର ଶାସନାଦେଶ ପୂରଣ କରିବାକୁ ଉଦ୍ୟମ କରୁଛନ୍ତି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ଯଦି ସାମ୍ବିଧାନିକ ପ୍ରକ୍ରିୟା ଅନୁପାଳନ କରାଯାଏ, ତେବେ ଅଧ୍ୟାଦେଶକୁ ଅନୁମୋଦନ କରିବା କେନ୍ଦ୍ର ପାଇଁ ଲଜ୍ଜାଜନକ ହେବ। କାରଣ କେନ୍ଦ୍ର ସରକାର ଶ୍ରମ ଆଇନକୁ ସରଳ ଓ ସୁବ୍ୟବସ୍ଥିତ କରିଛନ୍ତି। କେନ୍ଦ୍ରୀୟ ଆଇନକୁ ସ୍ଥଗିତ ରଖିବା ନେଇ ସମ୍ବିଧାନର ଅନୁଚ୍ଛେଦ ୨୧୩(୧)ରେ ନିମ୍ନୋକ୍ତ ବ୍ୟବସ୍ଥା ରହିଛି। ସେଗୁଡ଼ିକ ହେଲା: (କ) ସମ୍ବିଧାନ ଅନୁଯାୟୀ ସମାନ ବ୍ୟବସ୍ଥା ଥିବା ବିଲ୍ ବିଧାନସଭାରେ ଉପସ୍ଥାପନ ପାଇଁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ଆବଶ୍ୟକ। (ଖ) ରାଷ୍ଟ୍ରପତି ଚାହିଁଲେ ସମାନ ବ୍ୟବସ୍ଥା ଥିବା କୌଣସି ବିଲ୍‌କୁ ଆବଶ୍ୟକସ୍ଥଳେ ବିଚାର ପାଇଁ ସଂରକ୍ଷିତ ରଖିପାରନ୍ତି। (ଗ) ରାଜ୍ୟ ବିଧାନସଭାର କୌଣସି ଆଇନରେ ସମାନ ବ୍ୟବସ୍ଥା ଥିଲେ, ସମ୍ବିଧାନ ଅନୁଯାୟୀ ତାହା ଅବୈଧ ହୋଇଯିବ, ଯଦି ତାହା ରାଷ୍ଟ୍ରପତିଙ୍କ ବିଚାର ପାଇଁ ସଂରକ୍ଷିତ ରହି ନ ଥିବ ଏବଂ ରାଷ୍ଟ୍ରପତିଙ୍କ ସ୍ୱୀକୃତି ହାସଲ କରି ନ ଥିବ। ଅତି ଜରୁରୀ ସ୍ଥିତିରେ ବିଧାନସଭା ଅଧିବେଶନ ଡାକି ଆଇନ ପ୍ରଣୟନ କରିବା ପାଇଁ ଅପେକ୍ଷା କରିବାକୁ ସମୟ ନ ଥିବା ସରକାର ଅନୁଭବ କଲେ, ଅଧ୍ୟାଦେଶକୁ ଅନୁମୋଦନ କରିଥାନ୍ତି। ତେବେ ଏହି ଅଧ୍ୟାଦେଶକୁ ୬ ମାସ ମଧ୍ୟରେ ବିଧାନସଭାରେ ଅନୁମୋଦନ କରାଇବାକୁ ପଡ଼ିଥାଏ।

ଅନୁଚ୍ଛେଦ ୨୫୪(୨) ଅନୁଯାୟୀ ଯୁଗ୍ମ ତାଲିକା ଅନ୍ତର୍ଗତ କୌଣସି ବିଲ୍, ଯାହା କେନ୍ଦ୍ରୀୟ ଆଇନ ପାଇଁ ଅସଙ୍ଗତ, ତାହାର କାର୍ଯ୍ୟକାରିତା ଲାଗି ରାଷ୍ଟ୍ରପତିଙ୍କ ଅନୁମୋଦନ ଆବଶ୍ୟକ ପଡ଼ିଥାଏ। ଅର୍ଥାତ୍ ଏହାକୁ କେନ୍ଦ୍ର ମଞ୍ଜୁରୀ ଦେବାକୁ ହୋଇଥାଏ। ଏହା ଅଧ୍ୟାଦେଶ କ୍ଷେତ୍ରରେ ଅନୁଚ୍ଛେଦ ୨୧୩(୧) ଭଳି ଲାଗୁ ହୋଇଥାଏ। ଅଧିକାଂଶ କେନ୍ଦ୍ରୀୟ ଆଇନର ବ୍ୟବସ୍ଥା ଅନୁଯାୟୀ ଏଥିରେ କେତେକ କ୍ଷମତା ରାଜ୍ୟ ସରକାରଙ୍କୁ ଦିଆଯାଇଛି। ତଦନୁଯାୟୀ ରାଜ୍ୟ ସରକାର ଚାହିଁଲେ ଉକ୍ତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରି ନ ପାରନ୍ତି। ତେବେ କାର୍ଯ୍ୟକ୍ଷେତ୍ର କେନ୍ଦ୍ର ଅଧୀନରେ ଥିଲେ ରାଜ୍ୟ ସିଧାସଳଖ ଏଭଳି ପଦକ୍ଷେପ ନେଇପାରିବ ନାହିଁ।

ସାଧାରଣ ସ୍ଥିତିରେ ରାଜ୍ୟର ଏଭଳି ପଦକ୍ଷେପ କେନ୍ଦ୍ରକୁ ଅଡୁଆରେ ପକାଇପାରେ। ତେବେ କରୋନା ମହାମାରୀ ଭଳି ଏକ ଅସାଧାରଣ ସ୍ଥିତିରେ ୟୁପି ସରକାର ଏକାଥରକେ ଅନେକ କେନ୍ଦ୍ରୀୟ ଆଇନକୁ ସ୍ଥଗିତ କରିବାକୁ ଚାହୁଁଛନ୍ତି। ଏହି ରାଜ୍ୟ ଭାଜପା ଶାସନାଧୀନ ଥିବାରୁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେବା ପୂର୍ବରୁ କେନ୍ଦ୍ର ସହ ପରାମର୍ଶ କରିଥାଇପାରେ ବୋଲି କୁହାଯାଉଛି। ଏହା ସତ୍ତ୍ୱେ ଯଦି ଉକ୍ତ ଅଧ୍ୟାଦେଶକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଏ ତେବେ କେନ୍ଦ୍ର ସରକାର ଅଡୁଆରେ ପଡ଼ିବେ ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ସବୁ ଶ୍ରମ ଆଇନକୁ ସ୍ଥଗିତ ରଖିବା ମୌଳିକ ଅଧିକାରର ଏବଂ ସମ୍ବିଧାନର ରାଷ୍ଟ୍ର ନୀତି ନିର୍ଦ୍ଧାରଣ ସିଦ୍ଧାନ୍ତର ଗୁରୁତର ଉଲ୍ଲଂଘନ ବୋଲି ଶ୍ରମ ଆଇନ ବିଶେଷଜ୍ଞ ତଥା ମାଡ୍ରାସ ହାଇକୋର୍ଟର ପୂର୍ବତନ ବିଚାରପତି କେ. ଚନ୍ଦ୍ରୁ ମତ ଦେଇଛନ୍ତି।

ସୂଚନାଯୋଗ୍ୟ କୋଭିଡ୍-୧୯ ଜନିତ ଲକ୍‌ଡାଉନ ଯୋଗୁ ଉତ୍ତରପ୍ରଦେଶର ଉଦ୍ୟାନ କୃଷି ଓ ଅର୍ଥନୈତିକ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ଫଳରେ ରାଜ୍ୟର ବ୍ୟବସାୟ ଓ ଆର୍ଥିକ କାରବାର ଏକପ୍ରକାର ଠପ୍ ହୋଇଯାଇଛି। ରାଜ୍ୟକୁ ପୁଞ୍ଜି ଆକର୍ଷଣ କରିବା ଲାଗି କେନ୍ଦ୍ରୀୟ ଆଇନରୁ ସାମୟିକ ମୁକ୍ତି ପାଇଁ ଅଧ୍ୟାଦେଶ ଅଣାଯାଇଥିବା ସରକାର କହିଛନ୍ତି। ତେବେ ୟୁପି ସରକାରଙ୍କ ଏଭଳି ପଦକ୍ଷେପ ଦେଶକୁ ୧୦୦ ବର୍ଷ ପଛକୁ ନେଇଯିବ। ଏହା ଶ୍ରମିକମାନଙ୍କ ପାଇଁ ଦାସତ୍ୱ ଭଳି ସ୍ଥିତି ସୃଷ୍ଟି କରିବ, ଯାହା ଆଦୌ ଗ୍ରହଣୀୟ ନୁହେଁ। ଏହା ମାନବତା ଓ ମୌଳିକ ଅଧିକାରର ଉଲ୍ଲଂଘନ। ଏହାକୁ ଅଦାଳତରେ ଚ୍ୟାଲେଞ୍ଜ କରାଯିବା ଆବଶ୍ୟକ ବୋଲି ଶ୍ରମ ଆଇନର ବରିଷ୍ଠ ଓକିଲ ରାମପ୍ରିୟ ଗୋପାଳକ୍ରିଷ୍ଣନ କହିଛନ୍ତି।

# ଭେଣ୍ଟିଲେଟରରେ ଅଜିତ୍ ଯୋଗୀ



ରାୟପୁର,୯।୫

ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ୍ ଯୋଗୀଙ୍କୁ ଶନିବାର ମଧ୍ୟାହ୍ନରେ ହୃଦ୍‌ଘାତ ହେବାରୁ ତାଙ୍କୁ ରାୟପୁରସ୍ଥିତ ନାରାୟଣ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ପ୍ରଶାସନିକ ଅଧିକାରୀରୁ ରାଜନେତା ହୋଇଥିବା ଯୋଗୀ ୨୦୦୦ ନଭେମ୍ବରରୁ ୨୦୦୩ ନଭେମ୍ବର ପର୍ଯ୍ୟନ୍ତ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଥିଲେ। ୨୦୧୬ରେ ଏକ ଉପନିର୍ବାଚନ ବିବାଦକୁ ନେଇ ସେ ଓ ତାଙ୍କ ପୁଅ ଅମିତ ଯୋଗୀ କଂଗ୍ରେସ ଛାଡ଼ି ଜନତା କଂଗ୍ରେସ ଛତିଶଗଡ଼(ଜେ) ଗଠନ କରିଥିଲେ।

# ବଢ଼ୁଛି କରୋନା କଷଣ

■ ୨୦୯୨ ମୃତ, ୬୨,୫୪୭ ସଂକ୍ରମିତ

■ ଦିନକୁ ହେଉଛି ୯୫ ହଜାର ଟେଷ୍ଟ

ନୂଆଦିଲ୍ଲୀ, ୯।୫: ଦେଶରେ ଭୟଙ୍କର ସ୍ଥିତିରେ କରୋନା। ଶନିବାର ସୁଦ୍ଧା ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୨, ୫୪୭କୁ ବୃଦ୍ଧି ପାଇଥିବା ବେଳେ ୨,୦୯୨ ଜଣଙ୍କ ମୃତ୍ୟୁ ଘଟିଛି। ୨୪ ଘଣ୍ଟାରେ ୧୦୬ ଜୀବନ ଯାଇଥିବା ବେଳେ ଆକ୍ରାନ୍ତ ହୋଇଛନ୍ତି ୨,୬୬୦ ଜଣ। ଶନିବାର ମହାରାଷ୍ଟ୍ରରେ ୧,୧୬୦ ନୂଆ ମାମଲା ସାମ୍ନାକୁ ଆସିଥିବା ବେଳେ ୪୮ ଜଣ ପ୍ରାଣ ହରାଇଛନ୍ତି। ଏହି ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨୦,୨୨୮ରେ ପହଞ୍ଚିଛି। ଏଠାରେ ମୃତ୍ୟୁସଂଖ୍ୟା ୭୭୯କୁ ବୃଦ୍ଧି ପାଇଛି। ଗୁଜରାଟରେ ୭,୭୯୭ ସଂକ୍ରମିତ ଥିବାବେଳେ ୪୭୨ ଜଣ ପ୍ରାଣ ହରାଇଲେଣି। ଗୋଟିଏ ଦିନରେ ଏଠାରେ ୨୩ ଜଣଙ୍କ ଜୀବନ ଯାଇଥିବାବେଳେ ୩୨୮ ନୂଆ ମାମଲା ସାମ୍ନାକୁ ଆସିଛି। ଦିଲ୍ଲୀ ଓ ତାମିଲନାଡୁରେ ୫,୫୦୦ରୁ ଊର୍ଦ୍ଧ୍ୱ ସଂକ୍ରମିତ ଥିବା ବେଳେ ମୃତକଙ୍କ ସଂଖ୍ୟା ଯଥାକ୍ରମେ ୬୮ ଓ ୪୪କୁ ବୃଦ୍ଧିପାଇଛି। ଦିନକୁ ୯୫ ହଜାର କୋଭିଡ୍ ପରୀକ୍ଷା କରାଯାଉଥିବା ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ କହିଛନ୍ତି।



ଲକ୍‌ଡାଉନ୍ ଯୋଗୁ କୋଲକାତାର ଏକ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ହାତଟଣା ରିକ୍ସା ପାଖଦେଇ ଜଣେ ବ୍ୟକ୍ତି ଯାଉଛନ୍ତି।

# ଶାହାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଗୁଜବ



**ସୁସ୍ଥ ଥିବା ଗଣମାଧ୍ୟମ ଆଗରେ ସ୍ପଷ୍ଟ କଲେ**

ନୂଆଦିଲ୍ଲୀ,୯।୫(ଆଇଏଏନ୍‌ଏସ୍)

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କିତ ଏକ ଭୁଲ୍ ଟୁଇଟ୍‌କୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଏଭଳି ଖବରକୁ ନେଇ ଭାଜପା ନେତା ଓ କର୍ମୀମାନେ ଚିନ୍ତାରେ ପଡ଼ିଯାଇଥିଲେ। ଫଳରେ ଗଣମାଧ୍ୟମ ସମ୍ମୁଖକୁ ଆସି ନିଜ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଶାହାଙ୍କୁ ସ୍ପଷ୍ଟୀକରଣ ଦେବାକୁ ପଡ଼ିଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଓ ତାଙ୍କର କୌଣସି ରୋଗ ନାହିଁ ବୋଲି ଶନିବାର ଶାହା କହିଛନ୍ତି। ଶାହାଙ୍କୁ ବୋନ୍ କ୍ୟାନ୍‌ସର ହୋଇଥିବା ତାଙ୍କ ଟୁଇଟର ହ୍ୟାଣ୍ଡଲ୍‌ରେ ପ୍ରକାଶ ପାଇବା ପରେ ଏହା ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକରେ ପ୍ରସାରିତ ହୋଇଥିଲା। ରମଜାନରେ ତାଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିବାକୁ ଶାହା ମୁସଲମାନମାନଙ୍କୁ ଅନୁରୋଧ କରୁଥିବା ଅନ୍ୟ ଏକ ଟୁଇଟ୍‌ରେ ଦେଖିବାକୁ ମିଳିଥିଲା। ଶାହା ଏଭଳି ଟୁଇଟ୍ କରିନାହାନ୍ତି। ତାଙ୍କ ବିରୋଧରେ ଏଭଳି ଅମାନବୀୟ ମନ୍ତବ୍ୟ ଦେବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି।

# ୪୦% ବଢ଼ିଛି ଇଣ୍ଟରନେଟ୍ ବ୍ୟବହାର



ବେଙ୍ଗାଲୁରୁ, ୯।୫

ଭାରତରେ ଗତ ମାର୍ଚ୍ଚରେ ଇଣ୍ଟରନେଟ୍ ବ୍ୟବହାର ୪୦ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଏହି ସମୟରେ ଦେଶର ସମସ୍ତ ପ୍ରମୁଖ ସହରରେ ବିଭିନ୍ନ ପ୍ରକାର ଇଣ୍ଟର୍‌ନେଟ୍ ଡାଉନ୍‌ଲୋଡ୍, ଅପ୍‌ଲୋଡ୍ କରାଯାଇଛି ବୋଲି ଏକ ରିପୋର୍ଟରେ ଦର୍ଶାଯାଇଛି। ୟୁଜରମାନେ ଏହି ମାସରେ ୬୬% ଅଧିକ ଡାଉନ୍‌ଲୋଡ୍ କରିଥିବା ବେଳେ ୩୭% ଅଧିକ ଅପ୍‌ଲୋଡ୍ କରିଛନ୍ତି। ଭାରତର ଅନ୍ୟତମ ବୃହତ୍ ଓୟାର ଇଣ୍ଟରନେଟ୍ ସର୍ଭିସ୍ ପ୍ରୋଭାଇଡର 'ଏସିଟି ଫାଇବରନେଟ୍' ପକ୍ଷରୁ ଏଭଳି ତଥ୍ୟ ପ୍ରଦାନ କରାଯାଇଛି। ୨୦୨୦ ଫେବୃୟାରୀରୁ ଏପ୍ରିଲ ମଧ୍ୟରେ ୧୯ ସହରର ଡାଟା ସଂଗ୍ରହ କରାଯାଇ ଏଭଳି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ମାର୍ଚ୍ଚ ମାସର ନିର୍ଦ୍ଦିଷ୍ଟ ଗୋଟିଏ ଦିନରେ ୯୮.୭% ୟୁଜର୍ସ ଏକକାଳୀନ ଅନ୍‌ଲାଇନ୍‌ରେ ଥିଲେ।

ଗତ ୨ ମାସ ମଧ୍ୟରେ ବିଭିନ୍ନ ସହରବାସୀ ସର୍ବାଧିକ ଇଣ୍ଟରନେଟ୍ ଡାଟା କଞ୍ଜମ୍ପସନ କରିଥିବା ଜଣାପଡ଼ିଛି। କରୋନାର ଆଗମନ ସହ ଲକ୍‌ଡାଉନ୍ ଯୋଗୁ ଲୋକମାନେ ଘରେ ରହି ଅଫିସ୍ କାମ କରିବା, ଅନ୍‌ଲାଇନ୍ ଗେମ୍ ଖେଳିବା, ଅନ୍‌ଲାଇନ୍ କ୍ଲାସ୍ ନେବା, ଭିଡିଓ କନ୍‌ଫରେନ୍ସିଂ କରିବା ଆଦି ଯୋଗୁ ଇଣ୍ଟର୍‌ନେଟ୍ ବ୍ୟବହାର ଅହେତୁକ ଭାବେ ବଢ଼ିଥିବା ଆଟ୍ରିଆ କନ୍‌ଭର୍ଜେନ୍ସ ଟେକ୍ନୋଲୋଜି ଲିମିଟେଡ୍‌ର ସିଇଓ ବାଲା ମାଲାଡି ପ୍ରକାଶ କରିଛନ୍ତି।

ଇଣ୍ଟରନେଟ୍ ଆଣ୍ଡ ମୋବାଇଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଆଇଏଏମ୍‌ଏଆଇ)ର ରିପୋର୍ଟ ଅନୁଯାୟୀ, ଭାରତରେ ଏବେ ୫୦୪ ନିୟୁତ ଆକ୍ଟିଭ୍ ଇଣ୍ଟରନେଟ୍ ୟୁଜର୍ସ ଥିବାବେଳେ ସେମାନଙ୍କ ମଧ୍ୟରୁ ୧୪% ହେଉଛନ୍ତି ୫ରୁ ୧୧ ବର୍ଷର ପିଲା। ଇଣ୍ଡିଆନ୍ ରିଡରଶିପ୍ ସର୍ଭେ (ଆଇଆର୍‌ସି) ମୁତାବକ ଭାରତରେ ଥିବା ୭୦% ଆକ୍ଟିଭ୍ ଇଣ୍ଟର୍‌ନେଟ୍ ବ୍ୟବହାରକାରୀ ହେଉଛନ୍ତି ଡେଲି ୟୁଜର୍ସ। ଗ୍ରାମାଞ୍ଚଳ ଅପେକ୍ଷା ଭାରତର ସହରାଞ୍ଚଳରେ ଲୋକମାନେ ସମୟ ଅତିବାହିତ କରିବା ଲାଗି ଇଣ୍ଟର୍‌ନେଟ୍ ଉପରେ ଅଧିକ ନିର୍ଭର କରିଥାନ୍ତି। ଏବେ ଏହାର ମାତ୍ରା କ୍ରମଶଃ ବଢ଼ି ବଢ଼ି ଚାଲିଥିବା ରିପୋର୍ଟରେ ଦର୍ଶାଯାଇଛି।

# ଚାଇନାରେ ଚାକିରି ହରାଇବେ ୮ କୋଟି

**ବେଜିଂ:** କରୋନା ମହାମାରୀ ସବୁ ବିଗାଡ଼ି ଦେଇଛି। କଳ କାରଖାନାଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କାମ କରୁଥିବା ଲୋକମାନେ ଏବେ ବେକାର ହୋଇ ଘରେ ରହିଛନ୍ତି। ଆର୍ଥିକ ସମସ୍ୟା ବଢ଼ି ବଢ଼ି ଚାଲିଛି। କରୋନା ସଂକ୍ରମଣ ଯୋଗୁ ଚାଇନାରେ ମଧ୍ୟ ଆର୍ଥିକ ସଙ୍କଟ ଦେଖାଦେଇଛି। ବହୁ ଶିଳ୍ପସଂସ୍ଥା ଲକ୍‌ଡାଉନ୍ ଯୋଗୁ ବନ୍ଦ ରହିବା ଦ୍ୱାରା ସ୍ଥିତି ସ୍ୱାଭାବିକ ହୋଇପାରୁନି। ଏପରିସ୍ଥଳେ ଦେଶର ୮ କୋଟି ଲୋକ ଚାକିରି ହରାଇବାର ଆଶଙ୍କା ଦେଖାଦେଇଛି। ସେହିପରି ଚଳିତ ବର୍ଷ ୯୦ ଲକ୍ଷ ଶିକ୍ଷାର୍ଥୀ ସ୍ନାତକ ପାଠପଢ଼ା ଶେଷକରି ଚାକିରି ଖୋଜିବା ଆରମ୍ଭ କରିବେ। ଏହାଦ୍ୱାରା ସମସ୍ୟା ଅଧିକ ଜଟିଳ ହେବ ବୋଲି ଆଶଙ୍କା କରାଯାଉଛି। ମାର୍ଚ୍ଚରେ ଦେଶର ସହରାଞ୍ଚଳରେ ବେକାର ହାର ୫.୯ ପ୍ରତିଶତ ଥିବା କୁହାଯାଉଛି। ଏଭଳି ଏକ ଅନିଶ୍ଚିତ ସମୟରେ ଦେଶରେ ବେକାରଙ୍କ ଆର୍ଥିକ ସ୍ଥିତି ଉତ୍କଟ ହେବ ବୋଲି ଆକଳନ କରାଯାଉଛି।



# ୧୯ ଜିଲାରେ କରୋନା, ଗଞ୍ଜାମ ସ୍ଥିତି ଗମ୍ଭୀର

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

ଲକ୍‌ଡାଉନ୍ ଓ ନାନା କଟକଣା ସତ୍ତ୍ୱେ ନିୟନ୍ତ୍ରଣରେ ରହୁନି କରୋନା। ଘାତକ ଭାଇରସ୍ କୋଭିଡ୍-୧୯ ଗୋଟିକ ପରେ ଗୋଟିଏ ଜିଲାକୁ ବ୍ୟାପିବାରେ ଲାଗିଛି। ପୂର୍ବରୁ ୧୮ଜିଲା ଛୁଇଁଥିବାବେଳେ ଏବେ ନୟାଗଡ଼ ଜିଲାରେ ପାଦଥାପିଛି ଏହି ଭାଇରସ୍। ଶନିବାର ରାଜ୍ୟରେ ଆଉ ୨୪ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗଞ୍ଜାମ ଜିଲାର ୧୮ଜଣ ଥିବାବେଳେ ମୟୂରଭଞ୍ଜ ୩, ଭଦ୍ରକ, ସୁନ୍ଦରଗଡ଼ ଓ ନୟାଗଡ଼ ଜିଲାରେ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ଏହି ସମସ୍ତ ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୨୩ଜଣ ବାହାର ଫେରନ୍ତା ଥିବାବେଳେ ଜଣେ ରାଉରକେଲାର କଣ୍ଟେନମେଣ୍ଟ ଅଞ୍ଚଳର। ତେବେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୨୯୪ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୧୨ଜଣ ହେଉଛନ୍ତି ସୁରଟ ଫେରନ୍ତା। ଏମାନଙ୍କ ପାଇଁ ଗଞ୍ଜାମ ଜିଲାରେ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଏହି ଜିଲାରେ ରାଜ୍ୟର ସର୍ବାଧିକ ୮୯ଜଣ ଅର୍ଥାତ୍ ୩୦.୩ ପ୍ରତିଶତ ଆକ୍ରାନ୍ତ ରହିଛନ୍ତି। ଜଣଙ୍କୁ ଛାଡ଼ିଲେ ଅନ୍ୟ ୮୮ଜଣ ସୁରଟ ଫେରନ୍ତା ଅଛନ୍ତି। ଏମାନଙ୍କ ପାଇଁ ଗଞ୍ଜାମ ଜିଲାରେ ଏପରି ସ୍ଥିତି ସୃଷ୍ଟି ହୋଇଥିବାବେଳେ ଶନିବାର ଚିହ୍ନଟ ସମସ୍ତ ନୂଆ ଆକ୍ରାନ୍ତ ମଧ୍ୟ ସୁରଟ ଫେରନ୍ତା। ଏମାନେ କ୍ୱାରାଣ୍ଟାଇନ୍‌ରେ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସବୁଠାରୁ ବଡ଼ କଥା ହେଉଛି, ଏମାନଙ୍କ ମଧ୍ୟରୁ ଅଧିକାଂଶ ଆକ୍ରାନ୍ତଙ୍କ ପାଖରେ କୌଣସି ଲକ୍ଷଣ ଦେଖାଯାଇନାହିଁ। ଏହା ଜିଲା ପ୍ରଶାସନ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

ସେହିଭଳି ମୟୂରଭଞ୍ଜ ଜିଲାରେ ଚିହ୍ନଟ ନୂଆ ୩ ଆକ୍ରାନ୍ତ ହେଉଛନ୍ତି ସମସ୍ତେ ପୁରୁଷ। ଏମାନଙ୍କ ବୟସ ୨୦, ୨୬ ଓ ୩୦ବର୍ଷ। ସମସ୍ତେ ସୁରଟ ଫେରନ୍ତା। ଏମାନଙ୍କୁ ମିଶାଇ ମୟୂରଭଞ୍ଜ ଜିଲାରେ ମୋଟ କାରୋନା ପଜିଟିଭ୍ ସଂଖ୍ୟା ୭ରେ ପହଞ୍ଚିଛି। ସେପଟେ ନୟାଗଡ଼ ଜିଲାରେ ପ୍ରଥମଥର କରୋନା ପଜିଟିଭ୍ ବାହାରିଛି।

**୨୪ ଘଣ୍ଟାରେ ଆଉ ୨୪ ନୂଆ ପଜିଟିଭ୍**

- ଗଞ୍ଜାମ ଜିଲାରେ ପୁଣି ୧୮ ଆକ୍ରାନ୍ତ
- ନୟାଗଡ଼ ଜିଲାରେ ପ୍ରଥମ କରୋନା ଚିହ୍ନଟ
- ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୨୯୪ରେ ପହଞ୍ଚିଲା
- ୧୧୨ଜଣ ହେଉଛନ୍ତି ସୁରଟ ଫେରନ୍ତା

ଫଳରେ ଏହା କରୋନା ସଂକ୍ରମିତ ଜିଲାରେ ସାମିଲ ହୋଇଛି। ୪୦ବର୍ଷୀୟ ଏହି ଆକ୍ରାନ୍ତ ଜଣେ ପୁରୁଷ। ସେ ସୁରଟ ଫେରନ୍ତା ବୋଲି ସୂଚନା ଦିଆଯାଇଛି। ଭଦ୍ରକ ଜିଲାରେ ଚିହ୍ନଟ ନୂଆ ଆକ୍ରାନ୍ତ ଜଣଙ୍କ ପୁରୁଷ ଓ ସେ ମଧ୍ୟ ସୁରଟ ଫେରନ୍ତା। ଏହାକୁ ମିଶାଇ ଭଦ୍ରକ ଜିଲାରେ କରୋନା ପଜିଟିଭ୍ ସଂଖ୍ୟା ୨୫ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୨ଜଣ ସୁସ୍ଥ ହୋଇଥିବାବେଳେ ୧୩ଜଣ ସକ୍ରିୟ ରହିଛନ୍ତି। ସୁନ୍ଦରଗଡ଼ ଜିଲାରେ ମଧ୍ୟ ଆଉଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେ ରାଉରକେଲା କଣ୍ଟେନମେଣ୍ଟ ଅଞ୍ଚଳର। ଫଳରେ ସୁନ୍ଦରଗଡ଼ରେ ଆକ୍ରାନ୍ତଙ୍କ ସଂଖ୍ୟା ୧୩ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହୋଇଥିବାବେଳେ ୭ଜଣ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟରୁ ଜଣାପଡ଼ିଛି।

## ରେଡ୍ ଜୋନ୍‌ରୁ ସୁସ୍ଥ ହେଲେ ୫

ରାଜ୍ୟରେ ଆକ୍ରାନ୍ତଙ୍କ ସଂଖା ବଢୁଥିଲେ ମଧ୍ୟ ଅଧିକରୁ ଅଧିକ ସୁସ୍ଥ ହେବାରେ ଲାଗିଛନ୍ତି। ଶନିବାର ଆଉ ୫ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏମାନେ ସମସ୍ତେ ରେଡ୍ ଜୋନ୍‌ରୁ ଚିହ୍ନଟ ହୋଇ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଏମାନଙ୍କ ମଧ୍ୟରେ ବାଲେଶ୍ୱରର ୪ଜଣ ଥିବାବେଳେ ଯାଜପୁରର ଜଣେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।




# ଆଜି ଟିଟିଲାଗଡ଼ରେ ୧୫ ଘଣ୍ଟା କର୍ଫ୍ୟୁ

- ଆଜି ପହଞ୍ଚିବ ପ୍ରବାସୀଙ୍କ ସ୍ୱତନ୍ତ୍ର ଟ୍ରେନ୍
- ୫୦ଟି ବସ୍‌ରେ ସ୍ଥାନାନ୍ତରିତ ହେବେ

**ବଲାଙ୍ଗୀର ଅଫିସ/ ଟିଟିଲାଗଡ଼, ୯।୫ (ଡି.ଏନ.ଏ.)**

ରାଜ୍ୟ ବାହାର ପ୍ରବାସୀଙ୍କୁ ନେଇ ଆସୁଥିବା ସ୍ୱତନ୍ତ୍ର ଟ୍ରେନ୍ ରବିବାର ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳ ଷ୍ଟେଶନରେ ପହଞ୍ଚିବ। ସମସ୍ତ ପ୍ରବାସୀଙ୍କ ପ୍ରତ୍ୟାବର୍ତ୍ତନ ଓ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସ୍ଥାନାନ୍ତରଣ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସ୍ଥିତିକୁ ଦୃଷ୍ଟିରେ ରଖି ରବିବାର ପୂର୍ବାହ୍ନ ୯ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଟିଟିଲାଗଡ ସହରରେ କର୍ଫ୍ୟୁ ଜାରି କରାଯାଇଛି। ଏହି କଟକଣାକୁ ଖିଲାପ କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।


ଟିଟିଲାଗଡ଼ ରେଳଷ୍ଟେଶନରେ ଜିଲାପାଳ, ଏସ୍‌ପି ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜ୍ୟ କୋଭିଡ୍ ପର୍ଯ୍ୟବେକ୍ଷକ ସୁଶୀଲ କୁମାର ଲୋହାନୀ, ବେଣୁଧର ବେହେରା, ବଲାଙ୍ଗୀର ଜିଲାପାଳ ଅରିନ୍ଦମ ଡାକୁଆ, ଏସ୍‌ପି ସନ୍ଦୀପ ମାଡକର ପ୍ରମୁଖ ଟିଟିଲାଗଡ଼ ରେଳଷ୍ଟେଶନ୍ ପରିଦର୍ଶନ କରି ତଦାରଖ କରିଛନ୍ତି। ସ୍ୱତନ୍ତ୍ର ପ୍ରବାସୀ ଟ୍ରେନ୍ ଷ୍ଟେଶନରେ ପହଞ୍ଚିବା ପରେ କିଭଳି ଭାବେ ସମସ୍ତଙ୍କୁ ସେଠାରୁ ବିଭିନ୍ନ ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟରଙ୍କୁ ପଠାଯିବ ତାର ପୂର୍ବ ପ୍ରସ୍ତୁତି ସମୀକ୍ଷା କରାଯାଇଛି। କରୋନା ସଂକ୍ରମଣ ଭୟ ଲାଗି ରହିଥିବାରୁ ସମସ୍ତଙ୍କ ସ୍ୱାର୍ଥଦୃଷ୍ଟିରୁ ପ୍ରବାସୀଙ୍କ ସ୍ଥାନାନ୍ତରଣ କାର୍ଯ୍ୟକୁ ସଫଳତାର ସହ ସମ୍ପନ୍ନ କରାଯିବ। ସ୍ୱତନ୍ତ୍ର ଟ୍ରେନ୍‌ରେ ବଲାଙ୍ଗୀର ଜିଲାର ୨୦୮ ଜଣ ପ୍ରବାସୀଙ୍କ ସହ ଅନ୍ୟ ଜିଲାର ଶ୍ରମିକମାନେ ଆସୁଥିବା କୁହାଯାଉଛି। ରେଳଷ୍ଟେଶନ୍‌ରେ ପ୍ରବାସୀଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ସହ ସେଠାରୁ ଗନ୍ତବ୍ୟ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସ୍ଥାନାନ୍ତରଣ ପାଇଁ ୫୦ରୁ ଉର୍ଦ୍ଧ୍ୱ ବସ୍ ବ୍ୟବସ୍ଥା କରାଯାଇଛି।

# ୨୦ରୁ ମାଟ୍ରିକ ଖାତାଦେଖା

- ୧୯ ସୁଦ୍ଧା କେନ୍ଦ୍ରରେ ପହଞ୍ଚିବେ ମୂଲ୍ୟାୟନକାରୀ
- ୬୦ କେନ୍ଦ୍ରରେ ଦେଖାଯିବ ଖାତା, ଜୁଲାଇ ଶେଷ ସୁଦ୍ଧା ଫଳ
- ମୂଲ୍ୟାୟନକାରୀଙ୍କୁ ମିଳିବ ପ୍ରୋତ୍ସାହନ ରାଶି

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

ଆସନ୍ତା ୨୦ ତାରିଖରୁ ମାଟ୍ରିକ ଖାତାଦେଖା ଆରମ୍ଭ ହେବ। ରାଜ୍ୟର ମୋଟ ୬୦ଟି କେନ୍ଦ୍ରରେ ପରୀକ୍ଷା ଖାତା ଦେଖାଯିବ। ୧୯ ତାରିଖ ସୁଦ୍ଧା ମୂଲ୍ୟାୟନକାରୀ ନିଜ ନିଜ କେନ୍ଦ୍ରରେ ଯୋଗଦେବେ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଶନିବାର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ମନ୍ତ୍ରୀ ଦାଶ କହିଲେ, ସାମାଜିକ ଦୂରତ୍ୱ ରକ୍ଷା କରି ଖାତା ମୂଲ୍ୟାୟନ ଉପରେ ପ୍ରାଧାନ୍ୟ ଦିଆଯାଇଛି। ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଯେପରି କରୋନା ସଂକ୍ରମଣରୁ ରକ୍ଷା କରାଯିବ, ତାହା ଉପରେ ବିଶେଷ ଭାବେ ଆଲୋଚନା ହୋଇଛି। ମୂଲ୍ୟାୟନ କେନ୍ଦ୍ରରେ କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ ହେବ। ଏଥିସହ ଖାତାଦେଖାରେ ନିୟୋଜିତ ମୂଲ୍ୟାୟନକାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିବ। ତେବେ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ଖାତା ଦେଖା ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନି। ସେଠାରେ ଖାତା ଦେଖା ହେବ କି ନାହିଁ ସେନେଇ ବୋର୍ଡ କର୍ତ୍ତୃପକ୍ଷ ସ୍ଥାନୀୟ ଜିଲା ପ୍ରଶାସନ ସହ ଆଲୋଚନା ପରେ ପଦକ୍ଷେପ ନିଆଯିବ। ତେବେ ଜୁଲାଇ ଶେଷ ସୁଦ୍ଧା ପରୀକ୍ଷା ଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି।

ଫେବୃୟାରୀ ୧୯ରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା। ସାଢ଼େ ୫ଲକ୍ଷରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ମାର୍ଚ୍ଚ ୧୮ରୁ ଖାତା ଦେଖା ଆରମ୍ଭ ହେବାର ଥିଲା। ମୂଲ୍ୟାୟନ ପାଇଁ ଶିକ୍ଷୟିତ୍ରୀଶିକ୍ଷକମାନେ ନିର୍ଦ୍ଧାରିତ କେନ୍ଦ୍ରରେ ପହଞ୍ଚି ପ୍ରସ୍ତୁତ ହୋଇ ରହିଥିଲେ। କିନ୍ତୁ କରୋନା ସ୍ଥିତିକୁ ନେଇ ରାଜ୍ୟ ସରକାର ଖାତା ଦେଖାକୁ ସ୍ଥଗିତ ରଖିଥିଲେ।

ଖାତା ଦେଖା ସମ୍ପର୍କରେ ସରକାରଙ୍କ ନିଷ୍ପତ୍ତି ପରେ ଓଷ୍ଟା ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ମୂଲ୍ୟାୟନକାରୀଙ୍କ ସୁରକ୍ଷା ଦୃଷ୍ଟିରୁ ଖାତାଦେଖା କେନ୍ଦ୍ର ସଂଖ୍ୟା ବଢ଼ାଇବା ଓ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି। ଏଥିସହିତ କାର୍ଯ୍ୟ ସମ୍ପାଦନବେଳେ ମୃତ୍ୟୁ ଘଟିଲେ କରୋନା ଯୋଦ୍ଧା ଭାବେ ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ସେ ଦାବି କରିଛନ୍ତି।

DSPL - 03



କାରଖାନାରେ ଏବେ ଶ୍ରମିକଙ୍କ ପାଇଁ
ଅଧିକ ସମୟ କାର୍ଯ୍ୟ କରିବାର ସୁଯୋଗ

ଓଡ଼ିଶା ସରକାର

- ଏଣିକି ୮ ଘଣ୍ଟା ପରିବର୍ତ୍ତେ ଜଣେ ଶ୍ରମିକ ଦୈନିକ ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ।
- ପ୍ରତ୍ୟେକ ଦିନ ୮ ଘଣ୍ଟାରୁ ଯେତିକି ଅଧିକ ସମୟ କାର୍ଯ୍ୟ କରିବେ ସେଥିପାଇଁ ତାଙ୍କୁ ଓଭର ଟାଇମ ମିଳିବ।
- ଏହିପରି ଭାବରେ ଜଣେ ଶ୍ରମିକ ଓଭର ଟାଇମକୁ ମିଶାଇ ଦିନକୁ ୧୨ ଘଣ୍ଟା ହିସାବରେ ସପ୍ତାହରେ ସର୍ବାଧିକ ୭୨ ଘଣ୍ଟା କାର୍ଯ୍ୟ କରିପାରିବେ।
- ପ୍ରତି ୬ଘଣ୍ଟା କାର୍ଯ୍ୟ କଲା ପରେ ଅଧଘଣ୍ଟାଏ କାର୍ଯ୍ୟ ବିରତି ସହ ଦୈନିକ କାର୍ଯ୍ୟ ସମୟ ୧୩ ଘଣ୍ଟା ମଧ୍ୟରେ ସୀମିତ ରହିବ।
- ସରକାରଙ୍କ ସ୍ୱତନ୍ତ୍ର ଅନୁମତି ବିନା କୌଣସି କ୍ଷେତ୍ରରେ ମହିଳା ସନ୍ଧ୍ୟା ୭ରୁ ସକାଳ ୬ ମଧ୍ୟରେ କାରଖାନାରେ କାର୍ଯ୍ୟ କରିବେ ନାହିଁ।
- କାରଖାନା ମଧ୍ୟରେ ସାମାଜିକ ଦୂରତା ବଜାୟ ରଖାଯିବା ସହିତ କୋଭିଡ୍-୧୯ ସମ୍ପର୍କିତ ସମସ୍ତ ନିୟମ କଡାକଡି ଭାବେ ପାଳନ କରାଯିବ।

ଏହି ସୁବିଧା ଅବରୋଧ କିମ୍ବା ହଟସ୍ପଟ୍ ଅଞ୍ଚଳ ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳର କାରଖାନାରେ ଆସନ୍ତା ୩ମାସ ପାଇଁ ବଳବତ୍ତର ରହିବ।





ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ
OIPR-17001/13/0002/2021

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଜଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଗୁଗଲ, ଫେସ୍‌ବୁକ୍‌ରେ ବର୍ଷ ଶେଷ ଯାଏ ୱାର୍କ ଫ୍ରମ୍ ହୋମ୍

**ସାନ୍‌ଫ୍ରାନ୍‌ସିସ୍କୋ,୯।୫**

କରୋନା ପ୍ରଭାବ କମି ନ ଥିବାରୁ ଭାରତରେ ଲକ୍‌ଡାଉନ ୩.୦ ଲାଗୁ ହୋଇଛି। ସାରା ଦେଶରେ କଟକଣା ସହ କିଛି କିଛି କ୍ଷେତ୍ରରେ ଆର୍ଥିକ କାର୍ଯ୍ୟକଳାପକୁ ବର୍ତ୍ତମାନ ଅନୁମତି ମିଳିଛି। ଏଭଳି ସ୍ଥିତିରେ ଗୁଗଲ ଏବଂ ଫେସ୍‌ବୁକ ଭଳି ପ୍ରମୁଖ ଟେକ୍ନୋଲୋଜି କମ୍ପାନୀ ସେମାନଙ୍କ କର୍ମଚାରୀଙ୍କୁ ୱାର୍କ ଫ୍ରମ୍ ହୋମ୍ ବା ଘରେ ରହି କାମ କରିବା ସୁବିଧା ଦେଇଛନ୍ତି। ଏହି କମ୍ପାନୀଗୁଡିକର ଅଧିକାଂଶ କର୍ମଚାରୀ ଚଳିତ ବର୍ଷ ଶେଷ ଯାଏ ଘରେ ରହି କାମ କରିବା ନେଇ ନିଷ୍ପତ୍ତି ନେଇଥିବା ଜଣାପଡିଛି। ରିପୋର୍ଟ ମୁତାବକ, ଜୁଲାଇ ୬ରେ ଫେସ୍‌ବୁକ୍ ଏହାର ଅଧିକାଂଶ ଅଫିସ କାର୍ଯ୍ୟକ୍ଷମ କରାଇବ। କେଉଁ କର୍ମଚାରୀଙ୍କୁ ଅଫିସ ଆସିବାକୁ ପଡିବ ସେ ନେଇ ଏହି ସୋସିଆଲ ନେଟ୍‌ୱାର୍କିଂ ସାଇଟ୍ କମ୍ପାନୀ ଏବେ ବିଚାର କରୁଛି। ସେହିଭଳି କୋଭିଡ୍-୧୯ ଭୂତାଣୁର ଭୟାବହତାକୁ ବିଚାରକରି ଗୁଗଲ ସମାନ ପଦକ୍ଷେପ ଗ୍ରହଣ କରିବ ବୋଲି ଜଣାଯାଇଛି।

ଏହି ପରିପ୍ରେକ୍ଷୀରେ ଗୁଗଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ସୁନ୍ଦର ପିଚାଇ କହିଛନ୍ତି, ଜୁଲାଇରେ ଅଫିସ ଆରମ୍ଭ ହେଲେ କର୍ମଚାରୀଙ୍କୁ ଡକାଯିବ। ମାତ୍ର ୱାର୍କ ଫ୍ରମ୍ ହୋମ୍ ଅନ୍ତର୍ଗତ କାମ କରୁଥିବା କର୍ମଚାରୀ ଚଳିତ ବର୍ଷ ଶେଷ ଯାଏ ସେହିଭଳି ଘରୁ କାମ କରିବେ। ସୂଚନାଯୋଗ୍ୟ, ଜୁନ ୧ ପର୍ଯ୍ୟନ୍ତ ଘରୁ କାମ କରିବା ଲାଗି ଗୁଗଲ ମୁଖ୍ୟତଃ ଯୋଜନା ଧାର୍ଯ୍ୟ କରିଥିଲା। ଫେସ୍‌ବୁକରେ ବର୍ତ୍ତମାନ ୪୮,୨୬୮ ଜଣ କର୍ମଚାରୀ କାମ କରୁଛନ୍ତି। ଏହି କମ୍ପାନୀର କର୍ମଚାରୀ ଚଳିତ ବର୍ଷ ମାର୍ଚ୍ଚ ପରଠାରୁ ଘରୁ କାମ କରୁଛନ୍ତି। ଅଫିସ ପୁଣି ଥରେ ଖୋଲିବା ଯୋଜନା ସମ୍ପର୍କରେ ଫେସ୍‌ବୁକ ଶୀଘ୍ର ଘୋଷଣା କରିବ। ଉକ୍ତ କମ୍ପାନୀ ଏହାର




ପ୍ରମୁଖ କନ୍‌ଫରେନ୍ସଗୁଡ଼ିକୁ ମଧ୍ୟ ବାତିଲ କରି ଦେଇଛି। କେବଳ ଅନ୍‌ଲାଇନ ତଥା ଭର୍ଚ୍ଚୁଆଲ ଭାବେ ବୈଠକ ଅନୁଷ୍ଠିତ ହେଉଥିବା ଫେସ୍‌ବୁକ ସିଇଓ ମାର୍କ ଜୁକରବର୍ଗ ସୂଚନା ଦେଇଛନ୍ତି। କ୍ଷତିଗ୍ରସ୍ତ ବଜାର ଯୋଗୁ ଅନ୍ୟ କମ୍ପାନୀଗୁଡିକ ଭଳି ଫେସ୍‌ବୁକର ରାଜସ୍ୱ ଏବେ ଗଭୀର ଭାବେ ପ୍ରଭାବ ପଡିଛି। ବାଣିଜ୍ୟ ଆଶା କ୍ଷେତ୍ରରେ ଗଭୀର ଚାପ ଏବେ ସାମ୍ନା କରିବାକୁ ପଡୁଛି। ବାଣିଜ୍ୟ ଉପରେ ରହିଥିବା ଏହି ପ୍ରଭାବ ନିୟନ୍ତ୍ରଣ ବାହାରେ ରହିଛି ବୋଲି ଜୁକରବର୍ଗ ମତ ପ୍ରକାଶ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବଗଛରେ ପାଣି ଦେଉଁ ଦେଉଁ**
**ଶିମ୍ବ ଗଛ ମଲା**
**ଦଉଡ଼ି ଆସରେ ଚାହାଳିଆ ପିଲା**
**ଅବଧାନ ବୁଡ଼ି ମଲା।**

ଆଗକାଳରେ ଗାଁ ଗହଳିରେ ଚାଟଶାଳୀରେ ପାଠପଢ଼ା ଯାଉଥିଲା। ଅବଧାନଙ୍କ କଠୋର ଅନୁଶାସନରେ ଚଳିବାକୁ ପଡୁଥିଲା। ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ସୁଧାରିବାକୁ ଯାଇ ତାଙ୍କ ଉପରେ ଦଣ୍ଡବିଧାନ କରାଯାଉଥିଲା। ଫଳସ୍ୱରୂପ ଅବଧାନଙ୍କ ପ୍ରତି ଦୁଷ୍ଟ ପିଲାମାନଙ୍କ ଭିତରେ ଜାତ ହେଉଥିବା ପରିହାସକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଲୋ ମୃତୁରୀ ଶୋଇବା**
**ସକାଳ ପାଇଲେ ଧୋଇବା ।**

ଯେଉଁଠାରେ ଉଭୟପକ୍ଷ ଦୋଷଯୁକ୍ତ ହୋଇଥାନ୍ତି, ସେଠାରେ କେହି କାହାର ଦୋଷ ଦୁର୍ବଳତା ଦେଖିବାକୁ ଉଚିତ ମଣି ନ ଥାନ୍ତି। ଦୁଇ ସମଭାବାପନ୍ନ ବା ସମସ୍ୱଭାବ ବିଶିଷ୍ଟ ବ୍ୟକ୍ତି ପରସ୍ପର ପ୍ରତି ଆନୁଗତ୍ୟ ପ୍ରଦର୍ଶନ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ


## classified




**GROOM WANTED**

Extremly beautiful Bania girl 1992, 5'5", MBA serving Bangalore 7.5lakhs require professional (caste no bar) Barsha 9338229705, 7749883585. D-69312

46 ବୟସ୍କା ତେଲି ଜାତିର ଅବିବାହିତା Government ଚାକିରିଆ ଅନାଥ ଝିଅଙ୍କ ପାଇଁ ଯେକୌଣସି ଜାତିର ପୁଅ ଦରକାର। 9658674636. D-67940

Now Matrimonial ads. only on Wednesday & Sunday Book 1 Get 1 FREE




**SALE**

ଶାଳଗାଁ ଷ୍ଟେସନ୍ ପାଖରେ 2,80,000ରେ ପ୍ଲଟ୍ ମିଳୁଛି। 8908492594 (ନଗଦ/କିସ୍ତି) D-17082

3900SFT plot immediately sale Jharpada, Bhubaneswar, BDA Yellow Zone buyers directly. Contact- DEEPAK- 9937329999. D-68077

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




1BHK Furnished AC House, near Lingaraj Temple, Bhubaneswar, 8,000/-, 9437388990. D-69404

3BHK independent Marble House for Family/ Executive/ Office, Samantarapur, Bhubaneswar, 7682848145. D-17285

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଏବେ ବି ତଥ୍ୟ ଲୁଚାଉଛି ଚାଇନା



■ ଆମେରିକାର ଦୋଷାରୋପ ଜାରି
■ ଚାଇନାର ବାସ୍ତବ ସଂକ୍ରମିତ ଓ ମୃତ୍ୟୁ ସଂଖ୍ୟା ଜଣାପଡୁନି

**ୱାଶିଂଟନ,୯।୫**

ମହାମାରୀ କରୋନା ସଂକ୍ରମଣ (କୋଭିଡ୍-୧୯)କୁ ନେଇ ଚାଇନା ବିରୋଧରେ ଆମେରିକାର ଦୋଷାରୋପ ଜାରି ରହିଛି। ଚାଇନା କୋଭିଡ୍-୧୯ ସମ୍ପର୍କିତ ତଥ୍ୟ ଲୁଚାଇ ଚାଲିଛି ବୋଲି ଆମେରିକାର ପରରାଷ୍ଟ୍ର ସଚିବ ମାଇକ୍ ପମ୍ପିଓ କହିଛନ୍ତି। ଚାଇନାର ଉହାନ୍‌ସ୍ଥିତ ରିସର୍ଚ୍ଚ ଲାବ୍‌ରୁ ହିଁ କରୋନା ଭାଇରସ୍ ସୃଷ୍ଟି ହୋଇଥିବା ନେଇ ବଳିଷ୍ଠ ପ୍ରମାଣ ରହିଛି ବୋଲି ପମ୍ପିଓ ଗତ ସପ୍ତାହରେ ଦାବି କରିଥିଲେ।

ଶୁକ୍ରବାର ସୁଦ୍ଧା ଆମେରିକାରେ ୧୩ଲକ୍ଷ ୨୧ ହଜାର ୭୮୫ଜଣ କରୋନାରେ ସଂକ୍ରମିତ ହୋଇଥିବାବେଳେ ୭୮,୬୧୫ ଲୋକଙ୍କ ମୃତ୍ୟୁ ଘଟିଛି। ସେହିପରି ସାରା ବିଶ୍ୱରେ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ସଂକ୍ରମିତ ହୋଇଥିବାବେଳେ ୨ଲକ୍ଷ ୭୫ ହଜାର ୯୭୬ଜଣଙ୍କ ମୃତ୍ୟୁ ଘଟିଛି। ଚାଇନା କଥା ଦେଖିଲେ, ମୋଟ ସଂକ୍ରମିତଙ୍କ ସଂଖ୍ୟା ୮୨,୮୮୬ ଥିବାବେଳେ ସେଥିମଧ୍ୟରୁ ୭୭,୯୧୩ ଜଣ ଆରୋଗ୍ୟ, ୪,୬୩୩ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ସାରା ବିଶ୍ୱକୁ ତଥ୍ୟ ମିଳୁଛି। କିନ୍ତୁ ଚାଇନା ବାସ୍ତବ ସଂକ୍ରମିତ ଓ ମୃତ୍ୟୁସଂଖ୍ୟା ଲୁଚାଉଥିବା ଅଭିଯୋଗ ହୋଇଆସୁଛି। ପମ୍ପିଓ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣରୁ ଉହାନ ଲାବ୍ ଠିକଣା ଢଙ୍ଗରେ କାର୍ଯ୍ୟ କରୁ ନ ଥିଲା ବୋଲି ଜଣାପଡ଼ିଛି। ଲାବ୍‌ର ସୁରକ୍ଷା ପ୍ରତି ବିପଦ ରହିଥିଲା। ତେଣୁ ସେଠାରୁ ହିଁ ଭାଇରସ୍ ବ୍ୟାପିଥାଇପାରେ। ଆମକୁ ଉତ୍ତର ଦରକାର, କାରଣ ଲୋକେ ମରୁଛନ୍ତି ବୋଲି ପମ୍ପିଓ କହିଛନ୍ତି।

ବର୍ତ୍ତମାନ ବିଶ୍ୱ ଅର୍ଥନୀତି ଘୋର ସଂକଟରେ। ଆମେରିକାର ଅର୍ଥନୀତି ମଧ୍ୟ ନିଜ ପ୍ରାଧାନ୍ୟ ବଜାୟ ରଖିବା ପାଇଁ ବହୁ ଚ୍ୟାଲେଞ୍ଜକୁ ସାମ୍ନା କରୁଛି। ଏହା ହେଉଛି ଚାଇନା କମ୍ୟୁନିଷ୍ଟ ପାର୍ଟିର କରୋନା ସମ୍ପର୍କିତ ତଥ୍ୟ ଲୁଚାଇବାର ସିଧା ପରିଣାମ। ମହାମାରୀ ଆରମ୍ଭରେ ଏହି ଘାତକ ଭୂତାଣୁ ସମ୍ପର୍କରେ ତଥ୍ୟ ଦେବାକୁ ଚାହୁଁଥିବା ଡାକ୍ତରମାନଙ୍କୁ କିଛି କହିବାକୁ ଚାଇନା ସୁଯୋଗ ଦେଇ ନ ଥିଲା। ଫଳରେ ଏହି ଭାଇରସ୍ କିପରି ଜଣଙ୍କୁ ଆକ୍ରାନ୍ତ କଲା ଏବଂ ତାଙ୍କଠାରୁ ଅନ୍ୟମାନଙ୍କୁ ବ୍ୟାପିଲା ତାହାର ଉତ୍ତର ଆଜି ଯାଏ ମିଳିପାରିଲା ନାହିଁ ବୋଲି ପମ୍ପିଓ କହିଛନ୍ତି। ଚାଇନା କମ୍ୟୁନିଷ୍ଟ ପାର୍ଟି ୧୨୦ରୁ ଉର୍ଦ୍ଧ୍ୱ ଦିନ ତଳୁ ଏହି ଭାଇରସ୍ ସମ୍ପର୍କରେ ଜାଣିପାରିଥିଲା। କିନ୍ତୁ ଅଦ୍ୟାବଧି ଆମେରିକୀୟ ଓ ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକମାନଙ୍କୁ ସେ ସମ୍ପର୍କିତ ତଥ୍ୟ ଲୁଚାଇ ରଖିଛି ବୋଲି ସେ କହିଛନ୍ତି।

ଚାଇନା ସରକାର ଦେଶରେ କ'ଣ ଘଟିଛି ତାହାର ଯାଞ୍ଚ କରିବାକୁ ସୁଯୋଗ ଦେଉନାହାନ୍ତି କି ବୋଲି ପ୍ରଶ୍ନ କରାଯିବାରୁ ପମ୍ପିଓ କହିଛନ୍ତି ଯେ, ଅଷ୍ଟ୍ରେଲିଆ ଯାଞ୍ଚ କରିବାକୁ ଚାହୁଁଥିବା ନେଇ କହିଥିଲା। କିନ୍ତୁ ଅଷ୍ଟ୍ରେଲିଆରେ ଥିବା ଚାଇନାର ରାଷ୍ଟ୍ରଦୂତ ଆର୍ଥିକ ଭାବେ ହଇରାଣ କରିବାକୁ ଧମକ ଦେଇଥିଲେ। ସେହିପରି ଆର୍ଥିକ ଚାପ ପକାଇ ୟୁରୋପୀୟ ସଂଘର ଦେଶଗୁଡ଼ିକୁ ଚାଇନା ଚୁପ୍ କରୁଛି। ପୂର୍ବରୁ ମଧ୍ୟ ଆମେ ଦେଖିଛୁ ଯେ, ଆର୍ଥିକ ଶକ୍ତି ବ୍ୟବହାର କରି କେତେକ ଛୋଟ ଦେଶ ଉପରେ ପ୍ରଭାବ ବିସ୍ତାର କରୁଛି ଏବଂ ସେଗୁଡ଼ିକୁ ଧମକ ଦେଇଆସୁଛି ବୋଲି ପମ୍ପିଓ କହିଛନ୍ତି।

ଅନ୍ୟପକ୍ଷରେ କରୋନା ସଂକ୍ରମଣ ସମ୍ପର୍କରେ ତଥ୍ୟ ଲୁଚାଇବା ଅଭିଯୋଗକୁ ଚାଇନା ଖଣ୍ଡନ କରିଛି। ଉହାନ ଲାବ୍‌ରୁ କରୋନାର ଉତ୍ପତ୍ତି କଥା କହି ଆମେରିକା ଲୋକଙ୍କ ଧ୍ୟାନ ହଟାଇବାକୁ ଉଦ୍ୟମ ଚଳାଇଛି ବୋଲି ଚାଇନା ପକ୍ଷରୁ କୁହାଯାଇଛି। ପମ୍ପିଓଙ୍କ ଅଭିଯୋଗକୁ ଅସ୍ୱୀକାର କରି ଚାଇନାର ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଜାଓ ଲିଜିଆନ୍ କହିଛନ୍ତିଯେ, ଚାଇନା ପ୍ରଥମ ଦେଶ ଭାବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)କୁ କୋଭିଡ୍-୧୯ ସମ୍ପର୍କରେ ଜଣାଇଥିଲା। ତାହାର ଅର୍ଥ ନୁହେଁ ଯେ, ଭାଇରସ୍ ଉହାନରୁ ଉତ୍ପତ୍ତି ହୋଇଛି। ବିଶ୍ୱର ଯେକୌଣସି ସ୍ଥାନରେ ଏହି ମହାମାରୀ ଆରମ୍ଭ ହୋଇଥାଇପାରେ। କିନ୍ତୁ ଏହାର ଉତ୍ପତ୍ତି ବିଜ୍ଞାନର ବିଷୟ। ଆମେ ଏହାକୁ ସାଇନ୍ସ ଏବଂ ମେଡିକାଲ କମ୍ୟୁନିଟି ଉପରେ ଛାଡ଼ିଦେବା ଉଚିତ ବୋଲି ଲିଜିଆନ୍ କହିଛନ୍ତି। ସୂଚନାଥାଉ କି, ଆମେରିକା ସେନା ହୁଏତ ଏହି ଭୂତାଣୁ ଆଣି ଉହାନରେ ଛାଡ଼ିଥାଇପାରେ ଏବଂ ଏଥିରୁ ୱାଶିଂଟନ କୂଟନୈତିକ ବିରୋଧ ପ୍ରଦର୍ଶନ କରୁଥିବା ନେଇ ଲିଜିଆନ୍ ଗତ ମାର୍ଚ୍ଚ ୧୨ରେ ଅଭିଯୋଗ ଆଣିଥିଲା।

# ୧୪ରୁ ଆହୁରି ବଢ଼ିବ ତାତି

**ଭୁବନେଶ୍ୱର,୯।୫(ବ୍ୟୁରୋ)**

ରାଜ୍ୟରେ ଦୁଇଦିନ ହେବ ପାରଦ ଉପର ମୁହାଁ ହୋଇଛି। କେତେକ ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠି ଯାଇଛି। ୧୦ ତାରିଖରୁ ୧୩ ତାରିଖ ଯାଏ ତାତି ସାମାନ୍ୟ ହ୍ରାସ ପାଇବ। ୧୪ରୁ ପୁଣି ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେବ । ପାରଦ ୪୩ ଡିଗ୍ରୀ ସେଲ୍‌ସିୟସ ଉପରକୁ ଉଠିଯିବ ବୋଲି ପୂର୍ବାନୁମାନ କରାଯାଇଛି। ଦକ୍ଷିଣ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ପାଗ ଅନୁକୂଳ ହେଉ ନ ଥିବାରୁ ତାହା ଲଘୁଚାପରେ ପରିଣତ ହୋଇ ପାରୁ ନାହିଁ। ତେବେ ଏହାର ପ୍ରଭାବରେ ଆସନ୍ତା ୧୪ ତାରିଖରୁ ରାଜ୍ୟରେ ତାତି ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି। ତାତି ବଢ଼ିଲେ ଘୂର୍ଣ୍ଣି ବଳୟ ଆସନ୍ତା ୧୪ କିମ୍ବା ୧୫ ତାରିଖ ବେଳକୁ ଲଘୁଚାପରେ ପରିଣତ ହେବ ବୋଲି ଅନୁମାନ କରାଯାଇଛି। ଏହି ଲଘୁଚାପ ବାତ୍ୟାର ରୂପ ନେବ କି ନାହିଁ ତାହା ଆଉ ୪ ଦିନ ପରେ ଜଣାପଡ଼ିବ ବୋଲି ଅବସରପ୍ରାପ୍ତ ଆଞ୍ଚଳିକ ପାଣିପାଗ ନିର୍ଦ୍ଦେଶକ ଶରତ କୁମାର ସାହୁ କହିଛନ୍ତି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ, ଉତ୍ତର ଓଡ଼ିଶା, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଅନୁଗୋଳ, ଢେଙ୍କାନାଳ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ରାଜ୍ୟର ଅନ୍ଯ କେତେକ ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଏହି ସମୟରେ ଉପକୂଳ ଓଡ଼ିଶା ସମେତ ନୂଆପଡ଼ା, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, ଦେବଗଡ଼, କୋରାପୁଟ ଏବଂ ରାୟଗଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଝଡ଼ର ବେଗ ଘଣ୍ଟାକୁ ୩୦ରୁ ୪୦ କି.ମି. ରହିବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୧୧ରୁ ୧୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଭାଗରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ୩୦୨ ଟ୍ରେନ୍‌ରେ ଫେରିଲେଣି ...

ଟ୍ରେନ୍‌ରେ ୨୪ କୋଚ୍ ରହିଛି ଓ ପ୍ରତି କୋଚ୍‌ରେ ୭୨ ସିଟ୍ ରହିଛି। ତେବେ ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ପ୍ରତି ବଗିରେ ମାତ୍ର ୫୪ ଯାତ୍ରୀଙ୍କୁ ଯିବା ପାଇଁ ଅନୁମତି ଦିଆଯାଉଛି। ଏହି ସ୍ୱତନ୍ତ୍ର ଟ୍ରେନ୍ ଭଡ଼ାର ୮୫ ପ୍ରତିଶତ ରେଲୱେ ଭରଣା କରିବାକୁ ଥିବାବେଳେ ବାକି ୧୫ ପ୍ରତିଶତ ସମ୍ପୃକ୍ତ ରାଜ୍ୟ ସରକାର ବହନ କରିବେ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଗୁଜରାଟରୁ ସର୍ବାଧିକ ଟ୍ରେନ୍ ଛାଡିଥିବାବେଳେ ଏହା ପଛକୁ ରହିଛି କେରଳ। ସେହିପରି ଶ୍ରମିକମାନଙ୍କୁ ନେଇ ସର୍ବାଧିକ ଟ୍ରେନ୍ ବିହାର ଓ ଉତ୍ତରପ୍ରଦେଶକୁ ଯାଇଛି।

### ଶ୍ରମିକ ଟ୍ରେନ୍‌କୁ ନେଇ...

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପତ୍ର ଲେଖି ଜଣାଇଛନ୍ତି। ଏଭଳି ପଦକ୍ଷେପ ଶ୍ରମିକମାନଙ୍କୁ ଅଧିକ ଅସୁବିଧାରେ ପକାଇବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ପତ୍ରର ଜବାବ ଦେଇ ଟିଏମ୍‌ସି କହିଛି, ଟ୍ରେନ୍‌କୁ ରାଜ୍ୟ ସରକାର ଅନୁମତି ଦେଉ ନ ଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା। କର୍ଣ୍ଣାଟକ, ତାମିଲନାଡୁ, ପଞ୍ଜାବ ଓ ତେଲଙ୍ଗାନାରୁ ଶ୍ରମିକମାନଙ୍କୁ ଫେରାଇନେବା ପାଇଁ ପଶ୍ଚିମବଙ୍ଗ ସରକାର ୮ଟି ଟ୍ରେନ୍ ବ୍ୟବସ୍ଥା କରିବାକୁ ଯୋଜନା କରିଥିଲେ। ପ୍ରଥମ ଟ୍ରେନ ହାଇଦ୍ରାବାଦରୁ ଶ୍ରମିକମାନଙ୍କୁ ଆଣି ଶନିବାର ମାଲଦା ଅଭିମୁଖେ ଛାଡ଼ିଥାନ୍ତା। ତେବେ ଉକ୍ତ ପଶ୍ଚିମବଙ୍ଗକୁ କୌଣସି ଶ୍ରମିକ ଟ୍ରେନ୍ ଚଳାଚଳ କରିବାକୁ ରେଲୱେ ନିକଟରେ ପ୍ରସ୍ତାବ ନ ଥିବା ଏହାର କେତେଜଣ ଅଧିକାରୀ କହିଛନ୍ତି। ରେଲୱେ ଅଧିକାରୀଙ୍କ ଏହି ବିବୃତିର କିଛି ସମୟ ପରେ ପଶ୍ଚିମବଙ୍ଗ ସରକାରଙ୍କର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ତାମିଲନାଡୁ, ତେଲଙ୍ଗାନା, କର୍ଣ୍ଣାଟକ ଓ ପଞ୍ଜାବରୁ ୩୧,୦୦୦ରୁ ଅଧିକ ଲୋକଙ୍କୁ ଫେରାଇ ଅଣାଯିବ। ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଟ୍ରେନ୍‌ର ବ୍ୟବସ୍ଥା କରୁଛନ୍ତି। ଏହିସବୁ ରାଜ୍ୟରେ ଅଟକି ରହିଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ପ୍ରବାସୀ ଶ୍ରମିକ ହୋଇଥିବାବେଳେ ରୋଗୀ, ଛାତ୍ରୀଛାତ୍ର, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ମଧ୍ୟ ଅଛନ୍ତି। କେବଳ ତେଲଙ୍ଗାନାରେ ପଶ୍ଚିମବଙ୍ଗର ୧୭ ହଜାର ଲୋକ ଅଟକି ରହିଛନ୍ତି। ବେଙ୍ଗାଲୁରୁରୁ ଶନିବାର ୩ଟି ଟ୍ରେନ୍‌ରେ ୭୫୦୦ ଲୋକ ଫେରିବାକୁ ଥିବାବେଳେ ତାମିଲନାଡୁର ଭେଲୋରରୁ ଦୁଇଟି ଟ୍ରେନ୍‌ରେ ୨,୪୧୮ ଜଣ ଆସିବେ। ସେହିପରି ପଞ୍ଜାବରେ ଅଟକିଥିବା ଶ୍ରମିକମାନଙ୍କୁ ଆଣିବା ଲାଗି ୨ଟି ଟ୍ରେନର ବ୍ୟବସ୍ଥା କରାଯାଇଛି। ରେଲୱେ କର୍ତ୍ତୃପକ୍ଷ ପଶ୍ଚିମବଙ୍ଗକୁ ରାଜସ୍ଥାନ ଓ କେରଳରୁ ମାତ୍ର ଦୁଇଟି ଟ୍ରେନ୍ ପଠାଇଛନ୍ତି।

### ପ୍ରବାସୀଙ୍କୁ ଫେରିବାକୁ ...

ରାସ୍ତାରେ ଚାଲିଚାଲି ଓ ସାଇକେଲ ଯୋଗେ ଆସିବାକୁ ବାଧ ହେବେ। ବାହାର ରାଜ୍ୟରୁ ଲୋକମାନେ ଆସିବା ଆଶଙ୍କା କରି ରାଜ୍ୟ ସରକାର ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା ମଧ୍ୟ କରିଛନ୍ତି। ୬୭୦୦ ପଞ୍ଚାୟତ ଏବଂ ୧୧୪ ପୌରାଞ୍ଚଳରେ କ୍ୱାରାଣ୍ଟାଇନ୍ ସେଣ୍ଟର ପ୍ରତିଷ୍ଠା କରିଛନ୍ତି। ଏହାସହ ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କ ପାଇଁ ୨୮ ଦିନିଆ କ୍ୱାରାଣ୍ଟାଇନ୍ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯାଇଛି। ସେଥିପାଇଁ ସରପଞ୍ଚମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି। ବାହାର ରାଜ୍ୟରୁ ଆସୁଥିବା ଲୋକମାନଙ୍କ ପାଇଁ ବାଧ୍ୟମୂଳକ ପଞ୍ଜୀକରଣ ବ୍ୟବସ୍ଥା ହୋଇଛି। ଅନ୍ୟ ରାଜ୍ୟରୁ ଆସୁଥିବା ବସ୍, ଟ୍ରେନ୍‌ଗୁଡିକ ଉପରେ ଲଗାତର ନଜର ରଖାଯାଇଛି। ପହଞ୍ଚିବା ମାତ୍ରେ ସେମାନଙ୍କୁ ତୁରନ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ସ୍ଥାନାନ୍ତର କରାଯାଉଛି। ଯେଉଁମାନେ ରାଜ୍ୟର ସୀମା ଦେଇ ବସ୍ ଯୋଗେ ଆସୁଛନ୍ତି ସେମାନଙ୍କୁ ମଧ୍ୟ ନିଜ ଜିଲାର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପଠାଯାଉଛି। କ୍ୱାରାଣ୍ଟାଇନ୍‌ରେ ରହିବା ସମୟରେ ଖାଇବା ପିଇବା ସହିତ ଯେଉଁମାନେ ସଫଳତାର ସହ ଅବଧି ଶେଷ କରିବେ ସେମାନଙ୍କୁ ୨ ହଜର ଟଙ୍କାର ପ୍ରୋତ୍ସାହନ ରାଶି ମଧ୍ୟ ସରକାର ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ପଶ୍ଚିମବଙ୍ଗ, ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟରୁ ସେହି ଲୋକମାନେ ଆସୁଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ସେମାନଙ୍କ ମଧ୍ୟରୁ କେତେକ କରୋନା ପଜିଟିଭ ଚିହ୍ନଟ ହେଉଛନ୍ତି। ବାହାର ରାଜ୍ୟରୁ ଫେରୁଥିବା ଲୋକଙ୍କ ଯୋଗୁ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସେମାନେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବାରୁ ଏହା କୌଣସି ଚିନ୍ତାର କାରଣ ନୁହେଁ। ଲୋକମାନଙ୍କ ସହଯୋଗରେ ସରକାର ଏବଂ ପଞ୍ଚାୟତିରାଜ ଅନୁଷ୍ଠାନ ସେମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିଛନ୍ତି। ସମସ୍ତ ବାହାର ରାଜ୍ୟ ଫେରନ୍ତାଙ୍କୁ କଡାକଡି ଭାବେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଉଛି । ରାଜ୍ୟ ସରକାର ପ୍ରଥମ ତିନୋଟି ପର୍ଯ୍ୟାୟକୁ ସଫଳତାର ମୁକାବିଲା କରିପାରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବିଦେଶରୁ ଫେରିଥିବା ୭ ଜଣଙ୍କ ଠାରେ କରୋନା ପଜିଟିଭ ଠାବ କରାଯାଇଥିଲା। ସେହିପରି ଦିଲ୍ଲୀର ନିଜାମୁଦ୍ଦିନ ଫେରନ୍ତଙ୍କ ମଧ୍ୟରୁ ୪୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିଲେ। ପଶ୍ଚିମବଙ୍ଗ ଓ ଝାଡଖଣ୍ଡରୁ ଫେରିଥିବା ଲୋକମାନଙ୍କ ମଧ୍ୟରୁ ୧୧୩ ଜଣଙ୍କଠାରେ କରୋନା ଭୂତାଣୁ ଚିହ୍ନଟ ହୋଇଥିଲା। ତେବେ ଏହି ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟରୁ ଓଡ଼ିଆମାନେ ଫେରୁଛନ୍ତି। ସରକାର ଏବଂ ସମାଜ ଦ୍ୱାରା ଏହାକୁ ମଧ୍ୟ ଖୁବ୍ ସଫଳତାର ସହ ପରିଚାଳନା କରାଯାଇ ପାରିବ ବୋଲି ମତ ପ୍ରକାଶ ପାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜିର ଦିନଟି ଆଲୋଚନା, ସଭା ସମିତି, ପ୍ରଶାସନ ଓ କର୍ମକ୍ଷେତ୍ର ପାଇଁ ପ୍ରଶସ୍ତ ରହିବ। କିନ୍ତୁ ପରିବାର, ପରିବହନ, ଲୋକସମ୍ପର୍କ, ଯାନବାହନ ଦିଗରେ କିଛିଟା ସମସ୍ୟା ଆସିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ବିବାଦୀୟ ଘଟଣା ତଥା ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** - ଆକସ୍ମିକ ଭାବରେ ସୁଯୋଗ ଆପଣା ଛାଏଁ ଆସିବ, କିନ୍ତୁ କିଛି ଲାଭ ହେବନି। ସହଯୋଗ ଅଭାବରୁ ପ୍ରସ୍ତୁତି ପଥରେ ଥିବା କାମଗୁଡିକ ସଂପୂର୍ଣ୍ଣ ହେବା କଷ୍ଟକର ହୋଇପଡିବ। ବନ୍ଧୁ ଗହଣରେ ସତ୍ୟ କଥା ପ୍ରକାଶ କରି ମଧ୍ୟ ଅପମାନିତ ହୋଇପାରନ୍ତି। ପ୍ରକାଶନ, ମନୋରଞ୍ଜନରୁ ସଫଳତା ହାସଲ କରିବେ।

**ମିଥୁନ** - ମନ ଯେମିତି ଚାହୁଁଛି ଠିକ୍ ସେମିତି କାମଗୁଡିକ ସମ୍ପନ୍ନ ହେବାରେ କୌଣସି ପ୍ରକାରର ଅସୁବିଧା ହେବ ନାହିଁ। କିନ୍ତୁ ଆରଦ୍ରା ନକ୍ଷତ୍ରର ସାଧାରଣ କଥାକୁ ନେଇ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ ଓ ଅର୍ଥାବସ୍ଥାରେ ଉନ୍ନତି ଘଟିବ। ପରିବହନ ପାଇଁ କିଛି ଅସୁବିଧା ହେବ ନାହିଁ।

**କର୍କଟ** - ଆଜି ଆପଣଙ୍କର ସାମାଜିକ ସ୍ଥିତି, ଅର୍ଥନୈତିକ ପ୍ରଗତି, ପାରିବାରିକ ପରିସ୍ଥିତିକୁ ସନ୍ତୁଳିତ କରି ରଖିବେ। ତଥାପି ଅଶ୍ଳେଷା ନକ୍ଷତ୍ରର ସାମୟିକ ଯାତ୍ରା କାଳୀନ ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ। ଈର୍ଷାପରାୟଣ ବନ୍ଧୁମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିବାର ଆଶଙ୍କା ରହିଛି ।

**ସିଂହ** - ଅନ୍ୟମନସ୍କତା କିମ୍ବା ଅସାବଧାନତାବଶତଃ ଧନ ହାନି ଯୋଗ ମଧ୍ୟ ରହିଛି। କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକମାନଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହୋଇପଡିବ ।

**କନ୍ୟା** - ନିଜେ ରହୁଥିବା ପରିବେଶର ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହେବେ। ବିଭିନ୍ନ ପ୍ରକାରର ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି। ସାମ୍ୟାଦିକତାରେ ଉନ୍ନତି ଘଟିବ। ପରିସ୍ଥିତି ଯାହାଥାଉନା କାହିଁକି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ।

**ତୁଳା** - ଆଜି ଆପଣଙ୍କର ମନ ଅନୁଯାୟୀ କୌଣସି କାମ କରିବାରେ ଅସୁବିଧା ହେବ ନାହିଁ। କିନ୍ତୁ କୌଣସି ନୀଚ ଜାତିର ବ୍ୟକ୍ତି ସହ କଳହର ସମ୍ମୁଖୀନ ହେବାକୁ ପଡିବାର ସୂଚନା ରହିଛି । ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ବିଛା** - ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି,ତାହା ଅବଶ୍ୟ ସାମାନ୍ୟ ବ୍ୟତିକ୍ରମ ଭିତରେ ସଫଳ ହେବ। ପାରିବାରିକ ସ୍ଥିତିରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇପାରେ । ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଜମିଜମା କାରବାର, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତହେବେ।

**ଧନୁ** - ମନ ବୁଝିଲା ଭଳି କଥା କହି ପ୍ରତ୍ୟେକ ପରିସ୍ଥିତିକୁ ସକାରାତ୍ମକ କରିବାରେ ସମର୍ଥ ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି । ଜମିଜମା, ଗୃହସୀମା, ପ୍ରଶାସନିକ ସ୍ତରରେ କୌଣସି ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**ମକର** - ଯେତେ ପ୍ରକାରର କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁଁ କୌଣସିଟା ଅଗ୍ରଗତି ହୋଇପାରିବ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁମାନଙ୍କ ସହ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିବେ। ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** - ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ତଥା ପ୍ରଶାସନିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନୂତନ ଯୋଜନା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନରେ ସଫଳତା ମିଳିବ। ଅର୍ଥ ସମ୍ପର୍କୀୟ କୌଣସି ବିବାଦ ବୃଦ୍ଧିପାଇବ। ନିଜ ଲୋକମାନେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଶତ୍ରୁତା କରିପାରନ୍ତି।

**ମୀନ** - ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବାର ଆଶ୍ୱସ୍ତି ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭର ପ୍ରସ୍ତୁତି କରିବାରେ ସଫଳ ହେବେ। ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ ହୋଇଯିବ। ନୂତନ ଗୃହ, ଯାନବାହାନାଦି ଯାନ୍ତ୍ରିକ ଦ୍ରବ୍ୟ ଲାଭ ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ତୃତୀୟାଯୁକ୍ତ ଚତୁର୍ଥୀ ରବିବାର, ମେ ୧୦ ତାରିଖ, ବିଶ୍ୱ ମାତୃଦିବସ, (ମେ ଦ୍ୱିତୀୟ ରବିବାର,ମେଷ ରାଶିର ଘାତବାର,ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ସକାଳ ଘ.୦୬.୦୮ମି. ଗତେ ଘ. ୦୯.୩୪ମି. ମଧ୍ୟେ, ସନ୍ଧ୍ୟା ଘ.୦୭.୩୮ମି. ଗତେ ଘ.୦୯.୦୭ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୬.୦୮ମି. ଗତେ ଘ.୦୯.୧୬ମି. ମଧ୍ୟେ, ଦିବା ଘ. ୦୧.୦୦ମି. ଗତେ ଘ.୦୧.୫୨ମି. ମଧ୍ୟେ, ସନ୍ଧ୍ୟା ଘ.୦୬. ୫୪ମି. ଗତେ ଘ.୦୭.୩୮ମି. ମଧ୍ୟେ, ରାତ୍ରି ଘ.୧୨.୦୫ମି. ଗତେ, ଘ.୦୩.୦୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୦୪.୩୩ମି. ଗତେ ଘ.୦୬.୦୯ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ କୋଟି ଟଙ୍କା ଦାନ

**ଖୋର୍ଦ୍ଧା ଅଫିସ,୯।୫ :** ମହାମାରୀ କରୋନା(କୋଭିଡ-୧୯)ର ସଫଳ ମୁକାବିଲା ପାଇଁ ବହୁ ଅନୁଷ୍ଠାନ, ସରକାରୀ କର୍ମଚାରୀ ଓ ବଦାନ୍ୟ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସହାୟତାର ହାତ ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ସଂଗୃହୀତ ୧କୋଟି ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମୁଖ୍ୟ ଶାସନ ସଚିବଙ୍କ ଜରିଆରେ ଜିଲାପାଳ ଶିତାଂଶୁ କୁମାର ରାଉତ ଏହି ଅର୍ଥ ପ୍ରଦାନ କରିଛନ୍ତି। ଅତିରିକ୍ତ ଜିଲାପାଳ,ଭୁବନେଶ୍ୱର ପ୍ରଫୁଲ୍ଲ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜିଲାର ବଦାନ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ଟ୍ରଷ୍ଟ, ସାମାଜିକ ଅନୁଷ୍ଠାନ, ସଂସ୍ଥା, ଉଦ୍ୟୋଗ, ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଙ୍ଗଠନ, ବରିଷ୍ଠ ନାଗରିକ ସଂଘଙ୍କ ସମେତ ଜିଲା ସ୍ତରୀୟ ସରକାରୀ କାର୍ଯ୍ୟାଳୟ, ଜିଲା ବିଚାରବିଭାଗୀୟ କାର୍ଯ୍ୟାଳୟ କାର୍ଯ୍ୟରତ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି କୋଭିଡ-୧୯ ପରିଚାଳନା ନେଇ ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ।

### ମାଙ୍କଡ଼ ଆକ୍ରମଣରେ ମହିଳା ମୃତ

ବାରଙ୍ଗ,୯।୫(ଡି.ଏନ.ଏ): ଚନ୍ଦକ ଥାନା ଅର୍ନ୍ତଗତ ଗିରିଙ୍ଗାପୁଟ ଗ୍ରାମରେ ଶୁକ୍ରବାର ଏକ ମାଙ୍କଡ଼ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର କଅଁଳ ମାଝି(୫୦)। କଅଁଳ ଅପରାହ୍ନରେ କୌଣସି କାର୍ଯ୍ୟକୁ ଯାଇ ଘରକୁ ଫେରୁଥିବାବେଳେ ଗ୍ରାମମୁଣ୍ଡ ଶନିମନ୍ଦିର ପାଖ ଗଛରେ ବସିଥିବା ହନୁ ମାଙ୍କଡଟି ହଠାତ୍ ତାଙ୍କ ଉପରକୁ ଡେଇଁ ପଡିଥିଲା। ମାଙ୍କଡ଼ଟି କାମୁଡ଼ି ଥିବାବେଳେ କଅଁଳ ତଳେ ପଡିଯିବାରୁ ରାସ୍ତାକଡ଼ରେ ଥିବା ପଥରରେ ତାଙ୍କ ମୁଣ୍ଡଟି ଶକ୍ତ ଆଘାତ ହୋଇ ରକ୍ତସ୍ରାବ ହୋଇଥିଲା। ଏହାଦେଖି ସ୍ଥାନୀୟ କେତେଜଣ ଯୁବକ ମାଙ୍କଡ଼କୁ ଘଉଡାଇଥିଲେ। ପରେ ତାଙ୍କ ପରିବାର ଲୋକ ଓ ପୋଲିସକୁ ଖବର ଦେବା ସହ ଚିକିତ୍ସା ପାଇଁ କଅଁଳକୁ କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲା। ପରେ ଚନ୍ଦକା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପଟେ ଚନ୍ଦକା ବନ ବିଭାଗ କର୍ମଚାରୀମାନେ ଖବରପାଇ ଶନିବାର ସକାଳେ ଗ୍ରାମକୁ ଆସି ମାଙ୍କଡକୁ ଟ୍ରାଙ୍କୁଲାଇଜ କରି ଧରିଛନ୍ତି।

### ଯୁବତୀଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୯।୫ (ବ୍ୟୁରୋ):** ଖାରବେଳନଗର ଥାନା ଅନ୍ତର୍ଗତ ୟୁନିଟ-୯ ଅଞ୍ଚଳରେ ଜଣେ ଯୁବତୀ ଶୁକ୍ରବାର ରାତିରେ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଧଉଳି ଥାନାରେ କାର୍ଯ୍ୟରତ ଏସ୍ଆଇ ତୋଫାନ ଗୁରୁଙ୍କ ଝିଅ ଶୁଭଶ୍ରୀ (୧୯)। ସ୍ଥାନୀୟ ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କେଉଁ କାରଣରୁ ଯୁବତୀ ଜଣକ ଆତ୍ମହତ୍ୟା କଲେ ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।



ରଥଖଳାରେ ସାମାଜିକ ଦୂରତା ରକ୍ଷା କରିବା ପାଇଁ ପ୍ରଶାସନ ପକ୍ଷରୁ ଅବଗତ କରାଯାଉଛି।



ମହାରଣାଙ୍କ ହାତ ସାନିଟାଇଜ୍ କରାଯାଉଛି।

# ରଥ ନିର୍ମାଣକାରୀଙ୍କ ହେଲା ଥର୍ମାଲ ସ୍କ୍ରିନିଂ

**ପୁରୀ ଅଫିସ,୯।୫**

ମହାମାରୀ କରୋନା ପାଇଁ ମହାପ୍ରଭୁଙ୍କ ରଥ ନିର୍ମାଣକୁ ନେଇ ଯେଉଁ ଅନିଶ୍ଚିତତା ଲାଗିରହିଥିଲା ତାହା ଦୂର ହୋଇଛି। କେନ୍ଦ୍ର ସରକାରଙ୍କଠାରୁ ସର୍ତ୍ତମୂଳକ ଅନୁମତି ମିଳିବା ପରେ ଶୁକ୍ରବାରଠାରୁ ଚଳଚଞ୍ଚଳ ହୋଇପଡିଛି ରଥଖଳା। ତେବେ ରଥ ନିର୍ମାଣ ବେଳେ ଲକ୍‌ଡାଉନ ପାଇଁ ଜାରି ଗାଇଡ୍‌ଲାଇନକୁ ଯେପରି କଡ଼ାକଡ଼ି ପାଳନ କରାଯିବ ଏବଂ ରଥଖଳାକୁ ସମ୍ପୂର୍ଣ୍ଣ ପୃଥକ୍ ରଖିବା ନେଇ ନିଶ୍ଚିତ କରିବାକୁ କେନ୍ଦ୍ର ପରାମର୍ଶ ଦେଇଥିଲା। ସେହି ଅନୁଯାୟୀ ରଥଖଳାକୁ କପଡ଼ା ଏବଂ ଲୁହା ବାରିକେଡ ଦିଆଯାଇ ସିଲ୍ କରାଯାଇଛି। ଏହା ଭିତରକୁ କେହି ବାହାର ଲୋକ ନ ପଶିବା ଲାଗି ସୂଚନାଫଳକ ମଧ୍ୟ ଲଗାଯାଇଛି। ରଥଖଳାକୁ ଅନଧିକାର ପ୍ରବେଶ ନିଷେଧ ବୋଲି ଫଳକରେ ଦର୍ଶାଯାଇଛି। ସେହିପରି ଶନିବାର ରଥଖଳାରେ କୋଭିଡ୍-୧୯ ଗାଇଡଲାଇନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। କାମ ଆରମ୍ଭ ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଡିଏମ୍‌ଓ (ପରିବାର କଲ୍ୟାଣ) ଦେବୀ ପ୍ରସାଦ ମହାପାତ୍ର ସକାଳେ ରଥଖଳାରେ ପହଞ୍ଚି ମହାରଣା ସେବକଙ୍କ ସହିତ ରଥ ନିର୍ମାଣରେ ସାମିଲ ଅନ୍ୟ ସେବକଙ୍କୁ ରଥଖଳାକୁ ପ୍ରବେଶ ଏବଂ ପ୍ରସ୍ଥାନ ସମୟରେ ସାନିଟାଇଜର ବ୍ୟବହାର,





ମାସ୍କ ପିନ୍ଧିବା ଆଦି ସଚେତନ କରିଥିଲେ। ସେହିପରି ୯୨ ଜଣଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ପ୍ରକାଶ କରିଛନ୍ତି। ଏହି ଅବସରରେ ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଆଜିଠୁ ସଙ୍ଗରୋଧରେ ରହିବେ ରଥ ନିର୍ମାଣକାରୀ

ପୁରୀ ଅଫିସ,୯।୫

- ୩ ଭକ୍ତ ନିବାସର ୨୦୬ ରୁମ୍ ରଖାଯାଇଛି
- ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ପାଇଁ ୪ ମେଡିକାଲ ଟିମ୍ ଗଠିତ

ଜୁନ୍ ୨୩ରେ ରଥଯାତ୍ରା। ତେଣୁ ରଥଖଖଳାରେ ଚାଲିଛି ତିନିରଥ ନିର୍ମାଣ। ବର୍ତ୍ତମାନ ମହାମାରୀ କରୋନା ଯେଉଁଭଳି ଭାବେ ରାଜ୍ୟରେ ମାଡୁଛି ତାହାକୁ ଦୃଷ୍ଟିରେ ରଖି ରଥ ନିର୍ମାଣରେ ଯେପରି ସାମାନ୍ୟତମ ଅସୁବିଧା ନ ହୁଏ ସେଥିଲାଗି ମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ରବିବାରଠାରୁ ରଥ ନିର୍ମାଣକାରୀ ସେବକମାନେ ସଙ୍ଗରୋଧରେ ରହିବେ। ସେମାନଙ୍କ ଲାଗି ଆବଶ୍ୟକ ରୁମ୍ ନିଆଯାଇଥିବା ବେଳେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।

ଉନ୍ନୟନ ପ୍ରଶାସକଙ୍କ ସୂଚନା ମୁତାବକ, ରଥ ନିର୍ମାଣରେ ସମ୍ପୃକ୍ତ ଭୋଇ, ମହାରଣାଙ୍କ ସମେତ ଅନ୍ୟ ସେବକମାନଙ୍କୁ କ୍ୱାରାଣ୍ଟାଇନ (ସଙ୍ଗରୋଧ)ରେ ରଖାଯିବ। ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ନୀଳାଦ୍ରି ଭକ୍ତ ନିବାସରେ ୧୦୧ରୁମ୍, ଗୁଣ୍ଡିଚା ମନ୍ଦିର ଭକ୍ତ ନିବାସରେ ୭୦ ଏବଂ ନୀଳାଚଳ ଭକ୍ତ ନିବାସରେ ୩୫ଟି ରୁମ୍ ରଖାଯାଇଛି। ଯଦି ଆବଶ୍ୟକ ପଡ଼େ ତେବେ ଦୁଦୁୱାଲା ଧର୍ମଶାଳାରେ ମଧ୍ୟ ରହିବା ବ୍ୟବସ୍ଥା କରାଯିବ। ସେମାନଙ୍କ ଖାଦ୍ୟପେୟ ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି। ସେହିପରି କୋଭିଡ୍-୧୯ ଗାଇଡ୍‌ଲାଇନକୁ ନଜରରେ ରଖି ରଥ ନିର୍ମାଣକାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଯାଞ୍ଚ ଲାଗି ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଭକ୍ତ ନିବାସରେ ରହୁଥିବା ସେବକଙ୍କ ଲାଗି ଗୋଟିଏ ଟିମ୍, ରଥଖଳା ପାଇଁ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗୋଟିଏ ଟିମ୍, ଜରୁରିକାଳୀନ ସେବା ପାଇଁ ଗୋଟିଏ ଏବଂ ସେବକ ପରିବାର ସଦସ୍ୟଙ୍କ ନିମନ୍ତେ ଗୋଟିଏ ଟିମ୍ ପ୍ରସ୍ତୁତ କରାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ପୁରୀର ସ୍ଥିତି ଭଲ ଅଛି। ତଥାପି କୌଣସି ରଥ ନିର୍ମାଣକାରୀ ସେବକଙ୍କ ସ୍ୱାସ୍ଥ୍ୟ ସମସ୍ୟା କିମ୍ବା କୋଭିଡ ଲକ୍ଷଣ ଦେଖାଦେଲେ ତାଙ୍କୁ ପୃଥକବାସରେ ରଖାଯିବ। କାମକୁ ଛଡ଼ାଯିବ ନାହିଁ ବୋଲି ସିଡିଏମ୍‌ଓ ଡା. ନୀଳକଣ୍ଠ ମିଶ୍ର କହିଛନ୍ତି।

ଏ ସମ୍ପର୍କରେ ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି, ରଥ ନିର୍ମାଣରେ ନିୟୋଜିତ ସେବାୟତଙ୍କୁ ସଙ୍ଗରୋଧରେ ରଖାଯିବା ନେଇ ସୂଚନା ଦିଆଯାଇଛି। ରବିବାର ସେମାନେ ପ୍ରସ୍ତୁତ ହୋଇଆସିବେ। ରଥଖଳାରେ କାମ କରିସାରିବା ପରେ ରାତିରେ ଭକ୍ତ ନିବାସରେ ରହିବେ।

# ତୁମ୍ବରେ ବିନ୍ଧ ଚାଲିଛି

- ଆହୁରି ୭୦ ଫୁଟ ବଢ଼ିଲା ରଥଖଳା
- ଥିଲା ୧୮୦ ଫୁଟ, ହେଲା ୨୫୦ ଫୁଟ





ମହାରଣାମାନେ ତୁମ୍ବରେ ବିନ୍ଧ କରୁଛନ୍ତି।

**ପୁରୀ ଅଫିସ,୯।୫**

ରଥଖଳାରେ ତିନିରଥ ନିର୍ମାଣ କାମ ଆଗେଇ ଚାଲିଛି। ମହାରଣା, ରୂପକାର ଓ ଭୋଇ ସେବକଙ୍କ ଗହଳରେ ଚଳଚଞ୍ଚଳ ହୋଇଛି ରଥଖଳା। ତିନିରଥର ମୁଖ୍ୟ ବିଶ୍ୱକର୍ମା ବିଜୟ କୁମାର ମହାପାତ୍ର, ନରସିଂହ ମହାପାତ୍ର ଏବଂ କୃଷ୍ଣଚନ୍ଦ୍ର ମହାରଣାଙ୍କ ନେତୃତ୍ୱରେ ଏବେ ତୁମ୍ବ କାମ ଜାରି ରହିଛି। ଆସନ୍ତା ୧୫ ତାରିଖରେ ଭଉଁରୀ। ମଝିରେ ଆଉମାତ୍ର ୫ ଦିନ। ଏତେ କମ୍ ସମୟ ମଧ୍ୟରେ କିପରି ଚକଡେରା ନୀତି ସମ୍ପନ୍ନ ହେବ ତାହାକୁ ନଜରରେ ରଖି ଦିନରାତି କାମ କରୁଛନ୍ତି ରଥ ନିର୍ମାଣକାରୀ। କୋଭିଡ୍ ଗାଇଡଲାଇନକୁ ପାଳନ କରି କିପରି କାମ କରାଯିବ ସେ ନେଇ ସମସ୍ତଙ୍କୁ ସଚେତନ କରାଯାଇଛି। ଶନିବାର ତିନିରଥର ତୁମ୍ବ ନିର୍ମାଣ ପରେ ସେଥିରେ ବିନ୍ଧ କରାଯାଉଛି। କଡ଼ା କଟକଣା ଭିତରେ କାମ ଚାଲିଥିବାବେଳେ ରଥଖଳାକୁ ମଧ୍ୟ ଆହୁରି ବଢ଼ାଇ ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ସନ୍ଧ୍ୟାରେ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏବଂ ଜିଲାପାଳ ବଲୱନ୍ତ ସିଂ ରଥଖଳା ବୁଲି ଦେଖିଛନ୍ତି। ଉନ୍ନୟନ ପ୍ରଶାସକ କେତେଜଣ ମହାରଣା ସେବକଙ୍କ ସହିତ ନିର୍ମାଣ ସଂକ୍ରାନ୍ତରେ ଆଲୋଚନା କରିଥିଲେ।

ଲକ୍‌ଡାଉନ କଟକଣା ଯୋଗୁ ଅନୁକୂଳର ୧୨ ଦିନ ପରେ ଅର୍ଥାତ୍ ଶୁକ୍ରବାରଠାରୁ କାମ ଆରମ୍ଭ ହୋଇଛି। ଜୁନ୍ ୨୩ରେ ରଥଯାତ୍ରା ଥିବାରୁ କମ୍ ସମୟ ମଧ୍ୟରେ ତିନିରଥ ସମ୍ପୂର୍ଣ୍ଣ କରିବା ନିର୍ମାଣକାରୀଙ୍କ ଲାଗି ଏକପ୍ରକାର ଚ୍ୟାଲେଞ୍ଜ ହୋଇଛି। ତଥାପି ଏହି ଚ୍ୟାଲେଞ୍ଜକୁ ଗ୍ରହଣ କରି କାମ ଆଗେଇ ନେଉଛନ୍ତି ମହାରଣା, ଭୋଇ, ରୂପକାର ଓ କମାର ସେବକ। ତେବେ ଆଗକୁ ଚକଡେରା ନୀତି ଥିବାରୁ ତିନିରଥ ପାଇଁ ପ୍ରସ୍ତୁତ ତୁମ୍ବରେ ସୂତା ବାଡ଼ିଆ ଯାଇ ବିନ୍ଧ କରାଯାଉଛି। ମହାରଣା ସେବକମାନେ ଏହି ବିନ୍ଧ କରୁଛନ୍ତି। ପ୍ରତି ତୁମ୍ବରେ ୧୬ ଯୋଡ଼ା ଅର୍ଥାତ୍ ୩୨ଟି ଲେଖାଏ ବିନ୍ଧ କରାଯିବ। ସମୁଦାୟ ୪୨ତୁମ୍ବରେ ୧,୩୪୪ ବିନ୍ଧ ହେବ। ପ୍ରତି ଚକରେ ୧୬ଟି ଲେଖାଏ ଅର ଏବଂ ୪ଟି ଲେଖାଏ ପହି ଲାଗିବ। ଆବଶ୍ୟକ ୪୨ଟି ତୁମ୍ବ ମଧ୍ୟରୁ ୬ଟି ତୁମ୍ବ ସରି ସେଥିରେ ବିନ୍ଧ କରାଯାଉଛି। ଭୋଇ ସେବକମାନେ ୪୦ ଫୁଟିଆ ଅଖ କାଠ ପକାଇଛନ୍ତି। ଅପରପକ୍ଷେ ରଥଖଳା ସମ୍ମୁଖ ଦୋଳବେଦିଠାରେ ରଥ ଲାଗି ଆବଶ୍ୟକ ଲୁହା ଉପକରଣ କମାର ସେବକମାନେ ନିର୍ମାଣ କରୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଲୁହା ଏବଂ ଆବଶ୍ୟକ କୋଇଲା ଯୋଗାଇ ଦିଆଯାଇଛି। ବର୍ତ୍ତମାନ ଅରକଣ୍ଟା ତିଆରି ଚାଲିଛି। ଗୋଟିଏ ଚକରେ ୩୨ଟି କଣ୍ଟା ଅର୍ଥାତ୍ ମୋଟ ୪୨ ଚକ ପାଇଁ ୧,୩୪୪ଟି କଣ୍ଟା ତିଆରି ହେବ। ଏହାବାଦ୍ ପନ୍ଦାରୀ ୮୪ଟି, ବଳା ୮୪ ଏବଂ ପନ୍ଦାରୀ ଚାବି ୧୬୮ଟି ତିଆରି କରାଯିବ ବୋଲି କମାର ସେବକ ଅର୍ଜୁନ ମହାରଣା କହିଛନ୍ତି। ସେହିପରି ରଥଖଳାରେ ରୂପକାର ସେବକମାନେ କଣଗୁଜ ଖୋଦେଇ କରୁଛନ୍ତି।

# ନିଆଁରେ ପୋଡ଼ି ମହିଳାଙ୍କ ମୃତ୍ୟୁ

**କଟକ ସଦର,୯।୫(ଡି.ଏନ.ଏ)**

**ହତ୍ୟା ଅଭିଯୋଗ କଲେ ପରିବାର ଲୋକେ**

ନିମାପଡ଼ା ଥାନା ଅନ୍ତର୍ଗତ ନହନ୍ତରା ଗ୍ରାମରେ ଶନିବାର ନିଆଁରେ ପୋଡ଼ି ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ଆର୍ତ୍ତତ୍ରାଣ ପଣ୍ଡାଙ୍କ ସ୍ତ୍ରୀ ସୁଭଦ୍ରା। ଅନ୍ୟପକ୍ଷେ ଅଧିକ ଯୌତୁକ ଦାବିରେ ଝିଅକୁ ହତ୍ୟା କରାଯାଇଥିବା ସୁଭଦ୍ରାଙ୍କ ବାପା ଅମରେଶ୍ୱର ମିଶ୍ର ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଶାଶୁଘରର ୪ଜଣଙ୍କ ନାମରେ ଦଫା ନଂ. ୩୦୪(ବି), ୪୯୮(ଏ), ଡିପି ଆକ୍ଟରେ ମାମଲା ନଂ ୧୦୧/୨୦ରେ ରୁଜୁ କରି ତଦନ୍ତ ଚଳାଇଛି। ପୂର୍ବାହ୍ନରେ ସୁଭଦ୍ରା ଘରେ ରୋଷେଇ କରୁଥିବାବେଳେ ଗ୍ୟାସ ଲିକ ହୋଇ ନିଆଁ ଲାଗି ପୋଡ଼ି ଯାଇଥିଲେ। ଚିତ୍କାର ଶୁଣି ପରିବାର ଲୋକେ ସୁଭଦ୍ରାଙ୍କୁ ଉଦ୍ଧାର କରି ପ୍ରଥମେ ନିମାପଡ଼ା ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ସୁଭଦ୍ରାଙ୍କ ବାପା ପହଞ୍ଚି ଝିଅକୁ ଅଧିକ ଯୌତୁକ ପାଇଁ ଶାଶୁଘର ଲୋକେ ହତ୍ୟା କରିଥିବା କହୁଥିବାବେଳେ ଆକସ୍ମିକ ଭାବେ ବୋହୂର ମୃତ୍ୟୁ ହୋଇଥିବା ଶାଶୁଘର ପକ୍ଷରୁ କୁହାଯାଇଛି।

Galaxy Tower
Company Pvt. Ltd.
କମ୍ପାନୀ ସହିତ ସିଧା ସିଧା ଯୋଡି ହୋଇକି ଖାଲିଥିବା ଜମି ଓ ଛାତ ଉପରେ 4G/5G Tower ବସାଇ
ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ପାଆନ୍ତୁ । ଜଣକୁ ଚାକିରି ମିଳିବ ।
65/1, Ratna Villas Road, Gandhi Bazaar, Basavanagudi, Bengaluru, Karnataka 560004
Email: galaxytower1999@gmail.com
WhatsApp:
9479667248

ବାସ୍ ଦୁଃଖ ଏବେ ଆଉ ନୁହେଁ
ଦୁଃଖକୁ ଖୁସିରେ ବଦଳାଉଥିବା ରୁହାନୀ ଓ କଳା ବିଦ୍ୟାରେ ନିପୁଣ
2 ଘଣ୍ଟାରେ 100% ଗ୍ୟାରେଣ୍ଟି ସହ ସମାଧାନ
ଆପଣ କୌଣସି ସମସ୍ୟାକୁ ନେଇ ବିବ୍ରତ ଥିଲେ ଏବେ ହିଁ ଫୋନ୍ କରି ଘରେ ବସି ସମାଧାନ କରାନ୍ତୁ
ପ୍ରେମ ବିବାହ, ଗୃହ କ୍ଳେଶ, ବିବାହରେ ବାଧା, ସଉତୁଣୀ ଶତ୍ରୁଙ୍କଠାରୁ ମୁକ୍ତି, ପୋତାଧନ, ବ୍ୟବସାୟରେ ବନ୍ଧନ, କୁଆ-ସଟା, ଭୂତ-ପ୍ରେତ, ପ୍ରେମ-ପ୍ରଣୟ, ଗୁଣିଗାରେଡ଼ି
ସ୍ପେ. ବଶୀକରଣ ଓ ମୁଠକରଣୀ
ଆପଣଙ୍କ ଝିଅକୁ ଆପଣଙ୍କ ସ୍ୱାଇଁ, ବାହାରର କୌଣସି ବ୍ୟକ୍ତି କିମ୍ବା ଶାଶୁଘର ଲୋକ ହଇରାଣ କରୁଛନ୍ତି କି ।
ବାବା ଆମିଲ ସୁଫି ଗୋଲ୍ଡ ମେଡାଲିଷ୍ଟ
ଠିକଣା ସିଟି ବସ୍ ଷ୍ଟାଣ୍ଡ ଅଜମେର ୱାଲେ
9650446732
9971793786

# ଡାକ୍ତରଙ୍କୁ ଘରେ ପୂରାଇଦେଲେନି ଗ୍ରାମବାସୀ

**ଭୁବନେଶ୍ୱର,୯।୫ (ବ୍ୟୁରୋ)**

**କରୋନା ଯୋଦ୍ଧାଙ୍କୁ ଅସମ୍ମାନ**

**ଥାନା ଆଗରେ କାରରେ ସପରିବାର ରାତି କଟାଇଲେ**

କରୋନା ଯୋଦ୍ଧାଙ୍କୁ ରାଜଧାନୀ ଉପକଣ୍ଠ ନନ୍ଦନକାନନ ଥାନା ଗଣ୍ଡରପୁର ଅଞ୍ଚଳରେ ଅସମ୍ମାନ କରାଯାଇଛି। ରାଜ୍ୟ ବାହାରୁ ଫେରିଥିବା ଜଣେ ଡାକ୍ତର ଓ ତାଙ୍କ ପୁଅ ଝିଅଙ୍କୁ ଘର ମାଲିକଙ୍କ ସହ ଗ୍ରାମବାସୀ ଘରକୁ ପୂରାଇ ଦେଇନାହାନ୍ତି। ଫଳରେ ସେମାନେ ଥାନା ଆଗରେ କାର ଭିତରେ ରାତି କଟାଇଛନ୍ତି। ଗ୍ରାମବାସୀଙ୍କ ଜିଦ୍ ଓ ବାରମ୍ବାର ବିରୋଧ ପରେ ସମସ୍ତଙ୍କୁ ପୋଲିସ ସହାୟତାରେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରଖାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଆୟୁର୍ବେଦିକ ଡାକ୍ତର ଜଣକ ହାଇଦ୍ରାବାଦରେ ରହୁଥିବା ତାଙ୍କ ପରିବାର ଗଣ୍ଡରପୁର ଅଞ୍ଚଳରେ ଘରଭଡ଼ା ନେଇ ରହୁଛନ୍ତି। ସେ ସେଠାକାର ସରକାରଙ୍କଠାରୁ ଆନ୍ତଃରାଜ୍ୟ ପାସ୍ ସହ ଅନୁମତି ନେଇ କାର୍‌ରେ ଓଡ଼ିଶା ଫେରିଥିଲେ। ତାଙ୍କ ସହ ୧୭ ବର୍ଷର ଝିଅ ଏବଂ ୧୨ ବର୍ଷର ପୁଅ ଥିଲେ। ଶୁକ୍ରବାର ରାତି ୧୧ଟାରେ ସେମାନେ ଗଣ୍ଡରପୁର ଅଞ୍ଚଳରେ ଥିବା ଭଡା ଘରେ ପହଞ୍ଚିଥିଲେ। ଘରେ ତାଙ୍କର ସ୍ତ୍ରୀ ଥିଲେ ମଧ୍ୟ ମାଲିକ ଭିତରକୁ ପ୍ରବେଶ କରାଇ ଦେଇ ନ ଥିଲେ। ଡାକ୍ତରଙ୍କର ନୟାପଲ୍ଲୀ ଓ ନୀଳାଦ୍ରିବିହାରରେ ଦୁଇଟି ଘର ରହିଛି। ତାଙ୍କ ଆଧାର କାର୍ଡରେ ନୀଳାଦ୍ରୀବିହାର ଘରର ଠିକଣା ରହିଛି। ଏହାକୁ ବାହାନା କରିବା ସହ ବାହାରୁ ଆସିଥିବାରୁ ଘର ମାଲିକ ବାରଣ କରିଥିଲେ। ଶେଷରେ ନିରାଶ ହୋଇ ଡାକ୍ତର ଜଣକ ପୋଲିସକୁ ଜଣାଇବା ପରେ ଘର ମାଲିକ ଗ୍ରାମବାସୀଙ୍କୁ ଡାକିଥିଲେ। ଗ୍ରାମବାସୀ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ସ୍ଥାନୀୟ ସରପଞ୍ଚ ପହଞ୍ଚିଥିଲେ ମଧ୍ୟ ଲୋକଙ୍କୁ ବୁଝାଇ ପାରି ନ ଥିଲେ। ଶେଷରେ ଗ୍ରାମବାସୀ ଓ ଘର ମାଲିକଙ୍କ ଜିଦ୍ ଫଳରେ ଡାକ୍ତରଙ୍କ ପରିବାର ନନ୍ଦନକାନନ ଥାନା ଆଗରେ ନିଜ କାର୍‌ରେ ରାତି କଟାଇଥିଲେ।

ସରପଞ୍ଚ ପ୍ରଭାସିନୀ ସାମଲ କୁହନ୍ତି, ଡାକ୍ତରଙ୍କ ପରିବାର ୬ ମାସ ହେବ ଗଣ୍ଡରପୁରରେ ଭଡ଼ାରେ ରହୁଛନ୍ତି। ସେ ହାଇଦ୍ରାବାଦରୁ ଫେରି ଜୟଦେବବିହାରସ୍ଥିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିବାକୁ ପଞ୍ଜୀକରଣ କରିଥିଲେ। ସେଠାରେ ତାଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କୁହାଯିବାରୁ ସେ ଘରକୁ ଆସିଥିଲେ। ଗ୍ରାମବାସୀ ବିରୋଧ କରିବାରୁ ସେ ଫେରିଯାଇଥିଲେ। ସକାଳେ ପୋଲିସ ସହ ଆସି ପଞ୍ଚାୟତ କ୍ୱାରାଣ୍ଟାଇନ୍‌ରେ ପହଞ୍ଚିଥିଲେ। ମାତ୍ର ଗ୍ରାମବାସୀଙ୍କ ବିରୋଧ ଯୋଗୁ ତାଙ୍କୁ ପୋଲିସ ବିଏମ୍‌ସି କ୍ୱାରାଣ୍ଟାଇନ୍‌ରେ ରଖିଛି। ତେବେ ଏନେଇ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଘଟଣା ସମ୍ପର୍କରେ ପୋଲିସ ଖବର ପାଇବା ପରେ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ ଡାକ୍ତର ପରିବାର ହାଇଦ୍ରାବାଦରୁ ଫେରିଥିବାରୁ ଗ୍ରାମବାସୀ ଭୟଭୀତ ହୋଇ ସେମାନଙ୍କୁ ଛାଡି ନ ଥିଲେ। ପରେ ପୋଲିସ ସେମାନଙ୍କ ଖାଇବାପିଇବା ସହ କ୍ୱାରାଣ୍ଟାଇନ୍‌ରେ ରହିବା ବ୍ୟବସ୍ଥା କରିଥିବା ଷଡ଼ଙ୍ଗୀ କହିଛନ୍ତି।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଜୁନାଗଡ଼, ଜିଲ୍ଲା- କଳାହାଣ୍ଡି**

**ଲଘୁ ଖଣିଜ ଉତ୍ସ (ପଥର ଓ ବାଲି ଖାଦାନ)ର ୫ ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ**

ଇସ୍ତାହାର ସଂଖ୍ୟା / ତୌଜି ତା୦୯।୦୫।୨୦୨୦

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ଲଘୁ ଖଣିଜ ଉତ୍ସଗୁଡ଼ିକର ଦୀର୍ଘମିଆଦୀ ଲିଜ୍ ତଥା ୫ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଲିଜ୍ ଅବଧି ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ ୨୦୧୬ ଅନୁସାରେ ଶେଷ ପ୍ରକ୍ରିୟାକରଣ (ପରିବେଶ ମଞ୍ଜୁରୀ)ଠାରୁ ଆରମ୍ଭ ହେବ। ଏଥିପାଇଁ ନିର୍ଦ୍ଦିଷ୍ଟ ଫର୍ମରେ ଇଚ୍ଛୁକ ବ୍ୟକ୍ତିମାନେ ଆବେଦନ କରିପାରିବେ। ପୃଥକ୍ ସଇରାତ ଉତ୍ସ ପାଇଁ ପୃଥକ୍ ପୃଥକ୍ ଫର୍ମରେ ଟେଣ୍ଡର କାଗଜାତ ଦାଖଲ କରିବାକୁ ପଡ଼ିବ। ଟେଣ୍ଡର ଫର୍ମ ସହିତ ସବିଶେଷ ବିବରଣୀ ଟ.୧୦୦୦/- ମୂଲ୍ୟରେ ତହସିଲ କାର୍ଯ୍ୟାଳୟକୁ ତା୧୨।୦୫।୨୦୨୦ ଠାରୁ ତା୨୭।୦୫।୨୦୨୦ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ତହସିଲର ଶାଖାଧିକାରୀଙ୍କ ଠାରେ ମିଳିପାରିବ। ସବିଶେଷ ବିବରଣୀ (ସର୍ତ୍ତାବଳୀ, ଚୟନ ପ୍ରଣାଳୀ ଇତ୍ୟାଦି) ଜାଣିବା ପାଇଁ ତହସିଲଦାର, ଜୁନାଗଡ଼ଙ୍କ କାର୍ଯ୍ୟାଳୟ, ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ କିମ୍ବା **www.kalahandi.nic.in** ୱେବସାଇଟ୍ ଲଗ୍‌ଅନ୍ କରନ୍ତୁ। ଏହି ଉତ୍ସଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ ଖଣିଜ ଉତ୍ସ ଟେଣ୍ଡର ପ୍ରକ୍ରିୟା ନିମ୍ନ ସ୍ୱାକ୍ଷରକାରୀ କିମ୍ବା ତାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦରଖାସ୍ତକାରୀଙ୍କ କାରଣ ନ ଦର୍ଶାଇ ରଦ୍ଦ କରିପାରିବେ।

**ଖଣିଜ ଉତ୍ସର ତଫସିଲଭୁକ୍ତ ଜମିର ବିବରଣୀ**

| କ୍ର. ନଂ. | ମୌଜାର ନାମ | ସୈରାତ ଉତ୍ସର ନାମ | ଖାତା ନଂ. | ପ୍ଲଟ ନଂ. | କିସମ | ରକବା (ଏକରରେ) |
|---|---|---|---|---|---|---|
| 1 | ଦାସିଗାଁ | ଦାସିଗାଁ ବାଲିଶଯ୍ୟା | 10 | 778 | ନଦୀ | ଏ. 12.35 |
| 2 | କରଚଲା | କରଚଲା ବାଲିଶଯ୍ୟା | 439 | 168, 1 | ନଦୀ | ଏ. 12.35 |
| 3 | ହାବସପୁର | ହାବସପୁର ବାଲିଶଯ୍ୟା | 559 | 156, 6 | ନଦୀ | ଏ. 12.35 |
| 4 | ବୁଢ଼ିପଦର | ବୁଢ଼ିପଦର ବାଲିଶଯ୍ୟା | 285, 5 | 01, 29 | ନଦୀ | ଏ. 12.35 |
| 5 | ଚିଙ୍ଗୁଡ଼ିସର | ଚିଙ୍ଗୁଡ଼ିସର ବାଲିଶଯ୍ୟା | 138 | 1 | ନଦୀ | ଏ. 12.35 |
| 6 | କାନ୍ଦୁଲଗୁଡ଼ା | କାନ୍ଦୁଲଗୁଡ଼ା ବାଲିଶଯ୍ୟା | 244 | 795 | ନଦୀ | ଏ. 12.35 |
| 7 | ପାଣିଗାଁ | ପାଣିଗାଁ ବାଲିଶଯ୍ୟା | 188 | 1 | ନଦୀ | ଏ. 12.35 |
| 8 | ଆଟିଗାଁ | ଆଟିଗାଁ ବାଲିଶଯ୍ୟା | 361 | 768 | ନଦୀ | ଏ. 12.35 |

ବି.ଦ୍ର.: ପାଣିଗାଁ ଓ କାନ୍ଦୁଲଗୁଡ଼ା ବାଲିଘାଟକୁ ସରକାରୀ ରାସ୍ତା ନାହିଁ। ନିଲାମଧାରୀ, Rule 11 of OMMC 2016 ରାସ୍ତାର ବ୍ୟବସ୍ଥା ନିଜେ କରିବେ।

ବି.ଦ୍ର.: ଏତଦ୍‌ବ୍ୟତୀତ ବ୍ୟକ୍ତିଗତ ମାଲିକାନାରେ ଥିବା ଜମିରେ ଉପଲବ୍ଧ ଲଘୁଖଣିଜ ଦ୍ରବ୍ୟ ଉତ୍ତୋଳନ ନିମିତ୍ତ ଦୀର୍ଘ ମିଆଦୀ ଲିଜ୍ ଦରଖାସ୍ତ ସମ୍ପୃକ୍ତ ଜମି ମାଲିକଙ୍କ ସହମତିରେ ଆବେଦନ କରାଯାଇପାରିବ।

ସ୍ୱା./- ତହସିଲଦାର, ଜୁନାଗଡ଼

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଶୁଦ୍ଧିପତ୍ର ନଂ. ୨** ତାରିଖ: ୦୪।୦୫।୨୦୨୦

ଖୋଲା ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଆର୍.ଡିଇଇ/ଜି/ବିଏସ୍‌ପି/ଓଟିପି/୧୯-୨୦-୨୩ **ତାରିଖ: ୨୦।୦୩।୨୦୨୦** ବାବଦରେ ନିମ୍ନଲିଖିତ ଶୁଦ୍ଧିପତ୍ର ଜାରି କରାଯାଉଛି।

| ବର୍ଣ୍ଣନା | ଟେଣ୍ଡର ବିଜ୍ଞପ୍ତିରେ ରହିଥିବା ଅନୁଯାୟୀ | ଏବେ ପଢ଼ାଯିବ |
|---|---|---|
| ଟେଣ୍ଡର ସମାପ୍ତି ତାରିଖ ଓ ସମୟ | ୦୪।୦୫।୨୦୨୦, ୧୫.୦୦ ଘ. | ୧୯।୦୫।୨୦୨୦, ୧୫.୦୦ ଘ. |

ଟେଣ୍ଡରରେ ପ୍ରକାଶିତ ଅନ୍ୟ ସମସ୍ତ ବିଷୟବସ୍ତୁ ଅପରିବର୍ତ୍ତିତ ରହିବ।

CPR/10/49 ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି) ଏସ୍.ଇ.ସି. ରେଳପଥ/ବିଳାସପୁର

**Government of Odisha**

**"e" Procurement Notice**

**Bid Identification No.: Online -01-OF 2020-21**

**E-Mail ID-rwd.padampur@yahoo.co.in**

No.O-10:- **Ph.No.-9437255440**

1. Name of the work : Road Works-2 Nos. Groups (As per Annexure-'A')
2. Amount put to Bid Excluding GST : As per Annexure-'A'
3. Class of contractor : 'B' and 'A'
4. Cost of tender paper : Rs.10,000/- per set (payment should be made through online mode only)
5. Date & time of availability of bid document in the portal : From Dt.12.05.2020 at 10.00 A.M.
6. Last date & time for receipt of bids inthe portal : Upto Dt.26.05.2020 upto 05.00 P.M.
7. Last date and time of seeking tender clarification : Dt.21.05.2020 upto 12.00 P.M.
8. Date & time of technical bid opening : Dt.27.05.2020 at 10.00 A.M.
   Date & time of financial bid opening : To be intimated later on
9. Name & address of the Officer Inviting Bid : Executive Engineer, R.W. Division, Padampur, At/PO- Padampur, Dist- Bargarh, Pin-768036

(1) Other details can be seen from **DTCN** available in website **www.tendersorissa.gov.in**
(2) Corrigendum if any shall only be published inthe above website.

**Sd./- Executive Engineer, Rural Works Division, Padampur**
OIPR-25069/11/0001/2021

ଜଣେ ନିଜର ଶୁଭେଚ୍ଛା ଦ୍ୱାରା ବହୁତ କିଛି ପରିବର୍ତ୍ତନ କରିପାରେ। କିନ୍ତୁ ତାହା ସଂପୂର୍ଣ୍ଣ ପବିତ୍ର ଓ ଅବିମିଶ୍ର ଶୁଭେଚ୍ଛା ହେବା ଉଚିତ। ...ଐକାନ୍ତିକ ଡାକ ନିଶ୍ଚୟ ପହଞ୍ଚେ। ଏବଂ ତା'ର ଉତ୍ତର ଆସେ। —ଶ୍ରୀମା



# ବିକଳ୍ପ ଜୀବିକା ସନ୍ଧାନେ



**ଆକାର ପଟେଲ**

କିଛି ଦିନ ପୂର୍ବରୁ ଫୁଡ୍ ସର୍ଭିସ ସ୍ୱିଗ୍ଗିରୁ କିଛି ଖାଦ୍ୟ ମଗାଇଥିଲି। ଏହା ଜଣଙ୍କର ଜନ୍ମଦିନ ଥିଲା ଓ ଏଥିପାଇଁ ମୁଁ ୧ କିଲୋ କେକ୍ ଅର୍ଡର କରିଥିଲି। ଅର୍ଡର କଲେ ସ୍ୱିଗ୍ଗି ଆପ୍ ତାହା ଗ୍ରହଣ କରିଛି ବୋଲି ତୁମକୁ ଜଣାଇବା ସହ ଯେଉଁ ବ୍ୟକ୍ତି ଖାଦ୍ୟ ଡେଲିଭରି କରିବେ ତାଙ୍କ ନାମ ମଧ୍ୟ ଜଣାଇଦିଏ। ମୁଁ ପ୍ରାୟ ଲକ୍ଷ୍ୟ କରେ ଯେ, ସେମାନେ କଲ୍ କରି ଠିକଣା ଜାଣିବାକୁ ଚାହାନ୍ତି । ଯଦି ଏହା କରନ୍ତି ତେବେ ମୁଁ ସେମାନଙ୍କୁ ଏହା ଜଣାଇଦିଏ ଏବଂ ମୁଁ ଏଥିପ୍ରତି ଭାରି ଉତ୍ସୁକ ଥାଏ। କିନ୍ତୁ ଏଥର ମୁଁ ଜଣେ ମହିଳାଙ୍କ ନାମ ଦେଖି ଆଶ୍ଚର୍ଯ୍ୟ ହୋଇଗଲି। ତା'ପରେ କେକ୍ ଉପରେ କିଛି ଲେଖା ରହିବ ବୋଲି ଜଣେ ବ୍ୟକ୍ତି ମୋତେ କଲ୍ କରି ପଚାରିଲେ। କୌଣସି ଏକ ବିଶେଷ ଅବସର ନିମନ୍ତେ କେକ୍‌ଟିର ଆବଶ୍ୟକତା ରହିଛି ବୋଲି ଭାବି ସେହି ବ୍ୟକ୍ତି ଜଣକ ଚିନ୍ତିତ ମଧ୍ୟ ଥିଲେ। ପରେ ମୁଁ ମହିଳା ଜଣଙ୍କୁ ଧନ୍ୟବାଦ ଦେଇ ଫୋନ କରିଥିବା ବ୍ୟକ୍ତିଙ୍କ ନାମ ମଧ୍ୟ ଜଣାଇଦେଲି। କିଛି ସମୟ ପରେ ମହିଳା ଜଣକ ଘର ପାଖରେ ପହଞ୍ଚିଲେ। ମୁଁ ଗେଟ୍ ପାଖରେ ଠିଆ ହୋଇଥିଲି, କାରଣ ମୁଁ ତାଙ୍କୁ ଭେଟିବାକୁ ଚାହୁଁଥିଲି। ସେ ମହିଳା ଜଣକ ଆଉ ଜଣେ ମହିଳାଙ୍କୁ ସ୍କୁଟିରେ ନେଇ ଆସିଥିଲେ। ସାଲଓ୍ୱାର କୁର୍ତ୍ତା ପିନ୍ଧିଥିଲେ। ତାଙ୍କ ବୟସ ୩୦ ପାଖାପାଖି ଥିଲା। ଏହି କାମ ନୂଆ କରୁଛନ୍ତି କି ବୋଲି ମୁଁ ତାଙ୍କୁ ପଚାରିଲି। ସେ ହଁ କହିଲେ। ଏହି ଘଟଣାର ଦୁଇଦିନ ପରେ ମୁଁ ଡାକ୍ତରଙ୍କୁ ଦେଖା କରିବାକୁ ଗାଡି ଚଲାଇ ଯାଉଥିବାବେଳେ ଜଣେ ମହିଳା ହାତଠିଆରି ଗାଡ଼ିରେ ଫଳ ଲଦି ଠେଲି ଠେଲି ନେଉଥିବା ଦେଖିଲି। ମହିଳା ଜଣକ ଯେଭଳି ଠେଲି ନେଉଥିଲେ ସେଥିରୁ ଜଣାପଡୁଥିଲା ଯେ ସେ ସେହି କାମରେ ଅଭ୍ୟସ୍ତ ନହନ୍ତି। ବରଂ ଅଧିକ ଚାପରେ ଏହା କରୁଥିବା ଭଳି ମନେ ହେଉଥିଲା। ସେ ଜଣେ ଗୃହିଣୀ ଭଳି ଗାଢ଼ ବାଇଗଣୀ ରଙ୍ଗର ଶାଢି ପିନ୍ଧିଥିଲେ। ଫୁଲ ଓ ଗହଣା ମଧ୍ୟ ପରିଧାନ କରିଥିଲେ। ଜଣେ ପେସାଦାର ମହିଳା ବୁଲା ବିକାଳି ଯାହା ପିନ୍ଧନ୍ତି ତାହା ସେ ପିନ୍ଧି ନ ଥିଲେ। ସେ ଏହି କାମ ନୂଆ କରୁଥିବା ଜଣା ପଡୁଥିଲା।

ଡାକ୍ତରଙ୍କ କ୍ଲିନିକ୍‌ରେ ପହଞ୍ଚିବା ପରେ ସେଠାରେ ଜଣେ ଫିଜିଓଥେରାପିଷ୍ଟ ଥିଲେ । ଏହି ଦିନଟି ଥିଲା ଏପ୍ରିଲ ୭। ସେଠାରେ ସେ ମୋ ଭଙ୍ଗା ଗୋଡକୁ ଠିକ୍ କରିଦେଲେ। ସେହି ଫିଜିଓଥେରାପିଷ୍ଟଙ୍କ ଘର ଓଡ଼ିଶାରେ। ସେ ଭାରି ଭଲ କାମ ବି କରନ୍ତି। ମାର୍ଚ୍ଚ ୨୪ ପରେ ମୁଁ ପ୍ରଥମ ରୋଗୀ ଥିଲି ବୋଲି ସେ ମୋତେ କହିଥିଲେ। ସେ ଯାଏ ସେ କିଛି ରୋଜଗାର ମଧ୍ୟ କରି ନ ଥିବା ଜଣାଇଥିଲେ। ଏପରିକି ସେ ନିଜକୁ ଜଣେ ଦିନ ମଜୁରିଆ ସହ ତୁଳନା କରିଥିଲେ। ତାଙ୍କ କହିବା ବି ଠିକ୍, କାରଣ ରୋଗୀ ଚିକିତ୍ସା କଲେ ସେ ଟଙ୍କା ପାଆନ୍ତି। କହିଲେ ଯେ, ସେ ଓଡ଼ିଶାର ଜଣେ ପ୍ରସିଦ୍ଧ ହାସ୍ୟକାରଙ୍କୁ ଜାଣନ୍ତି ଯିଏ କି ଏପ୍ରିଲରୁ ଡେଲିଭରି କାର୍ଯ୍ୟ କରୁଛନ୍ତି। ଏହାର ଦିନକ ପୂର୍ବରୁ ମୋ ସ୍ତ୍ରୀ ମଧ୍ୟ ରେସ୍ତୋରାଁରେ କାମ କରୁଥିବା ଜଣେ ପରିଚିତ ବ୍ୟକ୍ତିଙ୍କ ସହ କଥା ହୋଇଥିଲେ। ସେହି ରେସ୍ତୋରାଁ ଏବେ ବନ୍ଦ ହୋଇଯାଇଛି। ସେ ସେଠାରେ ଜଣେ ସିନିୟର ଓ୍ୱେଟର ଥିଲେ ଓ ଏବେ ଜଣେ ଡେଲିଭରି ବୟ ଭାବେ କାର୍ଯ୍ୟ କରୁଛନ୍ତି ବୋଲି ମୋ ସ୍ତ୍ରୀଙ୍କୁ କହିଲେ। ସେ ଘରେ ରହି ବୋର୍ ହୋଇଗଲା ପରେ ଏହି କାର୍ଯ୍ୟ କରୁଥିବା ପ୍ରକାଶ କରିଥିଲେ। ଏହା ପଛରେ ଆଉ ଏକ କାରଣ ବି ରହିଛି। ତାହା ହେଉଛି, ତାଙ୍କ ଦରମା ଅଧା କିମ୍ବା ପୂରା ବନ୍ଦ କରାଯାଇଛି। ଏହାବାଦ୍ ମୁଁ ଏହି ସମୟରେ ଛୋଟ ଭ୍ୟାନ୍‌ରେ ତରଭୁଜ, ଠେଲା ଗାଡ଼ିରେ କଞ୍ଚା ଆମ୍ବ, ପିଜୁଳି ଓ କଦଳୀ ନେଇ ବୁଲି ବିକୁଥିବା ଦେଖୁଛି। ସେମାନଙ୍କ ପାଖକୁ ଅଳ୍ପ କେତେଜଣ ଗରାଖ ଯାଉଥିବା ଲକ୍ଷ୍ୟ କରୁଛି। ରାସ୍ତାରେ ଲୋକ ଗହଳି ନ ଥିବାରୁ ସେମାନେ ଏକୁଟିଆ ଲାଗୁଛନ୍ତି।

କୋଟି କୋଟି ଭାରତୀୟଙ୍କର ଏବେ ରୋଜଗାର ନାହିଁ। କିନ୍ତୁ ଘର ଭଡ଼ା ଓ ଋଣର ମାସିକିଆ କିସ୍ତି ବି ଦେବାକୁ ପଡ଼ିବ। ଖାଦ୍ୟ ଏବଂ ବିଦ୍ୟୁତ୍ ପାଇଁ ଯେଉଁଠୁ ହେଲେ ଟଙ୍କା ଯୋଗାଡ କରିବାକୁ ହେବ। ଏହି ଆବଶ୍ୟକତା ପୂରଣ କରିବାକୁ ଲୋକଙ୍କୁ କାମ ଖୋଜିବା ଲାଗି ବାଧ୍ୟ କରିବ। ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଦୁଇ ଜଣ ମହିଳା (ଉପରେ ଦର୍ଶାଇଥିବା କାମ କରୁଥିବା ମହିଳା)ଙ୍କ ଭଳି କାମ ଖୋଜିବାକୁ ପଡ଼ିବ। ସେହି ମହିଳାମାନେ ବଞ୍ଚିବା ପାଇଁ ପ୍ରଥମ ଥର ଏଭଳି କାମ କରୁଛନ୍ତି। ସେମାନେ ଯେଉଁ କାମ ଶିଖିଥିଲେ ବା ଯେଉଁ କାମ ଉପରେ ଅଭିଜ୍ଞତା ଥିଲା ତା' ବଦଳରେ ଅଲଗା କାମ କରୁଛନ୍ତି ବୋଲି ବୁଝିବାକୁ ପଡିବ। ଏହି ପରିସ୍ଥିତିରେ ମହିଳାମାନେ ରୋଜଗାର ବିକଳ୍ପ ପନ୍ଥା ବାଛିବା ଉଚିତ, କାରଣ ସେମାନଙ୍କ ପାର୍ଟନର ଏବେ ବେରୋଜଗାରୀ କିମ୍ବା ଆଂଶିକ ରୋଜଗାର କରୁଛନ୍ତି। ଆମମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଯାହା ଆମେ ଜାଣିଛେ କି ପଢିଛେ (ଅଧିକାଂଶ ଆଦୌ ଜାଣିନାହାନ୍ତି।) ତା ବାଦ୍ ଆଉ କିଛି କରିବା ଲାଗି ଟେକ୍‌ନିକାଲି ଯୋଗ୍ୟ ନୁହନ୍ତି। ତେଣୁ ବାହାରକୁ ଯାଇ ବେଶି ଦରମାରେ କାମ କରିବା ଆମମାନଙ୍କ ପାଇଁ ସମ୍ଭବ ନୁହେଁ। ଏଥିପାଇଁ ଶାରୀରିକ କାର୍ଯ୍ୟ କରିବା ଦରକାର, ଯେଉଁଥିରେ କୌଶଳ ଲୋଡା ନାହିଁ ବରଂ ଦରକାର ଶ୍ରମ ଏବଂ ଯେଉଁମାନେ ଏଯାବତ ସେଭଳି କାମ ପାଇପାରିନାହାନ୍ତି ସେମାନଙ୍କ ପାଖରେ ବୁଲାବିକାଳି କିମ୍ବା ଦିନମଜୁରିଆ ହେବାର ବିକଳ୍ପ ହିଁ ରହିଛି। ଅର୍ଥାତ୍ ଆମେ ଆଗକୁ ଅଧିକ ବୁଲା ବିକାଳି ଦେଖିବାର ସମ୍ଭାବନା ରହିଛି ଯାହା ଏବେ ଦେଖାଗଲାଣି। ସମ୍ଭବତଃ ଅନେକେ ଏହି କାର୍ଯ୍ୟ କରିବେ କିନ୍ତୁ ଏହା ଅନିଶ୍ଚିତ ଓ ବିପଦପୂର୍ଣ୍ଣ। ବୁଲାବିକାଳି ନିର୍ଯାତନା ତଥା ଧମକ ଚମକର ସମ୍ମୁଖୀନ ହୁଅନ୍ତି ଏବଂ ନୂଆ କରି ଏହି ବ୍ୟବସାୟ କରୁଥିବା ବ୍ୟକ୍ତି ପାଖ ବ୍ୟବସାୟୀ କେଉଁ ମୂଲ୍ୟରେ ବିକୁଛି ସେ ସମ୍ପର୍କରେ କିଛି ଜାଣିପାରନ୍ତିନି କି କେମିତି ବିକ୍ରି କରାଯିବା ତାହା ବି ଜାଣିନଥାନ୍ତି। ସୁରକ୍ଷା ଥିବା ଚାକିରି କରିବାକୁ ଆମମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଚାହାନ୍ତି ଓ ଏହା ପଛରେ ଏକ କାରଣ ରହିଛି। ଏହି ସମୟରେ ଉକ୍ତ ଘଟଣାରୁ ଏହା ସ୍ପଷ୍ଟ ହୋଇଯାଇଛି। ଆମ ଦେଶର କୋଟି କୋଟି ତଥା ବିଶ୍ୱର ଶହ ଶହ କୋଟି ଲୋକଙ୍କ ପାଇଁ ସୁରକ୍ଷା ହଜିଯାଇଛି ଏବଂ ଏବେ ସେମାନେ ଖାଇ ବଞ୍ଚି ରହିବା ପାଇଁ ଏକ ନୂଆ ପଥ ଖୋଜିବା ଉଚିତ।

Email:aakar.patel@gmail.com

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | A | 6 | | D | 9 | | | | | B | | 7 | | |
| | | | | | | B | | E | | A | 7 | | 1 | 0 |
| D | | E | | | 4 | | | | | 2 | 0 | | 5 | 6 |
| | | | 6 | E | | | | | 8 | | D | | | C |
| | | | | 1 | 7 | 2 | | | | 5 | | | | 4 |
| 0 | 5 | | | 3 | | | 6 | | | | | | | 8 |
| | | C | | | | | | | 9 | | E | | | |
| | | | | | B | 9 | | C | | | | 3 | | 1 |
| 1 | | 7 | | | | | | | | | | | | 2 |
| | | A | 5 | | 1 | D | | 2 | 4 | | | | | |
| | 1 | | | 8 | 0 | | | | D | E | B | | | |
| B | | | | | | | 3 | 7 | | 8 | 9 | E | D | |
| 3 | | | | | A | | | | | 1 | 5 | | | 9 |
| | 2 | | | 7 | 5 | | | | | | 3 | 6 | | |
| E | | 0 | D | | 3 | | | | | | | | C | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 9 | 2 | 1 | 4 | 3 | A | 6 | 7 | 8 | E | D | C | 5 | B |
| 1 | 5 | D | A | 0 | 9 | C | 8 | 3 | 7 | B | 2 | E | 4 | 6 |
| A | 3 | 7 | D | 2 | B | 5 | 9 | E | 4 | C | 6 | 0 | 8 | 1 |
| B | C | 4 | 8 | 6 | E | 0 | 2 | 1 | A | 3 | 5 | D | 7 | 9 |
| 8 | E | 6 | 5 | 7 | C | 4 | B | D | 0 | 1 | 9 | 3 | A | 2 |
| E | A | 5 | 4 | C | 0 | 7 | D | 2 | 1 | 6 | 8 | 9 | B | 3 |
| C | D | 3 | 6 | 1 | 7 | 9 | E | B | 5 | 0 | 4 | 8 | 2 | A |
| 9 | 1 | B | 3 | 5 | 2 | 6 | C | 8 | D | A | E | 7 | 0 | 4 |
| 4 | 7 | 8 | E | 9 | D | 1 | A | 0 | B | 2 | 3 | 6 | C | 5 |
| 6 | 2 | 0 | B | A | 8 | 3 | 5 | 4 | C | 9 | 7 | 1 | E | D |
| 3 | 8 | 1 | 0 | E | 4 | 2 | 7 | A | 6 | D | B | 5 | 9 | C |
| D | B | A | 9 | 3 | 5 | 8 | 4 | 6 | E | 7 | C | 2 | 1 | 0 |
| 7 | 4 | 9 | 2 | B | 6 | E | 1 | C | 3 | 5 | 0 | A | D | 8 |
| 2 | 0 | E | C | 8 | 1 | D | 3 | 5 | 9 | 4 | A | B | 6 | 7 |
| 5 | 6 | C | 7 | D | A | B | 0 | 9 | 2 | 8 | 1 | 4 | 3 | E |

ଗତକାଲିର ଉତ୍ତର

# ଆମ ଗାଁ ଏବେ ବି ପ୍ରାସଙ୍ଗିକ



**ଶକ୍ତି ପ୍ରସାଦ ଦାସ**

କରୋନା ଭାଇରସର ଉପରାନ୍ତ ଦୃଶ୍ୟପଟକୁ ଆକଳନ କଲାବେଳେ, ୧୯୯୦ ଦଶକର ଅର୍ଥନୈତିକ ସଂସ୍କାର ବ୍ୟବସ୍ଥା ଓ ନୀତିଗୁଡିକର ପୁନଃ ସମୀକ୍ଷା କରିବାକୁ ହେବ। ଯେତେ କଷ୍ଟ ସହିବାକୁ ପଡୁନା କାହିଁକି, ପଛକୁ ନ ଫେରିବାର ଯୁକ୍ତି ଅନେକ ଆସିବ। କାରଣ, ତୃତୀୟ ବିଶ୍ୱର ଏକ ଦେଶ ହିସାବରେ ଭାରତ ଏହି ଅର୍ଥନୈତିକ ସଂସ୍କାରକୁ ପାଶ୍ଚାତ୍ୟ ଢଙ୍ଗରେ ଗ୍ରହଣ କରିନେବା ଛଡ଼ା ଅନ୍ୟ କିଛି ପ୍ରଶ୍ନ କରିବାର ସ୍ଥିତିରେ ନ ଥିଲା। ରାଷ୍ଟ୍ର ନିଜସ୍ୱ ଭିତ୍ତିଭୂମିକୁ ହ୍ରାସକରି, ଘରୋଇ ସଂସ୍ଥା ପାଇଁ କିଛି ନିୟମ ପ୍ରଣୟନ କରି, ନିଜେ ପଛ ସିଟ୍‌କୁ ଚାଲିଯିବାକୁ ଉଚିତ ମଣିଲା।

ଗ୍ରାମାଞ୍ଚଳ ଏହି ପରିବର୍ତ୍ତନର ପ୍ରଥମ ଶିକାର ହେଲା। ଗ୍ରାମ୍ୟ ବ୍ୟବସ୍ଥାରେ ଢାଞ୍ଚାଗତ ପରିବର୍ତ୍ତନ ଅଣାଗଲା। କୃଷିକ୍ଷେତ୍ରକୁ ଆର୍ଥିକ ପ୍ରଗତିର ଚାଳକ ବୋଲି ଗଣାଗଲା ନାହିଁ। କୁହାଗଲା କି କୃଷିକ୍ଷେତ୍ରରେ ଉତ୍ପାଦକତା ଓ ଆୟ ବଢୁନାହିଁ। ବାସ୍ତବରେ ଭାରତ ସରକାରଙ୍କ ଅର୍ଥନୀତି ଓ ପରିସଂଖ୍ୟାନ ନିର୍ଦ୍ଦେଶାଳୟର ତଥ୍ୟ ଅନୁଯାୟୀ ୨୦୧୭-୧୮ ବର୍ଷ ପାଇଁ ଚାଉଳର ଉତ୍ପାଦକତାର ସର୍ବଭାରତୀୟ ହାର ୨୫୮୭କେଜି ପ୍ରତି ହେକ୍ଟର ହୋଇଥିବାବେଳେ ୧୯୯୦-୯୧ରେ ସେହି ମୂଲ୍ୟ ୧୭୪୦ ଥିଲା। ସେହିପରି ଗହମର ଉତ୍ପାଦକତା ହାର ୨୦୧୭-୧୮ରେ ୩୩୭୧ ଥିବାବେଳେ, ୧୯୯୦-୯୧ରେ ସେହି ମୂଲ୍ୟ ୨୨୮୧ ଥିଲା। ଡାଲିର ହାର ୨୦୧୭-୧୮ରେ ୮୪୧ ଥିବାବେଳେ, ୧୯୯୦-୯୧ରେ ୫୭୮ ଥିଲା। ତେଣୁ, ଉତ୍ପାଦକତା କମୁଛି ବୋଲି କୁହାଯିବା ହଜମ ହେଉନାହିଁ। ବରଂ ଉପଯୁକ୍ତ 'ସର୍ବନିମ୍ନ ସହାୟକ ମୂଲ୍ୟ'ର ଅଭାବ ଓ ଅବ୍ୟବସ୍ଥିତ ବଜାର ବ୍ୟବସ୍ଥା କାରଣରୁ କୃଷିକୁ ଏକପ୍ରକାର ଉଦ୍ୟୋଗ ଜଗତରୁ ଦୂରେଇ ଦିଆଯାଇଛି। ଫଳସ୍ୱରୂପ ଦେଖାଯାଇଛି କି ଗତ ତିନି ଦଶନ୍ଧି ମଧ୍ୟରେ ଗ୍ରାମ୍ୟ କୃଷିବଳର ବେଶ୍ କିଛି ବଡ଼ ଅଂଶ କୃଷି କ୍ଷେତ୍ର ଛାଡ଼ି ନିର୍ମାଣ ତଥା ଅନ୍ୟାନ୍ୟ କ୍ଷେତ୍ରକୁ ମୁହାଁଇଛନ୍ତି। ତଥ୍ୟ କହୁଛି ଯାହା ବି ଗ୍ରାମ୍ୟ ଶ୍ରମବଳ ଉପଲବ୍ଧ ଅଛି, ତା'ର ୩୪ ପ୍ରତିଶତ ଅଣ-କୃଷି କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଗତ କିଛିବର୍ଷ ଧରି ଶୁଦ୍ଧ ଚାଷ ଏରିଆ ୩୬.୧ ରୁ ୩୪.୧ ପ୍ରତିଶତ କମିଛି ଓ ପୂର୍ବରୁ ଚାଷ ହେଉଥିବା ଜମିସବୁ ଅନାବାଦୀ ପଡ଼ିଛି।

ଏହିପରି ଭାବରେ ଗ୍ରାମାଞ୍ଚଳଗୁଡ଼ିକ ସାର୍ବଜନୀନ ଅର୍ଥ ବିନିଯୋଗ ପାଇଁ ଆଉ ଉପଯୁକ୍ତ କାର୍ଯ୍ୟଦକ୍ଷ ସ୍ଥାନ ହୋଇ ରହିନାହିଁ ବୋଲି ଏକ ଧାରଣା ସୃଷ୍ଟି କରାଯାଇଛି। ଏହାର ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଗ୍ରାମାଞ୍ଚଳରୁ ସହରକୁ ଶ୍ରମିକ ସ୍ଥାନାନ୍ତରଣକୁ ଉତ୍ସାହିତ କରାଗଲା। ଫଳ ସ୍ୱରୂପ ବଡ଼ ବଡ଼ ସହରଗୁଡ଼ିକରେ ମାଳ ମାଳ ଅସ୍ୱାସ୍ଥ୍ୟକର ବସ୍ତି ଗଢ଼ିଉଠିଛି। କିଛି ସମାଜ-ବିଜ୍ଞାନୀ ପ୍ରଚାର କରିବାକୁ ଲାଗିଲେ ଯେ, ଭାରତରେ ଗାଁ ସବୁ ବିଲୁପ୍ତ ହେବାକୁ ଯାଉଛି। ଯୁକ୍ତି ହେଲା- ଗ୍ରାମ୍ୟ ଜୀବିକାର ଉତ୍ସ କୃଷି, ଯୁବକମାନଙ୍କୁ ଆକର୍ଷିତ କରିବା ପାଇଁ ଆଉ ଲାଭଜନକ ହେଉନାହିଁ। ହସ୍ତଶିଳ୍ପ କାରିଗର ଓ ମହିଳାମାନେ ରାଷ୍ଟ୍ରର ସହାୟତା ବିନା ଉଠିଧେଇପାରିବେ ନାହିଁ। ଛାତ୍ରମାନଙ୍କୁ ଶିକ୍ଷା ଦିଆଗଲା କି ଗ୍ରାମ୍ୟ-ଜୀବିକାର ସଙ୍କୋଚନ ଏକ ବିଶ୍ୱବ୍ୟାପୀ ପ୍ରକ୍ରିୟା। ତେଣୁ ଏହା ଭାରତରେ ଅପରିହାର୍ଯ୍ୟ। ଆଧୁନିକୀକରଣର ଏହି ସାମାଜିକ ତତ୍ତ୍ୱରେ ଆମେ କିଛି ଭୁଲ୍ ଦେଖିଲେ ନାହିଁ। ଏପରି ଐତିହାସିକ ନିୟତିକୁ ଗ୍ରହଣ କରିନେଇ, ଇତିହାସକୁ ଏହାର ସହଜ ପଥ ବାଛି ନେବାର ପ୍ରକ୍ରିୟାକୁ ଦେଖିବା ଛଡ଼ା ଆମ ପାଇଁ ଆଉ ଅଧିକ କିଛି ଚିନ୍ତା କରିବା ସମ୍ଭବ ହେଲାନାହିଁ।

ଜୋରଜବରଦସ୍ତ ଲଦି ଦିଆଯାଇଥିବା ରୁଗ୍ଣ ଅର୍ଥନୈତିକ ଅବସ୍ଥାକୁ ଯୁଝି ନ ପାରି ଗ୍ରାମାଞ୍ଚଳର କାର୍ଯ୍ୟକ୍ଷମ ଶ୍ରମିକବର୍ଗ ସହରର ଉପଲବ୍ଧ ଆକର୍ଷଣୀୟ ରୋଜଗାର ସୁବିଧା ଦ୍ୱାରା ଲୋଭାନ୍ୱିତ ହୋଇ ସହରମୁହାଁ ହେଲେ। ରାଜ୍ୟ ଅର୍ଥନୀତିକୁ କୃଷିର ଅବଦାନ କମିବାକୁ ଲାଗିଲା। ଅର୍ଥନୈତିକ ସର୍ବେକ୍ଷଣ-୨୦୧୯-୨୦ ଅନୁଯାୟୀ, ଆମ ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ରାଜ୍ୟର ସକଳ ବର୍ଦ୍ଧିତ ମୂଲ୍ୟ(ଜି.ଭି.ଏ.)ରେ ମାତ୍ର ୧୯.୯ ପ୍ରତିଶତ ଯୋଗଦାନ ଦେଉଛି। ଅପରପକ୍ଷରେ ଅବଧିକ ଶ୍ରମବଳ ସର୍ବେକ୍ଷଣ(ପି.ଏଲ୍.ଏଫ୍.ଏସ୍.)-୨୦୧୮ ତଥ୍ୟ ଅନୁଯାୟୀ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ରାଜ୍ୟର ସମୁଦାୟ କାର୍ଯ୍ୟବଳର ୪୮.୮ ପ୍ରତିଶତ ଲୋକଙ୍କୁ ଜୀବନ-ଜୀବିକା ଦେଉଥିବାର ଜଣାଯାଏ। ଅଧିକନ୍ତୁ, କୃଷି ଉତ୍ପାଦନ ଅନେକ କୃଷି-ଆଧାରିତ ଶିଳ୍ପ ତଥା ରାଜ୍ୟର ଅର୍ଥନୀତି ପାଇଁ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି।

ଏହି ପରିବର୍ତ୍ତିତ ଢାଞ୍ଚା, ସ୍ୱାସ୍ଥ୍ୟ ଓ ଶିକ୍ଷା ସମେତ ପ୍ରତ୍ୟେକ କ୍ଷେତ୍ରରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ମଧ୍ୟରେ ସାର୍ବଜନୀନ ଆର୍ଥିକ ବିନିଯୋଗରେ ଅସମାନତାକୁ ଯଥାର୍ଥ ବୋଲି ପ୍ରତିପାଦିତ କରିବାକୁ ଲାଗିଲା। ଗ୍ରାମାଞ୍ଚଳରେ ଗମ୍ଭୀର ବିନିଯୋଗକୁ ନିରୁତ୍ସାହିତ କରାଗଲା। ଗ୍ରାମାଞ୍ଚଳରେ ଅର୍ଥନୀତିର ଅବନତି ଘଟିବାରୁ, ଜନକଲ୍ୟାଣକାରୀ ରାଷ୍ଟ୍ର ହିସାବରେ ଖାଦ୍ୟ ନିରାପତ୍ତା, ସାକ୍ଷରତା ଏବଂ ରୋଗ ନିୟନ୍ତ୍ରଣ ଇତ୍ୟାଦିର ସର୍ବନିମ୍ନ ସ୍ତରର ସହାୟତା ଯୋଗାଣ ପାଇଁ ଗ୍ରାମାଞ୍ଚଳର ଲୋକମାନଙ୍କ ଉପରେ ସୁରକ୍ଷାର ଜାଲ ପକାଗଲା। ଗାଁ-ଗଣ୍ଡା ସବୁ ଗରିବଙ୍କ ପାଇଁ ସୁରକ୍ଷା-ଯୋଜନାର କ୍ଷେତ୍ର ହିସାବରେ ପରିଗଣିତ ହେଲେ। ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଏହି ସର୍ବନିମ୍ନ ବ୍ୟବସ୍ଥା ସହିତ ଜୀବନ ଧାରଣ କରିବାରେ ବ୍ୟସ୍ତ ରଖାଗଲା। ଘରୋଇ ଭାବରେ ପରିଚାଳିତ ସ୍ୱାସ୍ଥ୍ୟସେବା ଏବଂ ବିଦ୍ୟାଳୟଗୁଡ଼ିକର ବ୍ୟବସାୟିକ ଅଭିବୃଦ୍ଧି ଘଟିଲା। ରାଷ୍ଟ୍ରର ସର୍ବନିମ୍ନ ସୁରକ୍ଷା-ଯୋଜନା ଓ ବ୍ୟବସାୟିକ ଉଦ୍ୟୋଗ ମଧ୍ୟରେ ଅଟକି ରହିଯାଇଥିବା ଗାଁଗୁଡ଼ିକ ସେମାନଙ୍କ ନିକଟରେ ଥିବା ଯତ୍‌କିଞ୍ଚିତ ଅର୍ଥନୈତିକ ଓ ବୌଦ୍ଧିକ ସମ୍ବଳକୁ ହରାଇ ବସିଲେ ଓ ଧୀରେ ଧୀରେ ଅଦୃଶ୍ୟ ହେବାକୁ ଲାଗିଲେ।

ସମ୍ପ୍ରତି ତାଲାବନ୍ଦୀ ପରିପ୍ରେକ୍ଷୀରେ ହଜାର ହଜାର ପ୍ରବାସୀ ଶ୍ରମିକ ପିଲାଛୁଆଙ୍କୁ ଧରି ଚାଲି ଚାଲି ନିଜ ଗାଁକୁ ଫେରୁଥିବାର ଚିତ୍ର ଆର୍ଥିକ ସଂସ୍କାରର ଅସମାନତାକୁ ବିଦ୍ରୂପ କରୁଥିବା ପରି ମନେହୁଏ। ସହରର ଅନୌପଚାରିକ ଅର୍ଥନୀତି ସେମାନଙ୍କୁ କୌଣସି ସୁରକ୍ଷା ପ୍ରଦାନ କଲା ନାହିଁ। ସ୍ୱାସ୍ଥ୍ୟସେବାର ମହତ୍ତ୍ୱକୁ ଉପଲବ୍ଧି କରି ରାଜ୍ୟ ତଥା କେନ୍ଦ୍ର ସରକାର ଗୋଟାକୁ ଗୋଟା ହାସ୍ପାତାଳ ସ୍ଥାପନ କରିବାକୁ ଲାଗିଲେ। ସ୍ୱାସ୍ଥ୍ୟ ପରୀକ୍ଷାଗାର ଠାରୁ ଆରମ୍ଭକରି ବିଭିନ୍ନ ଉପକରଣ ବିଦେଶରୁ ଆମଦାନୀ କରି ଆମ ଲୋକଙ୍କ ଧନ-ଜୀବନ ସୁରକ୍ଷିତ ରଖିବାକୁ ନିଜେ ଦାୟିତ୍ୱ ନେଲେ। ରାଷ୍ଟ୍ରୀୟ ଆପଦା ସମୟରେ ଘରୋଇ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ନିର୍ଭର କରିପାରିଲେ ନାହିଁ। ଏହା ହିଁ ଦର୍ଶାଉଛି କି ୯୦ ଦଶକର ଅର୍ଥନୈତିକ ସଂସ୍କାର ଆଜି ଦିନରେ ଚଳିବ ନାହିଁ। ଏହାର ସମୀକ୍ଷା ଆବଶ୍ୟକ।

କରୋନା ଭାଇରସ୍ ସଂକ୍ରମଣ ସମୟରେ ଆର୍ଥିକ ବ୍ୟବସ୍ଥାରେ ତୀକ୍ଷ୍ଣ ଓ କ୍ରମବର୍ଦ୍ଧିଷ୍ଣୁ ଆଞ୍ଚଳିକ ବୈଷମ୍ୟ ଜଳ ଜଳ ହୋଇ ଦେଖାଯାଉଛି। ପ୍ରଚଳିତ ଢାଞ୍ଚାରେ ମହାମାରୀର ପୂର୍ବାବସ୍ଥାକୁ ଫେରିଯିବାର ଉଦ୍ୟମ ଏକ ସ୍ଥାୟୀ ବ୍ୟବସ୍ଥା ଦେଇପାରିବ ନାହିଁ। କାରଣ ଏହା ଗୋଟିଏ ପଟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ମଧ୍ୟରେ ଥିବା ଢାଞ୍ଚାଗତ ଅସନ୍ତୁଳନ ଓ ଅନ୍ୟପଟରେ ଏକପାଖିଆ ଅର୍ଥନୈତିକ ଅଭିବୃଦ୍ଧିର ମୂଳଦୁଆ ଉପରେ ଗଢ଼ିଉଠିଛି। ଏହି ଦର୍ଶନରେ, ଗାଁର ସତ୍ତା ସହରରେ ବିଲୀନ ହେବା ବ୍ୟତୀତ ଅନ୍ୟ କୌଣସି ଭବିଷ୍ୟତ ନାହିଁ। ଅନ୍ତତଃପକ୍ଷେ ସହରି ଶ୍ରମିକଙ୍କ ପାଇଁ ଆମ ଗାଁ ଏବେ ବି ପ୍ରାସଙ୍ଗିକ।

କରୋନା ମହାମାରୀ ଓ ପରବର୍ତ୍ତୀ ତାଲାବନ୍ଦୀ ଦେଶବ୍ୟାପୀ ଆତଙ୍କ ସୃଷ୍ଟି କରିଛି, କିନ୍ତୁ ଖାଦ୍ୟ ଉତ୍ପାଦନ ଅଭାବରୁ ଅନାହାରକୁ ଆମନ୍ତ୍ରଣ କରିନାହିଁ। ତାଲାବନ୍ଦୀ ବେଳକୁ ଦେଶର ସରକାରୀ ଗୋଦାମରେ ପ୍ରାୟ ୭୭ ନିୟୁତ ଟନ୍ ଚାଉଳ ଓ ଗହମ ସହିତ ୨.୨୫ ନିୟୁତ ଟନ୍ ଡାଲି ମହଜୁଦ ଥିଲା। ଏହାର ଅବିଦିତ ନାୟକ ହେଉଛନ୍ତି ଗାଁରେ ରହୁଥିବା ସେହି ଚାଷୀକୁଳ, ଯାହାଙ୍କ ବିନା ଏହି ଶସ୍ୟ ବର୍ତ୍ତମାନ ଖାଦ୍ୟ ଶିବିରରେ ବାଣ୍ଟିବା କିମ୍ବା ରାନ୍ଧିବା ସମ୍ଭବ ହେଉ ନ ଥା'ନ୍ତା। ଫ୍ରଣ୍ଟଲାଇନ୍ କରୋନା ଯୋଦ୍ଧା ଭାବରେ ଅଭିହିତ ନ ହୋଇ ମଧ୍ୟ ଏହି ସଙ୍କଟ ସମୟରେ ସେମାନେ ଆମ ପେଟ ଭରିଛନ୍ତି। ପ୍ରକୃତିର ସମୟ ନିର୍ଘଣ୍ଟକୁ ଅନୁସରଣ କରି ଉତ୍ପାଦନର ପରିଚାଳନା ସହିତ ଉତ୍ପାଦର ନ୍ୟାୟିକ ମୂଲ୍ୟ ନ ପାଇଲେ ମଧ୍ୟ, ଯେପର୍ଯ୍ୟନ୍ତ ମୂଳ ଚାଷ-ଖର୍ଚ୍ଚକୁ ସମ୍ଭାଳିଛି, ଘର ଚଳାଇଛି ଓ ପରବର୍ତ୍ତୀ ଫସଲ ପାଇଁ ସାଧନ ଯୋଗାଇଛି, ଲାଭ-କ୍ଷତିର ହିସାବ ନ ରଖି ଚାଷ କାର୍ଯ୍ୟ ଜାରି ରଖିଛନ୍ତି। ସେମାନେ ଆମର ଥାଳି କିମ୍ବା ତାଳି ବଜାଇବାକୁ ଅପେକ୍ଷା କରନ୍ତି ନାହିଁ। ଅତିକମ୍‌ରେ ଆମେ ସେମାନଙ୍କର ଅନୁଗ୍ରହକୁ ଫେରାଇବା ପାଇଁ ଚେଷ୍ଟା କରିପାରିବା।

ଅର୍ଥନୈତିକ କ୍ଷେତ୍ରରେ ମହାମାରୀ ଚାପକୁ ଲାଘବ କରିବା ପାଇଁ ଗ୍ରାମାଞ୍ଚଳ ଅର୍ଥନୀତିରେ କୃଷକ, କୃଷି ଶ୍ରମିକ, ଅଣ-କୃଷି ଶ୍ରମିକ ଓ ପ୍ରବାସୀ ଅର୍ଦ୍ଧ-କୁଶଳୀ ଏବଂ ଅଣକୁଶଳୀ ଶ୍ରମିକଙ୍କ ସ୍ୱାର୍ଥକୁ ନେଇ କାର୍ଯ୍ୟକ୍ରମ ଆକଳନ କରିବାକୁ ହେବ। ତଥ୍ୟ କହୁଛି ଦେଶରେ ୧୪.୪୩ କୋଟି ଶ୍ରମିକ କୃଷି ଉପରେ ନିର୍ଭରଶୀଳ। ଅଣକୃଷିକାର୍ଯ୍ୟରେ ନିୟୋଜିତ ଶ୍ରମିକ ଓ ଏମ୍ଏସ୍ଏମ୍ଇ ସହିତ ଜଡ଼ିତ ପ୍ରବାସୀ ଶ୍ରମିକ ତାଲାବନ୍ଦୀ ଯୋଗୁଁ ରୋଜଗାର ହରାଇଛନ୍ତି। ଭାରତରେ ୧୩.୯ କୋଟି ପ୍ରବାସୀ ଶ୍ରମିକଙ୍କ ଗଣ ଘର-ଲେଉଟାଣି ସହରାଞ୍ଚଳ ସହିତ ଗ୍ରାମ୍ୟ ଅର୍ଥନୀତିକୁ ପ୍ରଭାବିତ କରିବ। ଗାଁରେ ପହଞ୍ଚିବା ପରେ, ପ୍ରବାସୀ ଶ୍ରମିକମାନେ ବେକାର ଶ୍ରମବଳର ଅଂଶ ହେବେ। ସିଆଇଏମ୍ଇ ଆକଳନ ଅନୁଯାୟୀ ତାଲାବନ୍ଦୀ ପୂର୍ବରୁ ଦେଶରେ ବେକାରି ହାର ୨୦.୨୧ପ୍ରତିଶତ ଥିଲା, ଯାହାକୁ ଏହି ଫେରନ୍ତା ପ୍ରବାସୀ ଶ୍ରମିକ ଆହୁରି ବୃଦ୍ଧି କରିବେ। ଭୋକର ଜ୍ୱାଳା ଓ ଅନିଶ୍ଚିତତାର ଭୟକୁ ନିକଟରୁ ଦେଖିଥିବା ଏହି ସହର ଫେରନ୍ତା ଶ୍ରମିକମାନେ ସହଜରେ ସେଠାକୁ ଫେରିବାକୁ ଚାହିଁବେ ନାହିଁ।

ସମାବେଶୀ ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ସରକାର ଦେଶର ଅର୍ଦ୍ଧାଧିକ ଜନସଂଖ୍ୟାକୁ ଅଣଦେଖା କରିପାରିବେ ନାହିଁ। ଗ୍ରାମ୍ୟ-ଅର୍ଥନୀତିର ସ୍ୱାତନ୍ତ୍ର୍ୟକୁ ସ୍ୱୀକାର କରିବାକୁ ହେବ। ଗାଁଗୁଡ଼ିକ ଜୀବିକାର ଉତ୍ସ ରୂପେ ପରିଚୟ ପାଇବାକୁ ଯୋଗ୍ୟ ଅଟନ୍ତି। ତାଲାବନ୍ଦୀ ବିଭିନ୍ନ ଶ୍ରେଣୀର କୃଷକ ଏବଂ ଶ୍ରମିକକୁ ଭିନ୍ନ ଭାବରେ ପ୍ରଭାବିତ କରିଥିବାରୁ ପୁନରୁଦ୍ଧାର ପ୍ୟାକେଜ ପ୍ରଣୟନ ସମୟରେ ଏକ ପକ୍ଷରେ ସହାନୁଭୂତିଶୀଳ ହେବା ସହିତ ସତର୍କତାମୂଳକ ଆଭିମୁଖ୍ୟ ଗ୍ରହଣ କରିବାକୁ ହେବ। ସ୍ୱଳ୍ପମିଆଦୀ ପ୍ୟାକେଜ୍ ମହାମାରୀର ତତ୍କାଳିକ କ୍ଲେଶକୁ ଦୂର କରିବ। କିନ୍ତୁ ସମସ୍ୟାର ଦୀର୍ଘକାଳୀନ ସମାଧାନ ପାଇଁ ଗ୍ରାମୀଣ ଅର୍ଥନୀତିର ପୁନରୁଦ୍ଧାର ନିହାତି ଜରୁରୀ।

ଏଥିପାଇଁ କୃଷିକୁ ଜୀବିକା ରୂପେ ବିଚାର କଲାବେଳେ ସମୟକ୍ରମେ ଏହାକୁ ଉଦ୍ୟୋଗର ପରିଭାଷିତ କରିବାକୁ ହେବ। ଦ୍ୱିତୀୟରେ ଗ୍ରାମ୍ୟ ଅର୍ଥନୀତିକୁ ସହରର ଶିଳ୍ପକେନ୍ଦ୍ରଗୁଡ଼ିକ ପାଇଁ ପ୍ରତିପୋଷକ ଭାବରେ ପରିକଳ୍ପନା କରାଯାଇ ପାରେ। ତୃତୀୟରେ, ଏସବୁ କାର୍ଯ୍ୟ ତୁଲାଇବା ପାଇଁ ଗାଁଗଣ୍ଡାରେ ଉପଯୁକ୍ତ ମାନବ ସମ୍ବଳର ଆବଶ୍ୟକତା ରହିଛି। ତେଣୁ, ମାନବ ସମ୍ବଳର ବିକାଶ ପାଇଁ ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ଯୁଗୋପଯୋଗୀ କରିବାକୁ ରାଷ୍ଟ୍ର ନିଜେ ଆଗେଇ ଆସିବାକୁ ହେବ। ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡ଼ିବ। ଏହି ଦିଗରେ ସମୟୋଚିତ ଓ ସୁସନ୍ତୁଳିତ ପଦକ୍ଷେପ ଉଭୟ ସହର ଓ ଗାଁର ଅର୍ଥନୀତିକୁ ଅଧିକ ସ୍ଥାୟୀ କରିବା ସହିତ ସାମ୍ପ୍ରତିକ ମହାମାରୀ ସଙ୍କଟକୁ ସାମ୍ନା କରିବାକୁ ସକ୍ଷମ ହେବ।

କରୋନା ସଙ୍କଟ ଉପରାନ୍ତେ ସାମାଜିକ ଦୂରତ୍ୱ(ବାସ୍ତବରେ ଭୌତିକ ଦୂରତ୍ୱ) ଜନ-ଜୀବନର ମୂଳମନ୍ତ୍ର ହୋଇ ରହିବ, ଯାହା କେବଳ ଗାଁରେ ହିଁ ସମ୍ଭବ, ଜନାକୀର୍ଣ୍ଣ ସହରରେ ନୁହେଁ। ଗ୍ରାମାଞ୍ଚଳକୁ କୃଷି ଆଉ ସମୁଚିତ ଶିଳ୍ପ, ଉଭୟ ଦୃଷ୍ଟିରୁ ଜୀବନ-ଜୀବିକାର ସ୍ଥଳ ରୂପେ ରୂପାନ୍ତରିତ କରାଯାଇ ପାରିଲେ, ଭାରତୀୟ ଗ୍ରାମ୍ୟ-ସମାଜର ମୌଳିକତା ବଜାୟ ରହିବା ସହିତ ସହରରେ ଅତ୍ୟଧିକ ଜନଗହଳିର ଚାପ କମିପାରନ୍ତା।

ଶ୍ରୀଜଗନ୍ନାଥ ବିହାର, ବରମୁଣ୍ଡା, ଭୁବନେଶ୍ୱର
ମୋ:୯୪୩୭୧୬୪୬୧୧
Email: saktiprasadd@yahoo.in

# ପୁଲିଜର ବିଜୟିନୀ

**ବ୍ୟକ୍ତିତ୍ୱ**



ନିକୋଲ୍ ହନ୍ନା-ଜୋନ୍ସ

ଖବରକାଗଜ, ପତ୍ରିକା ଓ ଅନ୍‌ଲାଇନ୍ ସାମ୍ବାଦିକତା, ସାହିତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଧରଙ୍କୁ ଆମେରିକା ପକ୍ଷରୁ ପ୍ରତିବର୍ଷ ପୁଲିଜର ପୁରସ୍କୃତ ପ୍ରଦାନ କରାଯାଇଆସୁଛି। ଖ୍ୟାତନାମା ପ୍ରକାଶକ ଯୋଶେଫ୍ ପୁଲିଜର ଇଚ୍ଛାପତ୍ରରେ ଦର୍ଶାଇଥିଲେ ଯେ, କଲମ୍ବିଆ ବିଶ୍ୱବିଦ୍ୟାଳୟ ତାଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥରେ ଏକ ସାମ୍ବାଦିକତା ସଂସ୍ଥାନ ଖୋଲିବା ସହ ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ଦେବା ଲାଗି ପୁରସ୍କାର ପ୍ରତିଷ୍ଠା କରିପାରିବ। ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ କଲମ୍ବିଆ ବିଶ୍ୱବିଦ୍ୟାଳୟ ୧୯୧୭ରେ ଏହି ପୁରସ୍କାର ପ୍ରତିଷ୍ଠା କରିଥିଲା। ସେବେଠାରୁ ଅଦ୍ୟାବଧି ବହୁ ବିଦ୍ୱାନ୍ ଓ ସୃଜନଶୀଳ ବ୍ୟକ୍ତିଙ୍କୁ ପୁଲିଜର ପୁରସ୍କାର ପ୍ରଦାନ କରାଯାଉଛି। ତେବେ ଚଳିତବର୍ଷ ମନୋନୀତଙ୍କ ମଧ୍ୟରୁ ୪ ଜଣଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ଦିଆଯିବା ନେଇ ଘୋଷଣା ହେବା ପରେ ଏହା ବିବାଦୀୟ ହୋଇପଡ଼ିଛି। ଫଟୋ ଜର୍ନାଲିଜମ୍ କ୍ଷେତ୍ରରେ ଜମ୍ମୁ-କଶ୍ମୀରର ୩ ଫଟୋ ଜର୍ନାଲିଷ୍ଟ ମୁଖ୍‌ତାର ଖାନ୍, ୟାସିନ୍ ଦାର ଓ ଚନ୍ନି ଆନନ୍ଦଙ୍କୁ ବଛାଯାଇଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରିବର୍ତ୍ତୀ ସ୍ଥିତିକୁ କ୍ୟାମେରା ଲେନ୍ସରେ ଚମତ୍କାର ଭାବେ ତୋଳିବାରେ ସକ୍ଷମ ହୋଇଥିବାରୁ ସେମାନଙ୍କୁ ଏହି ପୁରସ୍କାର ଦିଆଯିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପୁଲିଜର ପ୍ରାଇଜ୍ ବୋର୍ଡ ଫଟୋ ଜର୍ନାଲିଷ୍ଟଙ୍କୁ ସମ୍ମାନିତ କରିବାକୁ ଯାଇ କଶ୍ମୀର ଉପରେ ଭାରତର ବୈଧତା ନେଇ ପ୍ରଶ୍ନ ଉଠାଇଥିବାରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି 'ନ୍ୟୁୟର୍କ ଟାଇମ୍ସ' ପତ୍ରିକାର ଅନୁସନ୍ଧାନମୂଳକ ସାମ୍ବାଦିକା ନିକୋଲ୍ ହନ୍ନା-ଜୋନ୍ସଙ୍କ ନାମ ବେଷ୍ଟ କମେଣ୍ଟ୍ରି ଆୱାର୍ଡ ପାଇଁ ଘୋଷଣା ହେବା ପରେ ତାହାକୁ ନେଇ ବିବାଦ ମଧ୍ୟ ଉଠିଛି। ନିକୋଲ୍ 'ଦି ୧୬୧୯ ପ୍ରୋଜେକ୍ଟ'ରେ କୃଷ୍ଣକାୟମାନଙ୍କୁ ଦାସ ଭାବେ ବିବେଚନା କରାଯିବା ସଂକ୍ରାନ୍ତ ଇତିହାସର ପୁନର୍ବିନ୍ୟାସ ଏବଂ ଜାତୀୟ ସ୍ତରରେ ସମୃଦ୍ଧି ଆଣିବାରେ ଆମେରିକୀୟ କୃଷ୍ଣକାୟଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଏଥିସହିତ ନ୍ୟାଶନାଲ ପବ୍ଲିକ୍ ରେଡିଓ ବ୍ରଡ୍‌କାଷ୍ଟରେ ଆମେରିକୀୟ ସ୍କୁଲରେ ଜାତି ଓ ବର୍ଣ୍ଣଗତ ବିଭେଦତା ଏବଂ ଜାତିଗତ ପ୍ରଥାର ବିଲୋପ ଭଳି ବିଷୟରେ ତାଙ୍କ କମେଣ୍ଟ୍ରି ବା ବିବରଣୀ ଉପସ୍ଥାପନା ତାଙ୍କୁ ଅନେକ ସମୟରେ ବିବାଦୀୟ କରିପକାଇଛି। ତେବେ ପୁଲିଜର ପୁରସ୍କାର ପାଇଁ ତାଙ୍କୁ ବଛାଯିବା ପରେ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ନିକୋଲ୍ ୯ ଏପ୍ରିଲ ୧୯୭୬ରେ ଆଇଓ୍ୱା ପ୍ରଦେଶର ଓ୍ୱାଟରଲୁଠାରେ ଜନ୍ମଗ୍ରହଣ କରିଥିଲେ। ପିତା ମିଲଟନ୍ ହାନ୍ନା ଆଫ୍ରିକୀୟ ଆମେରିକା ହୋଇଥିବା ବେଳେ ମାତା ଚେରିଲ୍ ଏ. ନୋଭାଟିନି ଚେକ୍‌ର ନାଗରିକ। ନିକୋଲ୍ ହେଉଛନ୍ତି ମାତାପିତାଙ୍କ ୩ କନ୍ୟାଙ୍କ ମଧ୍ୟରେ ଦ୍ୱିତୀୟ। ନିକୋଲ୍ ଓ୍ୱାଟରଲୁ ଓ୍ୱେଷ୍ଟ ହାଇସ୍କୁଲରେ ପ୍ରାରମ୍ଭିକ ଶିକ୍ଷା ଗ୍ରହଣ କରିଥିଲେ। ସେହି ସମୟରେ ସେ ସ୍କୁଲରୁ ପ୍ରକାଶ ପାଉଥିବା ଖବରକାଗଜରେ ପ୍ରଥମେ ଲେଖାଲେଖି କରିଥିଲେ। ପିଲାଟି ବେଳୁ ଲେଖା ପ୍ରତି ଆଗ୍ରହ ତାଙ୍କୁ ସାମ୍ବାଦିକ ହେବାକୁ ପ୍ରେରଣା ଦେଇଥିଲା। ୧୯୯୮ରେ ୟୁନିଭର୍ସିଟି ଅଫ୍ ନୋଟ୍ରି ଡାମ୍‌ରୁ ସେ ଇତିହାସ ଏବଂ ଆଫ୍ରିକାନ୍-ଆମେରିକାନ୍ ଷ୍ଟଡିଜ୍‌ରେ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ପରେ ସେ ନର୍ଥ କରୋଲିନା ବିଶ୍ୱବିଦ୍ୟାଳୟରୁ ସାମ୍ବାଦିକତାରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ୨୦୦୩ରେ ସେ ଶିକ୍ଷା ସମ୍ପର୍କିତ ବିଷୟ ଉପରେ ବୃତ୍ତିଗତ ଭାବେ ଲେଖାଲେଖି ଆରମ୍ଭ କରିଥିଲେ। ତେବେ ୨୦୧୧ରେ ସେ ଅଣଲାଭଦାୟକ ନ୍ୟୁଜ୍ ସଂସ୍ଥା 'ପ୍ରୋପବ୍ଲିକା'ରେ ଯୋଗଦେଇଥିଲେ। ସେଠାରେ ସେ ନାଗରିକଙ୍କ ଅଧିକାର ସଂକ୍ରାନ୍ତ ବିଷୟବସ୍ତୁ ଉପରେ ଅନୁସନ୍ଧାନମୂଳକ ରିପୋର୍ଟ ପ୍ରକାଶ କରି ଅନ୍ତର୍ଜାତୀୟ ଖ୍ୟାତି ଅର୍ଜନ କରିଥିଲେ। ସେବେଠାରୁ ଅଦ୍ୟାବଧି ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ତାଙ୍କ ରିପୋର୍ଟ ସାମ୍ବାଦିକତା ଦୁନିଆର ଦୃଷ୍ଟି ଆକର୍ଷଣ କରିପାରିଛି। ଅନୁସନ୍ଧାନମୂଳକ ଲେଖା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନିକୋଲ୍‌ଙ୍କୁ ୨୦୧୭ରେ ମ୍ୟାକ୍‌ଅର୍ଥର ଫାଉଣ୍ଡେଶନର 'ଜିନିୟସ୍ ଆୱାର୍ଡ' ମିଳିଥିବା ବେଳେ ୨୦୨୦ ଲାଗି ପୁଲିଜର ପୁରସ୍କାର ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ଉଜ୍ଜ୍ୱଳ କରିପାରିଛି।

—ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଲକ୍‌ଡାଉନ ସମୟରେ ସବୁ ପ୍ରକାର କାର୍ଯ୍ୟକଳାପ ଏକ ପ୍ରକାର ମାନ୍ଦା ପଡ଼ିଯାଇଥିବାବେଳେ କର୍ଣାଟକ କୋଲାର ଡିଭିଜନ୍‌ର କେନ୍ଦ୍ରୀୟ ଡାକ ବିଭାଗର ପୋଷ୍ଟମାଷ୍ଟର ପ୍ରହଲାଦାରୋ ନିପ୍ର ତାଙ୍କ କାର୍ଯ୍ୟଦକ୍ଷତାର ପରିଚୟ ଦେଇଛନ୍ତି। ଜଣେ କରୋନା ଯୋଦ୍ଧା ଭାବେ ପ୍ରହଲାଦାରୋ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଇଲେକ୍ଟ୍ରୋନିକ ମନି ଅର୍ଡର (ଇଏମ୍ଓ)ଡେଲିଭରି କରିପାରିଛନ୍ତି। ଦୀର୍ଘ ୫୪ ବର୍ଷ ଧରି ଏହି ବ୍ରାଞ୍ଚ ଅଫିସ ଚାଲିଛି ଓ ପ୍ରହଲାଦୋରୋଙ୍କ ନିଷ୍ଠାପର କାର୍ଯ୍ୟ ଦ୍ୱାରା ଉକ୍ତ ଅଫିସ ଡିଭିଜନରେ ଥିବା ୩୪୯ଟି ବ୍ରାଞ୍ଚ ଅଫିସ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି। କୋଭିଡ୍-୧୯ ସଂକ୍ରମଣ ସମୟରେ ସେ ଦୀର୍ଘ ସମୟ ଧରି କାର୍ଯ୍ୟ କରୁଛନ୍ତି। ସେ ଏହି ସମୟରେ ୪୨୭ ଜଣଙ୍କୁ ଇଏମ୍ଓ ଡେଲିଭରି କରିପାରିଛନ୍ତି। ସେ ଏହାକୁ ଲୋକମାନଙ୍କୁ ଦେବା ସମୟରେ ସାମାଜିକ ଦୂରତ୍ୱ ଅବଲମ୍ବନ କରିବା ସହ ସାନିଟାଇଜର ଓ ମାସ୍କ ବ୍ୟବହାର କରୁଛନ୍ତି। ଲୋକମାନଙ୍କୁ ଏହାକୁ ବ୍ୟବହାର କରିବା ସହ ଘରେ ରହିବା ଲାଗି ମଧ୍ୟ ପରାମର୍ଶ ଦେଉଛନ୍ତି। ୩୭ ବର୍ଷ ପୂର୍ବେ ସେ ପୋଷ୍ଟମ୍ୟାନ ଭାବେ କାର୍ଯ୍ୟରେ ଯୋଗ ଦେଇଥିଲେ। କରୋନା ମହାମାରୀ ସମୟରେ ତାଙ୍କ ବରିଷ୍ଠ ଅଧିକାରୀମାନେ ଅଫିସରେ ରହି କାର୍ଯ୍ୟ କରିବା ଲାଗି ପରାମର୍ଶ ଦେଇଥିଲେ ମଧ୍ୟ ସେ ଲୋକମାନଙ୍କ ପାଖରେ ପହଞ୍ଚୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ମେ ୧୯୯୫

- ଦକ୍ଷିଣ ଆଫ୍ରିକାର କ୍ୱାଜୁଲୁ-ନେଟାଲ ପ୍ରଦେଶରେ ହିଂସାକାଣ୍ଡ ଘଟି ୧୦ ମୃତ।
- ବରିଷ୍ଠ ସାମ୍ବାଦିକ ଓ ଇଂଲିଶ ଦୈନିକ ଟ୍ରିବ୍ୟୁନର ପୂର୍ବତନ ମୁଖ୍ୟ ସମ୍ପାଦକ ପ୍ରେମ୍ ଭାଟିଆଙ୍କ ହୃଦ୍‌ରୋଗରେ ମୃତ୍ୟୁ।
- ଫିନ୍‌ଲାଣ୍ଡରେ ପ୍ରଥମ ଅପରାଧ ଘଟଣା ଭାବେ ସହପାଠୀଙ୍କୁ ମାଡ଼ ମାରିବା ଅଭିଯୋଗରେ ୨ ଜଣ ଛାତ୍ରଙ୍କୁ ଜରିମାନା।

## ଚିରନ୍ତନୀ

ପାଷାଣ ସମାନ ଜଡ଼ ପାଲଟିଛି
ଯେତେ ଶତ ଅନୁଭବ
ନବ ନବ ରସେ ଗାଇ ଉଠୁ ତାହା
ତୁମରି ରୂପର ସ୍ତବ।

(ରୂପର ସ୍ତବ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ରାମ ପୋଖରୀ ପ୍ରତି ଦୃଷ୍ଟିପଡୁ

ମହାଶୟ,

ଲକ୍‌ଡାଉନ୍ ଯୋଗୁ ଯାଜପୁର ଜିଲାର ଧର୍ମଶାଳା ବ୍ଲକ୍ ବୃନ୍ଦାଦେଇପୁର ପଞ୍ଚାୟତ ଅଧୀନ ଦଇପୁର ଗ୍ରାମରେ ଥିବା ଏକମାତ୍ର ପୋଖରୀଟିରୁ କିଛିଦିନ ଧରି ପଙ୍କୋଦ୍ଧାର ହୋଇପାରି ନାହିଁ। ଫଳସ୍ୱରୂପ ଏହା ଅଧିକରୁ ଅଧିକ ପ୍ରଦୂଷିତ ହେବାରେ ଲାଗିଛି, ଯାହା ଗ୍ରାମବାସୀଙ୍କ ପାଇଁ ମୁଣ୍ଡବ୍ୟଥା ବଢ଼ାଇଛି। ଉକ୍ତ ପୋଖରୀ ଉପରେ ଗ୍ରାମର ପ୍ରାୟ ୮୦୦ରୁ ଅଧିକ ଜନସାଧାରଣ ଏବଂ ସ୍ଥାନୀୟ ଅଞ୍ଚଳବାସୀ ପ୍ରତ୍ୟହ ସ୍ନାନ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ମୁଖ୍ୟତଃ ନିର୍ଭର କରିଥାନ୍ତି। ସରକାରୀ ନିର୍ଦ୍ଦେଶନାମାକୁ ପାଳନ କରିବାକୁ ଯାଇ ଏପରି ଦୁର୍ଦ୍ଦିନ ପରିସ୍ଥିତିରେ ଏହି ପଙ୍କଯୁକ୍ତ ପ୍ରଦୂଷିତ ପୋଖରୀରେ ଗାଧୋଇବା ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ଗ୍ରାମ ତରଫରୁ ସମସ୍ତଙ୍କୁ ବାରଣ କରାଯାଇଛି। ପ୍ରତିବର୍ଷ ପଞ୍ଚାୟତ ସ୍ତରରେ ନିଲାମ ସୂତ୍ରରେ ଗ୍ରାମବାସୀଙ୍କ ତରଫରୁ ପୋଖରୀଟିକୁ ହାତକୁ ନିଆଯାଇ ମାଛ ଚାଷ କରାଯାଇଥାଏ। ଏଥିରୁ ଗ୍ରାମର ଅନୁଷ୍ଠାନ ମଧ୍ୟ ଲାଭବାନ ହୋଇଥାଏ। ହେଲେ ପୋଖରୀଟି ପ୍ରଦୂଷିତ ହୋଇଥିବାରୁ ଛଡ଼ାଯାଇଥିବା ମାଛ ସବୁ ମରିଗଲେ। ଫଳରେ ଗ୍ରାମବାସୀ ଆର୍ଥିକ କ୍ଷତି ସହିଲେ। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପୋଖରୀଟିରୁ ତୁରନ୍ତ ପଙ୍କୋଦ୍ଧାର ପୂର୍ବକ ଜଳ ନିଷ୍କାସନ କରାଯିବାକୁ ପ୍ରଶାସନ ନିକଟରେ ଦୃଢ଼ ଦାବି ହୋଇଛି।

ସୁଶାନ୍ତ କୁମାର ଖଟୁଆ, ଜେନାପୁର, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବ୍ରାହ୍ମଣୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଧର୍ମଶାଳା,୯।୫(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଅଧୀନ ବ୍ରାହ୍ମଣୀ ନଦୀର ଦେବୀଘାଟରେ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ବ୍ଲକ କୁଣ୍ଡପାଟଣା ଗ୍ରାମର ସୁଦର୍ଶନ କୁଣ୍ଡୁଙ୍କ ପୁଅ ଉତ୍ତମ(୩୪)। ମଧ୍ୟାହ୍ନରେ ଉତ୍ତମ ଓ ତାଙ୍କର ଜଣେ ବନ୍ଧୁ ନଦୀକୁ ଗଧୋଇବାକୁ ଯାଇଥିଲେ। ଏହି ସମୟରେ ଗଭୀର ଜଳରେ ଉତ୍ତମଙ୍କ ଗୋଡ ଖସିଯାଇଥିଲା। ଖବରପାଇ ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧର୍ମଶାଳା ପୋଲିସ (ନଂ-୧୧/୨୦)ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ୧୦୮ ଜଣଙ୍କ ସ୍ୱାବ୍ ସଂଗ୍ରହ

**ରତ୍ନଗିରି,୯।୫(ଡି.ଏନ.ଏ.):** ବରୀ ବ୍ଲକ୍‌ରୁ କରୋନା ପଜିଟିଭ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରୁ ସ୍ୱାବ୍ ସଂଗ୍ରହ କରାଯାଉଛି। ଏହିକ୍ରମରେ ଶନିବାର ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ଏକ ଟିମ୍ ବରୀ ଗସ୍ତରେ ଆସି ବାଇଁଶିରିଆ ଓ କଳାମାଟିଆ ପଞ୍ଚାୟତରେ ସ୍ୱାବ୍ ସଂଗ୍ରହ କରିଛନ୍ତି। ବାଇଁଶିରିଆର ବାଲିଆପାଳସ୍ଥିତ ବିଧାନଚନ୍ଦ୍ର ଏକାଡେମୀଠାରେ କରୋନା ଆକ୍ରାନ୍ତଙ୍କ ପରୋକ୍ଷ ସଂସ୍ପର୍ଶରେ ଆସିଥିବା ୭୦ ଏବଂ କଳାମାଟିଆଠାରେ ୩୮ ଜଣଙ୍କୁ ମିଶାଇ ମୋଟ୍ ୧୦୮ ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି। ଡ. କୌଶିକ ପାତ୍ର, ସ୍ୱାସ୍ଥ୍ୟ କର୍ମୀ ମନୋରଞ୍ଜନ ପୋଥାଳ, ପ୍ରଶାନ୍ତ ସ୍ୱାଇଁ ଉପସ୍ଥିତ ରହି ସ୍ୱାବ୍ ସଂଗ୍ରହରେ ସହଯୋଗ କରିଥିଲେ।

### ବିଲରେ ପଡି ଯୁବକଙ୍କ ପ୍ରାଣଗଲା, ଅଂଶୁଘାତ ସନ୍ଦେହ

**ବାଲିଆପାଳ/ଲଙ୍ଗଳେଶ୍ୱର, ୯।୫(ସ୍ୱ.ପ୍ର/ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଗ୍ରାମର ନରୋତ୍ତମ ସାହୁ ନାମକ ଯୁବକ ଶନିବାର ମଧ୍ୟାହ୍ନ ସମୟରେ ବିଲରେ ପଡି ପ୍ରାଣ ହରାଇଛନ୍ତି। ସେ ଧାନ କାଟୁଥିବା ବେଳେ ହଠାତ୍ ତଳେ ପଡିଯାଇଥିଲେ। ଅନ୍ୟ ବିଲରେ କାର୍ଯ୍ୟ କରୁଥିବା କେତେଜଣ ଲୋକ ଦେଖି ତାଙ୍କୁ ଘରକୁ ନେଇ ଆସିଥିଲେ। ପରିବାର ଲୋକେ ତାଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଇଡ୍‌କୋସ୍ଥ ସିଏଚ୍‌ସିରେ ତାଙ୍କର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏନେଇ ସିଂଲା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୦) ରୁଜୁ କରିଛି। ସେ ଜଣେ ଗରିବ ଚାଷୀ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅକ୍ଷୟ କୁମାର ପାତ୍ର, କମଳାକାନ୍ତ ଦାସ, ଅମୂଲ୍ୟ ପଞ୍ଚାୟତ, ଜଗତ ଜୀବନ ଦାସ, ପ୍ରତାପ ନାୟକ ପ୍ରମୁଖ ଦାବି କରିଛନ୍ତି।

# ପାଣିରେ ପଡ଼ିଲା ଓପିଟିସିଏଲ୍‌ର ୧୫ କୋଟି

**ଫନୀରେ ଟାୱାର ଭୁଶୁଡ଼ିବା ଘଟଣା**

- ଦୁର୍ନୀତି ଚପାଇବାକୁ ଉଦ୍ୟମ
- ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ବିଦ୍ୟୁତ୍ ମହାସଂଘ



**ଭୁବନେଶ୍ୱର,୯।୫(ବ୍ୟୁରୋ)**

ସାମୁଦ୍ରିକ ଝଡ଼ 'ଫନୀ'କୁ ବର୍ଷେ ପୂରିଗଲା। ବର୍ଷକ ତଳେ ଏହି ଝଡ଼ ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ବିଦ୍ୟୁତ୍ ଭିତ୍ତିଭୂମି ଉଜାଡି ଦେଇଥିଲା। ଶକ୍ତି ବିଭାଗ ଆକଳନ ଅନୁଯାୟୀ ୧୪ ଜିଲାରେ ପ୍ରାୟ ୫୦୦ କୋଟି ଟଙ୍କାର କ୍ଷୟକ୍ଷତି ହୋଇଥିଲା। ପୁରୀ, ଖୋର୍ଦ୍ଧା, କଟକ ଜିଲାର ବିଦ୍ୟୁତ୍ ଭିତ୍ତିଭୂମି ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା। ଖୋର୍ଦ୍ଧା ଜିଲାର ପାଣ୍ଡିଆବିଲ ଠାରୁ ପୁରୀ ସମଗରା ପର୍ଯ୍ୟନ୍ତ ୨୨୦ କେଭିର ୭୦ଟି ବିଦ୍ୟୁତ୍ ଟାୱାର ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଲା । ଓଡ଼ିଶା ପାୱାର ଟ୍ରାନ୍ସମିଶନ କର୍ପୋରେଶନ ଲିମିଟେଡ୍(ଓପିଟିସିଏଲ୍)ର ଏଥିଯୋଗୁ ୧୫ କୋଟି ଟଙ୍କା ପାଣିରେ ପଡ଼ିଲା। ଓପିଟିସିଏଲ୍ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁ ନୂତନ ଟାୱାରଗୁଡ଼ିକ ଭୂଲୁଣ୍ଠିତ ହୋଇଗଲା। ବିଡମ୍ବନାର ବିଷୟ ଯେ ୪୦ ବର୍ଷର ପୁରୁଣା ଟାୱାର ଛିଡା ହୋଇଥିବା ବେଳେ ମାତ୍ର ୫ ବର୍ଷର ନୂଆ ଟାୱାରଗୁଡ଼ିକ ସମ୍ପୂର୍ଣ୍ଣ ଭାଙ୍ଗି ଚୂରମାର ହୋଇଗଲା। ଏହି ଟାୱାର କେଳେଙ୍କାରୀ ବିଷୟରେ ୨୦୧୯ ସେପ୍ଟେମ୍ବର ୩ ତାରିଖରେ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏ ନେଇ ଶକ୍ତି ବିଭାଗ ତତ୍ପର ହେବା ସହ ଟାୱାରଗୁଡିକର ମାନ ଯାଞ୍ଚ କରିବା ଏବଂ ଭୁଶୁଡ଼ିବା ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ୬ ମାସ ବିତିଯାଇଥିଲେ ମଧ ଏହି ଘଟଣାରେ ଦାୟୀ ଅଧିକାରୀଙ୍କ ବିରୋଧରେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ତଦନ୍ତ ଆଳରେ ଏହି ଦୁର୍ନୀତିକୁ ଚାପି ଦେବାକୁ ଗୋଟିଏ ଗୋଷ୍ଠୀ କାର୍ଯ୍ୟ କରୁଥିବା ସୂଚନା ମିଳିଛି।

୨୦୧୫ରେ ପୁରୀ ଶ୍ରୀଜଗନ୍ନାଥଙ୍କ ନବକଳେବରକୁ ଦେଖି ପାଣ୍ଡିଆବିଲ ପାୱାର ଗ୍ରୀଡ୍ ଷ୍ଟେଶନରୁ ପୁରୀ ସମଗରା ଷ୍ଟେଶନକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବାକୁ ଓପିଟିସିଏଲ୍ ପକ୍ଷରୁ ୭୦ଟି ବିଦ୍ୟୁତ୍ ଟାୱାର ନିର୍ମାଣ କରାଯାଇଥିଲା। ଏଥିପାଇଁ ପ୍ରତି ବର୍ଗ କିଲୋମିଟରକୁ ୫୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଟେଣ୍ଡର ଜରିଆରେ ଏକ ଘରୋଇ କମ୍ପାନୀକୁ ଟାୱାର ବସାଇବା ଦାୟିତ୍ୱ ଦିଆଯାଇଥିଲା। ତେବେ ସେହି କମ୍ପାନୀ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ଶେଷ ନ କରିବାରୁ ଓପିଟିସିଏଲ୍ ନିଜେ ଏହି ଟାୱାର ନିର୍ମାଣ କରିଥିଲା। ନିମାପଡ଼ାରୁ ପୁରୀ ଯାଇଥିବା ୪୦ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ୧୪ଟି ଟାୱାରର ଆଂଶିକ କ୍ଷତି ହୋଇଥିବା ବେଳେ ଖୋର୍ଦ୍ଧାରୁ ପୁରୀ ଯାଇଥିବା ସମସ୍ତ ଟାୱାର ବାତ୍ୟାରେ ଭୁଶୁଡି ପଡିଥିଲା।

ଅଧିକାଂଶ ସମୟରେ ବାତ୍ୟା ଯୋଗୁ ଉପକୂଳ ଜିଲାଗୁଡିକରେ ବିଦ୍ୟୁତ୍ ଭିତ୍ତିଭୂମିର ବ୍ୟାପକ କ୍ଷତି ହେଉଛି। ୨୦୧୩ ଫାଇଲିନ ବାତ୍ୟା ଯୋଗୁ ଗଞ୍ଜାମ ଓ ଗଜପତି ଜିଲାରେ ବହୁ କ୍ଷୟକ୍ଷତି ହୋଇଥିଲା। ରେଲ୍‌ୱେର ଟାୱାରଗୁଡିକ କ୍ଷତିଗ୍ରସ୍ତ ହୋଇ ନ ଥିବା ବେଳେ ଶକ୍ତି ବିଭାଗର ଟାୱାରଗୁଡିକ କାହିଁକି କ୍ଷତିଗ୍ରସ୍ତ ହେଲା ସେ ନେଇ ତତ୍କାଳୀନ ଶକ୍ତି ସଚିବ ପ୍ରଦୀପ କୁମାର ଜେନା ତଦନ୍ତ କରାଇଥିଲେ। ଅଭିଜ୍ଞ ଯନ୍ତ୍ରୀମାନଙ୍କୁ ନେଇ ଏହି ତଦନ୍ତ କମିଟି ଗଠନ କରାଯାଇଥିଲା। ଉପକୂଳ ଓ ବାତ୍ୟାପ୍ରବଣ ଜିଲାଗୁଡିକରେ ୧୭୦ କି.ମି.ରୁ ୨୭୦ କି.ମି. ବେଗର ପବନ ମାଡ଼କୁ ସମ୍ଭାଳି ପାରିବା ଭଳି ଟାୱାର ନିର୍ମାଣ କରିବାକୁ କମିଟି ବିଭାଗକୁ ସୁପାରିସ କରିଥିଲା। ଟାୱାରଗୁଡିକର ମୂଳଦୁଆ ସୁଦୃଢ଼ କରିବା ସହ ଉନ୍ନତମାନର ଲୁହା(ପ୍ରଥମ ଉତ୍ପାଦନ)ରେ ତିଆରି କରିବାକୁ ପରାମର୍ଶ ଦିଆଯାଇଥିଲା। ଶକ୍ତି ବିଭାଗରୁ ପ୍ରଦୀପ ଜେନା ଅନ୍ୟ ବିଭାଗକୁ ବଦଳି ହୋଇଗଲେ। କମିଟିର ସେହି ସୁପାରିସକୁ ସମ୍ପୂର୍ଣ୍ଣ ଅଣଦେଖା କରି ଓପିଟିସିଏଲ୍ ଟର୍ନ କି ବେସିସ୍‌ରେ ଏକ ଘରୋଇ ଠିକାଦାର ଜରିଆରେ ଟାୱାର ନିର୍ମାଣ କଲା। ଟାୱାରଗୁଡିକର ଗୁଣବତ୍ତାକୁ ଓପିଟିସିଏଲ୍ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଲେ ନାହିଁ। ଏହାର ମାନ ଯାଞ୍ଚ ମଧ କରାଗଲା ନାହିଁ। ଠିକାଦାର ଉପରେ ଟାୱାର ଡିଜାଇନ ଓ ନିର୍ମାଣ ସାମଗ୍ରୀ ଯୋଗାଣ ଦାୟିତ୍ୱ ସମ୍ପୂର୍ଣ୍ଣ ଛାଡି ଦିଆଗଲା। ରାୟପୁରରୁ ନିମ୍ନମାନର ଉକ୍ତ ଟାୱାରଗୁଡିକୁ କ୍ରୟ କରାଯାଇ ନିର୍ମାଣ କରାଯାଇଥିବା ବିଭାଗ ସୂତ୍ରରୁ ଜଣାପଡିଛି। ଜାଣିଶୁଣି ଏଭଳି ନିମ୍ନମାନର କାର୍ଯ୍ୟ କରାଯାଇଥିଲା ବୋଲି ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ଅଭିଯୋଗ କରିଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଏହାକୁ ଚାପି ଦିଆଯାଇଛି। ମହାସଂଘ ପକ୍ଷରୁ ଏହି ଘଟଣାର ତଦନ୍ତ କରିବାକୁ ଦୁଇ ଥର ଓପିଟିସିଏଲ୍ ଅଧକ୍ଷଙ୍କୁ ଜଣାଇଥିଲେ ମଧ ତଦନ୍ତ ବଦଳରେ ଦୁର୍ନୀତିଗତ ଅଧିକାରୀଙ୍କୁ ସୁରକ୍ଷା ଦେବାକୁ ମସୁଧା ଚାଲିଛି ବୋଲି ମହାସଂଘର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ଅଭିଯୋଗ କରିଛନ୍ତି । ଏହାର ନିରପେକ୍ଷ ତଦନ୍ତ କରିବା ପାଇଁ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡାଯାଇଛି।

ଏ ସମ୍ପର୍କରେ ଓପିଟିସିଏଲ୍ ସିଜିଏମ(କନଷ୍ଟ୍ରକ୍ସନ) ଗୋପାଳ ପତି କହିଛନ୍ତି ଯେ ଟାୱାରଗୁଡିକର ମାନ ଯାଞ୍ଚ କରାଯାଇଥିଲା। ତେବେ କେଉଁ କାରଣରୁ ସମସ୍ତ ଟାୱାର ନଷ୍ଟ ହେଲା ତାହାର ଯାଞ୍ଚ କରିବାକୁ ଏକ କମିଟି ଗଠନ କରାଯାଇଛି। କରୋନା ଲକ୍‌ଡାଉନ୍ ଯୋଗୁ ତଦନ୍ତ ରିପୋର୍ଟ ମିଳି ପାରି ନାହିଁ। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ ବୋଲି ସେ କହିଛନ୍ତି।

# ବୈତରଣୀ ପଠାରେ ଗଚ୍ଛିତ ବାଲିକୁ ନେଇ ଉତ୍ତେଜନା



**ଯାଜପୁର ଅଫିସ,୯।୫**

- ଚଢ଼ାଉ ବେଳେ ମହିଳାଙ୍କ ପ୍ରତିବାଦ
- ମୂଲଚାଲ କରି କମ୍ ଦରରେ ବିକ୍ରି କରିବାକୁ ଉଦ୍ୟମ
- ବେଆଇନ ଭାବେ ଗଚ୍ଛିତ ହୋଇଥିଲା ବାଲି:ତହସିଲଦାର

ଯାଜପୁର ଜିଲା ବ୍ୟାସନଗର ତହସିଲ ଅନ୍ତର୍ଗତ ବୈତରଣୀ ନଦୀପଠା ମୂଳାପାଳ ନିକଟରେ ଗଚ୍ଛିତ ଲକ୍ଷାଧିକ ଟଙ୍କାର ବାଲିକୁ ଶନିବାର ପୂର୍ବାହ୍ଣ ୧୧ଟାରେ ଏକ ସଂସ୍ଥାକୁ ବିକ୍ରି ଉଦ୍ୟମ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଶତାଧିକ ମହିଳା ଓ ପୁରୁଷଙ୍କ ପ୍ରତିବାଦ ପରେ ଏକାଧିକ ହାଇୱା ଗାଡ଼ି ସହ ତହସିଲଦାର ଶରତ ମହାପାତ୍ର ଫେରି ଆସିଥିଲେ। ତେବେ ସରକାରୀ ଜମିରେ ବେଆଇନ ଭାବେ ବାଲି ଗଚ୍ଛିତ ରଖାଯାଇଥିଲା। ଏ ନେଇ ସୂଚନା ପାଇ ଚଢ଼ାଉ କରିଥିଲୁ। ଏହାକୁ କେତେଜଣ ଗ୍ରାମବାସୀ ବିରୋଧ କରିଥିଲେ। ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମୂଳାପାଳ ଗ୍ରାମର ଲକ୍ଷ୍ମୀ ମାଝି, ଜୟନ୍ତୀ ମାଝି, ବିଳାସିନୀ ପାଳ, ହର ଜେନା, ଦ୍ରୌପଦୀ ପାଳ ପ୍ରମୁଖ ଶତାଧିକ ମହିଳା କହିଛନ୍ତି ଯେ, ଜମା ହୋଇଥିବା ବାଲି ବେଆଇନ ନୁହେଁ। ଏକ ଲିଜପ୍ରାପ୍ତ ଖାଦାନରୁ ବାଲି କିଣି ଆବାସ ଯୋଜନାରେ ହିତାଧିକାରୀମାନଙ୍କୁ କମ୍ ଦରରେ ବାଲି ବିକ୍ରି କରିଥାଉ। କିନ୍ତୁ ତହସିଲଦାର ବିନା ନୋଟିସରେ ଏକ କମ୍ପାନୀକୁ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ। ଏପରି କି ନିଲାମ ମଧ କରାଯାଇନାହିଁ। ଆମେ ବିରୋଧ କରିବାରୁ ତହସିଲଦାର ନାଲି ଆଖି ଦେଖାଉଛନ୍ତି ବୋଲି ସେମାନେ କହିଛନ୍ତି। ସେମାନଙ୍କ କହିବାନୁଯାୟୀ ଏହି ବାଲି ବ୍ୟବସାୟ ପ୍ରାୟ ୨୫ ବର୍ଷ ହେଲା ଚାଲିଛି। ଏଥିରେ ମୂଳାପାଳ, ବ୍ରଜନଗର, ବରପଦା ଆଦି ଗ୍ରାମର କେତେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ଓ ପରିବାରବର୍ଗ ସାମିଲ ହୋଇଛନ୍ତି। ସରକାରଙ୍କୁ ସେମାନେ ରାଜସ୍ୱ ଦେବା ସହ ଲାଭ ଅର୍ଥ ନିଜ ନିଜ ମଧ୍ୟରେ ବାଣ୍ଟି ପରିବାର ପୋଷଣ କରିଥାନ୍ତି। କିନ୍ତୁ ତହସିଲଦାର ପୂର୍ବରୁ ଏକ ସଂସ୍ଥା ସହ ମୂଲଚାଲ କରି ନିର୍ଦ୍ଦିଷ୍ଟ ଦରଠାରୁ କମ୍ ମୂଲ୍ୟରେ ବାଲି ବିକ୍ରି କରି ପ୍ରାୟ ୧୦ଟି ହାଇୱା ଗାଡ଼ିରେ ଲୋଡିଂ କରୁଥିଲେ। ତାହାକୁ ଆମେ ବିରୋଧ କରିଥିଲୁ ବୋଲି ମହିଳାମାନେ କହିଛନ୍ତି।

# କରୋନା ମାନଚିତ୍ରରେ ଯୋଡ଼ିହେଲା ନୟାଗଡ଼

**ନୟାଗଡ଼ ଅଫିସ,୯।୫**



ଶରଣକୁଳ-ଓଡଗାଁ ରାସ୍ତାର ହରିହରପୁର ଛକରେ ପୋଲିସର ଯାଞ୍ଚ।

ଗ୍ରୀନ ଜୋନରେ ଥିବା ନୟାଗଡ଼ ଜିଲା କରୋନା ମାନଚିତ୍ରରେ ଯୋଡି ହୋଇଯାଇଛି। ପ୍ରଥମ ରୋଗୀ ଓଡଗାଁ ବ୍ଲକ ଶରଣକୁଳରୁ ବାହାରିବା ପରେ ଜିଲାରେ ଭୟର ବାତାବରଣ ଦେଖାଦେଇଛି। ଖବର ଜଣାପଡିବା ପରେ ଶରଣକୁଳ-ଓଡଗାଁ ଓ ଓଡଗାଁ ରାସ୍ତାକୁ ସଂଯୋଗ କରୁଥିବା ନୂଆ ଜଗନ୍ନାଥ ସଡକର ହରିହରପୁର ରାସ୍ତାକୁ ଶରଣକୁଳ ପୋଲିସ ସିଲ୍ କରିଦେଇଛି। ସେହିପରି ଶରଣକୁଳ ଥାନା ସମ୍ମୁଖ ଓ ବଡପୁଟଠାରେ ରାସ୍ତା ସିଲ୍ କରାଯାଇ ଯାଞ୍ଚ କଡାକଡି କରାଯାଇଛି। କରୋନା ଆକ୍ରାନ୍ତଙ୍କ ଘର ବଡପୁଟ ଅଞ୍ଚଳରେ ବୋଲି ଜଣାପଡିଥିଲେ ହେଁ ସରକାରୀ ଭାବେ କିଛି କୁହାଯାଇ ନାହିଁ। ଜିଲାପାଳ ପୋମା ଟୁଡୁଙ୍କ ସୂଚନା ଅନୁସାରେ ଶରଣକୁଳ ନିକଟ କରଡା ହରିହରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ପ୍ରଥମ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସୁରଟରୁ ଗତ ୪ ତାରିଖରେ ୪୬ ଜଣ ପ୍ରବାସୀ ଶ୍ରମିକ ଆସିଥିଲେ। ଏଥିରୁ କେତେଜଣଙ୍କର ସ୍ୱାବ୍ ପରୀକ୍ଷଣ ପାଇଁ ପଠାଯାଇଥିଲା। ଜଣଙ୍କର ପଜିଟିଭ୍ ବାହାରିବା ପରେ ତାଙ୍କର ଡିଟେଲ ହିଷ୍ଟ୍ରି ସଂଗ୍ରହ ଚାଲିଛି। ଅନ୍ୟପକ୍ଷେ ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀଙ୍କ ମଧ୍ୟରେ ୨ମିଟର ସାମାଜିକ ଦୂରତ୍ୱ ବଜାୟ ରଖିବାକୁ କୁହାଯାଇଛି। ନୟାଗଡ ସିଡିଏମ୍‌ଓ ଶ୍ୱେତ ମହାପାତ୍ର କୁହନ୍ତି, ଜିଲାର ବିଭିନ୍ନ କ୍ୱାରାଣ୍ଟାଇନ୍‌ରେ ଥିବା ୭୩୪ ଜଣଙ୍କ ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଛି। ଏଥିରୁ ୪୪୯ ଜଣ ହେଉଛନ୍ତି ସୁରଟ ଫେରନ୍ତା। ଏମାନଙ୍କ ମଧ୍ୟରୁ ୧୭୫ ଜଣଙ୍କ ସ୍ୱାବ୍ ଶୁକ୍ରବାର ଓ ୬୦ଜଣଙ୍କର ଶନିବାର ଟେଷ୍ଟ ହୋଇଛି। କରଡା ହରିହରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରର ୪୬ ଜଣଙ୍କ ମଧ୍ୟରୁ ୨୦ଜଣଙ୍କ ସ୍ୱାବ୍ ପରୀକ୍ଷଣ ପାଇଁ ଯାଇଥିଲା। ଏଥିରୁ ଜଣଙ୍କର ପଜିଟିଭ୍ ଆସିଛି। ଅନ୍ୟ ୨୬ଜଣଙ୍କ ସ୍ୱାବ୍ ରବିବାର ପରୀକ୍ଷଣ ପାଇଁ ପଠାଯିବ। ପଜିଟିଭ୍ ବାହାରିବା ପରେ ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ କଣ୍ଟେନ୍‌ମେଣ୍ଟ ଜୋନ କରାଯାଇଛି।

## ଯବାନଙ୍କ ଭତ୍ତା ଅର୍ଥ ହଡ଼ପ: ୩ କନଷ୍ଟେବଲ ଗିରଫ

**ରାୟଗଡ଼ା ଅଫିସ,୯।୫**

ସରକାରୀ ଅର୍ଥ ତୋସରପାତ ଅଭିଯୋଗରେ ରାୟଗଡ଼ା ଜିଲା ଗୁଣୁପୁର ଆଦର୍ଶ ଥାନା ଅଧୀନ ଭାବିନୀସ୍ଥିତ ୨ୟ ଆଇଆର୍ ବାଟାଲିୟନ କ୍ୟାମ୍ପରେ ଏଚ୍‌ଆର୍‌ଏମ୍‌ଏସ୍ ଏବଂ ଆକାଉଣ୍ଟ ସେକ୍ସନରେ କାର୍ଯ୍ୟରତ ୩ କନଷ୍ଟେବଲ ଗିରଫ ହୋଇଛନ୍ତି। ସେମାନେ ହେଲେ ପଙ୍କଜ କୁମୁରା(୩୨) ହରିକ୍ରିଷ୍ଣା କୈବର୍ତ୍ତ (୨୯) ଏବଂ ଉସାତ ପାତ୍ର (୩୧)। ମାଓବାଦୀ ପ୍ରବଣ ଅଞ୍ଚଳରେ କାର୍ଯ୍ୟରତ ଯବାନଙ୍କୁ ମିଳୁଥିବା ଭତ୍ତା ବାବଦରେ ୩ଲକ୍ଷ ୪୫ହଜାର ୮୦୨ ଟଙ୍କା ଏମାନେ ହଡ଼ପ କରିଛନ୍ତି। ଯବାନମାନଙ୍କୁ ୨୦୧୯ ସେପ୍ଟେମ୍ବରରୁ ୨୦୨୦ ଫେବୃୟାରୀ ପର୍ଯ୍ୟନ୍ତ ମିଳିବାକୁ ଥିବା ଭତ୍ତା ଅର୍ଥକୁ ବେଆଇନଭାବେ ଏଚ୍‌ଆର୍‌ଏମ୍‌ଏସ୍ ଆଇଡି ଏବଂ ପାସ୍‌ୱାର୍ଡ ବ୍ୟବହାର କରି ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଏ ନେଇ ଏହି କ୍ୟାମ୍ପର କମାଣ୍ଡାଣ୍ଟ ଦିଲୀପ କୁମାର ମହାପାତ୍ର ଶୁକ୍ରବାର ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ଥାନା କେସ୍ ନଂ. ୮୧/୨୦ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରିବା ପରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଗୁଣପୁର ଏସ୍‌ଡିପିଓ ରାଜକିଶୋର ଦାଶ ଖବରଦାତା ସମ୍ମିଳନୀ ମାଧମରେ ସୂଚନା ଦେଇଛନ୍ତି।

## ଫିନାଇଲ୍ ପିଇ ବିଚାରାଧୀନ ମହିଳା କଏଦୀଙ୍କ ଆତ୍ମହତ୍ୟା

**ଜୟପୁର,୯।୫(ନି.ପ୍ର./ଡି.ଏନ୍.ଏ.)**

ଜୟପୁର ଉପ କାରାଗାରରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ବିଚାରାଧୀନ ମହିଳା କଏଦୀ କାରାଗାରରେ ଆତ୍ମହତ୍ୟା କରିଛନ୍ତି। ସମ୍ପୃକ୍ତା ମହିଳା ଜଣକ ଜୟପୁର ସହରର। ପୂର୍ବାହ୍ଣରେ ଶୌଚାଳୟରେ ଥିବା ଏକ ଫିନାଇଲ୍ ବୋତଲ ନେଇ ସେ ପିଇଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରେ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର ଏକ ୧୫ ବର୍ଷର ଝିଅ ରହିଛି। ପରିବାରରେ ଆଉ କେହି ନ ଥିବାରୁ ଜେଲ୍ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜେଲର ଲଲାଟେନ୍ଦୁ ଭୂଷଣ ଦାଶ ସୂଚନା ଦେଇଛନ୍ତି। ଏକ ଗଞ୍ଜେଇ ଚାଲାଣ ମାମଲାରେ ମହିଳାଙ୍କୁ ଜାନୁୟାରୀ ୪ରେ ଗିରଫକରି କୋର୍ଟ ଚାଲାଣ ହୋଇଥିଲା।




ମଦର୍ସ ଡେ ଉପଲକ୍ଷେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

# 'ଜୁମ୍' ବଦଳରେ 'ଜିଟ୍‌ସି ମିଟ୍' ଆପ୍

## ଭିଡିଓ କନ୍‌ଫରେନ୍ସରେ ଶୁଣାଣି ନେଇ ବଦଳିଲା ହାଇକୋର୍ଟଙ୍କ ଗାଇଡ୍‌ଲାଇନ୍

**କଟକ ଅଫିସ,୯।୫**

କରୋନା ଭୂତାଣୁର ସଂକ୍ରମଣକୁ ଦେଖି ଓଡ଼ିଶା ହାଇକୋର୍ଟ ପକ୍ଷରୁ ଭିଡିଓ କନ୍‌ଫରେନ୍ସ ମାଧମରେ ଶୁଣାଣିକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ଓଡ଼ିଶା ହାଇକୋର୍ଟ ଇ-ଫାଇଲିଂ ଆଣ୍ଡ ଭିଡ଼ିଓ କନ୍‌ଫରେନ୍ସିଂ ସ୍କିମ୍-୨୦୨୦ କାର୍ଯ୍ୟକାରୀ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭିଡିଓ କନ୍‌ଫରେନ୍ସିଂ ପାଇଁ ଜୁମ୍ ଆପ୍ ବ୍ୟବହାର କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସତର୍କତା ଜାରି କରିବା ପରେ ଜୁମ୍ ଆପ୍‌କୁ ବାରଣ କରାଯାଇଥିଲା। ଏବେ ଏନେଇ ସଦ୍ୟ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ଜୁମ୍ ବଦଳରେ ଜିଟ୍‌ସି ମିଟ୍ ଆପ୍ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। ଏହି ଆପ୍‌କୁ ଆଇନ୍‌ଜୀବୀ ଏବଂ ପକ୍ଷଭୁକ୍ତମାନେ ମୋବାଇଲ୍‌ରେ ଡାଉନ୍‌ଲୋଡ୍ କରିବେ। ଯେଉଁମାନେ ଲାପ୍‌ଟପ୍ କିମ୍ବା ଡେସ୍କଟପ୍‌ରୁ ବ୍ୟବହାର କରିବାକୁ ଚାହୁଁଛନ୍ତି, ସେମାନେ https://meet.jit.si/ ଲିଙ୍କ୍‌କୁ ବ୍ରାଉଜର୍‌ରେ ଖୋଲିବେ। ଏହି ଆପ୍‌କୁ ବ୍ୟବହାର କରିବା ପାଇଁ କୌଣସି ପ୍ରକାର ଆକାଉଣ୍ଟ ଖୋଲିବା ଆବଶ୍ୟକ ନାହିଁ। ଯେଉଁ ଆଇନ୍‌ଜୀବୀମାନେ ଆପ୍ ଜରିଆରେ ଭିଡିଓ କନ୍‌ଫରେନ୍ସିଂ ଶୁଣାଣିରେ ଭାଗନେବାକୁ ଚାହୁଁଛନ୍ତି, ସେମାନଙ୍କୁ ଶୁଣାଣି ଦିନର ସକାଳ ସାଢ଼େ ୮ଟା ପୂର୍ବରୁ od.hc-vc@gov.in କିମ୍ବା ohc.vc.courts@gmail.comକୁ ଇ-ମେଲ୍ ଜରିଆରେ ସୂଚନା ଦେବାକୁ ହେବ। ସେଥିରେ କେସ୍ ଏବଂ ଆଇଟମ୍ ନମ୍ବର, ଆଇନଜୀବୀ/ପକ୍ଷଭୁକ୍ତଙ୍କ ନାମ, ମୋବାଇଲ୍ ନମ୍ବର ଦେବାକୁ ହେବ। ଶୁଣାଣି ପୂର୍ବରୁ ଆଇନଜୀବୀ ଏବଂ ପକ୍ଷମାନଙ୍କୁ ଏନେଇ ଅବଗତ କରାଯିବ ଏବଂ ସେମାନେ ପ୍ରସ୍ତୁତ ରହିବାକୁ ପଡ଼ିବ। ହାଇକୋର୍ଟ ୱେବ୍‌ସାଇଟ୍‌ରେ ଉପଲବ୍ଧ ଡିସ୍‌ପ୍ଲେ ବୋର୍ଡ଼କୁ ନିୟମିତ ବ୍ୟବଧାନରେ ଦେଖିବାକୁ ପରାମର୍ଶ ଦିଆଯାଇଛି। ଗୋଟିଏ ଶୁଣାଣି ଚାଲିଥିବାବେଳେ, ପରବର୍ତ୍ତୀ ଶୁଣାଣିରେ ଆଇନ୍‌ଜୀବୀ ମଧ୍ୟ ଭିଡ଼ିଓ କନ୍‌ଫରେନ୍ସିଂରେ ଭାଗ ନେଇପାରିବେ। କିନ୍ତୁ ସେ ସମ୍ପୂର୍ଣ୍ଣ ଭାବେ ନୀରବ ରହିବେ ବୋଲି ଗାଇଡ୍‌ଲାଇନ୍‌ରେ କୁହାଯାଇଛି। ଯଦି କୌଣସି କାରଣରୁ ଜିଟ୍‌ସି ମିଟ୍ ଆପ୍ ବ୍ୟବହାରରେ ଅସୁବିଧା ହୁଏ ତେବେ ହ୍ୱାଟ୍‌ସଆପ୍‌ର ଭିଡିଓ କଲ୍ ମାଧ୍ୟମରେ ମଧ ଶୁଣାଣି ହୋଇପାରିବ। ଭିଡିଓ କନ୍‌ଫରେନ୍ସିଂରେ ବ୍ୟବହାର ହେଉଥିବା କ୍ୟାମେରା, ମାଇକ୍ରୋଫୋନ୍ ଏବଂ ଅନ୍ୟାନ୍ୟ ସରଞ୍ଜାମ ନିଜେ ଆଇନଜୀବୀ/ପକ୍ଷଭୁକ୍ତଙ୍କୁ ଯୋଗାଡ଼ କରିବାକୁ ପଡ଼ିବ। କୋର୍ଟରୁମ୍‌ରେ ଶୁଣାଣି ଭଳି ଏଥିରେ ମଧ ଆଇନଜୀବୀମାନେ ନିର୍ଦ୍ଦିଷ୍ଟ ପ୍ରକାର ପୋଷାକ ପରିଧାନ କରିବାକୁ ହେବ। ଯଦି ଶୁଣାଣି ବେଳେ କେହି ବିଶୃଙ୍ଖଳା ସୃଷ୍ଟି କରନ୍ତି, ତେବେ କନ୍‌ଫରେନ୍ସିଂକୁ ବିଚ୍ଛିନ୍ନ କରାଯିବ ଏବଂ ଖଣ୍ଡପୀଠଙ୍କ ପରାମର୍ଶ କ୍ରମେ କାର୍ଯ୍ୟାନୁଷ୍ଠାନ ନିଆଯିବ। କନ୍‌ଫରେନ୍ସିଂକୁ ରେକର୍ଡିଂ କିମ୍ବା ସର୍ବସାଧାରଣରେ ପ୍ରସାରଣକୁ ନିଷିଦ୍ଧ କରାଯାଇଛି। ଏନେଇ ଏକ ହେଲ୍‌ପ ଲାଇନ୍ ଖୋଲାଯିବ ବୋଲି ଏହି ଗାଇଡ୍‌ଲାଇନ୍‌ରେ କୁହାଯାଇଛି।

# ମହାସଂକ୍ରମଣ ପୂର୍ବରୁ ପ୍ରବାସୀ ଫେରିଲେ ଭଲ

**ପ୍ରବାସୀଙ୍କୁ ଧୈର୍ଯ୍ୟର ସହ ୨୮ ଦିନର ତ୍ୟାଗ କରିବାକୁ ଆହ୍ୱାନ**

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

ଜୁନ ବେଳକୁ କରୋନା ମହାସଂକ୍ରମଣର ରୂପ ନେବା ଆଶଙ୍କା ରହିଛି। ତେଣୁ ତା'ପୂର୍ବରୁ ପ୍ରବାସୀମାନେ ଫେରିଲେ ଭଲ। ସେମାନଙ୍କୁ ଆଣି ପର୍ଯ୍ୟବେକ୍ଷଣରେ ରଖିଲେ ରାଜ୍ୟରେ ସାମୂହିକ ସଂକ୍ରମଣ ରୋକିବା ସହଜ ହେବ ବୋଲି କୋଭିଡ୍ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ପ୍ରଥମ ୩ଟି ପର୍ଯ୍ୟାୟରେ ରାଜ୍ୟବାସୀ ତ୍ୟାଗ ଓ ଧୈର୍ଯ୍ୟ ଦେଖାଇଛନ୍ତି। ଚତୁର୍ଥ ପର୍ଯ୍ୟାୟ ଲଢ଼େଇ ବ୍ୟୁହଭେଦର ପର୍ଯ୍ୟାୟ। ତେଣୁ ପ୍ରବାସୀଙ୍କୁ ୨୮ ଦିନ ତ୍ୟାଗ ସ୍ୱୀକାର କରିବାକୁ ହେବ ବୋଲି ସେ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ବାହାରୁ ଓଡ଼ିଆ ଘରକୁ ଫେରୁଛନ୍ତି। ସେମାନେ ଫେରିବାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ପ୍ରଶ୍ନ ଉଠୁଛି। ଏମାନଙ୍କୁ ଫେରାଇ ଆଣିବା ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା କେତେ ଦୂର ଠିକ୍ ସେ ସମ୍ପର୍କରେ ବାଗ୍‌ଚୀ ସୂଚନା ଦେଇ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୭ଜଣ ବିଦେଶ ଫେରନ୍ତା କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଦିଲ୍ଲୀ ନିଜାମୁଦ୍ଦିନ ପାଇଁ ୪୧ଜଣ ସଂକ୍ରମିତ ହେଲେ। ତୃତୀୟ ପର୍ଯ୍ୟାୟରେ କୋଲକାତା ଫେରନ୍ତା ରହିଥିଲେ, ଯାହାର ପ୍ରକୋପ ୧୦୦ବ୍ୟକ୍ତିଙ୍କ ଉପରେ ପଡ଼ିଥିଲା। ଚତୁର୍ଥ ପର୍ଯ୍ୟାୟ ଆରମ୍ଭରେ ରାଜ୍ୟ ବାହାରୁ ବହୁ ସଂଖ୍ୟାର ଓଡ଼ିଆମାନେ ଘରକୁ ଫେରିବେ। ପ୍ରଥମ ତିନୋଟି ପର୍ଯ୍ୟାୟରେ ଆମେ ଜିତିଥିଲେ। କିନ୍ତୁ ଚତୁର୍ଥ ପର୍ଯ୍ୟାୟର ସ୍ଥିତି ନେଇ କେତେଜଣ ବ୍ୟକ୍ତିଙ୍କ ମନରେ ଆଶଙ୍କା ରହୁଛି। ସର୍ବଭାରତୀୟ ସ୍ତରରେ ପ୍ରାୟ ୨୦ କୋଟି ପ୍ରବାସୀ ନିଜ ରାଜ୍ୟ ଛାଡ଼ି ବାହାରେ କାମ କରୁଛନ୍ତି। ଆମ ଓଡ଼ିଶାର ୧୨ ଲକ୍ଷ ୭୦ ହଜାର ଲୋକ ବାହାର ରାଜ୍ୟରେ କାମ କରୁଥିବାବେଳେ ଓଡ଼ିଶାରେ ମଧ ବାହାର ରାଜ୍ୟର ୮ ଲକ୍ଷ ୬୦ ହଜାର ପ୍ରବାସୀ ଅଛନ୍ତି। ପ୍ରତିଟି ଲୋକର ନିଜ ରାଜ୍ୟକୁ ଫେରିବାର ଆଇନଗତ ଅଧିକାର ରହିଛି। ଅନିର୍ଦ୍ଦିଷ୍ଟ କାଳ ପାଇଁ କାହାକୁ ବାହାରେ ଅଟକ ରଖାଯାଇପାରିବ ନାହିଁ। ବର୍ତ୍ତମାନ ନିୟନ୍ତ୍ରଣାଧୀନ ବ୍ୟବସ୍ଥାରେ ପ୍ରବାସୀ ଫେରି ଆସିଲେ ସଂକ୍ରମଣକୁ ନିୟନ୍ତ୍ରଣ କରିହେବ।

# ଗ୍ରାମବାସୀଙ୍କୁ ପାଣି ବନ୍ଦ କଲେ ମଦ ମାଫିଆ

**ସୁକିନ୍ଦା,୯।୫(ଡି.ଏନ.ଏ.)**

ସୁକିନ୍ଦା ଥାନା ଅଧୀନ ଦୁଧୁଯୋରି ପଞ୍ଚାୟତ ପୁବୋଳ ଗ୍ରାମରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ତେବେ ଏହାକୁ ବିରୋଧ କରିବାରୁ ମଦ ମାଫିଆ ଗ୍ରାମର ମହିଳାଙ୍କୁ ନାନା ଧମକ ଚମକ ଦେବା ସହ ପାଣି ବନ୍ଦ କରି ଦେଇଛନ୍ତି। ଏହାକୁ ନେଇ ନାନା ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ମହିଳାମାନେ ଏକ ବୈଠକ କରି ମଦ କାରବାର ସାଙ୍ଗକୁ ମଦ ମାଫିଆଙ୍କ ଔଦ୍ଧତ୍ୟ ବନ୍ଦ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତବାନୀ ଦେଇଛନ୍ତି।

ଏଠାରେ ୫ଜଣ ଚୋରା ମଦ ମାଫିଆ ଆତଙ୍କ ଚଳାଇଛନ୍ତି। ତେଣୁ ଚୋରା ମଦ କାରବାର ବନ୍ଦ କରିବାକୁ ଗ୍ରାମର ବହୁ ମହିଳା ଏମାନଙ୍କୁ ନେହୁରା ହେବା ପରେ ମଧ ସେମାନେ ବ୍ୟବସାୟ କରିଆସୁଛନ୍ତି। ଫଳରେ ଗ୍ରାମର ମହିଳାମାନେ ଶୁକ୍ରବାର ସୁକିନ୍ଦା ପୋଲିସର ହସ୍ତକ୍ଷେପ ଲୋଡିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ଜଣେ ମଦ ମାଫିଆଙ୍କୁ ଗିରଫ କରିଥିଲା। ଶନିବାର ସକାଳୁ ଅନ୍ୟ ମାଫିଆ ମଦ କାରବାରକୁ ବିରୋଧ କରୁଥିବା ମହିଳା ଓ ସେମାନଙ୍କ ନେତୃତ୍ୱ ନେଉଥିବା ବୁଦୁନି ଗୁଇଆଙ୍କୁ ଗାଳି ଗୁଲଜ କରିବା ସହ ମଦ ବେପାର ବନ୍ଦ କରିବାକୁ ଚେଷ୍ଟା କଲେ ମାରି ଦେବାକୁ ଧମକ ଦେଇଥିଲେ। ଏଥିସହ ଗ୍ରାମରେ ଥିବା ସମସ୍ତ କୂଅରୁ ପାଣି ନେବାକୁ ସୁଯୋଗ ଦେଇ ନ ଥିଲେ। ଏପରି କି ସରକାରଙ୍କ ଦ୍ୱାରା ନିର୍ମିତ ନଳକୂପରୁ ପାଣି ନେଲେ ପରିସ୍ଥିତି ଭୟାନକ ହେବ ବୋଲି କହିଥିଲେ। ଗ୍ରାମର ବୁଦୁନି ଗୁଇଆ ନାମକ ମହିଳା ପ୍ରତିବାଦ କରିବାରୁ ତାଙ୍କୁ ମଦ ମାଫିଆମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଗ୍ରାମର କେତେଜଣ ପାଣି ପାଇଁ ଯାଇଥିବାବେଳେ ମାଫିଆମାନେ ଧମକ ଚମକ ଦେଇ ମଦ ବେପାରକୁ ବିରୋଧ କଲେ ଟୋପେ ପାଣି ଦିଆଯିବନି ବୋଲି କହିଥିଲେ। ଫଳରେ ମଦ ମାଫିଆଙ୍କ ଭୟରେ ଗ୍ରାମର ନିଜର କୂଅ ଥିବା ପରିବାରକୁ ଛାଡିଦେଲେ ପ୍ରାୟ ପରିବାର ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଗ୍ରାମର ବୁଦୁନି ଗୁଇଆ, ପଦ୍ମାବତୀ ମହାରଣା, କୁନି ସିଙ୍କୁ, କୁନି ମୁଣ୍ଡା, ପାର୍ବତୀ ସିଙ୍କୁ ଚମ୍ପା ମୁଣ୍ଡା, ଜଗା ତିରିଆ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ମହିଳା ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ତହସିଲଦାର ବୁଲବୁଲ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବ ହୋଇନାହିଁ। ସୁକିନ୍ଦା ଥାନା ଦାୟିତ୍ୱରେ ଥିବା ଇନାମୁଲ ହକ୍‌ଙ୍କୁ ଘଟଣା ସମ୍ପର୍କରେ ଜଣାଇବାରୁ ସେ ଗ୍ରାମକୁ ଆସି ଏହାର ତଦନ୍ତ କରିବେ ବୋଲି କହିଛନ୍ତି।



# ରାଜଧାନୀରେ ରାତିର କର୍ଫ୍ୟୁ

ତ୍ରିନାଥ ମହାନ୍ତି
ଭୁବନେଶ୍ୱର,୯।୫ (ବ୍ୟୁରୋ)

କରୋନା ସଂକ୍ରମଣ ରୋକିବାକୁ ସନ୍ଧ୍ୟା ୭ରୁ ସକାଳ ୭ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ କର୍ଫ୍ୟୁ କରିଛି କମିଶନରେଟ ପୋଲିସ। ଏପରି କି ରାତିରେ କେବଳ ଭୂତ ହିଁ ଯାଇପାରିବେ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଟୁଇଟ୍ କରି କହିଛନ୍ତି। ଏଭଳିସ୍ଥିତିରେ ଲକ୍‌ଡାଉନ୍‌ରେ ରାଜଧାନୀରେ ଗୁରୁବାର ରାତିର କର୍ଫ୍ୟୁ କିଭଳି ଥିଲା ସେନେଇ ଧରିତ୍ରୀ ଟିମ୍ କରିଥିଲା ଅନୁସନ୍ଧାନ। ସନ୍ଧ୍ୟା ୭ରୁ ରାତି ୨ଟା ପର୍ଯ୍ୟନ୍ତ ସହରର ବିଭିନ୍ନ ଛକ, ଗଳି କନ୍ଦିରେ ବୁଲି ରାଜଧାନୀର ରାତିକୁ ପରଖା ଯାଇଥିଲା। ୭ଟା ବାଜିବା ପୂର୍ବରୁ ପୋଲିସ ଭ୍ୟାନ୍‌ଗୁଡ଼ିକ ସାଇରନ୍ ବଜାଇ ସହରର ଗଳି କନ୍ଦିରେ ବୁଲି ଦୋକାନ ବଜାର ବନ୍ଦ କରୁଛି। ଲୋକଙ୍କୁ ଘରକୁ ଚାଲିଯିବାକୁ କହୁଛି। ଯେଉଁମାନେ ଯାଉ ନାହାନ୍ତି ସେମାନଙ୍କୁ ପୋଲିସ ଲାଠି ମାଡ଼ କରୁଥିବା ଦେଖିବାକୁ ମିଳୁଛି। ରାତି ୯ଟା ପର୍ଯ୍ୟନ୍ତ ରାଜଧାନୀର ବିଭିନ୍ନ ଛକରେ ପୋଲିସ ଦେଖିବାକୁ ମିଳୁଛି। ହେଲେ ରାତି ପ୍ରାୟ ସାଢେ ୯ଟା ପରଠୁ ରାଜଧାନୀର କୌଣସି ଛକରେ ଜଣେ ହେଲେ ବି ପୋଲିସଙ୍କୁ ଦେଖିବାକୁ ମିଳୁ ନାହିଁ। ସହରର ବିଭିନ୍ନ ଛକ ଖୋଲାମେଲା। ହାତ ଗଣତି ପିସିଆର ଭ୍ୟାନ୍‌କୁ ବୁଲୁଥିବା ଦେଖିବାକୁ ମିଳୁଛି। ଯିଏ ପାଇଲା ଯୁଆଡ଼େ ଚାଲିଲା। କେହି କାହାକୁ ଅଟକାଇବାକୁ ନାହାଁନ୍ତି। ଭୁବନେଶ୍ୱର ବାହାରର ଅନେକ ଲୋକେ ସହର ଭିତରକୁ ସହଜରେ ଯିବା ଆସିବା କରିପାରୁଛନ୍ତି। ରାତି ପ୍ରାୟ ଗୋଟାଏ ସମୟରେ ବାଣୀବିହାର ଛକରେ ପହଞ୍ଚିବା ପରେ ଦେଖିବାକୁ ପାଇଲୁ ଅନେକ ଲୋକ ବାଇକ ଧରି ଯାତାୟାତ କରୁଛନ୍ତି। କ'ଣ ପାଇଁ ଏମାନେ ଯାଉଥିବା ସନ୍ଦେହ ହେବାରୁ ଜଣଙ୍କୁ ଅଟକାଇ ପଚାରିବାରୁ ସେ କେନ୍ଦ୍ରାପଡ଼ା ଯାଉଥିବା କହିଥିଲେ। ବିଳମ୍ବିତ ରାତିରେ ପୋଲିସର ଚେକିଂ ନ ଥିବାରୁ ସହଜରେ ଯିବା ଆସିବା କରିହେଉଛି ବୋଲି କହିଥିଲେ। ସେହିପରି ମାଷ୍ଟରକ୍ୟାଣ୍ଟିନ ଛକ,ଏଜି ଛକ, କ୍ୟାପିଟାଲ ହସ୍ପିଟାଲ ଛକ, ଜୟଦେବ ବିହାର ଛକ,ଖଣ୍ଡଗିରି ଛକ,ଏୟାରପୋର୍ଟ ଛକ, ଲକ୍ଷ୍ମୀସାଗର ଛକ,ନାଲ୍‌କୋ ଛକ,ପଟିଆ ଛକ ଆଦି ଅଞ୍ଚଳରେ ପୋଲିସ ପୋଷ୍ଟ ଥିଲେ ମଧ ଜଣେ ହେଲେ ପୋଲିସ କର୍ମଚାରୀଙ୍କୁ ଦେଖିବାକୁ ମିଳି ନ ଥିଲା। କେବଳ ପୋଲିସ ପୋଷ୍ଟ ନିକଟରେ କୁକୁର ବୁଲୁଥିବା ଦେଖିବାକୁ ପାଇଥିଲୁ।





## ଚାରିଆଡ଼େ ଖୋଲାମେଲା

### ଖୋଲା ଆକାଶ ତଳେ ଜୀବନ

ଲକ୍‌ଡାଉନ୍ ଫଳରେ ଅନେକ ଲୋକ ଭୁବନେଶ୍ୱରରେ ଫସି ରହିଯାଇଛନ୍ତି। ରହିବା ପାଇଁ ବାସ ନ ଥିବାରୁ ରାଜଧାନୀର ଫୁଟପାଥ ସେମାନଙ୍କ ପାଇଁ ଶୋଇବା ଘର ପାଲଟି ଯାଇଛି। ମଶା, ଡାଆଁଶ କାମୁଡୁ ଥିଲେ ମଧ ସେମାନଙ୍କୁ କିଛି ଫରକ ପଡୁନି। ଦିନରେ ଲୋକମାନେ ଯାହା ଖାଇବାକୁ ଦିଅନ୍ତି ସେଥିରେ ସେମାନେ ବଞ୍ଚନ୍ତି ହେଲେ ରାତିରେ କେହି ଆସୁ ନ ଥିବାରୁ ଅନେକେ ଉପାସରେ ଶୋଉଥିବା କହିଛନ୍ତି। ବିଶେଷ କରି ଖଣ୍ଡଗିରି ପାଦଦେଶରେ ଥିବା ବସ୍ ଷ୍ଟାଣ୍ଡରେ ମହାରାଷ୍ଟ୍ରର ୭୦ଲୋକ ଫସି ରହିଛନ୍ତି। ସେମାନେ ବେଲୁନ୍ ଏବଂ ଅନ୍ୟ ବେପାର କରିବାକୁ ଆସିଥିଲେ। ହେଲେ ଲକ୍‌ଡାଉନ୍ ଯୋଗୁ କୁଆଡ଼େ ଯାଇ ନ ପାରି ଖୋଲା ଆକାଶ ତଳେ ବର୍ଷା, କାକରରେ ଶୋଉଛନ୍ତି। ସେହିପରି ମାଷ୍ଟରକ୍ୟାଣ୍ଟିନ୍ ଫୁଟପାଥ ଏବଂ ସହରର ବିଭିନ୍ନ ଫୁଟ୍‌ପାଥରେ ଅନେକେ ଲୋକ ଶୋଇଥିବା ଦେଖିବାକୁ ମିଳିଛି।

### ଥାନା ଗେଟ୍‌ରେ ତାଲା, ବାହାରେ ଡିସିଓ

ରାଜଧାନୀ ରାତିରେ ଥାନାର ଦୃଶ୍ୟ ମଧ କିଛି ନିଆରା ଥିଲା। କରୋନା ଭୟରେ ଏକାଧିକ ଥାନା ଗେଟରେ ତାଲା ପଡିଥିଲା। ଥାନାର ଡିସିଓ ଥାନା ବାହାରେ ଟେବୁଲ ପକାଇ ବସିଥିବା ଦେଖିବାକୁ ମିଳିଥିଲା। ଯଦି କେହି ଥାନାକୁ ଆସୁଥିଲେ ସେମାନେ ଗେଟ ବାହାରେ ଆସିବାର କାରଣ କହିବା ପରେ ପୋଲିସ ତାଙ୍କର ସମସ୍ୟା ବୁଝୁଥିଲା। ଖଣ୍ଡଗିରି, ନୟାପଲୀ, ମହିଳା, କ୍ୟାପିଟାଲ, ଲକ୍ଷ୍ମୀସାଗର, ଖାରବେଳନଗର ଆଦି ଅନେକ ଥାନାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥଲା।

### ରାତିରେ ଯେଉଁମାନେ ବୁଲୁଛନ୍ତି ସେମାନଙ୍କ ପାସ୍ ଅଛି: ସିପି

ଏନେଇ ସିପି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ,ଯେଉଁମାନେ ରାତିରେ ବୁଲୁଛନ୍ତି ସେମାନଙ୍କ ପାସ୍ ରହିଛି। ନ ହେଲେ ସେମାନେ ବୁଲିବାକୁ ସାହସ କରିବେନି। ଦିନ ସାରା ପୋଲିସ କାର୍ଯ୍ୟ କରୁଛି, ତେଣୁ ରାତିରେ ସେମାନେ ବିଶ୍ରାମ ନେଉଛନ୍ତି। ରାତିରେ ଜଗିବା ସମ୍ଭବ ନୁହେଁ। ଲୋକେ ସତର୍କ ହେଲେଣି ସେମାନେ ରାତିରେ ବାହାରକୁ ବାହାରିବେ ନାହିଁ ବୋଲି ଷଡ଼ଙ୍ଗୀ କହିଛନ୍ତି।

# ଭୋଜି ବାରଣ କରିବାରୁ ଆଶାକର୍ମୀଙ୍କୁ ମାଡ଼

ବ୍ରହ୍ମଗିରି,୯।୫(ଡି.ଏନ.ଏ)

କରୋନା ଯୋଦ୍ଧା ସ୍ୱାସ୍ଥ୍ୟକର୍ମୀ, ପୋଲିସ ଭଳି ଆଶାକର୍ମୀମାନେ ଗାଁକୁ ଆସୁଥିବା ପ୍ରବାସୀଙ୍କ ସୂଚନା ଓ କରୋନା ସଚେତନତା କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ତେବେ ଲକ୍‌ଡାଉନ୍ କଟକଣାକୁ ଖାତିର ନ କରି କେତେଜଣ ଯୁବକ ଭୋଜିଭାତରେ ମାତିଥିବାବେଳେ ସେମାନଙ୍କୁ ବାରଣ କରିବାରୁ ଜଣେ ଆଶାକର୍ମୀଙ୍କୁ ମାଡ଼ ହୋଇଥିବା ବ୍ରହ୍ମଗିରି ଥାନାରେ ଅଭିଯୋଗ ହୋଇଛି। ସ୍ଥାନୀୟ ସାହାଜାନପୁର ଗ୍ରାମରେ କେତେକ ଯୁବକ ଶନିବାର ଭୋଜିଭାତ କରୁଥିଲେ। ଏହି କଥା ଜାଣି ଜନୈକା ଆଶାକର୍ମୀ ସେଠାରେ ପହଞ୍ଚି ସେମାନଙ୍କୁ ବାରଣ କରିଥିଲେ। ତେବେ ଯୁବକମାନେ ତାଙ୍କ କଥାକୁ ଖାତିର ନ କରିବା ସହ ତାଙ୍କୁ ମାଡ ମାରିଥିବା ନେଇ ଆଶାକର୍ମୀ ଜଣକ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନାହିଁ।

# ଆଦେଶ ପ୍ରତ୍ୟାହାର ଦାବି କଲା ଜଗନ୍ନାଥ ସେନା

ପୁରୀ ଅଫିସ,୯।୫

## ପୁରୀ ଆର୍‌ଏମ୍‌ଏସ୍ ସ୍ଥାନାନ୍ତର ପ୍ରସଙ୍ଗ

ପୁରୀ ରେଳ ଷ୍ଟେଶନରେ କାର୍ଯ୍ୟ କରୁଥିବା ଆରଏମ୍‌ଏସ୍ (ରେଲୱେ ମେଲ୍ ସର୍ଭିସ) କାର୍ଯ୍ୟାଳୟକୁ ଖୋର୍ଦ୍ଧାରୋଡ ସ୍ଥାନାନ୍ତର କରାଯିବ। ଏହି ପ୍ରସ୍ତାବକୁ ଓଡ଼ିଶା ସର୍କଲର ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ ଅନୁମୋଦନ କରିଛନ୍ତି। ଏହି ନିଷ୍ପତ୍ତି ନେଇ ଏବେ ବିରୋଧାଭାଷ ସୃଷ୍ଟି ହୋଇଛି। ତୁରନ୍ତ ଏହି ସ୍ଥାନାନ୍ତର ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛି ଶ୍ରୀଜଗନ୍ନାଥ ସେନା। ନଚେତ ପୁରୀର ସ୍ୱାର୍ଥ ପାଇଁ ଆନ୍ଦୋଳନ ସହ ଆଇନର ଆଶ୍ରୟ ନିଆଯିବ ବୋଲି ସେନା ଚେତାବନୀ ଦେଇଛି।

ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସ୍ୱାଧୀନତା ପୂର୍ବରୁ ପୁରୀ ଷ୍ଟେଶନରେ ଆର୍‌ଏମ୍‌ଏସ୍ କାର୍ଯ୍ୟକ୍ଷମ ହୋଇଆସୁଛି। ଏଠାରେ ଆରଏମ୍‌ଏସ୍ କାର୍ଯ୍ୟାଳୟ ଥିବାରୁ ଟ୍ରେନ୍‌ରେ ଯା ଆସ କରାଯାଉଥିବା ଚିଠିପତ୍ର, ସ୍ପିଡ୍ ପୋଷ୍ଟ ଆଦି ସହଜ ହୋଇପାରୁଛି। କେବଳ ସ୍ଥାନୀୟ ଲୋକେ ନୁହେଁ, ଦେଶ ବିଦେଶର ହଜାର ହଜାର ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମଧ ତୁରନ୍ତ ସେବା ପାଇପାରୁଛନ୍ତି। ବିଶେଷକରି ସାଧାରଣ ଡାକଘରଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଖୋଲା ରହେ। କିନ୍ତୁ ଆରଏମ୍‌ଏସ୍‌ରେ ସକାଳ ୭ଟାରୁ ୧୦ଟା ଏବଂ ସନ୍ଧ୍ୟା ୪ଟାରୁ ରାତି ୯ଟା ପର୍ଯ୍ୟନ୍ତ ସେବା ମିଳିଥାଏ। ପୁରୀ ଏକ ପ୍ରମୁଖ ଷ୍ଟେଶନ ଏବଂ ଏହାକୁ ବିଶ୍ୱ ଐତିହ୍ୟ ସହର କରିବା ଲାଗି ସରକାର ଅଣ୍ଟା ଭିଡ଼ିଛନ୍ତି। ତେଣୁ ଏଠାରେ ବିଭିନ୍ନ ପ୍ରକାର ସେବା ଉପଲବ୍ଧ ହେବା ଦରକାର। କିନ୍ତୁ ଏଠାରୁ ସର୍ବପୁରାତନ ସେବା କେନ୍ଦ୍ରକୁ ଉଠାଇ ଦେବାକୁ ଯୋଜନା ହୋଇଛି। ପୁରୀରୁ ସର୍ବନିମ୍ନ ସେବା କେନ୍ଦ୍ରଗୁଡ଼ିକୁ ହଟାଇ କିପରି ଏହାକୁ ବିଶ୍ୱସ୍ତରୀୟ ସହର କରାଯିବ ବୋଲି ପଟ୍ଟନାୟକ ପ୍ରଶ୍ନ କରିଛନ୍ତି। ତେଣୁ ଏହି ସ୍ଥାନାନ୍ତର ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଦାବି କରିଛି ସେନା। ଏ ନେଇ କେନ୍ଦ୍ର ଯୋଗାଯୋଗ ସଚିବ ପ୍ରଦୀପ କୁମାର ବିଶୋଇଙ୍କୁ ମଧ ସ୍ମାରକପତ୍ର ଦିଆଯାଇଛି ବୋଲି ଆବାହକ ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ, ବ୍ୟବସାୟୀ ଗିରଫ
### ୫୦ ହଜାର ଟଙ୍କା, ୩୫ଲିଟର ଦେଶୀ ମଦ ଜବତ

ବେଗୁନିଆ,୯।୫(ଡି.ଏନ୍.ଏ.): ଚୋରା ଦେଶୀ ରନ୍ଧା ମଦ କାରବାର ଅଭିଯୋଗରେ ଖୋର୍ଦ୍ଧା ଅବକାରୀ ବିଭାଗ ଶନିବାର ଜଣେ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବେଗୁନିଆ ଥାନା ଅନ୍ତର୍ଗତ ବୋଲଗଡ଼ ବ୍ଲକ ଅଧୀନ ବଡ଼ପଦର ଗ୍ରାମର ତ୍ରିନାଥ ବେହେରା(୩୯)। ତାଙ୍କ ନିକଟରୁ ୫୦ହଜାର ଟଙ୍କା ଓ ୩୫ ଲିଟର ଦେଶୀ ମଦ ଭର୍ତ୍ତି ପାଉଚ ଜବତ ହୋଇଛି। ସୂଚନା ଅନୁଯାୟୀ, ବଡ଼ପଦର ଗ୍ରାମ ନିକଟରେ ଏକ ଦେଶୀ ମଦ ରନ୍ଧା ଭାଟି ଚାଲୁଥିବା ନେଇ ସୂଚନା ମିଳିଥିଲା। ଅବକାରୀ ବିଭାଗ ଉକ୍ତ ଦେଶୀ ମଦ ରନ୍ଧା ଭାଟିରେ ଚଢ଼ାଉ କରି ୩୮ଶହ ଲିଟର ପୋଚ ନଷ୍ଟ କରିବା ସହ ବିଭିନ୍ନ ସାମଗ୍ରୀ ଜବତ କରିଥିଲା। ପରେ ବ୍ୟବସାୟୀ ତଥା ଭାଟି ମାଲିକ ବେହେରାଙ୍କୁ ତାଙ୍କ ଘରୁ ଗିରଫ କରାଯାଇଥିଲା। ଏହା ସହ ତାଙ୍କ ନିକଟରୁ ଟଙ୍କା ଓ ଦେଶୀ ରନ୍ଧା ମଦ ଜବତ କରାଯାଇଥିଲା। ଏ ନେଇ ଅବକାରୀ ବିଭାଗରେ ଏକ ମାମଲା (ନଂ.୧୦/୨୦୨୦-୨୧)ରୁଜୁ ହୋଇଛି। ଚଢ଼ାଉ ବେଳେ ଭୁବନେଶ୍ୱର, ଟାଙ୍ଗୀ, ଖୋର୍ଦ୍ଧା ଅବକାରୀ ରେଞ୍ଜର ଇନ୍ସପେକ୍ଟରଙ୍କ ସମେତ କର୍ମଚାରୀମାନେ ସାମିଲ ହୋଇଥିଲେ।

### ଶ୍ରୀଲିଙ୍ଗରାଜଙ୍କୁ ଭୋଗ ଲାଗି ବେଳେ ଫୁଲ ଚଢ଼ାଇଲେ ଅଣସେବାୟତ

ପୁରୁଣା ଭୁବନେଶ୍ୱର,୯।୫(ଡି.ଏନ୍.ଏ.): ଶ୍ରୀଲିଙ୍ଗରାଜ ମନ୍ଦିରରେ ଶନିବାର ପୂର୍ବାହ୍ନରେ ଭୋଗ ଲାଗି ବେଳେ ଜଣେ ଅଣସେବାୟତ ଗର୍ଭଗୃହରେ ପ୍ରବେଶ କରି ଠାକୁରଙ୍କୁ ଫୁଲ ଲାଗି କରିଥିଲେ। ଫଳରେ ଦିଅଁ ମାରା ହୋଇଥିଲେ। ପୁନଃ ମହାସ୍ନାନ ଦିଆଯାଇ ବେଶ କରାଯାଇ ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ଉକ୍ତ ଅଣସେବାୟତ ହେଉଛନ୍ତି କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ। କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ପ୍ରହରାଜ ସାଙ୍ଗିଆ ଅଟନ୍ତି। ତେଣୁ ସେ ଅଣସେବାୟତ ବୋଲି ପୂଜାପଣ୍ଡା ନିଯୋଗ ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଛନ୍ତି। ଅନ୍ୟପଟେ କ୍ଷେତ୍ରବାସୀ ବ୍ରାହ୍ମଣ ନିଯୋଗର ବରିଷ୍ଠ ସେବାୟତ ଅଶୋକ କୁମାର ଶତପଥୀ କୁହନ୍ତି, କ୍ଷେତ୍ରବାସୀ ବ୍ରାହ୍ମଣ ସେବକ ଶ୍ରୀଲିଙ୍ଗରାଜଙ୍କ ସେବକ। ତେଣୁ ଦିଅଁ ମାରା ହେବାର କୌଣସି କାରଣ ନାହିଁ।

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବୀମାଭୁକ୍ତ କରାଯାଉ

ନିଶ୍ଚିନ୍ତକୋଇଲି,୯।୫(ସ୍ୱ.ପ୍ର.): କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟ ବିଭାଗ ଓ ଅଙ୍ଗନୱାଡ଼ି କର୍ମୀଙ୍କ ଭଳି ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ମଧ ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ କାମ କରୁଛନ୍ତି। ଏଣୁ ସେମାନଙ୍କୁ ମଧ ବୀମାଭୁକ୍ତ କରିବାକୁ ନିଶ୍ଚିନ୍ତକୋଇଲି ବ୍ଲକ ପଞ୍ଚାୟତ ନିର୍ବାହୀ ସଂଘ ସଭାପତି ଦିଲୀପ କୁମାର ମହନ୍ତ ଓ ସମ୍ପାଦକ କୈଳାସଚନ୍ଦ୍ର ରାଉତ ନିବେଦନ କରିଛନ୍ତି।

### ଟ୍ରକ୍‌ରେ ପିଟିହେଲା ବାଇକ୍: ଜଣେ ମୃତ

ପୁରୁଣା ଭୁବନେଶ୍ୱର/ପିପିଲି, ୯।୫(ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲି ଥାନା ଅଧୀନ ଗୁଡ଼ିଆପୋଖରୀ ଛକ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କଣାସ ଥାନା ଅଧୀନ ସିରେଇ ଗ୍ରାମର ବିଶ୍ୱଜିତ୍ ଚମ୍ପତି(୨୪)। ଗୁରୁତର ସନ୍ତୋଷ ଜେନାଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସିରେଇ ଗ୍ରାମର ଏହି ଦୁଇ ଯୁବକ ପୂର୍ବାହ୍ନରେ ପିପିଲି ପଟୁ ଏକ ବାଇକ୍‌ରେ ଭୁବନେଶ୍ୱର ଆସୁଥିଲେ। ବାଇକ୍ ଚାଳକ ଗୁଡ଼ିଆପୋଖରୀ ଛକ ନିକଟରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ପିଟିଦେଇଥିଲେ। ଘଟଣାସ୍ଥଳରେ ବିଶ୍ୱଜିତ୍‌ଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଉଭୟଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଦୁଇ ଗାଡ଼ିକୁ ଜବତ କରଛି। ଏ ନେଇ ବିଶ୍ୱଜିତ୍‌ଙ୍କ ବାପା ଦୀନବନ୍ଧୁ ଚମ୍ପତିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୨୦/୨୦)ରୁଜୁକରି ତଦନ୍ତ ଚଳାଇଛି।

# ହରିଲୁଟ୍ ଚାଲିଛି ମାଙ୍କଡ଼ା ପଥର

ଖୋର୍ଦ୍ଧା ଅଫିସ,୯।୫

## ଖବରଦାତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇଲେ ପଥର ମାଫିଆ

- ଅଭିଯୁକ୍ତଙ୍କ ଗିରଫ ଦାବି କଲା ଓୟୁଡବ୍ଲ୍ୟୁଜେ ସଂଘ

ଖୋର୍ଦ୍ଧା ତହସିଲ ଟାଉନ(ଆଦର୍ଶ) ଥାନା ଅନ୍ତର୍ଗତ ହଳଦିପଦା ଗ୍ରାମ ନିକଟରେ ଥିବା ସରକାରୀ ଜମିରୁ ମାଙ୍କଡ଼ା ପଥର ଚୋରା ଚାଲାଣ ହେଉଛି। ପ୍ରଶାସନ ଚୁପ୍ ବସିଥିବାବେଳେ କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧରେ ମଧୁଚନ୍ଦ୍ରିକା ଯୋଗୁ ଦୈନିକ ଶହ ଶହ ଟ୍ରକ ଓ ଟ୍ରାକ୍ଟରରେ ଜିଲା ଓ ଜିଲା ବାହାରକୁ ମାଙ୍କଡା ପଥର ଚାଲାଣ କରାଯାଉଛି। ଶନିବାର ଅପରାହ୍ନରେ ମାଙ୍କଡ଼ା ପଥର ଚାଲାଣ ହେଉଥିବା ବେଳେ ଏକ ୱେବ ଚାନେଲର ଖବରଦାତା ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିଲେ। ଏହି ସମୟରେ ମାଫିଆମାନେ ଖବରଦାତାଙ୍କୁ ଘେରିଯିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରାଇଥିଲେ। ଏ ସମ୍ବନ୍ଧିତ ଖବର ପ୍ରକାଶ କଲେ ପରିବାର ସହ ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକାଇଥିବା ଜଣାପଡିଛି। ଏହି ଖବର ସୋସିଆଲ ମିଡିଆରେ ଭାଇରାଲ ହେବା ସହ ଜେସିବି ମେଶିନ ସାହାର୍ଯ୍ୟରେ ଟ୍ରାକ୍ଟର, ଟ୍ରକ ବୋଝେଇ ମାଙ୍କଡା ପଥର ଚାଲାଣ କରାଯାଉଥିବା ଦେଖିବାକୁ ମିଳିଛି। ଏ ନେଇ ଟାଉନ ଥାନା ଅଧିକାରୀ ଉମାଶଙ୍କର ସିଂ କୁହନ୍ତି, ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରାଯାଇନାହିଁ। ଅଭିଯୋଗ ଆସିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଓଡ଼ିଶା କାର୍ଯ୍ୟରତ ସାମ୍ବାଦିକ ସଂଘ(ଓୟୁଡବ୍ଲ୍ୟୁଜେ) କର୍ମକର୍ତ୍ତା ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଖବରଦାତାମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ସ୍ୱାଇଁ କହିଛନ୍ତି, ଏ ସମ୍ପର୍କରେ ଥାନାରେ ଅଭିଯୋଗ କରନ୍ତୁ। ଅଭିଯୋଗକୁ ଭିତ୍ତିକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଆଜି ମାତୃ ଦିବସ: ମା'ର ବାତ୍ସଲ୍ୟ ମମତା, ଜଣେ ମହିଳା ପୁରୀ ବେଳାଭୂମିରେ ତାଙ୍କ କୁନି ଝିଅକୁ ଗାଧୋଇ ଦେଉଛନ୍ତି।

# ରାସ୍ତାକୁ ଓହ୍ଲାଇଲେ ବ୍ୟବସାୟୀ

ପୁରୀ ଅଫିସ,୯।୫

## ଦୋକାନ ଖୋଲିବାକୁ ଅନୁମତି ଦାବି

ଲକ୍‌ଡାଉନ ଯୋଗୁ ପ୍ରାୟ ୨ ମାସ ହେବ ବ୍ୟବସାୟୀମାନେ ହାତବାନ୍ଧି ବସିଛନ୍ତି। କରୋନା ମୁକାବିଲା ପାଇଁ ନିର୍ଦ୍ଦେଶନାମାକୁ ମାନି ଦୋକାନ ଖୋଲିନାହାନ୍ତି। ମାତ୍ର ସରକାର ଦୋକାନ ଖୋଲିବା ଲାଗି ଅନୁମତି ଦେଇ ସାରିଥିଲେ ମଧ ଜିଲା ଏବଂ ପୌର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଅନୁମତି ଦିଆଯାଉ ନାହିଁ। ସେମାନଙ୍କୁ ଦୋକାନ ଖୋଲିବା ଲାଗି ଅନୁମତି ଦିଆଯାଉ ବୋଲି ବଡ଼ଦାଣ୍ଡରେ ଥିବା କ୍ୟାବିନ ବ୍ୟବସାୟୀମାନେ ଦାବି କରିଛନ୍ତି। ଏଥିପାଇଁସେମାନେରାସ୍ତାକୁଓହ୍ଲାଇଛନ୍ତି।

କ୍ୟାବିନ୍ ବ୍ୟବସାୟୀ ସଂଘର ଆବାହକ ପ୍ରସନ୍ନ ମହାପାତ୍ର କହିଛନ୍ତି, ବଡ଼ଶଙ୍ଖଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କ୍ୟାବିନ, ୨୦୦ରୁ ଉର୍ଦ୍ଧ୍ୱ ଉଠାଦୋକାନ ଏବଂ ପରିବା ବ୍ୟବସାୟୀଙ୍କୁ ବର୍ତ୍ତମାନ ବ୍ୟବସାୟ କରିବାକୁ ପ୍ରଶାସନ ଅନୁମତି ଦେଉନାହିଁ। ପୁରୀ ଗ୍ରୀନ୍ ଜୋନରେ ଥାଇ ମଧ ଗରିବ ଦୋକାନୀ ଦୋକାନ ଖୋଲିପାରୁ ନାହାନ୍ତି। ଫଳରେ ସେମାନଙ୍କ ପରିବାର ଭୋକ ଉପାସରେ ରହୁଛନ୍ତି। ତେଣୁ ଶନିବାର ବ୍ୟବସାୟୀମାନେ ସାମାଜିକ ଦୂରତା ରକ୍ଷା କରି ରାସ୍ତାକୁ ଓହ୍ଲାଇଥିଲେ। ବଡ଼ଶଙ୍ଖଠାରେ ରାସ୍ତାରେ ଠିଆ ହୋଇ ପ୍ରତିବାଦ ଜଣାଇଥିଲେ। ଯେ ହେତୁ ବର୍ତ୍ତମାନ ଲକ୍‌ଡାଉନ କଟକଣା ଚାଲିଛି ସେଥିପାଇଁ ସାମାଜିକ ଦୂରତା ରକ୍ଷା କରି ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ। ପରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଖୁବ୍‌ଶୀଘ୍ର ଅନୁମତି ମିଳିବା ନେଇ ଆଶାବାଦୀ ରହିଛୁ ବୋଲି ମହାପାତ୍ର କହିଛନ୍ତି।



କ୍ୟାବିନ ବ୍ୟବସାୟୀ ସଂଘର ସଦସ୍ୟମାନେ ଦୋକାନ ଖୋଲିବା ଦାବି ନେଇ ରାସ୍ତାକୁ ଓହ୍ଲାଇଛନ୍ତି।

# କାହା ପାଇଁ ତାଲା, କାହା ପାଇଁ ଖୋଲା

ଭୁବନେଶ୍ୱର, ୯।୫, (ବ୍ୟୁରେ)

## ନିର୍ଦ୍ଦେଶନାମାର ପ୍ରୟୋଗ କମ୍, ପ୍ରଚାର ଅଧିକ

- ଗୋଟିଏ ସ୍ଥାନରେ ଖୋଲୁଛି ୫ରୁ ଉର୍ଦ୍ଧ୍ୱ ଦୋକାନ
- ନିଆଯାଉନି କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱରରେ ବର୍ତ୍ତମାନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅର୍ଦ୍ଧଶତକ ଛୁଇଁଛି। ଏଠାରେ ସ୍ଥାନୀୟ ଆକ୍ରାନ୍ତଙ୍କଠାରୁ ହେଉ ଅବା ଏଠାକୁ ଆସୁଥିବା ବାହାର ସଂକ୍ରମିତଙ୍କ ଯୋଗୁ ସଂକ୍ରମଣ ବଢୁଥିବା ଆଶଙ୍କା କରାଯାଉଛି। ତେଣୁ ଭୁବନେଶ୍ୱରରେ ସଂକ୍ରମଣ ବୃଦ୍ଧିକୁ କୌଣସି ସ୍ଥିତିରେ ବି ଅଣଦେଖା କରାଯାଇପାରିବ ନାହିଁ ବୋଲି ମତପ୍ରକାଶ ପାଉଛି। ହେଲେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପ୍ରକାଶ କରିଥିବା ନିର୍ଦ୍ଦେଶନାମାର ପ୍ରୟୋଗ କମ୍ ଓ ପଚାର ଅଧିକ କରୁଥିବା ନଜରକୁ ଆସିଛି। ନିର୍ଦ୍ଦେଶ ପାଳନରେ ପାତରଅନ୍ତର ସ୍ପଷ୍ଟ ନଜରକୁ ଆସୁଥିବାବେଳେ ସଂକ୍ରମଣକୁ ରୋକୁଥିବା ମୁଖ୍ୟଅସ୍ତ୍ର ସାମାଜିକ ଦୂରତ୍ୱ ନିୟମ ଅନୁପାଳନ କ୍ଷେତ୍ରରେ ସାଲିସ୍ କରାଯାଉଥିବା ଦେଖିବାକୁ ମିଳିଛି। କ୍ଷୁଦ୍ର ଓ ମଧମ ବ୍ୟବସାୟୀଙ୍କ ପାଇଁ ତାଲାବନ୍ଦ ଥିବାବେଳେ ବଡ଼ ବ୍ୟବସାୟୀଙ୍କ ପାଇଁ ଭୁବନେଶ୍ୱର ବଜାର ଖୋଲା ରହିବା ନାନା ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ସୂଚନାଥାଉ କି, ଗୋଟିଏ ସ୍ଥାନରେ କିମ୍ବା ଗୋଟିଏ ଛାତ ତଳେ ୫ରୁ ଉର୍ଦ୍ଧ୍ୱ ଦୋକାନ ଥିଲେ ତାହାକୁ ମାର୍କେଟ କମ୍ପ୍ଲେକ୍ସ ଘୋଷଣା ସହ ସେଠାରେ ଦୋକାନଗୁଡ଼ିକୁ ବନ୍ଦ ରଖାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ହେଲେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଏବେ ସମ୍ପୂର୍ଣ୍ଣ ବିପରୀତ ଚିତ୍ର ଦେଖିବାକୁ ମିଳୁଛି। କେତେଜଣ ଅଧିକାରୀ ହାତଗୁଞ୍ଜା ନେଇ ଦୋକାନ ଖୋଲିବାକୁ ଅନୁମତି ଦେଇଥିବା ଚର୍ଚ୍ଚା ହେଉଛି। ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବଞ୍ଚିତ ଦୋକାନୀମାନେ ଦାବି କରିଛନ୍ତି। ମୁଖ୍ୟ ବ୍ୟବସାୟିକ ଅଞ୍ଚଳ ଜନପଥ, ବାପୁଜୀନଗର, ଜୟଦେବ ବିହାରରୁ ନନ୍ଦନକାନନ ରାସ୍ତା ପାର୍ଶ୍ୱ, ରାଜମହଲରୁ ଏଜି ଛକ, ସିଆର୍‌ପି ଛକ ନିକଟ ବିଲ୍ଡିଂଗୁଡ଼ିକରେ ଏକାଧିକ ଦୋକାନ ଘର ଖୋଲା ରହୁଛି। ଏପରି କି ଜନପଥ କଡ଼ରେ ଥିବା ସିଙ୍ଗଲ୍ ବ୍ରାଣ୍ଡ୍ ମଲ୍, ଗହଣା ଦୋକାନଗୁଡ଼ିକ ମଧ ଖୋଲା ରହୁଥିବା ନଜରକୁ ଆସିଛି।

ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି, କେଉଁଠି କେଉଁ ଦୋକାନ ଖୋଲା ରହିବ ତାର ନିଷ୍ପତ୍ତି କମିଶନର ଚୌଧାରୀ ନେଉଛନ୍ତି। ଉଲ୍ଲଂଘନକାରୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି ବୋଲି ସେ କହିଛନ୍ତି। ତେବେ ଏନେଇ ବିଏମ୍‌ସି କମିଶନରଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନି।

ଉଲ୍ଲେଖଯୋଗ୍ୟ, ହାତବାନ୍ଧି ବସିଥିବାରୁ ପ୍ରତିଷ୍ଠାନ ଖୋଲି ବ୍ୟବସାୟ କରିବାକୁ ବ୍ୟବସାୟୀମାନେ ବ୍ୟାକୁଳ ହେବା ସ୍ୱାଭାବିକ୍। କିନ୍ତୁ ନିର୍ଦ୍ଦେଶ ପ୍ରୟୋଗରେ ଭେଦଭାବ କରାଯିବାରୁ ଓ ବିଏମ୍‌ସି ଅଧିକାରୀଙ୍କୁ ସନ୍ତୁଷ୍ଟ କରିପାରି ନ ଥିବା କ୍ଷୁଦ୍ର ଓ ମଧମ ବ୍ୟବସାୟୀ ଦୋକାନ ଖୋଲିପାରୁ ନାହାନ୍ତି। ଏଥିନେଇ ସେମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଥିବାବେଳେ ବିଏମ୍‌ସି ନିର୍ଦ୍ଦେଶନାମା ସମସ୍ତଙ୍କ ପାଇଁ ସମାନ ହେବା ଆବଶ୍ୟକ ବୋଲି ଦାବି କରିଛନ୍ତି। ସାମଜିକ ଦୂରତ୍ୱ ନିୟମକୁ ପାଳନ କରି ନିୟନ୍ତ୍ରଣରେ ବ୍ୟବସାୟ ହେଲେ ସଂକ୍ରମଣରୁ ରକ୍ଷା ମିଳିବା ସହ ସହରର ଅର୍ଥନୀତି ଗାଡ଼ି ମଧ ଗଡ଼ିବା ଆରମ୍ଭ କରିବ ବୋଲିବୁଦ୍ଧିଜୀବୀମାନେମତବ୍ୟକ୍ତକରିଛନ୍ତି।






## ସଂକ୍ଷେପରେ

### ୨ ଚୋରି ମାମଲାରେ ୩ ଗିରଫ

ବାଲେଶ୍ୱର ଅଫିସ, ୯।୫-ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଭୋଲାଗଡ଼ିଆ ଅଞ୍ଚଳର ଜଣେ ମହିଳା ଶୁକ୍ରବାର ପୂର୍ବାହ୍ନରେ ଡାକ୍ତରଙ୍କ ପାଖକୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉଥିବା ବେଳେ ଏକୁଟିଆ ଦେଖି ଦୁଇଜଣ ଯୁବକ ତାଙ୍କଠାରୁ ୧୬ ଗ୍ରାମ୍‌ର ସୁନାଚେନ୍ ଲୁଟି ନେଇଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ମହିଳାଜଣକ ଅଭିଯୋଗ କରିବା ପରେ ଥାନାରେ ମାମଲା (ନଂ. ୧୪୭/୨୦୨୦) ରୁଜୁ କରାଯାଇଛି। ଏହି ଘଟଣାରେ ସରସ୍ୱତୀପୁର ଅଞ୍ଚଳର ପ୍ରଶାନ୍ତ କର ଓ ଅଙ୍ଗାରଗଡ଼ିଆ ଉଦୟନଗର ଅଞ୍ଚଳର ବିନୋଦ ପାତ୍ରଙ୍କୁ ପୋଲିସ ଶନିବାର ଗିରଫ କରି ଉକ୍ତ ସୁନାଚେନ୍‌କୁ ଉଦ୍ଧାର କରିଛି। ସେହିପରି ଜଣେ ଅଧିକାରୀଙ୍କ ସରକାରୀ ବାସଭବନରୁ ରାତିରେ ଦୁର୍ବୃତ୍ତ ସାଇକେଲ ଚୋରି କରିନେଉଥିବା ବେଳେ ସହଦେବଖୁଣ୍ଟା ମଡ଼େଲ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ. ୧୪୫/୨୦୨୦) ରୁଜୁ କରାଯାଇ ସିସିଟିଭି ଫୁଟେଜ୍ ଆଧାରରେ ତଦନ୍ତ କରାଯାଇଥିଲା। ତଦନ୍ତ ଅନୁଯାୟୀ ସୁନହଟ ଅଞ୍ଚଳର ଭାଗବତ ବାରିକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

### ଅଟୋ ଓଲଟି ଜଣେ ମୃତ, ୫ ଆହତ

ଧାମନଗର,୯।୫(ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ବ୍ଲକ ଅର୍ଜୁନପୁର ପଞ୍ଚାୟତର କୋଚିଲା ନଦୀ ପୋଲ ଉପରକୁ ଏକ ରାଶନ ଚାଉଳ ବୋଝେଇ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିବାରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ହାଡିଆଣି ବେୱା(୭୫)। ବିପଜ୍ଜନକ ଭାବେ ଲୋକେ ଯାତାୟାତ ହେଉଥିବାବେଳେ ଶନିବାର ପଧାନୀ ପଞ୍ଚାୟତରୁ ୬ ଜଣ ରାଶନକାର୍ଡଧାରୀ ଏକ ଡାଲା ଅଟୋ କରି ୭ କୁଇଣ୍ଟାଲ ଚାଉଳ ବୋଝେଇ କରି ନିଜ ଘରକୁ ଫେରୁଥିଲେ। ରାଶନ ଚାଉଳ ଘରକୁ ଘର ଯୋଗାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ଥିବା ବେଳେ ରାଶନକାର୍ଡଧାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଚାଉଳ ଆଣିବା ନେଇ ମଧ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

# ୫-ଟି ସଚିବ ଦେଲେ କରୋନା ମୁକାବିଲା ମନ୍ତ୍ର

ଛତ୍ରପୁର,୯।୫(ଡି.ଏନ୍.ଏ.)

- ୭ ସରପଞ୍ଚଙ୍କ ସହ କଥା ହେଲେ
- ବ୍ୟକ୍ତିଗତ ଭାବେ ସାମିଲ ହେବେ ପାଣ୍ଡିଆନ

ଗଞ୍ଜାମ ଜିଲାରେ କରୋନା ମୁକାବିଲା କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଶନିବାର 'ଚିଅର୍ ଅପ୍ ଇୟୋର' ବାର୍ତ୍ତା ଦେଇଛନ୍ତି ୫-ଟି ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ। ଜିଲା କରୋନା ମୁକାବିଲାରେ ଆରମ୍ଭରୁ ସଫଳତା ପ୍ରଦର୍ଶନ କରିଆସିଛି। ପର୍ଯ୍ୟାୟ କ୍ରମେ ଏହା ଗ୍ରୀନ୍‌ରୁ ଅରେଞ୍ଜ ଏବଂ ରେଡ୍ ଜୋନ୍ ହୋଇଛି। ଏହି ଆହ୍ୱାନକୁ ଧୈର୍ଯ୍ୟର ସହିତ ମୁକାବିଲା କରୁଥିବାରୁ ଜିଲାପାଳ ଏବଂ ତାଙ୍କ ଟିମ୍‌ଙ୍କୁ ସଚିବ ଧନ୍ୟବାଦ ଦେଇଛନ୍ତି। ଏଥିରେ ମଧ ବ୍ୟକ୍ତିଗତ ଭାବେ ସେ ସାମିଲ ହେବେ ବୋଲି କହିଛନ୍ତି। ସେ ଜିଲାପାଳ, ସରପଞ୍ଚ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ କରୋନା ମୁକାବିଲା ମନ୍ତ୍ର ଦେଇଛନ୍ତି ।

ଜିଲାର ସର୍ବାଧିକ ଲୋକ ଅନ୍ୟ ରାଜ୍ୟରେ କାର୍ଯ୍ୟରତ ଥିଲେ। ଲକ୍‌ଡାଉନ ପାଇଁ କର୍ମସଂସ୍ଥାନ ବନ୍ଦ ହୋଇଯିବାରୁ ସେମାନଙ୍କର ଦୁର୍ଦ୍ଦଶା ବଢିଯାଇଥିଲା। ମେ ୩ ତାରିଖ କଟକଣା କୋହଳ ପରେ ସେମାନଙ୍କୁ ରାଜ୍ୟକୁ ଫେରାଇ ଆଣିବା ଆରମ୍ଭ ହୋଇଥିଲା। ପୂର୍ବରୁ ବସ୍‌ରେ ଆସୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏମାନେ ରେଳ ଯୋଗେ ଫେରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି।



୫-ଟି ସଚିବ ଭିଡିଓ କନ୍‌ଫରେନ୍ସରେ ଜିଲାପାଳ ଓ ସରପଞ୍ଚଙ୍କ ସହ ଆଲୋଚନା କରୁଛନ୍ତି।

ଜିଲାରେ ଗୋଷ୍ଠୀ ସଂକ୍ରମଣ ହୋଇନାହିଁ। ଯେଉଁ ପ୍ରବାସୀଙ୍କର କେତେକ ଲକ୍ଷଣ ଦେଖାଯାଉଛି ତାଙ୍କୁ ପରୀକ୍ଷା କରାଯାଇ ଲୋକଙ୍କଠାରୁ ଦୂରେଇ ରଖିବା ସହିତ ଠିକ୍ ଚିକିତ୍ସା କରାଯାଉଛି। କାହାର ଲକ୍ଷଣ ଦେଖାଦେଲେ ସ୍ୱତଃପ୍ରବୃତ୍ତ ଭାବେ ପ୍ରଶାସନକୁ ଜଣାଇବା ପାଇଁ ସଚିବ କହିଛନ୍ତି। ପ୍ରତ୍ୟେକ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଭୋଜିଭାତ ପରି ଖାଇବା ପିଇବା ନ କରିବା, ମନୋରଞ୍ଜନ ଏବଂ ଅନ୍ତେବାସୀମାନେ ଶ୍ରମଦାନ କରି କିଛି ଅର୍ଥ ଉପାର୍ଜନ କରିବାକୁ ସଚିବ ପରାମର୍ଶ ଦେଇଛନ୍ତି। ଏହା ସହିତ ସଚିବ ମଧ ଭିଡିଓ କନ୍‌ଫରେନ୍ସରେ ଶନିବାର ୭ ସରପଞ୍ଚଙ୍କ ସହ କଥା ହୋଇଛନ୍ତି। ସେଗୁଡିକ ହେଲା ଧରାକୋଟ, କବିସୂର୍ଯ୍ୟନଗର, ପୋଲସରା, ଆସ୍କା, ଖଲ୍ଲିକୋଟ, କୁକୁଡାଖଣ୍ଡି ଓ ହିଞ୍ଜିଳିକାଟୁ ସରପଞ୍ଚଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଓଡିଶା ପ୍ରଥମ ରାଜ୍ୟ ଯିଏକି କରୋନା ମୁକାବିଲାରେ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରିଛି। ପୂର୍ବରୁ ଓଡିଶା ସରକାର ବିଦେଶ ଫେରନ୍ତା, ନିଜାମୁଦ୍ଦିନ ଫେରନ୍ତା ଓ ପଶ୍ଚିମବଙ୍ଗରୁ ଫେରିଥିବା ବ୍ୟକ୍ତିଙ୍କର ସଫଳ କରୋନା ମୁକାବିଲା କରିପାରିଛନ୍ତି। ସରପଞ୍ଚମାନଙ୍କ ଉଦାରତା ଓ କର୍ତ୍ତବ୍ୟନିଷ୍ଠାକୁ ନେଇ ବିଭିନ୍ନ ରାଜ୍ୟରୁ ପ୍ରବାସୀ ଫେରନ୍ତାଙ୍କର କରୋନା ମୁକାବିଲା ସଫଳତାର ସହିତ କରାଯାଇପାରିବ ବୋଲି ସଚିବ କହିଥିଲେ। ଭିଡିଓ କନଫରେନ୍ସରେ ଅନୁଷ୍ଠିତ ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, କବୀନ୍ଦ୍ର କୁମାର ସାହୁ, ସୁଦାମ ଚରଣ ମଣ୍ଡଳ, ଅନାମ ଚରଣ ପାତ୍ର, ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ସ୍ୱତନ୍ତ୍ର ଅଧିକାରୀ ପି.ଅନ୍ୱେଷା ରେଡ୍ଡୀ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ।

# ସଙ୍ଗରୋଧ ଗୃହ ଉଦ୍ୟାନ ସଫାକଲେ ଅନ୍ତେବାସୀ

ଧରାକୋଟ,୯।୫(ଡି.ଏନ.ଏ.)

ଧରାକୋଟସ୍ଥିତ କୃଷ୍ଣସିଂହ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୧୭୭ ଜଣ ସୁରଟ ଫେରନ୍ତା ରହୁଛନ୍ତି। ବିଭିନ୍ନ କେନ୍ଦ୍ରରେ ଗଣ୍ଡଗୋଳ ଓ ନିୟମ ଉଲ୍ଲଂଘନ ନେଇ ପ୍ରବାସୀ ଓଡ଼ିଆ ନିନ୍ଦିତ ହେଉଥିବାବେଳେ ଏଠାରେ ଥିବା ଲୋକେ ଉଦାହରଣ ସୃଷ୍ଟି କରିଛନ୍ତି। ଦୈନିକ ଏଠାରେ ଜାତୀୟ ସଙ୍ଗୀତ ଗାନ ସହ ଯୋଗ ପ୍ରାଣାୟାମ ଓ ଖବରକାଗଜ ପଢୁଛନ୍ତି। ଏଥିସହ ସ୍କୁଲ ଭିତରେ ଥିବା ଉଦ୍ୟାନ ସଫା କରିବା ସହ ଗଛର ଯତ୍ନ ନେଉଛନ୍ତି। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ ମଧ କରୁଛନ୍ତି। ସ୍ୱେଚ୍ଛାସେବୀ ବାପୁନି ସ୍ୱାଇଁ ଏବଂ ଯୋଗାଣ ସହାୟକ ଗୋପାଳ ହରି ଗୌଡ଼ ଓ ସ୍କୁଲର କର୍ମଚାରୀ ଖାଦ୍ୟପେୟ ପ୍ରଦାନ ସହ ଆନୁଷଙ୍ଗିକ ବ୍ୟବସ୍ଥା କରୁଛନ୍ତି। ଧରାକୋଟ ବ୍ଲକରେ ପ୍ରାୟ ୨୨ ଶହରୁ ଊର୍ଦ୍ଧ୍ୱ ସୁରଟ ଫେରନ୍ତା ବିଭିନ୍ନ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଛନ୍ତି। ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ସ୍ଥାନୀୟ ସରପଞ୍ଚ ଅଞ୍ଜଳି ସ୍ୱାଇଁ ଜିଲାପାଳ କ୍ଷମତା ପ୍ରୟୋଗ କରି ବିଭିନ୍ନ କଟକଣା ଜାରି କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଉଛନ୍ତି।


ସ୍କୁଲ ଉଦ୍ୟାନ ସଫେଇ କରୁଛନ୍ତି ଅନ୍ତେବାସୀ।

# ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ନିର୍ଦ୍ଦେଶ ଜାରି କଲେ ଜିଲାପାଳ

ଛତ୍ରପୁର,୯।୫(ଡି.ଏନ୍.ଏ.)

କେତେକ ଗଣମାଧ୍ୟମ ପ୍ରତିନିଧି ଅନ୍ୟ ରାଜ୍ୟରୁ ଫେରୁଥିବା ପ୍ରବାସୀ ଓଡ଼ିଆଙ୍କ ସମ୍ବନ୍ଧୀୟ ଖବର ସଂଗ୍ରହ ବେଳେ ସାମାଜିକ ଦୂରତ୍ୱ ଅବଲମ୍ବନ କରୁନାହାନ୍ତି। ଏଥିଲାଗି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଏକ ପରାମର୍ଶନାମା ଜାରି କରିଛନ୍ତି। ଜିଲାପାଳ କହିଛନ୍ତି ଯେ, ଜିଲାର ବହୁସଂଖ୍ୟାରେ ପ୍ରବାସୀ ବିଭିନ୍ନ ରାଜ୍ୟରେ ଅଛନ୍ତି। ଟ୍ରେନ, ବସ୍ ଓ ଅନ୍ୟ ଯାନ ମାଧ୍ୟମରେ ସେମାନେ ଘରକୁ ଫେରୁଛନ୍ତି। ସେମାନେ ହଟ୍‌ସ୍ପଟ୍ ଅଞ୍ଚଳରୁ ମଧ ଆସୁଛନ୍ତି। ଏଣୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ନିଜେ ସାବଧାନତା ଓ ପ୍ରତିଷେଧକମୂଳକ ବ୍ୟବସ୍ଥା ଅବଲମ୍ବନ କରିବା ସହ ମାସ୍କ ପିନ୍ଧିବା, ସାନିଟାଇଜର ଓ ଗ୍ଲୋଭ୍ସ ବ୍ୟବହାର କରିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ଜିଲାପାଳ ଉକ୍ତ ସୂଚନାନାମାରେ ପରାମର୍ଶ ଦେଇଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପ୍ରବେଶ ଓ ଅନ୍ୟ ରାଜ୍ୟରୁ ଫେରୁଥିବା ପ୍ରବାସୀଙ୍କ ମତାମତ ନେବାବେଳେ ଦୂରେଇ ରହିବାକୁ ଜିଲାପାଳ କହିଛନ୍ତି। ଏପରି କି କୌଣସି କୋଭିଡ ହସ୍ପିଟାଲକୁ କଦାପି ଯାଆନ୍ତୁ ନାହିଁ, କରୋନା ଠାରୁ ନିଜେ, ନିଜ ପରିବାର ଏବଂ ସମାଜକୁ ରକ୍ଷା କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ଉତ୍ତର ଓଡ଼ିଶାରେ ପୁଣି ୪ କରୋନା ପଜିଟିଭ୍

ବାରିପଦା ଅଫିସ/କପ୍ତିପଦା/ ଭଦ୍ରକ ଅଫିସ, ୯।୫(ଡି.ଏନ.ଏ.)

- ମୟୂରଭଞ୍ଜରେ ୩ , ଭଦ୍ରକରେ ୧
- ଆତଙ୍କିତ ନ ହେବାକୁ ଜିଲାପାଳଙ୍କ ଅନୁରୋଧ

ଉତ୍ତର ଓଡ଼ିଶାରେ ଶନିବାର ଆଉ ୪ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକର ଆଉ ୩ଜଣ ଓ ଭଦ୍ରକରେ ଆଉ ଜଣେ ଚିହ୍ନଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମୟୂରଭଞ୍ଜରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୭ରେ ପହଞ୍ଚିଛି। ସେହିପରି ଭଦ୍ରକରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫ ଛୁଇଁଛି। ସେମାନଙ୍କ ମଧ୍ୟରୁ ୧୨ ଜଣ ସୁସ୍ଥ ହୋଇଥିବା ଜଣାପଡ଼ିଛି।

ସମସ୍ତ ସଂକ୍ରମିତ କ୍ୱାରାଣ୍ଟାଇନ୍‌ରେ ଥିବାରୁ କେହି ବ୍ୟସ୍ତ ନ ହେବାକୁ ଉଭୟ ଜିଲାର ଜିଲାପାଳ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

ମୟୂରଭଞ୍ଜ ଜିଲା ସଂକ୍ରମିତମାନେ ସମସ୍ତେ ପୁରୁଷ ହୋଇଥିବା ବେଳେ ବୟସ ଯଥାକ୍ରମେ ୨୦, ୨୬ ଓ ୩୦। ସମସ୍ତେ ସୁରଟ ଫେରନ୍ତା। ସୁରଟରୁ ଫେରିବା ପରେ ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇ ସେମାନଙ୍କର ସ୍ୱାବ୍ ଟେଷ୍ଟ ପାଇଁ ପଠାଯାଇଥିଲା। ଶନିବାର ସକାଳେ ରିପୋର୍ଟ ପଜିଟିଭ ଆସିଛି। ଫଳରେ ଜିଲାରେ କରୋନା ପଜିଟିଭି ଆକ୍ରାନ୍ତଙ୍କ ସଂଖ୍ୟା ୭କୁ ବୃଦ୍ଧି ପାଇଛି । ମଙ୍ଗଳବାର କପ୍ତିପଦା ବ୍ଲକର ୪ଜଣ ସୁରଟ ଫେରନ୍ତା କରୋନାରେ ଆକ୍ରାନ୍ତ ହୋଇଥିଲେ। ଶନିବାର କରୋନା ପଜିଟିଭି ଆସିଥିବା ୩ଜଣ ଆକ୍ରାନ୍ତଙ୍କୁ କଟକ ପଠାଯିବ ବୋଲି ଜିଲାପାଳ ବିନୀତ ଭରଦ୍ୱାଜ ସୂଚନା ଦେଇଛନ୍ତି।

ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଞ୍ଚଳର ସଂକ୍ରମିତଜଣକ ସୁରଟରୁ ଫେରିଥିଲେ। ସେ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଏଥିପାଇଁ ସଙ୍ଗରୋଧ କେନ୍ଦ୍ରର ଆଖପାଖ ଅଞ୍ଚଳକୁ ଯିବା ପାଇଁ ବାରଣ କରାଯାଇଛି। ଏହାର ଚାରିପାଖରେ ୧୪୪ ଧାରା ଜାରି ହୋଇଥିବା ଜିଲା ପ୍ରଶାସନ ଟୁଇଟ୍ ମାଧମରେ ସୂଚନା ଦେଇଛି। ଏହି ଅଞ୍ଚଳରେ ବୁଲାବୁଲି କରୁଥିବା ଲୋକଙ୍କ ବିରୋଧରେ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

### ୫୫ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି ୧୮୮ ନମ୍ବର ଆକ୍ରାନ୍ତ

ବାରିପଦା ଅଫିସ, ୯।୫

କରୋନାରେ ଆକ୍ରାନ୍ତ ହୋଇଥିବା ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ପିଙ୍ଗୁ ଗ୍ରାମର ୩୬ ବର୍ଷୀୟ ଯୁବକ(୧୮୮) ୫୫ ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି। ଶନିବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କ ଯାତ୍ରା ବିବରଣୀ ପ୍ରଦାନ କରାଯାଇଛି। ଯୁବକଜଣଙ୍କ ଗତ ୧ ତାରିଖରେ ସୁରଟରୁ ଏକ ବସ୍‌ରେ ୫୫ଜଣଙ୍କ ସହିତ ଆସି କପ୍ତିପଦାଠାରେ ପହଞ୍ଚିଥିଲେ। ବାଟରେ ସେମାନେ ଛତିଶଗଡ଼ ସୀମାରେ ରହିଥିବା ବେଳେ ସେଠାରେ ଥିବା ସାଇ ମନ୍ଦିରରେ ପ୍ରସାଦ ଖାଇଥିଲେ। ୪ ତାରିଖ ସକାଳେ ସେ ପିଙ୍ଗୁ କ୍ୱାରାଣ୍ଟାଇନ କେନ୍ଦ୍ରରେ ପହଞ୍ଚି ସେଠାରେ ରହିଥିଲେ। ୬ ତାରିଖରେ ତାଙ୍କ ସ୍ୱାବ ସଂଗ୍ରହ କରାଯାଇ ପଠାଯାଇଥିଲା। ୭ ତାରିଖରେ ତାଙ୍କ ରିପୋର୍ଟ ପଜିଟିଭ ଆସିଥିଲା। ଏହାପରେ ତାଙ୍କୁ ଚିକିତ୍ସା ପାଇଁ କଟକସ୍ଥିତ ଅଶ୍ୱିନୀ କୋଭିଡ଼ ହସ୍‌ପିଟାଲକୁ ପଠାଯାଇଛି।

# କାମ ନ ସରୁଣୁ ଧସୁଛି ପଥରବନ୍ଧ

ଜଳେଶ୍ୱର, ୯।୫(ସ୍ୱ.ପ୍ର)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ମାକିଡିଆ ପଞ୍ଚାୟତଠାରେ ନିର୍ମାଣାଧୀନ ସୁବର୍ଣ୍ଣରେଖା ନଦୀର ପଥରବନ୍ଧ ଓ ସ୍ପର ନିର୍ମାଣ ନ ସରୁଣୁ ୩ଦିନରେ ୩ଟି ସ୍ଥାନରେ ଧସି ଯାଇଛି। ବର୍ଷାଋତୁ ଆସିବା ପୂର୍ବରୁ ପଥରବନ୍ଧର ଏପରି ଅବସ୍ଥା ନେଇ ଗ୍ରାମବାସୀଙ୍କ ମନରେ ସନ୍ଦେହ ପ୍ରକାଶ ପାଇଛି।

ସୁବର୍ଣ୍ଣରେଖା ନଦୀ ଓଡିଶାର ପ୍ରବେଶପଥର ମାତ୍ର ୧ କି.ମି. ପରେ ପଡେ ମାକିଡ଼ିଆ ଗାଁ। ଏହି ଗାଁକୁ ସୁବର୍ଣ୍ଣରେଖା ନଦୀ ତିନି ପଟୁ ଘେରି ରହିଛି । ଏହାର ରକ୍ଷା ଲାଗି ୧୯୭୮ରେ ବିଶ୍ୱବ୍ୟାଙ୍କ ସହାୟତାରେ ଛୋଟ ଛୋଟ ସ୍ପର ନିର୍ମାଣ କରାଯାଇଥିଲା। ତେବେ ୨୦୧୦ରେ ଗାଁଟି ନଦୀଗର୍ଭରେ ଲୀନ ହେବାକୁ ବସିଥିବାବେଳେ ନଦୀପାର୍ଶ୍ୱରେ ସୁଦୀର୍ଘ ସ୍ପର ଓ ପଥରପ୍ୟାକିଂ ଯୋଗୁ ଗାଁଟି ତିଷ୍ଠି ରହିଛି। ଏବେ ନିକଟରେ ୭ଟି ସ୍ପର ଓ ୮ଶହ ମିଟର ପଥରପ୍ୟାକିଂ ଲାଗି ୧୪କୋଟି ୩୬ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଗତ ୩୦।୧।୧୯ରେ ଏହି କାର୍ଯ୍ୟ ଆରମ୍ଭ ହୋଇ ୩୦।୪।୨୦ରେ ସରିବାକୁ ଥିବା ବେଳେ ଏବେ ପ୍ରାୟ ୬୦ଭାଗ କାମ ଶେଷ ହୋଇଛି। କିନ୍ତୁ ନିର୍ମାଣ ହୋଇଥିବା ପଥରପ୍ୟାକିଂର ୩ଟି ସ୍ଥାନରେ ଧସିଯାଇଥିବା ଦେଖିବାକୁ ମିଳିଛି। ଅଦିନିଆ ବର୍ଷାରେ ସୁବର୍ଣ୍ଣରେଖା ନଦୀର ମାକିଡ଼ିଆରୁ କୁଆଁରପୁର ଚାଲିଥିବା ପଥରବନ୍ଧ କାର୍ଯ୍ୟ ଧସିଯାଉଥିବା ବେଳେ ଆସନ୍ତା ବର୍ଷାଋତୁ ଓ ବନ୍ୟା ଆସିଲେ ଏହାର ସ୍ଥିତି କ'ଣ ହେବ ସେନେଇ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିମ୍ନମାନର ପଥର ବ୍ୟବହାର କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗାଁର ବିବେକ ପ୍ରିୟଦର୍ଶୀ ପ୍ରଧାନ ନାମକ ଯୁବକ ଆର୍‌ଟିଆଇରେ ୧୬।୧୨।୧୯ରେ ସବିଶେଷ ତଥ୍ୟ ମାଗିଥିଲେ ମଧ ଜଳ ସମ୍ପଦ ବିଭାଗ ଅଦ୍ୟାବଧି ଦେଉ ନ ଥିବାରୁ ସେ ଆର୍‌ଟିଆଇ କମିଶନରଙ୍କ ଦ୍ୱାରସ୍ଥ ହେବେ ବୋଲି ଶନିବାର କହିଛନ୍ତି। ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସେ ବିଭାଗୀୟ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।


କୁଆଁରପୁରଠାରେ ଧସୁଥିବା ନଦୀବନ୍ଧରେ ପଥରପ୍ୟାକିଂ ।

**ସୁବର୍ଣ୍ଣରେଖା ନଦୀ**

ଏ ସମ୍ପର୍କରେ ଜଳେଶ୍ୱରସ୍ଥିତ ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଇଂ. ପ୍ରିୟବ୍ରତ ସିଂଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ଦୁଇଟି ପର୍ଯ୍ୟାୟରେ ୧୭କୋଟି ଟଙ୍କା ବ୍ୟୟରେ ୮ଟି ସ୍ପର ଓ ୮ଶହ ମିଟର ପଥର ପ୍ୟାକିଂ କାର୍ଯ୍ୟ ଚାଲିଛି। ୬୫ଭାଗ କାର୍ଯ୍ୟ ହୋଇଥିବା ବେଳେ ଲକ୍‌ଡାଉନ୍ ଯୋଗୁ କାର୍ଯ୍ୟ ବନ୍ଦ ହୋଇରହିଛି। ଅନ୍ୟପକ୍ଷରେ ଏହି କାର୍ଯ୍ୟ ଓଡ଼ିଶା ନିର୍ମାଣ ନିଗମ ପକ୍ଷରୁ ଚାଲିଥିବା ବେଳେ ଆର୍‌ଟିଆଇ ସମ୍ପର୍କରେ ସେ ସମ୍ପୃକ୍ତ ନିଗମ କର୍ତ୍ତୃପକ୍ଷଙ୍କୁ ଜଣାଉଥିଲେ ମଧ ସେମାନେ ତଥ୍ୟ ଦେଉ ନ ଥିବାରୁ ଆବେଦନକାରୀଙ୍କୁ ତଥ୍ୟ ଦିଆଯାଇପାରୁ ନାହିଁ।

### ପୂର୍ବତନ ଜିଲା ପରିଷଦ ସଭ୍ୟଙ୍କ ମୁମ୍ବାଇରେ ମୃତ୍ୟୁ

ଛତ୍ରପୁର,୯।୫ (ଡି.ଏନ୍.ଏ.)



ଗଞ୍ଜାମ ଜିଲାର ଜଣେ ପ୍ରବାସୀଙ୍କର ମୁମ୍ବାଇର ଏକ ମେଡିକାଲରେ ଶନିବାର ମୃତ୍ୟୁ ହୋଇଛି। ସେ ହେଲେ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଭିମନ୍ୟୁ ସେଠୀ (୪୯)। ସେ ଏକ ଗାର୍ମେଣ୍ଟ କମ୍ପାନୀରେ କାମ କରୁଥିଲେ। ଅସୁସ୍ଥ ହେବାରୁ ତାଙ୍କୁ ଏକ ମେଡିକାଲରେ ଚିକିତ୍ସା କରାଯାଉଥିଲା। ୧୯୯୭ ରୁ ୨୦୦୨ ପର୍ଯ୍ୟନ୍ତ ୨୧ ନଂ. ଜିଲା ପରିଷଦ ସଭ୍ୟ ଥିଲେ।

# ଗୋଟିଏ ଗାଁରେ ୬ ସଂକ୍ରମିତ: ଆତଙ୍କରେ ଅଞ୍ଚଳବାସୀ

କପ୍ତିପଦା, ୯।୫(ଡି.ଏନ.ଏ)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକରୁ ଦୁଇଟି ପର୍ଯ୍ୟାୟରେ ୭ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ପ୍ରଶାସନର ଚିନ୍ତା ବଢିଯାଇଛି। ଗୁରୁବାର ପ୍ରଥମେ ୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଘର ପିଙ୍ଗୁ ଗ୍ରାମରେ ଏବଂ ଅନ୍ୟ ଜଣଙ୍କ ଘର ଜେଏସ୍ ଜାମୁଡିଆ ପଞ୍ଚାୟତରେ। ସେହିପରି ଶନିବାର ଚିହ୍ନଟ ଆଉ ୩ଜଣଙ୍କ ଘର ପିଙ୍ଗୁ ଗ୍ରାମରେ। ମୋଟ ୬ଜଣ ଆକ୍ରାନ୍ତଙ୍କ ଘର ଏହି ଗ୍ରାମରେ ଏବଂ ଏମାନେ ସୁରଟରେ କାମ କରୁଥିଲେ। ସମସ୍ତେ ଗୋଟିଏ ବସ୍ ଯୋଗେ କପ୍ତିପଦାରେ ପହଞ୍ଚିଥିଲେ । ଏଥିସହ ଏମାନେ ନୁଦୁଡିହା ପ୍ରାଥମିକ ବିଦ୍ୟାଳୟ କ୍ୱାରାଣ୍ଟାଇନ କେନ୍ଦ୍ରରେ ଅନ୍ୟ ୧୧ଜଣଙ୍କ ସହ ରହୁଥିଲେ। ଏହି କେନ୍ଦ୍ରରେ ଗୋଟିଏ ପରେ ଗୋଟିଏ ସଂକ୍ରମିତ ଚିହ୍ନଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ଏକ ବାତାବରଣ ଖେଳିଯାଇଛି। ଜଣେ ଆକ୍ରାନ୍ତ କ୍ୱାରାଣ୍ଟାଇନ ନିୟମକୁ ଠିକ୍ ଭାବେ ମାନି ନ ଥିବାରୁ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଠିକ୍ ଭାବେ ତଦାରଖ କରିବାକୁ ଦାବି ହୋଇଛି। ଶୁକ୍ରବାର ଏହାକୁ ନେଇ ପିଙ୍ଗୁ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। କପ୍ତିପଦା ବିଡିଓ ସତ୍ୟନାଥ ନାଏକ, ତହସିଲଦାର ରାଧାରଞ୍ଜନ ଦାସ ଓ ଥାନାଧିକାରୀ ସଞ୍ଜୟ ପ୍ରଧାନ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହି ଅଞ୍ଚଳ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇ ନ ଥିବାରୁ ପୁଣି ଥରେ ସାନିଟାଇଜ କରିବାକୁ ଲୋକେ ଦାବି କରିଛନ୍ତି। ପିଙ୍ଗୁ କ୍ୱାରାଣ୍ଟାଇନ କେନ୍ଦ୍ରର ୧୦୦ମିଟର ବ୍ୟାସ ବିଶିଷ୍ଟ ଅଞ୍ଚଳକୁ କେହି ପ୍ରବେଶ ନ କରିବା ପାଇଁ ପ୍ରଶାସନ ପକ୍ଷରୁ ମାଇକ୍ ଯୋଗେ ଲୋକଙ୍କୁ ସଚେତନ କରାଯାଇଛି । ସେହିପରି ଶନିବାର ପଡୋଶୀ ନୁଦୁଡିହା ଛକ ନିକଟରେ ମଧ ଉତ୍ତେଜନା ପ୍ରକାଶ ପାଇଥିଲା। ଆକ୍ରାନ୍ତମାନେ ସେହି ରାସ୍ତା ଦେଇ ଯିବା ଆସିବା କରୁଥିବାରୁ ରାସ୍ତା ସହିତ ସେହି ଅଞ୍ଚଳକୁ ସାନିଟାଇଜ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଉଦଳା ଥାନାଧିକାରିଣୀ ରୀନା ବେହେରାଙ୍କ ସମେତ କପ୍ତିପଦା ବିଡିଓ ଓ କପ୍ତିପଦା ଥାନାଧିକାରୀ ଲୋକଙ୍କ ସହିତ ଆଲୋଚନା କରି ସାନିଟାଇଜ କରାଯିବାର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।

# ଗଞ୍ଜାମର ଫେରିଛନ୍ତି ୧୯,୨୯୪

**୧୯ ଟ୍ରେନ୍‌ରେ ଆସିଛନ୍ତି ପ୍ରବାସୀ**

ଛତ୍ରପୁର,୯।୫(ଡି.ଏନ.ଏ.)

ପ୍ରବାସୀମାନେ ଶୁକ୍ରବାର ସୁଦ୍ଧା ୧୯ଟ୍ରେନ୍ ଯୋଗେ ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ଆସି ପହଞ୍ଚିଥିଲେ। ହାଇକୋର୍ଟର ସ୍ଥଗିତାଦେଶ ଯୋଗୁ ଶନିବାର କୌଣସି ଟ୍ରେନ୍ ଆସି ନ ଥିଲା। ତେବେ ସୁପ୍ରିମକୋର୍ଟଙ୍କଠାରୁ ଗ୍ରୀନ୍ ସିଗ୍‌ନାଲ ପରେ ପୁଣି ଶନିବାର ଅପରାହ୍ନ ୧ଟା ୩୦ରେ ସୁରଟରୁ ଏକ ସ୍ୱତନ୍ତ୍ର ଟ୍ରେନ୍ ବାହାରିଛି। ରବିବାର ଅପରାହ୍ନ ୧ ଟା ୧୫ରେ ଏହା ଜଗନ୍ନାଥପୁର ଷ୍ଟେଶନରେ ପହଞ୍ଚିବ ବୋଲି ଜଣାପଡିଛି। ଅପରପକ୍ଷରେ ସୁରଟ ଫେରନ୍ତାଙ୍କୁ ନେଇ ଗଞ୍ଜାମରେ କରୋନା ପଜିଟିଭଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ଏନେଇ ଜିଲାବାସୀ ଭୟଭୀତ ହୋଇ ପଡିଛନ୍ତି। ତେବେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ପ୍ରବାସୀଙ୍କଠାରେ ପଜିଟିଭ ମିଳିଥିବା ଏବଂ କମ୍ୟୁନିଟି ସଂକ୍ରମଣ ହୋଇ ନ ଥିବାରୁ ଗଞ୍ଜାମବାସୀ ଭୟଭୀତ ଏବଂ ବ୍ୟତିବ୍ୟସ୍ତ ହେବାର ନାହିଁ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗଣମାଧ୍ୟମକୁ ଏବଂ ଜନସାଧାରଣଙ୍କ ପାଇଁ ଭିଡିଓ ବାର୍ତ୍ତାରେ କହିଛନ୍ତି। କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୧୦୦ ମିଟର ମଧ୍ୟରେ ଶୁକ୍ରବାର ଜିଲାପାଳ ୧୪୪ ଧାରା ଜାରି କରିଛନ୍ତି। ସେଠାକୁ ଯିବାକୁ ବାରଣ କରାଯାଇଛି। କେହି ପରିବାର ସଦସ୍ୟ ସେଠାକୁ ଗଲେ ତାଙ୍କୁ ମଧ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଏଥିସହ ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମାମଲା ରୁଜୁ ହେବ ବୋଲି ମଧ ଜିଲାପାଳ ସତର୍କ କରାଇ ଦେଇଛନ୍ତି।

ସୂଚନାନୁସାରେ, ଶୁକ୍ରବାର ସୁଦ୍ଧା ୧୯ ଟ୍ରେନ୍ ଯୋଗେ ପ୍ରବାସୀମାନେ ଜଗନ୍ନାଥପୁର ଷ୍ଟେଶନକୁ ଆସି ଓହ୍ଲାଇଛନ୍ତି। ଏଥିରେ ଗଞ୍ଜାମ ଜିଲା ସମେତ ଗଜପତି, କନ୍ଧମାଳ, ନୟାଗଡ, ପୁରୀ, ଖୋର୍ଦ୍ଧା, କେନ୍ଦ୍ରାପଡା, କଟକ, କଳାହାଣ୍ଡି, କେନ୍ଦୁଝର, ମୟୂରଭଞ୍ଜ, ବଲାଙ୍ଗୀର, ବୌଦ୍ଧ ଓ ଅନୁଗୋଳ ସମେତ ଅନ୍ୟ ଜିଲାର ପ୍ରବାସୀମାନେ ଫେରିଛନ୍ତି। ଏମାନଙ୍କୁ ତାଙ୍କ ଅଞ୍ଚଳର କ୍ୱାରାଣ୍ଟାଇନ୍ ସେଣ୍ଟରକୁ ବସ୍ ଯୋଗେ ପଠାଯାଇଥିଲା।

ଗତ ୩ରୁ ୮ ତାରିଖ ମଧ୍ୟରେ ଜଗନ୍ନାଥପୁର ଷ୍ଟେଶନକୁ ୧୯ ଟ୍ରେନ୍‌ରେ ଜିଲାର କେରଳ ଏବଂ ଗୁଜରାଟରୁ ମୋଟ ୧୯,୨୯୫ ପ୍ରବାସୀ ଆସିଥିବା ଜଣାପଡିଛି। ସୁରଟରୁ ଆସିଥିବା ୧୬ ଟ୍ରେନ୍‌ରେ ୧୮ ହଜାର ୩୭୭ ଏବଂ କେରଳରୁ ଆସିଥିବା ୩ ଟ୍ରେନ୍‌ରେ ୯୧୮ ପ୍ରବାସୀ ଆସିଥିବା ଜଣାପଡିଛି।


ରେଳ ଷ୍ଟେଶନରେ ଓହ୍ଲାଉଥିବା ଲୋକେ। (ଫାଇଲ ଫଟୋ)

ସୂଚନାଯୋଗ୍ୟ, ସୁରଟରୁ ୩ ତାରିଖରେ ପ୍ରଥମ ଟ୍ରେନ୍ ଜଗନ୍ନାଥପୁର ଜଙ୍କଶନକୁ ଆସିଥିଲା। ସେଥିରେ ଗଞ୍ଜାମର ୧୨୦୨ ଜଣ ରହିଥିଲେ। ସେହିପରି ୪ରେ ୩ ଟ୍ରେନ୍‌ରେ ୩୬୩୪, ୫ ରେ ୩୭୦୮, ୬ ରେ ୩ ଟି ଟ୍ରେନ୍‌ରେ ୩୬୩୦ ଜଣ, ୭ ରେ ୨୬୮୬ ଜଣ ଏବଂ ୮ ରେ ୩ ଟ୍ରେନ୍ ଯୋଗେ ୩୫୧୭ ଜଣ ଗଞ୍ଜାମର ଆସିଥିଲେ। ସେହିପରି କେରଳରୁ ପ୍ରଥମ ଟ୍ରେନ୍ ୩ତାରିଖରେ ୧୨୨ ଜଣ, ୪ରେ ୬୦୬ ଏବଂ ୭ ତାରିଖରେ ୧୯୦ ଜଣଙ୍କୁ ନେଇ ଆସିଥିଲା।

ଟ୍ରେନ୍‌ରେ ଫେରିଥିବା ଓଡିଆଙ୍କ ପାଇଁ ଜଗନ୍ନାଥପୁର ଷ୍ଟେଶନରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ପୋଲିସ ବ୍ୟାରିକେଡ୍ ଓ ସାମାଜିକ ଦୂରତ୍ୱ ରକ୍ଷା କରି ବସ୍ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିଲା। ଷ୍ଟେଶନରେ ୧୨ ସ୍କ୍ରିନିଂ ସେଣ୍ଟର ହୋଇଛି। ପ୍ରତି ସ୍ୱାସ୍ଥ୍ୟ ଟିମ୍‌ରେ ଡାକ୍ତରଙ୍କ ସହ ୭ ସଦସ୍ୟ ରହିଛନ୍ତି। ଥର୍ମାଲ ସ୍କ୍ରିନିଂ ପରେ ରେଜିଷ୍ଟ୍ରେଶନ, ମାସ୍କ ଓ ଫୁଡ୍ କିଟ୍ ପ୍ରଦାନ କରାଯାଉଛି।

### ସୁରଟରୁ ଟ୍ରେନ୍ ପହଞ୍ଚିବ ଆଜି

ଅପରପକ୍ଷରେ ଜିଲାକୁ ଆସିଥିବା ପ୍ରବାସୀଙ୍କ ମଧ୍ୟରୁ କେତେକ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଖାଇବା ପିଇବା, ନିମ୍ନମାନର ଖାଦ୍ୟ, ରହିବା ସୁବିଧା ନ ଥିବା ଅଭିଯୋଗ ଆସିଛି। ଏଥିସହ ଗଣ୍ଡଗୋଳଠାରୁ ଆରମ୍ଭ କରି ପୋଲିସ ଓ କ୍ୱାରାଣ୍ଟାଇନ୍ ସେଣ୍ଟରରେ ଡ୍ୟୁଟିରେ ଥିବା କର୍ମଚାରୀଙ୍କୁ ମଧ ପ୍ରବାସୀମାନେ ଅଶାଳୀନ ବ୍ୟବହାର କରିଛନ୍ତି। ଏ ପରିକି କେତେଜଣ ସେଠାରୁ ଖସି ପଳାଇବା ଆଦି ଘଟଣା ଘଟିଛି। ଏନେଇ ଗଞ୍ଜାମ ପୋଲିସ ଜିଲାର ଥାନାଗୁଡିକରେ ୩ ମାମଲା ମଧ ରୁଜୁ ହୋଇଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପରବର୍ତ୍ତୀ ସମୟରେ ବିଶୃଙ୍ଖଳାକାରୀ ନିଜର ଭୁଲ ସ୍ୱୀକାର କରି କ୍ଷମା ମଧ ମାଗିଥିବା ଭିଡିଓ ପଦାକୁ ଆସିଥିଲା।

୧୩ କୋଟି ୧୦ ଲକ୍ଷ ଭାରତୀୟ ଜୁମ୍ ଆପ୍ ଡାଉନ୍‌ଲୋଡ୍ କରିଛନ୍ତି। ଲକ୍‌ଡାଉନ୍ ସମୟରେ ଏପ୍ରିଲ୍ ମାସରେ ଭାରତରେ ଏହାର ସର୍ବାଧିକ ଡାଉନ୍‌ଲୋଡ୍ କରାଯାଇଥିବା ସେନସର୍ ଟାୱାର ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ଏହି ଆପ୍‌ର ବ୍ୟବହାର ଦ୍ୱାରା ଗୁପ୍ତ ତଥ୍ୟ ଚୋରି ହେଉଥିବାର ଆଶଙ୍କା ଥିବା ଦର୍ଶାଇ ଭାରତ ସରକାରଙ୍କ ପକ୍ଷରୁ ଡାଉନଲୋଡ୍ ନ କରିବା ଲାଗି ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା।

# ଶହୀଦ ପରିବାରର ସାଥୀ 'ବିକାଶ'

**ନୂଆଦିଲ୍ଲୀ:** କୁହାଯାଏ ଶହୀଦ କେବେ ମରନ୍ତିନି। ସେମାନେ ଆମ ଗହଣରେ ରହିଥାନ୍ତି ଅଦୃଶ୍ୟ ଭାବରେ। ମାଟି ମା' ପାଇଁ ଜୀବନ ଉତ୍ସର୍ଗ କରିଥିବା ଦେଶର ବୀର ଯୋଦ୍ଧାଙ୍କ ଜୀବନୀ ସବୁବେଳେ ପ୍ରେରଣାଦାୟୀ। ସେମାନଙ୍କ ତ୍ୟାଗ, ବଳିଦାନର ଗାଥାଙ୍କୁ ମନେପକାନ୍ତି ଅନେକେ। ହେଲେ ଯବାନ ଶହୀଦ ହୋଇଯିବା ପରେ କ'ଣ କରନ୍ତି ସେମାନଙ୍କ ପରିବାର ସଦସ୍ୟ ? ରାଖିରେ ଶହୀଦ ଭାଇକୁ ଝୁରିହେଉଥିବା ଭଉଣୀକୁ କିଏ ବୋଧ ଦିଏ ? ଭେଣ୍ଡା ପୁଅକୁ ହରାଇ ଲୁହରେ ବତୁରିଯାଇଥିବା ମା'ବାପାଙ୍କ ଆଖିରେ କିଏ ଭରିଦିଏ ସୁନେଲି ସ୍ୱପ୍ନ ? ଏମିତି ଅନେକ ପ୍ରଶ୍ନର ଉତ୍ତର ହୁଏତ ଆମେ କେବେ ଖୋଜିବାକୁ ଚେଷ୍ଟା କରୁନା। ହେଲେ ଏମିତି କେତେଜଣ ଅଛନ୍ତି, ଯେଉଁମାନେ ଶହୀଦ ପରିବାର ସହିତ ଜୀବନ ତମାମ ବାନ୍ଧିଥାନ୍ତି ସମ୍ପର୍କର ଡୋରି। ଶହୀଦଙ୍କ ଭଉଣୀ ଉପରେ ଅଜାଡ଼ି ଦିଅନ୍ତି ସ୍ନେହ। ଶହୀଦ ମା'ଙ୍କଠାରୁ ପୁଅର ଯଶକୀର୍ତ୍ତି ଶୁଣନ୍ତି। ପୁଅକୁ ହରାଇଥିବା ବୟସ୍କ ବାପାଙ୍କ ଏକଲାପଣକୁ ବାଣ୍ଟନ୍ତି। ଛାତି ପିଟି କୁହନ୍ତି 'ଏ ହେଉଛି ସେହି ଶହୀଦ, ଯିଏ ଆମ ପାଇଁ ଛାତିରେ ଖାଇଛି ଶତ୍ରୁର ଗୁଳି'। ଶହୀଦଙ୍କ ପରିବାର ପ୍ରତି ସମର୍ପିତ ଏମିତି ଜଣେ ମଣିଷ ହେଉଛନ୍ତି ଜମ୍ମୁର ବିକାଶ ମହ୍ନାସ।

ଦେଶପ୍ରେମୀ ବିକାଶ ଦୀର୍ଘ ୨୧ବର୍ଷ ହେଲା ଏହି କାର୍ଯ୍ୟ କରି ଆସୁଛନ୍ତି। ସୀମାରେ ଶହୀଦ ହୋଇଥିବା ଯବାନଙ୍କ ଘରକୁ ସେ ଯାଆନ୍ତି। ପରିଜନଙ୍କ ଦୁଃଖସୁଖ ବୁଝିଥାନ୍ତି। ସେମାନଙ୍କଠାରୁ ବୀର ଯବାନଙ୍କ ଅନେକ କଥା ଶୁଣନ୍ତି। ବିକାଶଙ୍କ କହିବା କଥା, ୧୯୯୪ରେ ସୀମାପାର ଗୁଳିରେ ଜମ୍ମୁ-କଶ୍ମୀରରେ ୭ ଯବାନ ଶହୀଦ ହୋଇଯାଇଥିଲେ। ସେହି ସମୟରେ କୌଣସି କାରଣରୁ ଶହୀଦଙ୍କ ମରଶରୀର ଘରକୁ ଆସିପାରିଲାନାହିଁ। ଜମ୍ମୁ-କଶ୍ମୀରରେ ହିଁ ଶହୀଦଙ୍କ ଅନ୍ତିମ ସଂସ୍କାର କରିଦିଆଗଲା। ଦେଶ ଲାଗି ପ୍ରାଣବଳି ଦେଇଥିବା ଶହୀଦଙ୍କୁ ସେମାନଙ୍କ ଘର ଲୋକେ ଶେଷଥର ପାଇଁ ଦେଖିପାରିଲେନି। ୧୯୯୯ରେ କାର୍ଗିଲ ଯୁଦ୍ଧରେ ୫୨୭ ଯୋଦ୍ଧାଙ୍କୁ ଦେଶ ହରାଇଥିଲା। ଏହି ଘଟଣା ତାଙ୍କ ମନକୁ ଦୋହଲାଇ ଦେଇଥିଲା। ଶହୀଦଙ୍କ ଘରକୁ ଯାଇ ସେମାନଙ୍କ ପରିବାର ସଦସ୍ୟଙ୍କ ସହ ସମ୍ପର୍କ ଯୋଡ଼ିବାକୁ ଇଚ୍ଛା ହୋଇଥିଲା। କାରଣ ଜଣେ ଯବାନ ଶହୀଦ ହୋଇଯିବାର କିଛିଦିନ ଯାଏ ସେମାନଙ୍କ ପରିବାର ଚର୍ଚ୍ଚାରେ ରହିଥାନ୍ତି। ଶହୀଦଙ୍କ ଘରେ ମିଡିଆ, ରାଜନେତା, ସରକାରୀ ଅଧିକାରୀଙ୍କ ବେଶ୍ ଭିଡ଼ ଜମେ। ଏହାର କିଛିଦିନ ପରେ ସମସ୍ତେ ସେହି ପରିବାରକୁ ଭୁଲିଯାଆନ୍ତି। ତେଣୁ ଶହୀଦ ପରିବାରର ନିଃସଙ୍ଗପଣକୁ ବାଣ୍ଟିବାକୁ ସେ ଏହି ଯାତ୍ରା ଆରମ୍ଭ କରିଛନ୍ତି। ପୁଅକୁ ହରାଇଥିବା ଅନେକ ମା' ସେମାନଙ୍କ ବୀର ପୁଅର କାହାଣୀ ଶୁଣାଇଥାନ୍ତି। ସେମାନଙ୍କ ଭଉଣୀ ଭାଇ ମାନି ହାତରେ ରାଖି ବି ବାନ୍ଧିଦିଅନ୍ତି। ଏଯାଏ ପାଖାପାଖି ୫୦୦ ଶହୀଦ ଘରକୁ ସେ ଯାଇସାରିଲେଣି। ହେଲେ ଏ ନେଇ ତାଙ୍କ ପାଖରେ ବିଧିବଦ୍ଧ ଭାବେ କିଛି ତଥ୍ୟ ନାହିଁ। ଯଦିଓ ଶହୀଦଙ୍କ ପରିବାରକୁ ସେ କୌଣସି ଆର୍ଥିକ ସହାୟତା କରୁନାହାନ୍ତି, ତଥାପି ସେମାନଙ୍କ ଏକଲାପଣର ସାଥୀ ହେବା ତାଙ୍କ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

କେବଳ ବିକାଶ ନୁହନ୍ତି, ଏପରି ମହତ୍ କାର୍ଯ୍ୟରେ ଯୋଡ଼ି ହୋଇଛନ୍ତି ବିଭିନ୍ନ ରାଜ୍ୟର ଶତାଧିକ ଯୁବତୀଯୁବକ। ନିକଟରେ ହିନ୍ଦୱାଡା ଆତଙ୍କବାଦୀ ଆକ୍ରମଣରେ ସିଆର୍‌ପିଏଫ୍‌ର ୩ ଜଣ ଯବାନ ଶହୀଦ ହୋଇଯାଇଥିଲେ। ଦେଶରେ ଲକ୍‌ଡାଉନ ଚାଲିଥିବାରୁ ସେମାନଙ୍କ ଘରକୁ ଯିବା ସମ୍ଭବପର ହେଲାନାହିଁ। ତେଣୁ ଟୁଇଟରରେ ଦୀପ ଜଳାଇ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିବା ବିକାଶ କହିଛନ୍ତି।



ଜଣେ ଶହୀଦ ଯବାନଙ୍କ ମା'ଙ୍କ ସହ ବିକାଶ।

# ସୋନାକ୍ଷୀଙ୍କ ନିଆରା ଅଭିଯାନ

**ମୁମ୍ବାଇ:** କରୋନା ଭାଇରସ୍ ବିରୋଧରେ ଏବେ ସାରା ବିଶ୍ୱ ଲଢ଼େଇ କରୁଛି। ଆଉ ଏଥିରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ଜରୁରୀ ସେବା ପ୍ରଦାନକାରୀ କର୍ମଚାରୀ। ବିଶେଷକରି ଡାକ୍ତରମାନେ ନିଜ ଜୀବନକୁ ସଙ୍କଟରେ ପକାଇ କରୋନା ରୋଗୀମାନଙ୍କ ଜୀବନ ବଞ୍ଚାଉଛନ୍ତି। ତେବେ ଏହି ଡାକ୍ତରଙ୍କ ପାଇଁ ସହଯୋଗର ହାତ ବଢ଼ାଇଛନ୍ତି ବଲିଉଡ୍ ଅଭିନେତ୍ରୀ ସୋନାକ୍ଷୀ ସିହ୍ନା। ସୋନାକ୍ଷୀ ଡାକ୍ତରଙ୍କ ପାଇଁ ପର୍ସନାଲ ପ୍ରୋଟେକ୍ସନ ଇକ୍ୟୁପ୍‌ମେଣ୍ଟ (ପିପିଇ) କିଟ୍ ଦେବାକୁ ଘୋଷଣା କରିଛନ୍ତି। କରୋନା ବିରୋଧରେ ଚାଲିଥିବା ଯୁଦ୍ଧରେ ଏହି କିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର, ଯାହା ମେଡିକାଲ କର୍ମଚାରୀଙ୍କୁ ଏହି ଭୟଙ୍କର ରୋଗରୁ ରକ୍ଷା କରିଥାଏ। ତେଣୁ ଏହାର ଆବଶ୍ୟକତାକୁ ଧ୍ୟାନରେ ରଖି ସୋନାକ୍ଷୀ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେ ମନୀଷ୍ ମୁନ୍ଦ୍ରା ଓ ଅତୁଲ କସାବେକରଙ୍କ ସହ ମିଶି ଡାକ୍ତରଙ୍କ ସହାୟତା କରିବାକୁ ଚେଷ୍ଟା କରିଛନ୍ତି। ସେ ଏକ ଭିଡିଓ ମାଧ୍ୟମରେ ତାଙ୍କର ଫ୍ୟାନ୍‌ମାନଙ୍କୁ ଏହି କଠିନ ସମୟରେ ଏକାଠି ହୋଇ କରୋନା ଯୋଦ୍ଧାଙ୍କୁ ସହାୟତା କରିବାକୁ ନିବେଦନ କରିଛନ୍ତି। ସେ କହିଛନ୍ତି, ଯଦି ଆପଣ ୨୫ରୁ ୧୦୦କିଟ୍ ଦାନ କରନ୍ତି, ତେବେ ମୁଁ ଆପଣଙ୍କୁ ଫେସ୍‌ବୁକ୍ ମାଧ୍ୟମରେ ଧନ୍ୟବାଦ ଜଣାଇବି। ଯଦି ଆପଣ ୧୦୦ରୁ ୨୦୦କିଟ୍ ଦିଅନ୍ତି, ତେବେ ମୁଁ ଆପଣଙ୍କ ପାଇଁ ଭିଡିଓ ବାର୍ତ୍ତା ପ୍ରସ୍ତୁତ କରିବି। ଯଦି ଆପଣ ୨୦୦ରୁ ଅଧିକ କିଟ୍ ଦାନ କରନ୍ତି ତାହାଲେ ମୁଁ ଭିଡିଓ କଲ୍ କରିବି। ତେବେ ସୋନାକ୍ଷୀ ଏହି ଅଭିଯାନ ମାଧ୍ୟମରେ ୧୦୦୦ କିଟ୍ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି।



# ରୋବୋ ଡଗ୍




**ସିଙ୍ଗାପୁର:** ସାରା ବିଶ୍ୱରେ ଏବେ କରୋନା ସ୍ଥିତି ଭୟଙ୍କର ରହିଛି। ତେଣୁ ଲୋକଙ୍କୁ ଧୈର୍ଯ୍ୟର ସହିତ ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ ଦେଉଛି ରୋବୋ ଡଗ୍। ସିଙ୍ଗାପୁରର ବିଭିନ୍ନ ପାର୍କରେ ଏଭଳି ଭିନ୍ନ ଢଙ୍ଗରେ ଲୋକଙ୍କୁ ସଚେତନ କରାଯାଉଛି। ସିଙ୍ଗାପୁର ପ୍ରଶାସନ ଏବେ ପାର୍କରେ ଏଭଳି ରୋବୋ ଡଗ୍‌ମାନଙ୍କୁ ନିଯୁକ୍ତ କରିଛି, ଯେଉଁମାନେ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ଚାରୋଟି ଗୋଡ଼ଥିବା ଏହି ମେସିନ୍‌କୁ ବୋଷ୍ଟନ୍ ଡାଇନାମିକ୍ ପକ୍ଷରୁ ତିଆରି କରାଯାଇଛି। ପ୍ରଥମେ ଏହି ରୋବୋକୁ ସିଙ୍ଗାପୁରର ସେଣ୍ଟ୍ରାଲ ପାର୍କରେ ମୁତୟନ କରାଯାଇଥିଲା। ପାର୍କକୁ ବିଭିନ୍ନ ଲୋକେ ଜଗିଂ କିମ୍ବା ବିଭିନ୍ନ ଏକ୍ସରସାଇଜ୍ କରିବାକୁ ଆସୁଥିବା ବେଳେ ସେମାନଙ୍କୁ ସାମାଜିକ ଦୂରତା ରକ୍ଷାକରିବା ପାଇଁ ରୋବୋ ଭଲଭାବେ ନମ୍ର ହୋଇ ବୁଝାଇ କହିବା ଆରମ୍ଭ କରିଥିଲା। ରୋବୋର ଏଭଳି ଢଙ୍ଗରେ କହିବା ଫଳରେ ଲୋକେ ବେଶ୍ ପ୍ରଭାବିତ ହୋଇଥିଲେ। ଲୋକଙ୍କ ଉପରେ ରୋବୋର ପ୍ରଭାବ ଅଧିକ ରହିବା ଲକ୍ଷ୍ୟ କରିବା ପରେ ପ୍ରଶାସନ ପକ୍ଷରୁ ଅନ୍ୟ ସବୁ ପାର୍କରେ ବି ରୋବୋକୁ କାର୍ଯ୍ୟକ୍ଷମ କରାଯାଇଛି। ଲକ୍‌ଡାଉନ୍ ସମୟରେ ସବୁ ପାର୍କରେ ଏହି ରୋବୋ ଲୋକଙ୍କୁ ସ୍ୱତନ୍ତ୍ର ଢଙ୍ଗରେ କରୋନା ସମୟରେ ସୁସ୍ଥ ରହିବାର ବିଭିନ୍ନ ମନ୍ତ୍ର ଶିଖାଉଛି। ରୋବୋଗୁଡ଼ିକ ମହିଳାଙ୍କ ଭଳି ମଧୁର ସ୍ୱରରେ ଲୋକଙ୍କୁ ବୁଝାଉଛନ୍ତି। ଏଗୁଡ଼ିକ କଳା ଏବଂ ହଳଦିଆ ରଙ୍ଗରେ ବିଭିନ୍ନ ଡିଜାଇନ୍‌ରେ ତିଆରି କରାଯାଇଛି। କିଛି କାର୍ ଭଳି ତ କିଛି ଅନ୍ୟ ଡିଜାଇନ୍‌ରେ ତିଆରି କରାଯାଇଛି ଏବଂ ଏହାକୁ ରିମୋଟରେ କଣ୍ଟ୍ରୋଲ କରାଯାଉଛି। ସାମାଜିକ ଦୂରତା ରକ୍ଷା କରିବା ପାଇଁ ସିଙ୍ଗାପୁର ସରକାର ବିଭିନ୍ନ ସ୍ଥାନରେ ସତର୍କତା ଅବଲମ୍ବନ କରିବାକୁ ସିସି ଟିଭି ମଧ୍ୟ ଲଗାଇଛନ୍ତି। ଫଳରେ ଲୋକମାନେ ଏହାକୁ ବୁଝିବା ଓ ପାଳନ କରିବା ଲାଗି ଆଗ୍ରହ ପ୍ରକାଶ କରୁଛନ୍ତି।

# ଆଜି ବିଶ୍ୱ ମାତୃ ଦିବସ
# ମା'ଙ୍କ ପାଇଁ ଦିନଟିଏ

କୁହାଯାଏ ମା'ର ମମତା ଆଗରେ ସବୁକିଛି ତୁଚ୍ଛ। ତା' ପଣତକାନିଠାରୁ କେହି ଅଧିକ ସୁରକ୍ଷା ଦେଇପାରେନା। ତା'ର ସ୍ନେହବୋଳା କଥା, ଭଲପାଇବା ଆଗରେ ଦୁନିଆଁର ସବୁ ଦାମୀ ଜିନିଷ ଫେଲ୍ ମାରିଯାଏ। ସେଇ ମା'କୁ ସମ୍ମାନ ଜଣାଇବା ଓ ତା'ର ମହାନତାକୁ ମନେପକାଇବା ଲାଗି ପ୍ରତିବର୍ଷ ମେ' ଦ୍ୱିତୀୟ ରବିବାର ବିଶ୍ୱ ମାତୃ ଦିବସ ପାଳନ କରାଯାଇଥାଏ। ଅତ୍ୟାଧୁନିକ ଯୁଗରେ ପ୍ରଥମେ ୧୯୦୮ରେ ଏହି ଦିବସ ପାଳନ କରାଯାଇଥିଲା। ଏହାର ପ୍ରତିଷ୍ଠାତା ହେଉଛନ୍ତି ଆମେରିକାର ଆନ୍ନା ଜାର୍ଭିସ୍। ବିଶ୍ୱର ଭିନ୍ନ ଭିନ୍ନ ଦେଶରେ ବର୍ଷର ବିଭିନ୍ନ ଦିବସରେ ମଧ୍ୟ ଏହାକୁ ପାଳନ କରାଯାଇଥାଏ। ପରିବାର ଓ ସମାଜରେ ମା'ଙ୍କୁ ସମ୍ମାନ ଦେବା ଏବଂ ସେମାନଙ୍କ ମମତା ଓ ସେବାକୁ ମନେପକାଇ ପୂଜାକରିବା, ଘରେ ତାଙ୍କ ସହ ଅଧିକ ସମୟ ବିତାଇବା ଏହି ଦିବସର ମହତ୍ତ୍ୱ। ଏହି ଦିବସରେ ଘରେ ଓ ବାହାରେ କେକ୍ କାଟିବା, ଫୁଲହାର ଉପହାର ଦେବା, ପାର୍ଟି ମନାଇବା ଭଳି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥାଏ। ଏବେ କରୋନା ମହାମାରୀ ଯୋଗୁ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି ରହିଥିବାରୁ ସାମାଜିକ ଦୂରତ୍ୱ ରକ୍ଷାକରି କେବଳ ଘରେ ହିଁ ମା'ଙ୍କୁ ସମ୍ମାନ ଜଣାଯାଇ ପାରିବ।



# ଇର୍ଫାନଙ୍କୁ ମନେପକାଇଲେ ଦୀପିକା

**ମୁମ୍ବାଇ:** ବଲିଉଡ୍ ଅଭିନେତା ଇର୍ଫାନ୍ ଖାଁ ଜୀବିତ ନ ଥିଲେ ମଧ୍ୟ ଅନେକଙ୍କ ମନରେ ସେ ଆଜି ବି ଜୀବିତ ହୋଇ ରହିଛନ୍ତି। ତାଙ୍କ ମୃତ୍ୟୁକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି। ବଲିଉଡ୍ ସେଲିବ୍ରିଟି ହୁଅନ୍ତୁ ଅବା ସାଧାରଣ ଜନତା ସଭିଙ୍କ ହୃଦୟରେ ଯୁଗଯୁଗ ଧରି ବସା ବାନ୍ଧି ରହିବ ଇର୍ଫାନଙ୍କ ଜୀବନ୍ତ ଅଭିନୟ। ନିକଟରେ ବଲିଉଡ୍ ନାୟିକା ଦୀପିକା ପାଦୁକୋନ ଏମିତି ଏକ ଭିଡିଓ ଶେୟାର କରିଛନ୍ତି, ଯାହାକୁ ଦେଖିବା ପରେ ପୁଣି ଇର୍ଫାନଙ୍କ ପାଇଁ ସମସ୍ତଙ୍କ ଆଖିରେ ଲୁହ ଆସିଯାଇଛି। 'ପିକୁ' ଫିଲ୍ମରେ ଇର୍ଫାନଙ୍କ ସହ ଦୀପିକା ବ୍ୟାଡମିଣ୍ଟନ ଖେଳିବାର ଏକ ଭିଡିଓକୁ ସୋସିଆଲ ମିଡିଆରେ ଶେୟାର କରିବା ସହ ଏକ ଇମୋଜି ଦେଇ ଲେଖିଛନ୍ତି, ପ୍ଲିଜ୍ ତୁମେ ଫେରିଆସ ଇର୍ଫାନ'। ୨୦୧୫ ମେ' ୮ରେ 'ପିକୁ' ରିଲିଜ ହୋଇଥିବାବେଳେ ଏହାର ୫ ବର୍ଷ ପୂର୍ତ୍ତି ଅବସରରେ ଦୀପିକା ଇର୍ଫାନଙ୍କ ସହ ଥିବା ତାଙ୍କ ଭିଡିଓଟିକୁ ଶେୟାର କରିଛନ୍ତି। ଯାହା ଦର୍ଶକଙ୍କ ଆଖିରେ ଲୁହ ଭରି ଦେଇଛି। ୨୯ ଏପ୍ରିଲ ୨୦୨୦ରେ ଇର୍ଫାନଙ୍କ ପରଲୋକ ହୋଇଥିବା ବେଳେ ଏବେ ବି ଏହାକୁ କେହି ସହଜରେ ଗ୍ରହଣ ପରିପାରୁ ନାହାନ୍ତି।



# ସଂକ୍ରମଣର ୩ ଦିନ ପରେ ହ୍ରାସ ପାଏ ଘ୍ରାଣଶକ୍ତି

**ନ୍ୟୁୟର୍କ:** କରୋନା ମହାମାରୀ ଆତଙ୍କ ସୃଷ୍ଟିକରିଛି। ଏହା ଏବେ ସାରା ବିଶ୍ୱରେ ତାଣ୍ଡବ ରଚିଥିବା ବେଳେ ଏହାର ଚିକିତ୍ସା ପାଇଁ ଏପର୍ଯ୍ୟନ୍ତ କୌଣସି ଔଷଧ ମିଳିପାରି ନାହିଁ। କରୋନା ଭୂତାଣୁ ପ୍ରକୋପରୁ ମୁକ୍ତି ପାଇବାକୁ ଏବେ ସାରା ବିଶ୍ୱରେ ଗବେଷଣା ଜାରି ରହିଛି। ଏବେ ପର୍ଯ୍ୟନ୍ତ ମଧ୍ୟ କରୋନାର ଲକ୍ଷଣ ଭିନ୍ନ ଭିନ୍ନ ରୋଗୀଙ୍କଠାରେ ଅଲଗା ହେଉଥିବାରୁ ଏହାକୁ ନେଇ ମଧ୍ୟ ବେଳେବେଳେ ଦ୍ୱନ୍ଦ୍ୱ ଉପୁଜୁଛି। ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, କରୋନା ସଂକ୍ରମିତ ରୋଗୀ ୩ ଦିନ ପରେ ଘ୍ରାଣ ଶକ୍ତି ହରାଇଥାଏ। ଅର୍ଥାତ ସଂକ୍ରମିତ ରୋଗୀ କୌଣସି ଗନ୍ଧ ବାରିପାରି ନ ଥାଏ ବୋଲି କୁହାଯାଉଛି। ଜର୍ନାଲ ଅଫ୍ ଅଟୋଲାରନଗୋଲୋଜି-ହେଡ୍ ଆଣ୍ଡ ନେକ୍ ସର୍ଜରୀରେ ପ୍ରକାଶିତ ଏକ ଟେଲିଫୋନିକ ଅଧ୍ୟୟନରୁ ଏହା ଜଣାପଡିଛି। ଏଥିରେ ୬ ସପ୍ତାହ ମଧ୍ୟରେ କୋଭିଡ-୧୯ ପରୀକ୍ଷଣ କରିଥିବା ପ୍ରାୟ ୧୦୩ ଜଣ ରୋଗୀଙ୍କ ଲକ୍ଷଣକୁ ନେଇ ବିଶ୍ଳେଷଣ କରାଯାଇଥିଲା। ଏହି ଅଧ୍ୟୟନର ବିଶେଷଜ୍ଞ ଅହମ୍ମଦ ସେଦାଘାଟଙ୍କ ମତରେ ୧୦୩ ଜଣ ରୋଗୀଙ୍କ ମଧ୍ୟରୁ ୬୧ ପ୍ରତିଶତ ରୋଗୀଙ୍କ ପାଖରେ ଘ୍ରାଣ ଶକ୍ତି ପୂର୍ବାପେକ୍ଷା କମ୍ ପରିଲକ୍ଷିତ ହୋଇଥିଲା। ଏହି ଲକ୍ଷଣ ୩-୪ ଦିନ ମଧ୍ୟରେ ପରିଲକ୍ଷିତ ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି।



# କ୍ୟାଟ୍ କାଫେ



**ବ୍ୟାଙ୍କକ୍:** ବିଭିନ୍ନ ପ୍ରକାରର କାଫେ ଥିବା କଥା ସମସ୍ତେ ଜାଣିଥିବେ। କାଫେଗୁଡ଼ିକରେ ସାଧାରଣତଃ ମନୋରଞ୍ଜନ ପାଇଁ ବିଭିନ୍ନ ସୁବିଧା ସହିତ ଚା' କିମ୍ବା କଫି ଆଦି ଦିଆଯାଇଥାଏ। ତେବେ କ୍ୟାଟ୍ କାଫେ ବିଷୟରେ ହୁଏତ କେହି ଶୁଣିଥିବେ। ଏମିତି ଏକ କାଫେ ଅଛି ଥାଇଲାଣ୍ଡର ବ୍ୟାଙ୍କକ୍ ସହରରେ। ଲକ୍‌ଡାଉନ୍ ଥିଲେ ବି ଥାଇଲାଣ୍ଡର ବିଭିନ୍ନ ଅଞ୍ଚଳରେ ଏବେ ରେସ୍ତୋରାଁ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ତେଣୁ ଅନ୍ୟ କାଫେ ଭଳି କ୍ୟାଟ୍ କାଫେ ବି ଖୋଲିଛି। ଏହି କାଫେରେ ଡଜନରୁ ଅଧିକ ସୁନ୍ଦର ସୁନ୍ଦର ବିଲେଇ ଦେଖିବାକୁ ମିଳିବେ। ବିଲେଇଗୁଡ଼ିକ ଗ୍ରାହକଙ୍କୁ ଆନନ୍ଦ ଦେବା ପାଇଁ ସେମାନଙ୍କ ଦେହରେ ଘଷି ହେବା ସହିତ ବିଭିନ୍ନ ପ୍ରକାରର କ୍ରୀଡ଼ା କୌଶଳ ଦେଖାଇଥାନ୍ତି। ତେଣୁ ଗ୍ରାହକମାନେ ଖାଇବା ସହିତ ମନୋରଞ୍ଜନର ସୁନ୍ଦର ମାଧ୍ୟମ ମଧ୍ୟ ପାଇପାରିଥାନ୍ତି। କାଫେ ଭିତରକୁ ଯିବା ପୂର୍ବରୁ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଧ୍ୟାନ ଦିଆଯାଏ। ଗ୍ରାହକଙ୍କୁ ଭିତରକୁ ଯିବା ପୂର୍ବରୁ ହାତ ଧୋଇବା ପରେ ସାନିଟାଇଜ୍ କରି ଯିବାକୁ ହୋଇଥାଏ। ଭିତରକୁ ଯିବା ପୂର୍ବରୁ ମାସ୍କ ପିନ୍ଧିବା ନିହାତି ଜରୁରୀ। ଏବେ କରୋନା ଯୋଗୁ ଗ୍ରାହକଙ୍କ ସଂଖ୍ୟା ୫୦ ପ୍ରତିଶତରୁ ବି କମ୍ ହୋଇଯାଇଛି ବୋଲି ଏହି କାଫେର ମାଲିକ ଏରିଶା ଲିମ୍ପାନାଓଙ୍ଗସାନୋନ୍ କହନ୍ତି। ତାଙ୍କ ପାଖରେ ବିଭିନ୍ନ ପ୍ରଜାତିର ମୋଟ ୫୦ଟି ବିଲେଇ ଅଛନ୍ତି।

# ଗୁଗଲରେ ଦେଶୀ ଗର୍ଲଙ୍କୁ ସର୍ବାଧିକ ସର୍ଚ୍ଚ


ପ୍ରିୟଙ୍କା ଚୋପ୍ରା

**ମୁମ୍ବାଇ:** ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାପଡ଼ିଛି ଯେ, ବଲିଉଡ୍ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କୁ ଗୁଗଲ ସର୍ଚ୍ଚରେ ସର୍ବାଧିକ ଥର ସର୍ଚ୍ଚ କରାଯାଇଛି। ଏକ ରିପୋର୍ଟରୁ ଜଣାପଡ଼ିଛି, ପ୍ରିୟଙ୍କାଙ୍କୁ ୩୯ଲକ୍ଷ ଥର ସର୍ଚ୍ଚ କରାଯାଇଛି। ସେ ତାଲିକାର ସର୍ବୋଚ୍ଚ ସ୍ଥାନରେ ଥିବାବେଳେ ତାଙ୍କ ପଛକୁ ଅଛନ୍ତି ବଲିଉଡ୍ ନାୟିକା ସନି ଲିଓନ। ସନି ନିଜ ବୋଲ୍ଡ ଲୁକ୍‌ରେ ଦର୍ଶକଙ୍କୁ ମତୁଆଲା କରି ଛାଡ଼ିଦେବା ପରେ ତାଙ୍କୁ ଗୁଗଲରେ ଅଧିକ ସର୍ଚ୍ଚ କରାଯାଉଛି ବୋଲି କୁହାଯାଉଛି। ତାଙ୍କୁ ୩୧ ଲକ୍ଷ ଥର ସର୍ଚ୍ଚ କରାଯାଇଛି ବୋଲି ଜଣାପଡ଼ିଛି। ସେହିପରି ସନିଙ୍କ ପରେ ନମ୍ବର ଆସୁଛି ବଲିଉଡ୍ କୁଇନ କ୍ୟାଟ୍ରିନା କୈଫ୍‌ଙ୍କର। ତାଙ୍କୁ ଗୁଗଲରେ ଦର୍ଶକେ ୧୯ ଲକ୍ଷ ଥର ସର୍ଚ୍ଚ କରିଛନ୍ତି। ଅଭିନେତାଙ୍କ କଥା ବିଚାରକୁ ନେଲେ ଜଣାପଡ଼ିଛି ଯେ, ସଲମାନ ଖାଁଙ୍କୁ ଗୁଗଲରେ ସର୍ବାଧିକ ୨୧ ଲକ୍ଷ ଥର ସର୍ଚ୍ଚ କରାଯାଇଛି। ଏହାପରେ ରହିଛନ୍ତି ବଲିଉଡ୍ ନାୟକ ହ୍ରିତିକ ରୋଶନ। ତାଙ୍କୁ ଗୁଗଲରେ ୧୩ ଲକ୍ଷ ଥର ସର୍ଚ୍ଚ କରାଯାଇଥିବା ଜଣାପଡ଼ିଛି।

# ରାସ୍ତାରେ ଗାଡ଼ିରୁ ତେଲ ସରିବା ଅପରାଧ

## ଜର୍ମାନୀରେ ଦେବାକୁ ପଡ଼େ ଜରିମାନା

**ବର୍ଲିନ୍:** ବିଶ୍ୱର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ନୀତି ନିୟମ ପ୍ରଚଳନ ହୋଇଥାଏ। ଏହି ଦେଶଗୁଡ଼ିକ ମଧ୍ୟରୁ ଜର୍ମାନୀ ଅନ୍ୟତମ। ଏହା ଏମିତି ଏକ ଦେଶ, ଯାହାର ଏକଛତ୍ରବାଦୀ ଶାସକ ହିଟଲର ଥିଲେ। ଯେଉଁ କାରଣରୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ହୋଇଥିଲା। ଯଦିଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ଦେଶ ସମ୍ପୂର୍ଣ୍ଣ ଦେବାଳିଆ ହୋଇଯାଇଥିଲା କିନ୍ତୁ ଆଜି ଏହାକୁ ବିଶ୍ୱର ୧୦ଟି ଶକ୍ତିଶାଳୀ ଦେଶ ମଧ୍ୟରେ ଗଣନା କରାଯାଉଛି। ଆଜିର ଇଞ୍ଜିନିୟରିଂ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଯଦି ପ୍ରଥମେ କେଉଁ ଦେଶର ନାମ ଆସୁଥାଏ ତେବେ ତାହା ନିଶ୍ଚିତ ଜର୍ମାନୀ।

ଏହି ଦେଶ ସହିତ ଜଡ଼ିତ ଆହୁରି ଅନେକ କୌତୁହଳପୂର୍ଣ୍ଣ କଥା ରହିଛି। ଯାହା ସମ୍ପର୍କରେ ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଜର୍ମାନୀ ହେଉଛି ଏମିତି ଏକ ଦେଶ, ଯେଉଁଠାରେ ରାଜପଥରେ ଦ୍ରୁତ ବେଗରେ ବିନା ଦ୍ୱିଧାରେ ଗାଡ଼ି ଚଳାଇ ପାରିବେ। ଏଥିପାଇଁ କୌଣସି ଦଣ୍ଡବିଧାନ ନାହିଁ। କିନ୍ତୁ ଯଦି ରାସ୍ତା ମଝିରେ ଗାଡ଼ିରୁ ତେଲ ସରିଯାଏ ତେବେ ଏହାକୁ ଅପରାଧ ବୋଲି ଧରାଯାଏ। ଏଥିପାଇଁ ଜେଲଦଣ୍ଡ ଏବଂ ଜରିମାନା ଦେବାକୁ ପଡ଼ିଥାଏ। ଖାଲି ଏତିକି ନୁହେଁ, ଏହି ଦେଶରେ କେହି ଆଡ୍‌ଭାନ୍ସଡ୍ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତି ନାହିଁ। ଏପରି କଲେ ଏହାକୁ ଅଶୁଭ ବୋଲି ବିବେଚନା କରାଯାଇଥାଏ। ଜନ୍ମଦିନରେ ହିଁ ଶୁଭେଚ୍ଛା ଜଣାଇବାକୁ ପଡ଼ିଥାଏ। ସାଧାରଣତଃ ଫୋନ୍ କଲେ ଲୋକେ ହ୍ୟାଲୋ କହିଥାନ୍ତି, ମାତ୍ର ଏଠାରେ ହ୍ୟାଲୋ କହିବା ମନା। ନିଜ ନାମ କହି ଫୋନ୍ କରିବାକୁ ପଡ଼ିଥାଏ ଏଠାରେ। ଏହି ଦେଶ ସମ୍ପର୍କରେ ଆହୁରି ଅନେକ କୌତୁହଳପୂର୍ଣ୍ଣ କଥା ମଧ୍ୟ ରହିଛି।



# ମୋ ମା'

ଯାହା କୋଳରେ ମଥା ରଖିଦେଲେ ଭୁଲି ହୋଇଯାଏ ସବୁ କଷ୍ଟ, ଯାହାର ପଣତ ତଳେ ଦୂର ହୋଇଯାଏ ସବୁ ଭୟ, ଆଉ ଯାହା କଥା ବଖାଣିବାକୁ ନିଅଣ୍ଟ ହୁଏ ଶବ୍ଦ ସିଏ ମା'। ସ୍ୱାମୀଙ୍କ ବିୟୋଗର ଦୁଃଖ ସାଙ୍ଗକୁ ସବୁ କଷ୍ଟକୁ ନିଜ ଭିତରେ ଚାପି ରଖି ଏକାକୀ ଜୀବନ ସହ ସଂଗ୍ରାମ କରି ପିଲାଙ୍କୁ ମଣିଷ କରିଥିବା ନିଜ ମା'ଙ୍କ ସମ୍ପର୍କରେ ଆଜିର ବିଶ୍ୱ ମାତୃ ଦିବସ ଅବସରରେ ଯାହା କୁହନ୍ତି ଏମାନେ...





ମା' ବୃନ୍ଦାବତୀଙ୍କ ସହ ଦେବସ୍ମିତା

ମା' ବକିଟିଙ୍କ ସହ ଅରୂପାନନ୍ଦ

ମା' ବିଦ୍ୟୁଲତାଙ୍କ ସହ ମିଳନ

**ମା'ର ଅବଦାନ ଅତୁଳନୀୟ:** ଘରର ବଡ ଝିଅ ମୁଁ। ତଳକୁ ଆଉ ତିନି ଭଉଣୀ। ମୋର ସ୍କୁଲ ପାଠପଢା ବି ସରି ନ ଥାଏ। ଏକ କାଳସନ୍ଧ୍ୟାରେ ଦୁର୍ଘଟଣାରେ ବାପାଙ୍କ ପରଲୋକ ଘଟିଥିଲା । ପରିବାରରେ ଖେଳିଗଲା ଶୋକର ଛାୟା। ହେଲେ ନିଜେ ସବୁ ଦୁଃଖ କଷ୍ଟ ଏକାକୀ ସହି ଆମମାନଙ୍କୁ ମଣିଷ କରିବାକୁ ଅଣ୍ଟା ଭିଡିଥିଲା ମା'(ବୃନ୍ଦାବତୀ ବେହେରା)। ପରିବାରର ବୋଝ ସମ୍ପୂର୍ଣ୍ଣ ଭାବେ ନିଜ ମୁଣ୍ଡକୁ ନେବା ସହ ଆମକୁ ବାପାଙ୍କ ଅନୁପସ୍ଥିତି ଅନୁଭବ କରିବାକୁ ଦେଇ ନାହିଁ। ଏଇ ପୁରୁଷପ୍ରଧାନ ସମାଜରେ ଚାରିଜଣ ଛୋଟ ଝିଅଙ୍କୁ ନେଇ ଏକାକୀ କଟକ ସହରରେ ଚଳିବା ଜଣେ ମହିଳାଙ୍କ ପାଇଁ କୌଣସି ଚ୍ୟାଲେଞ୍ଜଠୁ କମ୍ ନୁହେଁ। ତଥାପି ସେ ହାର୍ ନ ମାନି ପରିସ୍ଥିତି ଯେମିତି ହେଉନା କାହିଁକି ଆମ ପାଠପଢ଼ା ପ୍ରତି ଦୃଷ୍ଟିଦେବାରେ କେବେ ହେଳା କରିନାହିଁ। ଯାହାର ଫଳସ୍ୱରୂପ ଆଜି ଆମେ ଚାରି ଭଉଣୀ ନା କେବଳ ଉଚ୍ଚଶିକ୍ଷିତା ହୋଇପାରିଛୁ ବରଂ ଜଣେ ଶିକ୍ଷୟିତ୍ରୀ, ଜଣେ ସାଉଣ୍ଡ ଇଞ୍ଜିନିୟର ହୋଇଥିବା ବେଳେ ଆଉ ଜଣେ ବ୍ୟାଙ୍କରେ ଉଚ୍ଚପଦସ୍ଥ ଅଧିକାରୀ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିଛୁ। ସମାଜରେ କିପରି ସାହସର ସହ ବଞ୍ଚିବାକୁ ହେବ ଆମେ ତା'ଠୁ ଶିଖିଛୁ। ଆମର ସଫଳତା ପଛରେ ତା'ର ଅବଦାନ ଓ ପ୍ରେରଣା ଅବର୍ଣ୍ଣନୀୟ। ସେପରି ମା' କୋଳରେ ଜନ୍ମ ନେଇଥିବାରୁ ସର୍ବଦା ଗର୍ବିତ।

*–ଦେବସ୍ମିତା ମହାନ୍ତି, ଶିକ୍ଷୟିତ୍ରୀ, ଟିଟିଲାଗଡ଼*

**ଏକାକୀ ମା'ର ସଂଘର୍ଷ ଅବର୍ଣ୍ଣନୀୟ:** ମା, ଏପରି ଏକ ଶବ୍ଦ, ଯାହାର ତୁଳନା ନାହିଁ। ଦଶମାସ ଦଶଦିନ କଷ୍ଟ କରି ଆମକୁ ଭୂମିଷ୍ଠ କରିଥିବା ମା'(ବିଦ୍ୟୁଲତା ମହାନ୍ତି) ଆମ ପାଇଁ ଈଶ୍ୱରଠୁ ବଳି। ଅଳ୍ପ ବୟସରେ ସ୍ୱାମୀଙ୍କ ଦେହାନ୍ତ ପରେ ଛୋଟ ଛୋଟ ତିନି ସନ୍ତାନକୁ ଏକାକୀ ବଢାଇବା ଏବଂ ସମାଜରେ ପ୍ରତିଷ୍ଠିତ କରିବା ପଛରେ ତା'ର କଷ୍ଟ ଆଉ ତ୍ୟାଗ ଭାଷାରେ ପ୍ରକାଶ କରିହେବ ନାହିଁ। ମନେପଡୁଛି ସେ କଷ୍ଟ ସମୟ, ବାପାଙ୍କ ବିନା ପେଟରେ ଓଦାକନା ଦେଇ ମା' କିଭଳି ଆମକୁ ଖୁଆଇଛି ଆଉ ଆମ ମୁହଁରେ ହସ ଫୁଟାଇବାକୁ ସଂଘର୍ଷ କରିଛି। ମୋ ପାଠ ପଢା ଲାଗି ତା'ର ଏକମାତ୍ର ସମ୍ବଳ ଗୋଟିଏ ଜିଗିନ୍ ସୁନା ଚେନକୁ ବି ସେ ବନ୍ଧା ପକାଇବାକୁ ପଛାଇ ନାହିଁ। ଏମିତି କି ମୋତେ ବ୍ୟବସାୟ କ୍ଷେତ୍ରରେ ଆଗକୁ ବଢିବା ଲାଗି ବି ତା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତା' ଆଶୀର୍ବାଦ ଆଉ ପ୍ରେରଣା ଆଜି ମତେ ଅନେକ ବାଟ ନେବା ସହ ସମାଜରେ ପ୍ରତିଷ୍ଠିତ କରାଇପାରିଛି । ବର୍ତ୍ତମାନ ବ୍ୟବସାୟ ସହ ଏକ ଆଗ ଧାଡିର ଟିଭି ଚ୍ୟାନେଲରେ କାର୍ଯ୍ୟ କରିବାର ସୁଯୋଗ ପାଇଛି। ସନ୍ତାନର ଖୁସି ପଛରେ ମା'ର କଷ୍ଟ ଅବର୍ଣ୍ଣନୀୟ। ତେଣୁ ଆଜିର ଏହି ବିଶ୍ୱ ମାତୃତ୍ୱ ଦିବସ ଅବସରରେ କେବଳ ମୁଁ ନୁହେଁ ସମାଜର ପ୍ରତ୍ୟେକ ସନ୍ତାନ କୌଣସି ପରିସ୍ଥିତିରେ ବି ମା' ମନରେ କଷ୍ଟ ନ ଦେଇ ସମ୍ମାନ କରିବା ସହ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ ମା'କୁ ଖୁସିରେ ରଖିବାକୁ ମୋର ଅନୁରୋଧ।

*–ମିଳନ କୁମାର ମହାନ୍ତି, କର୍ମଜୀବୀ, ଗୋପ, ପୁରୀ*

**ମା'ଠୁ ବଳି କେହି ନାହିଁ:** ପରିବାର କହିଲେ ବାପା, ବୋଉ, ମୁଁ ଓ ମୋର ଚାରି ଭଉଣୀ । ପରିବାରର ରୋଜଗାର ପନ୍ଥା କହିଲେ ଚାଷ । ସେଥିରୁ ଯାହା କିଛି ଅର୍ଥ ଉପାର୍ଜନ ହୁଏ ପରିବାର ଚଳିଯାଏ। ହେଲେ ବାପାଙ୍କ ବିୟୋଗ ପରେ ବୋଉ (ବକିଟି ରାଉଳ) ଏକୁଟିଆ । ଆଉ ଘରର ଦାୟିତ୍ୱ ରହିଲା ତା' ମୁଣ୍ଡ ଉପରେ। ତେଣୁ ପରିସ୍ଥିତି ବାଧ୍ୟକଲା ତା'କୁ ଚାଷଜମିକୁ ଯିବାକୁ । ସେତିକି ରୋଜଗାରରେ ଘରଖର୍ଚ୍ଚ ହେବା କଷ୍ଟ, ତଥାପି ଧାରକରଜ କରି ଆମକୁ ପଢାଇଛି । ବହୁ କଷ୍ଟରେ ତାକୁ ଟଙ୍କା ଯୋଗାଡ କରିବାକୁ ପଡିଛି। ଧାରକରଜ ବଢିଚାଲିଥିଲେ ସୁଦ୍ଧା ସେ ନିଜ ଅସୁବିଧାର ଚାପ କିମ୍ବା ନିଜ ଦୁଃଖ କେବେ ଆମ ଆଗରେ ପ୍ରକାଶ କରେନି ବରଂ ସବୁବେଳେ ଆମ ମୁହଁରେ ହସ ଫୁଟାଇବାକୁ ଚେଷ୍ଟା କରିଛି। ଏସବୁ ଦେଖି ପାଠ ପଢା ପରେ ବାହାରକୁ ଯାଇ ଚାକିରି କରିବାକୁ ମନସ୍ଥ କଲି। ସେଥିପାଇଁ ମଧ୍ୟ ସେ ଟଙ୍କା ଯୋଗାଡ କରିଛି। ତା'ରି ଉଦ୍ୟମ ଯୋଗୁ ବର୍ତ୍ତମାନ ବାଙ୍ଗାଲୋରର ଗୋଟେ ଘରୋଇ କମ୍ପାନୀରେ ଚାକିରିର ସୁଯୋଗ ପାଇଛି। ପ୍ରତ୍ୟେକ ପରିସ୍ଥିତିକୁ ଲଢି ଆଗକୁ ବଢିବା ଲାଗି ସେ ସର୍ବଦା ମୋତେ ସାହସ ଦେଇଛି। ମୋ ପାଇଁ ଏ ସଂସାରରେ ମା'ଠୁ ବଳି କେହି ନାହିଁ। ସବୁ ବେଳେ ତା' ମନରେ ଖୁସି ଭରିଦେବା ମୋ ଜୀବନର ଲକ୍ଷ୍ୟ।

*– ଅରୂପାନନ୍ଦ ରାଉଳ, ଡିମିରିଆ, ହାଟଡିହି, କେନ୍ଦୁଝର*

## ଏ ସପ୍ତାହର ପ୍ରଶ୍ନ

୧– 'ଜଙ୍ଗଲ୍ ବୁକ୍' ପୁସ୍ତକର ଲେଖକ............. ?
୨– ଫକ୍ ଫକ୍ ଏୟାରପୋର୍ଟ............. ଠାରେ ରହିଛି ?
୩– ପ୍ଲାଷ୍ଟିକ୍‌ର ଉଦ୍ଭାବକ............ ?
୪– ସାଗରମଥା ...............ର ଅନ୍ୟ ନାମ ?
୫ – ୱାର୍ଲ୍ଡ ରିଫ୍ୟୁଜି ଡେ' ପ୍ରତିବର୍ଷ ......... ତାରିଖରେ ପାଳନ କରାଯାଏ ?

## ଗତ ଥରର ଉତ୍ତର

୧ | ୨୦୦୮
୨ | ସପୋର୍ଟ ନର୍ସେସ୍ ଆଣ୍ଡ ମିଡ୍‌ୱାଇଭ୍ସ
୩ | ଇଣ୍ଡୋନେସିଆ
୪ | ସାହେବଜାଦେ ଇର୍‌ଫାନ୍ ଅଲ୍ଲୀ ଖାନ୍
୫ | ଭାନୁ ଆଥିୟା

## ଉତ୍ତରଦାତା



କୁମର ମଲ୍ଲିକ, ଯାଜପୁର



ସ୍ମୃତିରେଖା ପରିଡ଼ା, ବାଲେଶ୍ୱର



ଦିବ୍ୟଲୋଚନ ପଣ୍ଡା, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ପାଠକଙ୍କ ମତ

– କରୋନା ପାଇଁ ଚାଲିଥିବା ଲକ୍‌ଡାଉନ୍ ପିରିଅଡ୍‌କୁ ଯୁବପିଢି କିଭଳି ନୂଆ ନୂଆ କାର୍ଯ୍ୟ କରିବାରେ ଉପଯୋଗ କରୁଛନ୍ତି ଜାଣି ଖୁସି ଲାଗିଲା। ସେମାନଙ୍କ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ।

*– ସମୀର କାନୁନ୍‌ଗୋ, ପୁରୀ*

– ଗତ ସପ୍ତାହରେ ପ୍ରକାଶିତ ପାଠରେ ବ୍ରେନ୍ ଗେମ୍ ସମ୍ପର୍କରେ ନୂଆ କଥା ଜାଣିବାକୁ ପାଇଲି। ଫାଙ୍କା ସମୟରେ ଏହାକୁ ଟ୍ରାଏ କରିବି।

*– ଦେବିନା ଝା, ଭଦ୍ରକ*

## ଯୁ | ଥ୍ | ଆ | ଲ | ର୍ଟ

# ଲକ୍‌ଡାଉନ୍ ଓ ଆଖି ବ୍ୟଥା

**ଡା. ସୋନାଲି ଷଡ଼ଙ୍ଗୀ**

କରୋନା ଭୂତାଣୁର ସଂକ୍ରମଣଜନିତ ଅସୁସ୍ଥତା ଓ ମୃତ୍ୟୁ, ସାରା ପୃଥିବୀକୁ ସ୍ତବ୍ଧ ଓ ମର୍ମାହତ କରିଦେଇଛି । ଏହି ନୂତନ ଭୂତାଣୁ ପାଇଁ ସବୁ ଆଡ଼େ ଆତଙ୍କର ପରିବେଶ ଖେଳିଯାଇଛି। ଏହି ସଂକ୍ରମଣକୁ ବ୍ୟାପକ ନ କରିବାକୁ ତଥା ବଢ଼ାଇ ନ ଦେବାକୁ ଭାରତ ସରକାର ସାମାଜିକ ଦୂରତା ରକ୍ଷା କରିବା ଲାଗି ସମସ୍ତଙ୍କୁ ଘରେ ରହିବାକୁ ପରାମର୍ଶ ଦେଇଛନ୍ତି। ତେବେ ଏହି ସମୟ ବୟସ୍କ ବ୍ୟକ୍ତିଙ୍କ ପାଇଁ ବିଶ୍ରାମର ସମୟ ପାଲଟିଛି। ହେଲେ ଯୁବପିଢି ବାହାରକୁ ନ ଯାଇପାରି ଘରେ ବୋର୍ ହେଉଥିବାରୁ ମୋବାଇଲ୍ ଫୋନ୍, ଲାପ୍‌ଟପ୍ ଏବଂ କମ୍ପ୍ୟୁଟର୍‌ରେ ବହୁ ସମୟ ଅତିବାହିତ କରୁଛନ୍ତି। ଏହାଛଡ଼ା ଛୁଟି ଥିବାରୁ ଅନେକେ ଟେଲିଭିଜନ୍‌ର ଫିଲ୍ମଠାରୁ ଆରମ୍ଭ କରି ଖେଳ, ନିଉଜ୍ ଆଦି ଦେଖୁଛନ୍ତି। ଅପରପକ୍ଷେ ଏହା ସେମାନଙ୍କ ଆଖି ଓ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଉଛି ଏବଂ ବିଭିନ୍ନ ଚକ୍ଷୁ ସମସ୍ୟାର କାରଣ ସାଜୁଛି। ଜାଣି ରଖନ୍ତୁ ସେ ସମ୍ପର୍କରେ...

### ଆଖି ଉପରେ ପ୍ରଭାବ

ମନୋରଞ୍ଜନ ହେଉ ଅବା ୱାର୍କ ଫ୍ରମ୍ ହୋମ୍ ଲାଗି ଦୀର୍ଘ ସମୟ ମୋବାଇଲ୍ ବିଶେଷ କରି କମ୍ପ୍ୟୁଟର ବ୍ୟବହାର କରିବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ଚକ୍ଷୁ ଉପରେ ପଡିଥାଏ। ଫଳରେ ଆଖି ଉପରେ ଚାପ ଲାଗିବା ସହ କ୍ଳାନ୍ତ ଲାଗିବା, ମୁଣ୍ଡ ବିନ୍ଧା ହେବା, ଝାପ୍‌ସା ଦେଖାଯିବା, ଆଖି ଶୁଖିଲା ହୋଇଯିବା ବା ଡ୍ରାଏ ଆଇଜ୍, ଡିପ୍ଲୋପିଆ ବା ଡବଲ୍ ଭିଜନ୍ (ଏକା ଥରକେ ଆଖି ଆଗରେ ଦୁଇଟି ଚିତ୍ର ଦେଖାଯିବା), ଆଖିକୁ ଆରାମ ନ ଲାଗିବା ବା କଷ୍ଟ ହୋଇ ପାଣି ବାହାରିବା ଭଳି ବିଭିନ୍ନ ସମସ୍ୟା ଦେଖା ଦେଇଥାଏ।





### ପ୍ରତିକାର

- ଯେଉଁମାନଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଯାଏ, ସେମାନେ ଅବିଳମ୍ବେ ଡାକ୍ତରଙ୍କ ପରାମର୍ଶ ନେଇ ଚକ୍ଷୁ ପରୀକ୍ଷା କରାଇବା ଆବଶ୍ୟକ।
- ଅନ୍ଧାର ବା ଅଳ୍ପ ଆଲୋକରେ କମ୍ପ୍ୟୁଟର ବ୍ୟବହାର ନ କରି ଉପଯୁକ୍ତ ଆଲୋକରେ ଏହାକୁ ବ୍ୟବହାର କରିବେ । ତା'ଛଡା ଯେପରି ସୂର୍ଯ୍ୟକିରଣ କମ୍ପ୍ୟୁଟର ପରଦାରେ ନ ପଡ଼ିବ, ସେଥି ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବେ ।
- କମ୍ପ୍ୟୁଟର୍, ଟେଲିଭିଜନ ଓ ସେଲ୍ ଫୋନ୍‌ର ବ୍ୟବହାର କରିବା ବେଳେ ସିଟିଂ ପୋଜିସନ୍ ଠିକ୍ ରହିବା ଦରକାର। ଏହା ବ୍ୟତୀତ ସେଲ୍‌ଫୋନ୍ ଓ ଇ–ବୁକ୍ ପାଇଁ ୩୦ ସେ.ମି. ଦୂରତ୍ୱ ଓ ଡେସ୍କଟପ୍ କମ୍ପ୍ୟୁଟର ପାଇଁ ୫୦–୧୦୦ ସେ.ମି. ଦୂରତ୍ୱ ରଖିବା ଆବଶ୍ୟକ ।
- ଟେଲିଭିଜନ୍ ଦେଖିବା ପାଇଁ ଅତି କମ୍‌ରେ ଦଶଫୁଟ ଦୂରତା ରଖନ୍ତୁ।
- କମ୍ପ୍ୟୁଟରରେ ଆଣ୍ଟିଗ୍ଲେୟାର୍ ସ୍କ୍ରିନ୍ ଲଗାଇଲେ ଉତ୍ତମ । ନଚେତ୍ ଆଣ୍ଟିଗ୍ଲେୟାର ଚଷମା ବ୍ୟବହାର କରିପାରିବେ।
- କମ୍ପ୍ୟୁଟର ବ୍ୟବହାର କଲାବେଳେ ୨୦–୨୦–୨୦ ନିୟମ ମାନନ୍ତୁ। ଅର୍ଥାତ୍ ପ୍ରତି ୨୦ ମିନିଟ୍ କାମ କରିବା ପରେ କମ୍ପ୍ୟୁଟର୍‌ଠାରୁ ୨୦ ଫୁଟ୍ ଦୂରତାରେ ଥିବା କୌଣସି ଜିନିଷକୁ ୨୦ ସେକେଣ୍ଡ ପାଇଁ ଦେଖନ୍ତୁ। ଏହା ସହ ଅଳ୍ପ ସମୟ ବ୍ୟବଧାନରେ ଆଖିପତା ପକାନ୍ତୁ। ଆଖିକୁ ଓଦା କରିବା ପାଇଁ ଲୁବ୍ରିକେଟିଙ୍ଗ୍ ଡ୍ରପ୍ ବା ମଲମ ମଧ୍ୟ ଚକ୍ଷୁବିଶେଷଜ୍ଞଙ୍କ ପରାମର୍ଶ ନେଇ ପକାଇ ପାରିବେ ।
- ସର୍ବୋପରି ଆଖିକୁ ଦୀର୍ଘ ସମୟ ବିଶ୍ରାମ(ଶୋଇବା) ଦେବା ସହ ଏହାର ବ୍ୟାୟାମ ନିହାତି ଆବଶ୍ୟକ।

ଉପରୋକ୍ତ ପ୍ରତିକାରମାନ ପାଳନ କଲେ ଆଖିର ଦୃଷ୍ଟିଶକ୍ତି ହ୍ରାସ ହେବା କିମ୍ବା ଖରାପ ହେବାରୁ ରକ୍ଷା କରାଯାଇପାରିବ।

*– ଚକ୍ଷୁ ବିଶେଷଜ୍ଞ ଜେ.ପି.ଏମ୍. ରୋଟାରୀ, ଆଇ ହସ୍‌ପିଟାଲ୍, ସି.ଡି.ଏ, କଟକ*

## ଜା | ଣ | ନ୍ତୁ | ଦୁ | ନି | ଆ

# ମଦର୍ସ ଡେ'

ମା' ସର୍ବ ପୂଜ୍ୟା। ତା' ପାଇଁ ଜୀବନର ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗୀକୃତ। ତଥାପି ମା'କୁ ସମ୍ମାନ ଦେବା ଲାଗି ପ୍ରତିବର୍ଷ ମେ ମାସ ଦ୍ୱିତୀୟ ରବିବାରକୁ ଅଧିକାଂଶ ଦେଶରେ ବିଶ୍ୱ ମାତୃତ୍ୱ ଦିବସ ଭାବେ ପାଳନ କରାଯାଉଛି । ତେବେ ଆସନ୍ତୁ ଜାଣିବା ଏହି ଦିବସ ସମ୍ପର୍କରେ କିଛି କଥା...



**ଆରମ୍ଭ:** ଏନା ଜାର୍ବିସ ନାମକ ଜଣେ ଆମେରିକୀୟ ସାମାଜିକ କର୍ମୀ ନିଜ ମା'ଙ୍କୁ ଖୁବ୍ ଭଲ ପାଉଥିଲେ। ତାଙ୍କ ସହ ରହିବା ଲାଗି ସେ ବିବାହ ମଧ୍ୟ କରି ନ ଥିଲେ। ମୃତ୍ୟୁ ପରେ ମା'ଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ପ୍ରତି ଥିବା ଭଲ ପାଇବା ପ୍ରକାଶ କରିବା ଲାଗି ପ୍ରଥମେ ଏହି ଦିବସ ଆରମ୍ଭ କରିଥିଲେ। ସେବେଠୁ ଧୀରେ ଧୀରେ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯାଇ ଆସୁଛି।

**କେଉଁ ଦେଶରେ କେବେ:** ୧୯୧୪ ମସିହା ମେ ମାସ ୯ ତାରିଖରେ ଆମେରିକା ରାଷ୍ଟ୍ରପତି ଉଡ୍ରୋ ୱିଲ୍‌ସନ୍ ମେ ମାସ ଦ୍ୱିତୀୟ ରବିବାରକୁ ମଦର୍ସ ଡେ' ଭାବେ ପାଳନ କରାଯିବ ବୋଲି ଏକ ବିଲ୍ ପାସ୍ କରିଥିଲେ। ସେବେଠୁ ଆମେରିକା, ଭାରତ, ଆଙ୍ଗୁଇଲା, ଆଣ୍ଟିଗୁଆ ଆଣ୍ଡ ବରବୁଡା, ଆରୁବା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବାହାମାସ, ବାଂଲାଦେଶ, ବାର୍ବାଡସ୍, ବେଲ୍‌ଜିୟମ୍, ବେଲିଜ, ବର୍ମୁଡା, ବୋନାଇରେ, ବୋଟ୍‌ସ୍ୱାନା, ବ୍ରାଜିଲ୍, ବ୍ରୁନେଇ, କାନାଡା, କାମ୍ବୋଡିଆ, ଚିଲି, ଚାଇନା, କଲମ୍ବିଆ, କ୍ରୋଏସିଆ, କ୍ୟୁବା, କ୍ୟୁରାକାଓ, ସାଇପ୍ରସ, ଚେକ୍ ରିପବ୍ଲିକ୍, ଡେନ୍‌ମାର୍କ, ଡୋମିନିକା, ଇକ୍ୱେଡର, ଇସ୍ତୋନିଆ, ଇଥିଓପିଆ, ଫିଜି, ଫିନ୍‌ଲାଣ୍ଡ, ଜର୍ମାନୀ, ଘାନା, ଗ୍ରୀସ୍, ଗ୍ରେନାଡା, ଗୁଆନା, ହଣ୍ଡୁରାସ, ହଂକଂ, ଆଇସ୍‌ଲାଣ୍ଡ, ଇଟାଲୀ, ଜାମାଇକା, ଜାପାନ, କେନିଆ, ଲାଟ୍‌ଭିଆ, ଲାଇବେରିଆ, ଲିଚେନ୍‌ଷ୍ଟେଇନ୍, ମକାଓ, ମାଲେସିଆ, ମାଲ୍‌ଟା, ମ୍ୟାନ୍‌ମାର୍, ନାମ୍ବିଆ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ପାପୁଆ ନ୍ୟୁଗିନି, ପେରୁ, ଫିଲିପାଇନ୍ସ, ପୋର୍ଟୋରିକୋ, ସେଣ୍ଟ କିଟ୍ସ ଆଣ୍ଡ ନେଭିସ୍, ସେଣ୍ଟ ଲୁସିଆ, ସେଣ୍ଟ ଭିନ୍‌ସେଣ୍ଟ ଆଣ୍ଡ ଦି ଗ୍ରେନାଡାଇନ୍ସ, ସାମୋଆ, ସିଙ୍ଗାପୁର, ସେଣ୍ଟ ମାର୍ଟିନ, ସ୍ଲୋଭାକିଆ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ସୁରିନାମ, ସୁଇଜରଲାଣ୍ଡ, ତାଇୱାନ୍, ତାଞ୍ଜାନିଆ, ଟୋଙ୍ଗା, ତ୍ରିନିଦାଦ୍ ଆଣ୍ଡ ଟବାଗୋ, ତୁର୍କୀ, ଉଗାଣ୍ଡା, ୟୁକ୍ରେନ୍, ଉରୁଗୁଏ, ଭେନେଜୁଏଲା, ଜାମ୍ବିଆ, ଜିମ୍ବାୱେ ଆଦି ଦେଶରେ ମେ ଦ୍ୱିତୀୟ ରବିବାରକୁ ମଦର୍ସ ଡେ' ଭାବେ ପାଳନ କରାଯାଉଛି।

ଏହା ବ୍ୟତୀତ ଅନ୍ୟ ଦେଶଗୁଡିକରେ ଏହି ଦିବସ ଭିନ୍ନ ଭିନ୍ନ ତାରିଖରେ ପାଳନ କରାଯାଇଥାଏ–

ଫେବୃୟାରୀ ପ୍ରଥମ ରବିବାର: କୋସାଭୋ।
ଫେବୃୟାରୀ ଦ୍ୱିତୀୟ ରବିବାର: ନରୱେ।
ମାର୍ଚ୍ଚ ୩: ଜର୍ଜିଆ।
ମାର୍ଚ୍ଚ ୮: ଆଫଗାନିସ୍ତାନ, ଆଲବାନିଆ, ଆର୍ମେନିଆ, ଆଜରବୈଜାନ, ବୁଲଗେରିଆ, କାଜାଖସ୍ତାନ, ଲାଓସ, ମାସିଡୋନିଆ, ମାଲଡୋଭା, ମଣ୍ଟେନିଗ୍ରୋ, ରୋମାନିଆ, ରୁଷିଆ, ସର୍ବିଆ, ତାଜିକିସ୍ତାନ, ଭିଏତ୍‌ନାମ।
ମାର୍ଚ୍ଚ ୨୧: ବାହାରିନ୍, କମରୋ, ଜିବୁଟି, ଇଜିପ୍ଟ, ଇରାକ୍, ଜୋର୍ଡାନ, କୁଏତ୍, ଲିବ୍ୟା, ଲେବାନନ୍, ମରିଟାନିଆ, ଓମାନ୍, କାତାର, ସୌଦିଆରବ, ସୋମାଲିଆ, ସୁଦାନ, ସିରିଆ, ୟୁନାଇଟେଡ୍ ଆରବ ଏମିରେଟ୍ସ, ୟେମେନ୍।
ମାର୍ଚ୍ଚ ୨୫: ସ୍ଲୋଭେନିଆ।
ମାର୍ଚ୍ଚ ୪ର୍ଥ ରବିବାର: ଆୟର୍ଲାଣ୍ଡ, ନାଇଜେରିଆ, ଇଂଲଣ୍ଡ, ଗୁଏର୍ନସେ, ଜର୍ସି, ଆଇଲ୍ ଅଫ୍ ମ୍ୟାନ୍।
ମେ ପ୍ରଥମ ରବିବାର: ଆଙ୍ଗୋଲା, କେପ୍ ଭର୍ଡେ, ହଙ୍ଗେରୀ, ଲିଥୁଆନିଆ, ମୋଜାମ୍ବିକ୍, ପର୍ତ୍ତୁଗାଲ, ସ୍ପେନ୍।
ମେ ୮: ଦକ୍ଷିଣ କୋରିଆ।
ମେ ୧୦: ଇଆଇ ସାଲ୍‌ଭାଡର, ଗୁଏଟ୍‌ମାଲା, ମେକ୍ସିକୋ।
ମେ ୧୫: ପାରାଗୁଏ।
ମେ ୧୯: କିରଗିଜ୍‌ସ୍ତାନ।
ମେ ୨୬: ପୋଲାଣ୍ଡ।
ମେ ୨୭: ବଲିଭିଆ।
ମେ ଶେଷ ରବିବାର: ଆଲ୍‌ଜେରିଆ, ଡୋମିନିକାନ୍ ରିପବ୍ଲିକ୍, ଫ୍ରାନ୍ସ, ଫ୍ରେଞ୍ଚ ଆଣ୍ଟିଲ୍ସ, ମାଡାଗାସ୍କାର, ମରକ୍କୋ, ହାଇଟି, ମରିସସ୍, ସେନିଗାଲ, ସ୍ୱିଡେନ, ଟ୍ୟୁନିସିଆ।
ମେ ୩୦: ନିକାରାଗୁଆ।
ଜୁନ୍ ୧: ମଙ୍ଗୋଲିଆ।
ଜୁନ୍ ଦ୍ୱିତୀୟ ରବିବାର: ଲକ୍ସେନବର୍ଗ।
ଜୁଲାଇ ପ୍ରଥମ ସୋମବାର: ସାଉଥ ସୁଦାନ।

## ନିର୍ବାହୀ ଅଧିକାରୀଙ୍କୁ ଘେରିଲେ ଖାଉଟି

**ଅସ୍ତରଙ୍ଗ,୯।୫(ଡି.ଏନ୍.ଏ.):** ପୁରୀ ଜିଲା ତାଳଦା ପଞ୍ଚାୟତରେ ପିଡିଏସ୍ କିରୋସିନ ବଣ୍ଟନ ବେଳେ ଶନିବାର ଅଭାବନୀୟ ଘଟଣା ଘଟିଛି। କିରୋସିନ ଲିଟରକୁ ୪୦ଟଙ୍କାରେ ବିକ୍ରି କରିବା ଦେଖି ସାଧାରଣ ଖାଉଟି ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁଙ୍କୁ ଘେରିଯାଇଥିଲେ। ପ୍ରକୃତ ମୂଲ୍ୟ କେତେ ଓ ଖରିଦ୍ କରିଥିବା ମୂଲ୍ୟ ଚାର୍ଟ ଦେଖାଇବାକୁ ଦାବି କରିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ଦେଖିଦେବାରୁ ନିର୍ବାହୀ ଅଧିକାରୀ ସ୍ୱାଇଁ ସେଠାରୁ କୌଶଳକ୍ରମେ ଖସି ପଳାଇଯାଇଥିଲେ। ଘଟଣାର ତୁରନ୍ତ ତଦନ୍ତକରି ନିର୍ବାହୀ ଅଧିକାରୀଙ୍କୁ ନିଲମ୍ବିତ କରିବାକୁ ସ୍ଥାନୀୟ ତାଳଦା ବିକାଶ ପରିଷଦର ସଭ୍ୟ ମାନସ ରଞ୍ଜନ ପଡ଼ିଆରୀ, ଜ୍ୟୋତିରଞ୍ଜନ ନାୟକ, ଉମେଶ ସେନାପତି, ଜ୍ୟାକେଶ ପଡ଼ିଆରୀ, ତପନ ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଦାବି କରିଛନ୍ତି।

### ସଂକ୍ଷେପରେ

## ମହାରାଷ୍ଟ୍ରରୁ ଫେରିଲେ ୨୪ ପ୍ରବାସୀ

**କଟକ ସଦର,୯।୫(ଡି.ଏନ.ଏ):** କଟକ ସଦର ବ୍ଲକ ଅଞ୍ଚଳର ବିଭିନ୍ନ ଅସ୍ଥାୟୀ କେନ୍ଦ୍ରକୁ ଶନିବାର ମହାରାଷ୍ଟ୍ରରୁ ୨୪ଜଣ ପ୍ରବାସୀ ଫେରିଥିବା ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କ ମଧ୍ୟରୁ ସର୍ବାଧିକ ୧୭ଜଣ ବ୍ୟକ୍ତି କଳପଡ଼ା ପଞ୍ଚାୟତର ହୋଇଥିବାବେଳେ ଏମାନଙ୍କୁ ବାଲୁଙ୍କେଶ୍ୱର ବିଦ୍ୟାପୀଠ କେନ୍ଦ୍ରରେ ରଖାଯାଇଛି। ସେହିପରି ନିମେଇସାପୁରକୁ ୩, ପରମହଂସକୁ ୧ ଓ ଉରାଳି ପଞ୍ଚାୟତକୁ ୩ଜଣ ଫେରିଛନ୍ତି। ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିବାକୁ ଥିବା ବ୍ୟକ୍ତିଙ୍କର ଆତ୍ମୀୟମାନେ ଅଯଥାରେ ଭିଡ଼ ଜମାଉଥିବାରୁ ବ୍ଲକ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି।

## ହୋମ୍ ଆଇସୋଲେଶନରେ ୫ ପୋଲିସ କର୍ମଚାରୀ

**ଯାଁଳା,୯।୫(ଡି.ଏନ୍.ଏ.):** ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଫାଣ୍ଡିରେ କାର୍ଯ୍ୟରତ ୫ ପୋଲିସ କର୍ମଚାରୀ ହୋମ ଆଇସୋଲେଶନରେ ରହିଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗୁରୁବାର ଖୋର୍ଦ୍ଧା ପଟୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ କଣ୍ଟେନର ସକାଳୁ ଗଙ୍ଗପଡ଼ା ଟୋଲଗେଟ ନିକଟରେ ଓଲଟି ପଡ଼ିଥିଲା। ଫଳରେ ଚାଳକ ଗୁରୁତର ହୋଇଥିଲେ। ଖବରପାଇ ଯାଁଳା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି କଣ୍ଟେନର ଚାଳକଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସରେ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। ଚାଳକ ଜଣଙ୍କ ମହାରାଷ୍ଟ୍ରର ହୋଇଥିବାରୁ ସେଠାରେ ତାଙ୍କ ସ୍ୱାବ ଟେଷ୍ଟ ହେବା ପରେ କରୋନା ପଜେଟିଭ ଥିବା ଜଣାପଡିଥିଲା। ଉକ୍ତ ଚାଳକଙ୍କ ସଂସ୍ପର୍ଶରେ ଆସିଥିବାରୁ ଯାଁଳା ଫାଣ୍ଡିର ୫ପୋଲିସ କର୍ମଚାରୀଙ୍କୁ ହୋମ ଆଇସୋଲେଶନରେ ରହିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ଶନିବାର ସକାଳୁ ଅଗ୍ନିଶମ ବିଭାଗ ପକ୍ଷରୁ ଯାଁଳା ଫାଣ୍ଡି ଓ ଉକ୍ତ କଣ୍ଟେନର ଗାଡିକୁ ବିଶୋଧନ କରାଯାଇଛି।

## ମଦ ଚାଲାଣ କରି ଜଣେ ଗିରଫ

**କଟକ ଅଫିସ, ୯।୫:** ମଦ ଚାଲାଣ କରୁଥିବାବେଳେ ଜଣେ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି ମାଲଗୋଦାମ ଥାନା ପୋଲିସ। ସେ ହେଲେ ବିଡାନାସୀ ଅଞ୍ଚଳର ଜିତେନ୍ଦ୍ର ବସ୍ତିଆ ଓରଫ ରାଜା। ତାଙ୍କଠାରୁ ଏକ ବାଇକ ସହ ବହୁ ପରିମାଣର ମଦ ଜବତ ହୋଇଛି। ଏନେଇ ଥାନାରେ ମାମଲା (ନଂ .୯୯/୨୦)ରୁଜୁ ହୋଇଛି।

## ବାଲ୍ୟ ବିବାହ ରୋକିଲା ଶିଶୁ ସୁରକ୍ଷା ସମିତି

**ବ୍ରହ୍ମଗିରି,୯।୫(ଡି.ଏନ.ଏ):** ବ୍ରହ୍ମଗିରି ଥାନା ଅଞ୍ଚଳରେ ଶନିବାର ଏକ ବାଲ୍ୟ ବିବାହ ଅନୁଷ୍ଠିତ ହେବାକୁ ଥିବା ସମୟରେ ଘଟଣାସ୍ଥଳରେ ଶିଶୁ ସୁରକ୍ଷା ସମିତି ପହଞ୍ଚି ଏହାକୁ ବନ୍ଦ କରିଥିଲେ। ସୂଚନା ଅନୁସାରେ ଉକ୍ତ ଥାନା ଅନ୍ତର୍ଗତ ଗୋଦରାବିନ୍ଧା ଗାଁରେ ଜଣେ ୧୫ ବର୍ଷୀୟ ନାବାଳିକାଙ୍କ ବିବାହ ପାଇଁ ଯୋଜନା ଚାଲିଥିଲା। କୌଣସି ସୂତ୍ରରୁ ଖବରପାଇ ଶିଶୁ ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ, ଶିଶୁ ସୁରକ୍ଷା ସମିତି ସଦସ୍ୟ ରମାଶଙ୍କର ପାତ୍ର ପୋଲିସ ସହ ପହଞ୍ଚି ନାବାଳିକାଙ୍କ ପରିବାର ସହିତ ଆଲୋଚନା କରିଥିଲେ। ବାଲ୍ୟ ବିବାହ ଏକ ଦଣ୍ଡନୀୟ ଅପରାଧ ବୋଲି ବୁଝାଇଥିଲେ। ପରେ ନାବାଳିକା ଜଣକୁ ୧୮ ବର୍ଷ ପୂର୍ବରୁ ବିବାହ କରାଯାଇ ପାରିବ ନାହିଁ ବୋଲି ନାବାଳିକାଙ୍କ ବାପା ଓ ମାଆଙ୍କ ଠାରୁ ଲିଖିତ ପ୍ରତିଶ୍ରୁତି ଆଣିଛନ୍ତି। ତାଙ୍କ ପରିବାର ଉପରେ ନଜର ରଖିବା ପାଇଁ ସ୍ଥାନୀୟ ଅଙ୍ଗନଓ୍ୱାଡି କର୍ମୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ସେହି ପରିବାରକୁ ପ୍ରଶାସନିକ ସ୍ତରରେ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ଶିଶୁ ସୁରକ୍ଷା ସମିତି ପ୍ରତିଶ୍ରୁତି ଦେଇଛନ୍ତି। ଏଥିରେ ବ୍ରହ୍ମଗିରି ପୋଲିସ, ଶିଶୁ ବକାଶ କାର୍ଯ୍ୟାଳୟର ସୁପର ଭାଇଜର ଛବିରାଣୀ ମୁଦୁଲି, ଅଙ୍ଗନଓ୍ୱାଡି କର୍ମୀ ଲିଲି ସାହୁ, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ତରାଇ ଉପସ୍ଥିତ ଥିଲେ।

# ବେପାର ବାଟ ରୋକିଛି ଲକ୍‌ଡାଉନ

### କଟକଣାରେ କିନ୍ନରଙ୍କ କଷ୍ଟମୟ ଜୀବନ

**କଟକ ଅଫିସ,୯।୫ (ଅଶୋକ ବାରିକ)**

ଦେଶରେ କରୋନା ଭୂତାଣୁ ଦିନକୁ ଦିନ କରାଳ ରୂପ ନେବାରେ ଲାଗିଛି। ସଂକ୍ରମଣ ସଂଖ୍ୟା କମୁ ନ ଥିବାରୁ ସରକାର ଲକଡାଉନ ଅବଧି ବଢ଼ାଇ ଦେଇଛନ୍ତି। ଏହାଯୋଗୁ ଦିନମଜୁରିଆ, ଶ୍ରମିକ, ଗରିବଙ୍କ ଅବସ୍ଥା ଜଟିଳ ହୋଇପଡୁଥିବାବେଳେ କିନ୍ନରମାନଙ୍କ ଅବସ୍ଥା ମଧ୍ୟ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲକଡାଉନ ଯୋଗୁ ସବୁ ବନ୍ଦ ହୋଇଯାଇଥିବା ବେଳେ ଜୀବନ କଷ୍ଟମୟ ହୋଇଯାଇଛି। ଏପରିକି ବେପାରର ସବୁ ବାଟ ରୋକି ଦେଇଛି ଲକଡାଉନ। ଦିନଟିଏ ଖାଦ୍ୟ ଯୋଗାଡ଼ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କିନ୍ନରମାନେ କହିଛନ୍ତି। ମାଲଗୋଦାମ ଅଞ୍ଚଳରେ ରହିଛି କିନ୍ନରମାନଙ୍କ ଏକ ବସ୍ତି। ଏହି ବସ୍ତିରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ କିନ୍ନର ରୁହନ୍ତି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନରେ କାର୍ଯ୍ୟ କରି, ଛୋଟ ବ୍ୟବସାୟ କରି ଏମାନେ ପେଟ ପୋଷନ୍ତି। ଲକଡାଉନ ହେବାପରଠାରୁ ଏମାନଙ୍କ ରୋଜଗାରର ମାଧ୍ୟମ ବନ୍ଦ ହୋଇଯାଇଛି। ଏଭଳି ସ୍ଥିତିରେ ସେମାନେ ଘରକୁ ଫେରି ପାରୁ ନ ଥିବାବେଳେ ଚଳିବା ପାଇଁ ଅର୍ଥାଭାବର ମଧ୍ୟ ସମ୍ମୁଖୀନ ହୋଇଛନ୍ତି। ଏହି ବସ୍ତି ସମେତ କଲେଜଛକ, ଶଙ୍କରପୁର, ସାଆନ୍ତସାହି ଓ ସହରର ଅନ୍ୟ ଅଞ୍ଚଳରେ ମଧ୍ୟ କିନ୍ନର ରହୁଥିବା ଦେଖିବାକୁ ମିଳେ। ଏମାନେ ପ୍ରାୟତଃ କଟକ ଜିଲା ସମେତ ଆଖପାଖ ବିଭିନ୍ନ ଜିଲାର ଅଟନ୍ତି। ଏମାନଙ୍କ ମଧ୍ୟରେ ଅନେକ ଉଚ୍ଚଶିକ୍ଷିତ ମଧ୍ୟ ରହିଛନ୍ତି। ଯେଉଁମାନେ ଚାକିରି ପାଇ ନାହାନ୍ତି ସେମାନେ ବାଧ ହୋଇ ଭିନ୍ନ ବୃତ୍ତି ଆପଣାଇଛନ୍ତି। ଲକଡାଉନ ସମୟରେ ମାତ୍ର ଗୋଟିଏ ଥର ମାଲଗୋଦାମ ବସ୍ତିରେ ସିଏମ୍‌ସି ପକ୍ଷରୁ ରନ୍ଧାଖାଦ୍ୟ ଦିଆଯାଇଥିଲା ବୋଲି ଏଠାକାର ବାସିନ୍ଦା କୁହନ୍ତି। ଲକଡାଉନ ଜାରି ରହିଲେ ଜୀବନ ଦୁର୍ବିଷହ ହୋଇଯିବ ବୋଲି କହିଛନ୍ତି।

### ଏମାନଙ୍କ ମତରେ...



"ଅନ୍ୟ ସମୟରେ ସହାୟତାର ପ୍ରଲୋଭନ ଦେଖାଇ ବହୁ ରାଜନେତାଙ୍କ ପାଦ ବସ୍ତିରେ ପଡିଥାଏ। ପ୍ରକୃତ ବିପଦ ସମୟରେ କାହାର ଦେଖାନାହିଁ। ସିଏମସି କି ଜିଲା ପ୍ରସାଶନର କୌଣସି ଅଧିକାରୀ ଆମ ଦୁଃଖ ଦେଖିବାକୁ ଆସୁନାହାନ୍ତି।
- **ମୋନାଲିସା, କିନ୍ନର**



"ଆମମାନଙ୍କ ମଧ୍ୟରେ କିଛି ଉଚ୍ଚଶିକ୍ଷିତ ଅଛନ୍ତି। ସେମାନଙ୍କୁ ସରକାରୀ ନିଯୁକ୍ତି କ୍ଷେତ୍ରରେ କୌଣସି ସୁବିଧା ଦିଆଯାଉ ନାହିଁ। ଯଦି ସରକାରଙ୍କ ପକ୍ଷରୁ ନିଯୁକ୍ତିର କିଛି ମିଳେ, ବଞ୍ଚିବା ଶୈଳରେ ଉନ୍ନତି ହେବ।
- **କାଜଲ ନାୟକ, ସଭାପତି, କଟକ କିନ୍ନର ମହାସଂଘ**



"ବର୍ତ୍ତମାନ ସମୟରେ ଲୋକମାନେ ରୋଜଗାର ଭିନ୍ନ ବୃତ୍ତି ଆପଣାଉଛନ୍ତି। ଯଦି ସିଏମସି ତରଫରୁ ଭେଣ୍ଡିଙ୍ଗ ଜୋନର ବ୍ୟବସ୍ଥା କରାଯାଏ ଉପକୃତ ହେବୁ।
- **ସ୍ୱିଟି ପରବିନ୍ଦ**



"କେବେ ଏହି ମହାମାରୀ କବଳରୁ ମୁକ୍ତ ହେବୁ ଏବଂ ନିଜେ ରୋଜଗାର କରିବୁ ଅପେକ୍ଷାରେ ବସିଛୁ। ଦିନକୁ ଦିନ ଅବସ୍ଥା ଜଟିଳ ଆଡକୁ ଗତି କରୁଛି। ରୋଜଗାର ନ ପାଇଲେ ଆମେ ଦୁର୍ଦ୍ଦିନଗାମୀ ହେବୁ।
- **ତାରା ସାହୁ**

## କରୋନା କରାଳରେ ଖାଦ୍ୟ ଉପଲବ୍ଧତା ଜରୁରୀ: ଉମେଶ ଖଣ୍ଡେଲୱାଲ

**ଭୁବନେଶ୍ୱର,୯।୫(ବ୍ୟୁରୋ)**

ବିଗତ କିଛିଦିନରେ ଆକ୍ରାନ୍ତଙ୍କ ସଂଖ୍ୟାରେ ଅଭିବୃଦ୍ଧି ହାରକୁ ବିଚାରକୁ ନେଲେ ରାଜ୍ୟରେ କରୋନାର ବିପଦ ହ୍ରାସ ପାଇନାହିଁ। ତୃତୀୟ ପର୍ଯ୍ୟାୟ ଲକ୍‌ଡାଉନ୍‌ରେ ମଧ୍ୟ ସ୍ଥିତି ସୁଧୁରିନାହିଁ। ଏଣେ କାମଧନ୍ଦା ବନ୍ଦ ଯୋଗୁ ବହୁ ଲୋକ ବିନା ରୋଜଗାରରେ ଭୋକରେ ରହିବାକୁ ବାଧ୍ୟ ହେଉଛନ୍ତି। ଏପରି ସମୟରେ ଭୁବନେଶ୍ୱରକୁ କ୍ଷୁଧାମୁକ୍ତ ସହର ଭାବେ ଦେଖିବାର ସଂକଳ୍ପ ନେଇ କାର୍ଯ୍ୟ କରିଚାଲିଛନ୍ତି ଉମେଶ ଖଣ୍ଡେଲୱାଲଙ୍କ ସଂଗୋଷ୍ଠୀ। ଏହାର ସ୍ୱେଚ୍ଛାସେବୀମାନେ ୪୨ ଦିନ ଧରି ୮୦ହଜାର ଲୋକଙ୍କୁ ରନ୍ଧାଖାଦ୍ୟ ଓ ଶୁଖିଲା ଖାଦ୍ୟ ସାମଗ୍ରୀ ବିତରଣ କରିଆସୁଥିବାବେଳେ ସହଯୋଗ କରୁଛି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)। ସୋସିଆଲ ମିଡିଆ ଓ ଫୋନ୍ କଲ୍ ମାଧ୍ୟମରେ ସୂଚନା ମିଳିବା ପରେ ପ୍ରତିଦିନ ବ୍ୟକ୍ତିଗତ ଭାବେ ୬୦୦ଲୋକଙ୍କୁ ଖାଦ୍ୟ ବିତରଣ କରାଯାଉଛି। ଏଠାରେ ଫସିଥିବା ବାହାର ରାଜ୍ୟର ଶ୍ରମିକ ଓ ରାଶନକାର୍ଡ ନ ଥିବା ଗରିବ ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଠାରେ ଅଟକି ରହିଥିବା ଲୋକଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇବାର ମଧ୍ୟ ବ୍ୟବସ୍ଥା ହୋଇଛି। ଏହି ସଫଳତା କେବଳ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ସମ୍ଭବ ହୋଇ ପାରିଛି ବୋଲି ଖଣ୍ଡେଲୱାଲ କହିଛନ୍ତି। ଖଣ୍ଡେଲୱାଲଙ୍କ ଏପରି ପ୍ରୟାସକୁ ନେଇ ବିଭିନ୍ନ ଆଡୁ ଶୁଭେଚ୍ଛାର ସୁଅ ଛୁଟିଛି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର, କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ, ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, ଭାଜପା କେନ୍ଦ୍ରୀୟ ସଙ୍ଗଠନ ସମ୍ପାଦକ ଅରୁଣ ସିଂ, ଉପସଭାପତି ବୈଜୟନ୍ତ ପଣ୍ଡା, କରୋନା ରାଜ୍ୟ ହେଡ୍‌କ୍ୱାର୍ଟର ଇନଚାର୍ଜ ଅମିତାଭ ଠାକୁର ପ୍ରମୁଖ ତାଙ୍କୁ ସାଧୁବାଦ ଜଣାଇଛନ୍ତି। ୧୯୯୯ ମହାବାତ୍ୟାଠାରୁ ଏଯାବତ୍ ବିଭିନ୍ନ ପ୍ରାକୃତିକ ଦୁର୍ବିପାକରେ ଖଣ୍ଡେଲୱାଲ ନିଜ ବନ୍ଧୁଙ୍କ ସାହାଯ୍ୟରେ କୋଲକାତା, ଚେନ୍ନାଇ, ଆଣ୍ଡାମାନଠାରେ ଥିବା ଓଡ଼ିଆ ଭଉଣୀଭାଇଙ୍କ ପାଖରେ ରିଲିଫ ସାମଗ୍ରୀ ପହଞ୍ଚାଇଥିବାବେଳେ ଓଡ଼ିଶାରେ ଫସି ରହିଥିବା କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂଙ୍କ ଅଞ୍ଚଳର ଲୋକଙ୍କୁ ବିହାର ପହଞ୍ଚାଇବାରେ ସହଯୋଗ କରିଛନ୍ତି। ବିପତ୍ତି ସମୟରେ ସରକାରଙ୍କ ବ୍ୟବସ୍ଥା ଯଥେଷ୍ଟ ନୁହେଁ। ତେଣୁ ସବୁ ସମାଜିକ ସଙ୍ଗଠନ ଓ ବ୍ୟକ୍ତି ବିଶେଷ ସମ୍ମିଳିତ ହୋଇ ନିଜ ନିଜ କ୍ଷେତ୍ରରେ ସାମାଜିକ ଉତ୍ତରଦାୟିତ୍ୱ ନିର୍ବାହ କରିବାକୁ ଖଣ୍ଡେଲୱାଲ ନିବେଦନ କରିଛନ୍ତି।




ମାତୃଦିବସ ଉପଲକ୍ଷେ ପୁରୀରେ ଶନିବାର ଭାସ୍କର୍ଯ୍ୟ ଶିଳ୍ପୀ ଶ୍ରୀଧର ଦାସ ପ୍ରସ୍ତୁତ କରିଥିବା ସ୍ୟାଣ୍ଡ ଆନିମେଶନ।

## ଏସ୍‌ସିବିରେ ଜାରି ରହିବ ଟେଲିମେଡିସିନ ସେବା

**କଟକ ଅଫିସ,୯।୫**

ଲକ୍‌ଡାଉନ ଶେଷ ହେବା ଯାଏ ଏସ୍‌ସିବିରେ ରୋଗୀମାନଙ୍କ ନିମନ୍ତେ ଜାରି ରହିବ ଟେଲିମେଡିସିନ ସେବା। ଏବେ ଏଠାକୁ ପହଞ୍ଚି ପାରୁ ନ ଥିବା ରୋଗୀମାନେ ନିଜ ଅଞ୍ଚଳରେ ଥାଇ ବି ନିର୍ବିଘ୍ନରେ ପାଇପାରିବେ ଡାକ୍ତରୀ ସେବା। କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବା କାରଣରୁ ସବୁଠି ଜୋନ (ଗ୍ରୀନ, ଅରେଞ୍ଜ ଓ ରେଡ)ସ୍ଥିତି ବି ଅସ୍ଥିର ରହିଛି। ଆଗାମୀ ଦିନରେ ଗମନାଗମନ ଆହୁରି ବହୁମାତ୍ରାରେ ପ୍ରଭାବିତ ହେବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ପକ୍ଷରୁ ପୂର୍ବରୁ ଜାରି କରାଯାଇଥିବା ଟେଲି ମେଡିସିନ ବିଭାଗର କଣ୍ଟ୍ରୋଲ ରୁମ୍ ଫୋନ୍ ନଂ ୦୬୭୧-୨୪୨୮୩୧୬ରେ ରୋଗୀମାନେ ଆବଶ୍ୟକ ସେବା ଲକ୍‌ଡାଉନ ଅବଧି ଶେଷ ହେବା ଯାଏ ପାଇପାରିବେ ବୋଲି ହସ୍ପିଟାଲର ଟେଲିମେଡିସିନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କଣ୍ଟ୍ରୋଲ ରୁମ୍‌କୁ କଲ୍ କରିବା ପରେ ରୋଗୀଙ୍କୁ ଆବଶ୍ୟକ ଥିବା ବିଭାଗର ଡାକ୍ତରଙ୍କ ସହ ସମ୍ପର୍କ କରାଇ ଦିଆଯିବ। ଫଳରେ ରୋଗୀମାନ ହସ୍ପିଟାଲକୁ ନ ଆସି ଘରେ ଥାଇ ବି ଏହାର ସୁଫଳ ପାଇପାରିବେ।

## କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପ୍ରବାସୀଙ୍କ ମୃତ୍ୟୁ ଘଟଣା: ଏନ୍‌ଏଚ୍‌ଆର୍‌ସିରେ ପିଟିଶନ

**ଭୁବନେଶ୍ୱର,୯।୫ (ବ୍ୟୁରୋ)**

ଗଞ୍ଜାମ ପୋଲାସରା କ୍ୱାରାଣ୍ଟାଇନ୍ ସେଣ୍ଟରରେ ଶୁକ୍ରବାର ସୁରଟ ଫେରନ୍ତା ପ୍ରଫୁଲ୍ଲ ବେହେରାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କର କରୋନାରେ ମୃତ୍ୟୁ ଘଟିଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି। ଏପରି କି ସେ ମୃତ୍ୟୁ ପୂର୍ବରୁ ସ୍ତ୍ରୀଙ୍କ ସହ କଥା ହେଉଥିଲେ। ସୁରଟରେ ଥିବାବେଳେ ତାଙ୍କଠାରେ କରୋନା ଲକ୍ଷଣ ଥିଲା। ଏଠାରେ ପହଞ୍ଚିବା ପରେ ଜଣାଇଥିଲେ ମଧ୍ୟ ପ୍ରଶାସନ ତାଙ୍କୁ ବିନା ପରୀକ୍ଷାରେ କ୍ୱାରାଣ୍ଟାଇନ ସେଣ୍ଟରରେ ରଖିଥିଲେ। ଅସୁସ୍ଥତା ଅନୁଭବ କରୁଥିବାରୁ ତାଙ୍କୁ ଚିକିତ୍ସା ଦରକାର ଥିବା ପ୍ରଫୁଲ୍ଲ ସ୍ତ୍ରୀକୁ କହିଥିଲେ। ଅବହେଳା ଯୋଗୁ ପ୍ରଫୁଲ୍ଲଙ୍କର ଜୀବନ ଯାଇଥିବା ଅଭିଯୋଗ ଆଣି ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆର୍‌ସି)ରେ ଅଭିଯୋଗ କରିଛନ୍ତି। ମାମଲାକୁ ଗୁରୁତର ସହ ନେଇ କ୍ୟାବିନେଟ ସଚିବ, ଗୃହ ସଚିବ, ଓଡ଼ିଶା ଓ ଗୁଜରାଟର ମୁଖ୍ୟ ସଚିବଙ୍କୁ ଏକ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେବାକୁ ପ୍ରଦୀପ୍ତ ନିବେଦନ କରିବା ସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦିଆଯାଉ ବୋଲି ପିଟିଶନରେ ଉଲ୍ଲେଖ କରିଛନ୍ତି।

## ମହିଳାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ବାଲିପାଟଣା,୯।୫(ଡି.ଏନ୍.ଏ.)**

ବନମାଳିପୁର ଫାଣ୍ଡି ଅଞ୍ଚଳରେ ଜଣେ ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ସୁରେନ୍ଦ୍ର ସେଠୀ। ଗତ ୩ ତାରିଖରେ ସୁରେନ୍ଦ୍ର ତାଙ୍କୁ ବଳାତ୍କାର କରିଥିବା ନେଇ ମହିଳାଜଣକ ବାଲିପାଟଣା ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ.୧୩୫/୨୦) ରୁଜୁ କରିଛି।

## ଓଡ଼ିଆ ଶ୍ରମିକଙ୍କୁ ଚିକିତ୍ସା, ଜୀବିକା ଯୋଗାଇବାକୁ ଦାବି

**ଭୁବନେଶ୍ୱର,୯।୫(ବ୍ୟୁରୋ)**

ଗଞ୍ଜାମ ଜିଲାରେ କରୋନା ସଂକ୍ରମିତଙ୍କ ମଧ୍ୟରେ ଅଧିକାଂଶ ଗୁଜରାଟରୁ ଫେରିଛନ୍ତି। ଏଥିରୁ ପ୍ରମାଣିତ ହେଉଛି ଯେ, ଗୁଜରାଟ ସରକାର ବାହାର ରାଜ୍ୟର ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଆଦୌ ପରୀକ୍ଷା କରିନାହାନ୍ତି। ସେମାନଙ୍କ ପ୍ରତି ମାନବିକତାର ସହ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ସେମାନଙ୍କର ମାନବିକ ଅଧିକାର ଉଲ୍ଲଂଘନ ହୋଇଛି ବୋଲି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା କହିଛନ୍ତି। ସେ କହିଛନ୍ତି ଯେ, ବାହାର ରାଜ୍ୟରେ ଫସିଥିବା ୩ଲକ୍ଷରୁ ଉର୍ଦ୍ଧ୍ୱ ଓଡ଼ିଆ ଶ୍ରମିକ ବାରମ୍ବାର ଲମ୍ବାଧାଡ଼ିରେ ଠିଆ ହୋଇ ଟୋକନ ପାଇଁ ହତାଶ ହେଉଛନ୍ତି। କେନ୍ଦ୍ର ସରକାର ମାଗଣା ରେଳ ଯାତ୍ରା ଘୋଷଣା କରିଥିବା ସତ୍ତ୍ୱେ କେତେକ ସ୍ଥାନୀୟ ଶାସକ ଦଳର ଏଜେଣ୍ଟମାନେ ଲୋକମାନଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ଲକ୍ଷ ଲକ୍ଷ ଦାଦନ ଶ୍ରମିକ ଅସହାୟ ଅବସ୍ଥାରେ ସହର ରାସ୍ତାରେ ପଡ଼ି ରହିଛନ୍ତି। ସେମାନଙ୍କ ପ୍ରତି ଆହା ପଦେ କହି ନାହାନ୍ତି। ଶ୍ରମିକମାନଙ୍କୁ ସୁରକ୍ଷା ନ ଦେଇ କିମ୍ବା ସେମାନଙ୍କୁ ଲକ୍‌ଡାଉନ ପୂର୍ବରୁ ଘରକୁ ଫେରିବାକୁ ନ ଦେଇଥିବାରୁ ଅଧିକ ସଂକ୍ରମଣ ହେଲା ବୋଲି ସେ ଅଭିଯୋଗ କରିଛନ୍ତି। ରେଳ ଓ ବସ୍‌ରେ ସମସ୍ତ ପ୍ରବାସୀ ଶ୍ରମିକଙ୍କୁ ନିଜ ନିଜ ରାଜ୍ୟରେ ପହଞ୍ଚାଇ ରାଜ୍ୟ ସରକାର ସେମାନଙ୍କୁ ଚିକିତ୍ସା ଓ ଜୀବିକା ପାଇଁ ପର୍ଯ୍ୟାପ୍ତ ସୁବିଧା କରିବାକୁ ସାମନ୍ତରା ଦାବି କରିଛନ୍ତି।

## ଯାଜପୁରକୁ ସୁରଟରୁ ଫେରିଲେଣି ୨୮୪, ଆଜି ଆସିବେ ୩୬

**ଯାଜପୁର ଅଫିସ,୯।୫**

ଯାଜପୁର ଜିଲାକୁ ଶନିବାର ସୁଦ୍ଧା ଫେରିଛନ୍ତି ୮୩୮ ଓଡ଼ିଆ ପ୍ରବାସୀ। ସେମାନଙ୍କ ମଧ୍ୟରେ ରହିଛନ୍ତି ୨୮୪ ଜଣ ସୁରଟ ଫେରନ୍ତା। ରବିବାର ଯାଜପୁର-କେନ୍ଦୁଝରରୋଡ ରେଳଷ୍ଟେଶନକୁ ସୁରଟରୁ ଫେରିବେ ୧୨୦୦ ପ୍ରବାସୀ। ଏନେଇ ସୁରଟ ଜିଲାପାଳ ଧବଳ ପଟେଲ ତାଙ୍କ ପତ୍ରରେ ଯାଜପୁର ଜିଲାପାଳଙ୍କୁ ସୂଚିତ କରିଛନ୍ତି। ତେବେ ଉକ୍ତ ପତ୍ରରେ ଯାଜପୁର, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୭୦ ଜଣଙ୍କ ନାମ ତାଲିକା ରହିଥିବା ଦେଖିବାକୁ ମିଳିଛି। ସୁରଟ ଫେରନ୍ତାଙ୍କ ପାଇଁ ଗଞ୍ଜାମ ଜିଲା ବର୍ତ୍ତମାନ ରାଜ୍ୟର ସର୍ବାଧିକ କରୋନା ସଂକ୍ରମିତ ଅଞ୍ଚଳ ପାଲଟିଛି। ଗତ ୩ ଦିନ ହେଲା ଯାଜପୁର ଜିଲାରେ କରୋନା ସଂକ୍ରମିତ ଚିହ୍ନଟ ହୋଇ ନ ଥିଲେ ହେଁ ସୁରଟରୁ ପ୍ରବାସୀ ଓଡ଼ିଆ ଫେରୁଥିବା ରିପୋର୍ଟ ମିଳିବା ପରେ ସ୍ଥିତି ଅସମ୍ଭାଳ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ତେବେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସବୁପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି। ଛତିଆଠାରେ ପ୍ରବାସୀଙ୍କ ଶରୀର ତାପମାତ୍ରା ଯାଞ୍ଚ କରି କ୍ୱାରାଣ୍ଟାଇନ ସେଣ୍ଟରଗୁଡ଼ିକୁ ପଠାଯିବା ବ୍ୟବସ୍ଥା ହୋଇଛି। କୌଣସି କରୋନା ଲକ୍ଷଣ ଦେଖାଦେଲେ ଜିଲା ସଦର ମହାକୁମାସ୍ଥିତ ଏନ୍‌ସି ହାଇସ୍କୁଲ ହୋଇଥିବା ଜିଲାସ୍ତରୀୟ ଅସ୍ଥାୟୀ ଚିକିତ୍ସା କେନ୍ଦ୍ରକୁ ନିଆଯାଉଛି। ଏ ପର୍ଯ୍ୟନ୍ତ ୨ ପୌରାଞ୍ଚଳ ସମେତ ବିଭିନ୍ନ ସ୍ଥାନରେ ୧୨୩୦ଟି କ୍ୱାରାଣ୍ଟାଇନ୍ ସେଣ୍ଟର ଖୋଲାଯାଇଛି। ଏଥିରେ ୩୫,୪୨୯ ବେଡ୍ ରହିଛି। ଶନିବାର ସୁଦ୍ଧା ଜିଲାକୁ ସୁରଟରୁ ୨୮୪, ତେଲଙ୍ଗାନାରୁ ୧୫୭, କର୍ଣ୍ଣାଟକରୁ ୯୯, ପଶ୍ଚିମବଙ୍ଗରୁ ୯୫, କେରଳରୁ ୬୩, ଛତିଶଗଡ଼ରୁ ୨୨, ଆନ୍ଧ୍ରପ୍ରଦେଶରୁ ୨୯, ଝାଡ଼ଖଣ୍ଡରୁ ୨୫, ରାଜସ୍ଥାନରୁ ୧୬, ମଧ୍ୟପ୍ରଦେଶରୁ ୧୯, ଉତ୍ତରପ୍ରଦେଶରୁ ୯, ମହାରାଷ୍ଟ୍ରରୁ ୫, ବିହାରରୁ ୪, ଦିଲ୍ଲୀରୁ ୨, ତାମିଲନାଡୁରୁ ୯ଜଣ ପ୍ରବାସୀ ଫେରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ୧.୫୬ କୋଟି ମିଲ୍ ଯୋଗାଇଲେଣି ଏସ୍‌ଏଚ୍‌ଜି ମହିଳା

**ଭୁବନେଶ୍ୱର, ୯।୫(ବ୍ୟୁରୋ)**

ରାଜ୍ୟରେ କରୋନା ସ୍ଥିତି ଅସମ୍ଭାଳ ହେବାରେ ଲାଗିଛି। ଏଭଳି ସ୍ଥିତିରେ ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ମହିଳାମାନେ କରୋନା ଯୁଦ୍ଧରେ ମେରୁଦଣ୍ଡ ଭଳି ଛିଡ଼ା ହୋଇଛନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ନିରାଶ୍ରିତ ଏବଂ ଅସହାୟ ଲୋକଙ୍କୁ ଲକ୍‌ଡାଉନ ସମୟରେ ମାଗଣା ରନ୍ଧାଖାଦ୍ୟ ଯୋଗାଇବାରେ ୭୧୨୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇ ୧ କୋଟି ୫୬ ଲକ୍ଷ ମିଲ୍ ଯୋଗାଇ ଦେଇଛନ୍ତି। ପୌରାଞ୍ଚଳରେ ଥିବା ଆହାର କେନ୍ଦ୍ରଗୁଡ଼ିକୁ ୨ ଲକ୍ଷ ୫ ହଜାର ମିଲ୍ ଯୋଗାଇ ଦେଇଛନ୍ତି। ସେହିପରି ହସ୍ପିଟାଲ୍‌ରେ ଚିକିତ୍ସିତ ୪୪,୮୩୨ ରୋଗୀଙ୍କୁ ଖାଦ୍ୟ ପ୍ରସ୍ତୁତ କରି ଯୋଗାଇ ଦେଇଛନ୍ତି ବୋଲି ମିଶନ ଶକ୍ତି କମିଶନର ତଥା ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ କହିଛନ୍ତି।

ସେ କହିଛନ୍ତି ଯେ, କୋଭିଡ୍-୧୯ କଠିନ ପରିସ୍ଥିତିରେ ନିରାଶ୍ରିତ ଓ ଅସହାୟ ଲୋକମାନଙ୍କୁ ଖାଦ୍ୟ ନିରାପତ୍ତା ଯୋଗାଇ ଦେବାରେ ଏହି ମା'ମାନଙ୍କ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରତି ମିଲ୍ ପିଛା ୨ ଟଙ୍କା ଲେଖାଏ ପ୍ରୋତ୍ସାହନ ଦିଆଯିବ ବୋଲି ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ, ଲକ୍‌ଡାଉନ୍ ସମୟରେ ୧୨୪୨ଟି ସ୍ୱୟଂ ସହାୟକ ଗୋଷ୍ଠୀ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ମାସ୍କ ତିଆରି କରି ସ୍ୱଳ୍ପ ମୂଲ୍ୟରେ ଜନସାଧାରଣଙ୍କୁ ଯୋଗାଇ ଦେଇଛନ୍ତି। ଦୋକାନ ବଜାର ବନ୍ଦ ଥିବାବେଳେ ଜରୁରୀ ସାମଗ୍ରୀ ଯୋଗାଇବାରେ ସ୍ୱୟଂ ସହାୟକ ଗୋଷ୍ଠୀର ୮ହଜାର ସଦସ୍ୟା ସାମିଲ ରହିଛନ୍ତି। ସେମାନଙ୍କ ଦ୍ୱାରା ୫୯୫ଟି ଦୋକାନ ଓ ୧୫୪ଟି ମୋବାଇଲ୍ ଭ୍ୟାନ୍ ମାଧ୍ୟମରେ ୧୫,୨୭୪ କୁଇଣ୍ଟାଲ୍ ପରିମାଣର ପନିପରିବା ଓ ଶୁଖିଲା ରାସନ୍ ସାମଗ୍ରୀ ବିକ୍ରି ହୋଇଛି। ସେହିପରି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ୭୦ ଲକ୍ଷ ମା' ଏସବୁ କାର୍ଯ୍ୟକ୍ରମ ସହିତ ମାଛଚାଷ, ଛତୁଚାଷ, ପନିପରିବା ଚାଷ, ଫାର୍ମ ପଣ୍ଡ ପରିଚାଳନା, ଗୋପାଳନ, ଅଙ୍ଗନବାଡ଼ିକୁ 'ଟେକ୍ ହୋମ୍ ରାଶନ୍' ଯୋଗାଣ ଓ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସୁଲଭ ମୂଲ୍ୟ ଦୋକାନ ପରିଚାଳନା କରୁଛନ୍ତି। ଏହି ସମୟ ମଧ୍ୟରେ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ମିଶନ ଶକ୍ତି ମା'ମାନଙ୍କୁ ବିନା ସୁଧରେ ୧୪୫ କୋଟି ଟଙ୍କାର ଋଣ ସହାୟତା ଯୋଗାଇ ଦିଆଯାଇଛି। ନିଜ ପରିବାର ଅନ୍ୟ ସଦସ୍ୟଙ୍କୁ ସାମାଜିକ ଦୂରତ୍ୱର ଗୁରୁତ୍ୱ ବୁଝାନ୍ତୁ। ଏଥିସହିତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ବାଧ୍ୟତାମୂଳକ ସଙ୍ଗରୋଧ ପାଳନ କରି ନ ଥିବା ଲୋକମାନଙ୍କୁ ସେମାନଙ୍କ ଘରକୁ ଆସିବାକୁ ନ ଦେଇ ନିଜକୁ ଜଣେ ଜଣେ କୋଭିଡ୍ ସଂଗ୍ରାମୀ ଭାବେ ଭୂମିକା ନିର୍ବାହ କରିବାକୁ ଏସ୍‌ଏଚ୍‌ଜିର ମହିଳାମାନଙ୍କୁ ସୁଜାତା କାର୍ତ୍ତିକେୟନ ଅନୁରୋଧ କରିଛନ୍ତି।

## ଚାଉଳ, ଡାଲି ବଣ୍ଟନରେ ଅନିୟମିତତା ଅଭିଯୋଗ

**ଯାଜପୁର ଅଫିସ,୯।୫**

ଲକ୍‌ଡାଉନ ପରିସ୍ଥିତି ଯୋଗୁ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ କାର୍ଡଧାରୀଙ୍କୁ ଅଗ୍ରିମ ୩ ମାସ ପାଇଁ ଅତିରିକ୍ତ ୫ କେଜି ଚାଉଳ ଓ ୧ କେଜି ଲେଖାଏ ହରଡ଼ ଡାଲି ବଣ୍ଟନ କରିବାକୁ ନିର୍ଦ୍ଦେଶ ହୋଇଛି। କିନ୍ତୁ ଜିଲା ଯୋଗାଣ ବିଭାଗର ଅବହେଳା ଯୋଗୁ ଲୋକଙ୍କ ପାଖରେ ଏହା ପହଞ୍ଚିବାରେ ବିଳମ୍ବ ହେଉଛି। ଶେଷରେ କେବଳ ଚାଉଳ ବଣ୍ଟନ ଆରମ୍ଭ କରାଯାଇଛି। କିନ୍ତୁ ଲୋକମାନଙ୍କ ନିକଟରେ ଏହା ନ ପହଞ୍ଚାଇ ସେମାନଙ୍କୁ ରିଟେଲର ପଏଣ୍ଟକୁ ଡକାଯିବା ସହ ବଣ୍ଟନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି ମର୍ମରେ ଜିଲା ଭାଜପା ସଭାପତି ଗୌତମ ରାୟ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ସେ ଦର୍ଶାଇଛନ୍ତି ଯେ, ପ୍ରଚଣ୍ଡ ଖରା ସମୟରେ କାର୍ଡଧାରୀ ସାମାଜିକ ଦୂରତାକୁ ନ ମାନି ରିଟେଲରମାନଙ୍କ ନିକଟରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ହରଡ ଡାଲି କେବେ ମିଳିବ ତାହା କେହି କହି ପାରୁନାହାନ୍ତି। ଏହା ସାଧାରଣ ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି କରିଛି। ଅନ୍ୟପକ୍ଷରେ ମାଗଣା ଚାଉଳ କାର୍ଡଧାରୀମାନଙ୍କୁ ମିଳୁଛି। କିନ୍ତୁ କାର୍ଡ ନ ଥିବାରୁ ଅନେକ ଅସହାୟ, ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗ ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସେମାନେ ଏହି ବିଷମ ପରିସ୍ଥିତିରେ କେମିତି ଚଳିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯାଜପୁର ଜିଲାରେ ୩,୭୬୩ କାର୍ଡଧାରୀଙ୍କ ପତ୍ତା ମିଳୁ ନାହିଁ। ବର୍ଷ ବର୍ଷ ଧରି ଏହି ଭୂତକାର୍ଡଧାରୀମାନେ ଶହଶହ କୁଇଣ୍ଟାଲ ଚାଉଳ ଖାଇ ଆସୁଛନ୍ତି। ଏବେ ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ୧୦୦୦ ଟଙ୍କା ବଣ୍ଟନ ବେଳେ ସରକାରୀ କର୍ମଚାରୀମାନେ ଏହି କାର୍ଡଧାରୀମାନଙ୍କ କୌଣସି ସୂଚନା ପାଇଲେ ନାହିଁ। ତୁରନ୍ତ ସରକାର ସମସ୍ତ ଲୋକଙ୍କୁ ଚାଉଳ ଯୋଗାଇ ଦେବାକୁ ରାୟ ଦାବି କରିଛନ୍ତି।




କୋଣାର୍କ ଥାନା ଅଧୀନ ବାଣିଲୋ ଗ୍ରାମର ଶିଳ୍ପ ଆଶିଷ କୁମାର ଦାସ ପଟ୍ଟଚିତ୍ର ମାଧ୍ୟମରେ କରୋନା ମହାମାରୀରୁ ରକ୍ଷା ପାଇବା ପାଇଁ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି।

## ସଂକ୍ଷେପରେ

### ମହିମା ମିଶ୍ରଙ୍କ ପୁଅଙ୍କୁ ଓଏସ୍ଏଲ୍ କମ୍ପାନୀର ନିର୍ଦ୍ଦେଶକ ପଦବୀ

**ପାରାଦୀପ,୯।୫(ସ୍ୱ.ପ୍ର.):** ପାରାଦୀପର ଅନ୍ୟତମ ବୃହତ୍ ଓଏସ୍ଏଲ୍(ଓଡିଶା ଷ୍ଟିଭେଡର୍ସ ଲିମିଟେଡ୍) କମ୍ପାନୀର ନିର୍ଦ୍ଦେଶକ ପଦବୀ ମହିମା ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ରଙ୍କୁ ମିଳିଛି। ପୂର୍ବରୁ ନିର୍ଦ୍ଦେଶକ ପଦବୀରେ ଥିବା ବସନ୍ତ କୁମାର ବଳ ଏପ୍ରିଲ ୧ରୁ ଅବସର ନେବା ପରେ ତାଙ୍କ ସ୍ଥାନରେ ଚର୍ଚ୍ଚିତଙ୍କୁ ଏହି ପଦବୀ ମିଳିଛି ବୋଲି କମ୍ପାନୀର ମାନବସମ୍ବଳ ନିର୍ବାହୀ ନିର୍ଦ୍ଦେଶକ ପି.କେ. ପଣ୍ଡା ଶନିବାର ସୂଚନା ଦେଇଛନ୍ତି। ବସନ୍ତ ଦୀର୍ଘ ୩୫ ବର୍ଷ ହେବ ଓଏସ୍ଏଲ୍ ଗ୍ରୁପର ନିର୍ଦ୍ଦେଶକ ଓ ପାରାଦୀପ ଶାଖାର ମୁଖ୍ୟ ଥିଲେ। ଶାରୀରିକ ଅସୁସ୍ଥତା ଯୋଗୁ ତାଙ୍କୁ ଅବସର ଦିଆଯାଇଛି। ଓସିଏଲ୍ରେ ବସନ୍ତଙ୍କୁ ନେଇ ସର୍ବଦା ଚର୍ଚ୍ଚା ଲାଗି ରହିଥିଲା। ଗତ ୨୦୧୫ରୁ ଚାଲିଥିବା ଷ୍ଟିଭେଡର୍ସ ବିବାଦ, ସିଓ୍ୱେଜ କମ୍ପାନୀ ଜିଏମ୍ ହତ୍ୟା ଘଟଣା ଆଦିରେ ତାଙ୍କ ଭୂମିକାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ହେଉଥିଲା। ଏବେ ତାଙ୍କ ଅବସର ଘୋଷଣା ପରେ ଏସବୁର ଅବସାନ ଘଟିଛି ବୋଲି କୁହାଯାଉଛି।

### ସାଇକେଲରେ କ୍ୱାରାଣ୍ଟାଇନ କେନ୍ଦ୍ର ବୁଲିଲେ ତହସିଲଦାର, ବିଡିଓ

**ରସୁଲପୁର,୯।୫(ଡି.ଏନ.ଏ.):** ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ ବିଡିଓ ଉମାକାନ୍ତ ପରିଡ଼ା ଶନିବାର ସାଇକେଲ ଯୋଗେ କ୍ୱାରାଣ୍ଟାଇନ କେନ୍ଦ୍ର ବୁଲି ସ୍ଥିତି ପରଖିଛନ୍ତି। ସେମାନେ ହେଡ୍କ୍ୱାର୍ଟରଠାରୁ ୪ କି.ମି. ଦୂରରେ ଅବସ୍ଥିତ ମୁଗୁପାଳ କ୍ୱାରାଣ୍ଟାଇନ କେନ୍ଦ୍ରକୁ ଯାଇଥିବା ଦେଖି ଲୋକେ ଅଚମ୍ବିତ ହୋଇ ପଡ଼ିଥିଲେ। ତେବେ କରୋନା ମୁକାବିଲା ଭଳି ଜଟିଳ କାର୍ଯ୍ୟକୁ ସାଇକେଲରେ ବୁଲି ପରିଚାଳନା କରିବା ସମ୍ଭବ କି ବୋଲି ବୋଲି ପ୍ରଶ୍ନ କରିବାରୁ ତହସିଲଦାର ଭୁଜବଳ କହିଛନ୍ତି, ସବୁ କେନ୍ଦ୍ରକୁ ଯିବା ସମ୍ଭବ ନୁହେଁ। ମାତ୍ର ତହସିଲ ଓ ବ୍ଲକ ହେଡ୍କ୍ୱାର୍ଟରର କେନ୍ଦ୍ରଗୁଡିକୁ ସେମାନେ ସାଇକେଲରେ ଯାଉଛନ୍ତି। ଏହାଦ୍ୱାରା ସେମାନଙ୍କୁ ଆତ୍ମସନ୍ତୋଷ ମିଳୁଛି। ଏହାଛଡା ଆମାନିଆଙ୍କ ପାଇଁ ସେମାନେ ସାଇକେଲ ଚଳାଉଛନ୍ତି। ଅମାନିଆ ଘର ପାଖ ବଜାରକୁ ଆସିବା ବେଳେ ବାଇକ ବଦଳରେ ସାଇକେଲ ବ୍ୟବହାର କରିବା ସମ୍ଭବ ବୋଲି ଉଭୟ ବାର୍ତ୍ତା ଦେବାକୁ ଚାହିଁଛନ୍ତି।

### ଖଣ୍ଡପଡ଼ାରୁ ୩୨ ଜଣଙ୍କ ସ୍ୱାବ୍ ସଂଗ୍ରହ

**ଖଣ୍ଡପଡ଼ା,୯।୫(ସ୍ୱ.ପ୍ର.):** ଖଣ୍ଡପଡା କୋଭିଡ୍ କେୟାର ସେଣ୍ଟର ପକ୍ଷରୁ ତୃତୀୟ ପର୍ଯ୍ୟାୟରେ ୩୨ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ରକ୍ତ ନମୁନା ସଂଗ୍ରହ କରାଯାଇଛି। ସୁରଟ ଓ ହାଇଦ୍ରାବାଦରୁ ଫେରିଥିବା ୨୪ଜଣ ଏବଂ ଖଣ୍ଡପଡା କୋଭିଡ୍ କେୟାର ସେଣ୍ଟରରେ କାର୍ଯ୍ୟରତ ୮ଜଣ କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିବା ଡା. ପ୍ରଦୀପ କୁମାର ପାଇକରାୟ ସୂଚନା ଦେଇଛନ୍ତି। ସଂଗୃହୀତ ସ୍ୱାବ୍ ପରୀକ୍ଷା ନିମନ୍ତେ ଭୁବନେଶ୍ୱର ପଠାଯିବ। ସୂଚନାଯୋଗ୍ୟ ପ୍ରଥମ ପର୍ଯ୍ୟାୟରେ ୪୩ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫୮ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ସମସ୍ତଙ୍କର ନେଗେଟିଭ୍ ଥିବା କୋଭିଡ୍ କେୟାର ସେଣ୍ଟର ପକ୍ଷରୁ ସୂଚନା ଦିଆଯାଇଛି।

# ଆର୍ଥିକ ଅନଟନରେ ବିଡି ଶ୍ରମିକ

**ନୟାଗଡ଼ ଅଫିସ,୯।୫**

ନୟାଗଡ଼ ଜିଲା ସମେତ ରାଜ୍ୟର ବିଡି ଶ୍ରମିକମାନେ ଆର୍ଥିକ ଅନଟନରେ ଛନ୍ଦି ହୋଇ ଦୁଃଖଦ ଜୀବନ ବିତାଉଛନ୍ତି। ସେମାନଙ୍କ ସ୍ୱର ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ପହଞ୍ଚୁ ନ ଥିବା ଅଭିଯୋଗ ହୋଇଛି। ଶ୍ରମ ଆଇନରେ ପରିବର୍ତ୍ତନ ପରେ ଜନକଲ୍ୟାଣ ପାଣ୍ଠିର ସହାୟତା ରାଶି ୪ ବର୍ଷ ହେଲା ବନ୍ଦ ହୋଇଯିବା କାରଣରୁ ସେମାନଙ୍କ ଦୁଃଖ ବଢ଼ିଚାଲିଛି। ଏପରିସ୍ଥିତିରେ କରୋନା ସେମାନଙ୍କ ଦୁଃଖକୁ ଦ୍ୱିଗୁଣିତ କରିଦେଇଛି। ବିଡି ଶ୍ରମିକଙ୍କୁ ସହାୟତା ରାଶି ଯୋଗାଇବାକୁ ବିଜୁ ଶ୍ରମିକ ସାମ୍ମୁଖ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ନୟାଗଡ଼ ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ବିଡି ଶ୍ରମିକ ରହିଛନ୍ତି। ଖଣ୍ଡପଡା ବ୍ଲକର ୨୨ ପଞ୍ଚାୟତରେ ଘରେ ଘରେ ବିଡି ଶ୍ରମିକଙ୍କୁ ଦେଖିବାକୁ ମିଳେ। ଏହି ବ୍ଲକର ବୋଦସା, ଖଳିପଡା, ବେଣାଗାଣିଆ, ସିଧାମୂଳା, ବାଣପୁର, ସିଙ୍ଘାପଡା, ହରିଚନ୍ଦନପୁର, ଚାଉପଲ୍ଲୀ, ମର୍ଦ୍ଦରାଜପୁର ଅଞ୍ଚଳର ଶ୍ରମିକମାନେ ବିଭିନ୍ନ ରୋଗରେ ଅକ୍ରାନ୍ତ ହୋଇ ବି ବିଡି


ମର୍ଦ୍ଦରାଜପୁରରେ ବିଡି ମୋଡିବା କାମରେ ନିୟୋଜିତ ଜଣେ ଯୁବତୀ।

- ଜନକଲ୍ୟାଣ ପାଣ୍ଠିରୁ ସହାୟତା ବନ୍ଦ
- ସରକାରଙ୍କ ଦୃଷ୍ଟି ଆକର୍ଷଣ କଲା ବିଜୁ ଶ୍ରମିକ ସାମ୍ମୁଖ୍ୟ

ମୋଡାକୁ ଛାଡିପାରୁ ନ ଥିବା ଦେଖିବାକୁ ମିଳୁଛି। ଏ ନେଇ ମର୍ଦ୍ଦରାଜପୁରର ସୁମିତ୍ରା ସେଠୀ ଓ ହରିଚନ୍ଦନପୁରର ଲିଲି ପ୍ରଧାନ କୁହନ୍ତି, ୧ ହଜାର ବିଡି ମୋଡିବା ପାଇଁ ଜଣେ କାରିଗରଙ୍କୁ ଦେଢ଼ରୁ ଦୁଇ ଦିନ ଲାଗେ। ଆଉ ୧ହଜାର ବିଡି ମୋଡିଲେ ୯୦ ଟଙ୍କା ମିଳିଥାଏ। ସ୍ୱଳ୍ପ ଟଙ୍କା ମିଳୁଥିଲେ ହେଁ ବେଉସାକୁ ଛାଡି ହେଉନି। କାରଣ ଘରେ ବସି କିଛି ରୋଜଗାର କରି ହେଉଛି। ଅନ୍ୟ ଧନ୍ଦାରେ ରୋଜଗାର ହେଲେ ହେଁ କାର୍ଯ୍ୟ ସହଜ ହେଉ ନାହିଁ। ତେବେ ସରକାରୀ ସହାୟତା କିଛି ମିଳୁନି। ବର୍ତ୍ତମାନ କରୋନା ସମୟରେ ବି ସହାୟତା ମିଳିଲା ନାହିଁ। ଏ ନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହ ସମ୍ପାଦକ ତଥା ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ କୁହନ୍ତି, କେନ୍ଦ୍ରୀୟ ଶ୍ରମ ଆଇନ ଦ୍ୱାରା ପଞ୍ଜୀକୃତ ବିଡି ଶ୍ରମିକ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ପାଣ୍ଠିରୁ ମୃତ୍ୟୁ କାଳୀନ, ଶିକ୍ଷା, ଗୃହ ଓ ଝିଅ ବିବାହ ପାଇଁ ସହାୟତା ରାଶି ପାଉଥିଲେ। ତେବେ କେନ୍ଦ୍ର ସରକାର ଶ୍ରମ ଆଇନରେ ପରିବର୍ତ୍ତନ ଆଣିବା ପରେ ୨୦୧୬ ପରଠାରୁ ଆଉ ଜନକଲ୍ୟାଣ ପାଣ୍ଠିରୁ ସହାୟତା ରାଶି ବିଡି ଶ୍ରମିକ ପାଉ ନାହାନ୍ତି। ଅନ୍ୟପକ୍ଷେ ଲକ୍ଡାଉନ ସମୟରେ ଅନ୍ୟ ଶ୍ରମିକଙ୍କ ପରି ବିଡି ଶ୍ରମିକ ଘରୁ ବାହାରୁ ନାହାନ୍ତି। ସେମାନଙ୍କର ବିଡି ମୋଡା ମଧ୍ୟ କମିଯାଇଛି। ଅନ୍ୟ ରୋଜଗାର କିଛି ନାହିଁ। ସ୍ୱଳ୍ପ ଟଙ୍କାରେ ଘର ଚଳାଇବା କାଠିକର ପାଠ ହେଉଛି। ନିର୍ମାଣ ଶ୍ରମିକଙ୍କୁ ରାଜ୍ୟ ସରକାର କରୋନା ସହାୟତା ୧୫୦୦ ଟଙ୍କା ଦେବା ସ୍ୱାଗତଯୋଗ୍ୟ ପଦକ୍ଷେପ। ବାଦ୍ ପଡିଥିବା ବିଡି ଶ୍ରମିକଙ୍କୁ କରୋନା ସହାୟତା ରାଶି ପ୍ରଦାନ କରାଯାଉ। ସେହିପରି ଜନକଲ୍ୟାଣ ପାଣ୍ଠି ପରି ଅନୁରୂପ ପାଣ୍ଠି ବ୍ୟବସ୍ଥା କରି ବିଡି ଶ୍ରମିକଙ୍କୁ ସହାୟତା ରାଶି ଯୋଗାଇବା ବ୍ୟବସ୍ଥା କରିବାକୁ ସେ ଦାବି କରିଛନ୍ତି।

# ଅଟୋଚାଳକଙ୍କୁ ବିଧାୟିକାଙ୍କ ସହାୟତା

**ରସୁଲପୁର,୯।୫(ଡି.ଏନ.ଏ)**

ରସୁଲପୁର ବ୍ଲକ ଅଧୀନ ୧୦ ପଞ୍ଚାୟତର ୧୩୬ ଅଟୋଚାଳକଙ୍କୁ ବିଧାୟିକା ସୁନନ୍ଦା ଦାସ ସହାୟତାର ହାତ ବଢାଇଛନ୍ତି। ଦେବେନ୍ଦ୍ର ଦାସଙ୍କ ନେତୃତ୍ୱରେ ବିଧାୟିକା ଦାସ ମଙ୍ଗରାଜପୁର ଓ ଅତଲାପୁର ପଞ୍ଚାୟତର ଦୁଇଟି ସ୍ଥାନରେ ଅଟୋଚାଳକଙ୍କୁ ସହାୟତା ପ୍ରଦାନ କରିଛନ୍ତି। ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସହାୟତା ପ୍ରଦାନ ମେଳାରେ ୨୦ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀ ଥିବା କିଟ୍ ପ୍ରଦାନ କରାଯାଇଛି। ଏଥିସହ ପ୍ରତ୍ୟେକ ପରିବାରକୁ ମାସ୍କ, ସାବୁନ, ଫିନାଇଲ ଆଦି ଦିଆଯାଇଛି। ପ୍ରତ୍ୟେକ ପରିବାର ସ୍ୱଚ୍ଛତା ବଜାଇ ରଖିବାକୁ ବିଧାୟିକା ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ବରୀ ବ୍ଲକ ବିଜେଡି ସଭାପତି କେଦାର ସାମଲ, ବ୍ଲକ ଯୁବ ବିଜେଡି ସଭାପତି ଅଶୋକ ସାମଲ, ସରପଞ୍ଚ ବିଜୟ ଦାସ, ଅଭିମନ୍ୟୁ ମହାଳିକ, ସୂର୍ଯ୍ୟମଣି ବେହେରା, ଯୁବନେତା ହିମାଂଶୁ ନାୟକ ପ୍ରମୁଖଙ୍କ ସମେତ ୧୦ ପଞ୍ଚାୟତର ଜନପ୍ରତିନିଧି ଉପସ୍ଥିତ ଥିଲେ। ବରୀ ନିର୍ବାଚନମଣ୍ଡଳୀର ମୋଟ ୪୧୩ ଅଟୋଚାଳକ ପରିବାରକୁ ଏସବୁ ସହାୟତା ପ୍ରଦାନ କରାଯାଇଥିବା ସୂଚନା ମିଳିଛି।


ବରୀ ବିଧାୟିକା ଅଟୋ ଚାଳକଙ୍କୁ ସହାୟତା କିଟ୍ ପ୍ରଦାନ କରୁଛନ୍ତି।

# ରେଡ୍ ଜୋନକୁ ମୁହାଁଉଛି କେନ୍ଦ୍ରାପଡ଼ା

**କେନ୍ଦ୍ରାପଡ଼ା ଅଫିସ, ୯।୫**

କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି। ଜିଲାର ୨୪୯ ପଞ୍ଚାୟତ ଓ ୨ ପୌରାଞ୍ଚଳରେ ୧୧୨୨ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି। ଗତ ୩ ତାରିଖରୁ ଅଦ୍ୟାବଧି ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କୁ ଏହି କେନ୍ଦ୍ରରେ ରଖାଯାଇଛି। ତେବେ ଆଗାମୀ ଦିନରେ ଜିଲାକୁ ପ୍ରବାସୀଙ୍କ ଆଗମନ ଓ ଗୋଟିଏ ସଙ୍ଗରୋଧ ଗୃହରୁ ଏକକାଳୀନ ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ କେନ୍ଦ୍ରାପଡ଼ା ଜିଲା ଅରେଞ୍ଜ ଜୋନ୍ରୁ ରେଡ୍ ଜୋନ୍କୁ ମୁହାଁଉଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ଜିଲାରେ ଏପ୍ରିଲ ୭ ଓ ୧୨ ତାରିଖରେ ଦୁଇଜଣ କୋଲକାତା ଫେରନ୍ତା କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହି ଦୁଇ ଆକ୍ରାନ୍ତ ଏବେ ସୁସ୍ଥ ହୋଇଛନ୍ତି। ଏହି ଦୁଇ ଆକ୍ରାନ୍ତ ଚିହ୍ନଟ ପରେ ଜିଲା ଅରେଞ୍ଜ ଜୋନ୍ରେ ରହିଥିଲା। ଗତ ୬ ତାରିଖରେ ଆଳି ଅଞ୍ଚଳର ଜଣେ କୋଲକାତା ଫେରନ୍ତା ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ବେଳେ କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଛନ୍ତି। ତେବେ ସମ୍ପୃକ୍ତ ଆକ୍ରାନ୍ତ ଜିଲାକୁ ପଶି ନ ଥିବାରୁ ଅରେଞ୍ଜ ଜୋନ୍ରୁ ମୁକୁଳି ଜିଲା ଗ୍ରୀନ ଜୋନ୍ରେ ସାମିଲ ହେବ ବୋଲି ଆଶା କରାଯାଉଥିଲା। ଏବେ ପ୍ରତ୍ୟେକ ଦିନ ବସ୍ ମାଧ୍ୟମରେ ବହୁ ପ୍ରବାସୀ ଜିଲାକୁ ଆସୁଛନ୍ତି। ସେମାନଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରହୁ ନ ଥିବାରୁ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରତାପ କୁମାର ମହାନ୍ତି, ଜଗଦୀଶ ପତି, ପରେଶ ଚନ୍ଦ୍ର ଦାସ ପ୍ରମୁଖ କୁହନ୍ତି, ଜିଲାର ପ୍ରବାସୀଙ୍କ ପଞ୍ଜୀକରଣ ସଂଖ୍ୟା ୧ ଲକ୍ଷ ଥିବାବେଳେ ବାସ୍ତବରେ ଏହି ସଂଖ୍ୟା ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଏକ ବେସରକାରୀ ସଂସ୍ଥାର ସର୍ଭେ ରିପୋର୍ଟରେ ଉଲ୍ଲେଖ ଅଛି। ଦେଶରେ ତାଲାବାନ୍ଦ ଯୋଗୁ ଏହି ପ୍ରବାସୀ କର୍ମସଂସ୍ଥାନ ହରାଇ ଘରକୁ ଫେରୁଛନ୍ତି। ବସ୍ ଯୋଗେ ଘରକୁ ଫେରୁଥିବାରୁ ସାମାଜିକ ଦୂରତ୍ୱ ରହୁ ନ ଥିବାରୁ ସୁରଟ ଫେରନ୍ତା ୫ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଜିଲାକୁ ଆସିବା ପରେ ୨୪ ଘଣ୍ଟା ମଧ୍ୟରେ ପ୍ରବାସୀଙ୍କ ନମୁନା ସଂଗ୍ରହ କଲେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏଥିସହ କେନ୍ଦ୍ରାପଡା ଜିଲା ଅରେଞ୍ଜ ଜୋନ୍ରୁ ରେଡ୍ ଜୋନ୍ରେ ପରିଣତ ହେବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କୁହନ୍ତି, କରୋନା ସଂକ୍ରମଣ ରୋକିବା ପାଇଁ ପ୍ରଶାସନିକ ଉଦ୍ୟମ ଜାରି ରହିଛି। ପ୍ରବାସୀଙ୍କୁ ଜିଲାର ବିଭିନ୍ନ ସଙ୍ଗରୋଧ ଗୃହରେ ରଖାଯାଉଥିବାରୁ ଗୋଷ୍ଠୀ ସଂକ୍ରମଣ ଆଶଙ୍କା କମ୍ ହୋଇଛି। ଜିଲାରେ ଏବେ ୪ଟି ଟିମ୍ ନମୁନା ସଂଗ୍ରହ କରୁଥିବା ବେଳେ ଅଧିକ ସଂଖ୍ୟକ ଟିମ୍ ଗଠନ ପାଇଁ ପ୍ରକ୍ରିୟା ଜାରି ରହିଛି। ଗତ ମାର୍ଚ୍ଚରୁ ୧୨ ହଜାରରୁ ଊର୍ଦ୍ଧ୍ୱ ପ୍ରବାସୀ ଜିଲାକୁ ଆସିଥିବା ବେଳେ ୨୦୭୪ଟି ନମୁନା ସଂଗ୍ରହ ହୋଇଛି। ୧୬୯୫ ଜଣଙ୍କ ରିପୋର୍ଟ ଆସିଥିବା ବେଳେ ୭ ଜଣ କରୋନା ଆକ୍ରାନ୍ତ ବୋଲି ଏଡିଏମଓ ଡା. ମୀର୍ଜା ବାବର ବେଗ୍ କହିଛନ୍ତି।

## ଧାର୍ମିକ ଭାବନା ଆଘାତକୁ ନେଇ ସ୍ମାରକପତ୍ର

**କେନ୍ଦ୍ରାପଡ଼ା ଅଫିସ, ୯।୫**

ହିନ୍ଦୁଧର୍ମର ଦେବୀ ସୀତା ଓ ରାମଚନ୍ଦ୍ରଙ୍କ ସମ୍ପର୍କରେ ଅଶ୍ଳୀଳ କବିତା ରଚନା କରି ଏହାକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଓଡିଶା ଜନସେବା ସଂଗଠନ ବିରୋଧ କରିଛି। ସଂଗଠନ କର୍ମକର୍ତ୍ତା ଶନିବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଛନ୍ତି। ସଂଗଠନର ରାଜ୍ୟ ସଭାପତି ଶୋଭନ ଆଚାର୍ଯ୍ୟ କୁହନ୍ତି, ୨୭ ଏପ୍ରିଲରେ ରାଜେନ୍ଦ୍ର କିଶୋର ପଣ୍ଡା ସାମାଜିକ ଗଣମାଧ୍ୟମରେ ଦେବୀ ସୀତାଙ୍କୁ ଅଶ୍ଳୀଳ ଭାବେ ଚିତ୍ରଣ କରି ପୋଷ୍ଟ କରିଥିଲେ।

## ସ୍କୁଲ ବନ୍ଦ, ଘରୋଇ ଟ୍ୟୁଶନ୍ ଖୋଲା

**ପାରାଦୀପ,୯।୫(ସ୍ୱ.ପ୍ର.)**

କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ସମସ୍ତ ସ୍କୁଲ, କଲେଜ ଓ କୋଚିଂ ସେଣ୍ଟରଗୁଡିକୁ ବନ୍ଦ କରାଯାଇଛି। ମାତ୍ର ଜଗତିସିଂହପୁର ଜିଲାର ପାରାଦୀପରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏଠାକାର କଲୋନୀ ଓ ବସ୍ତି ଅଞ୍ଚଳରେ ଘରୋଇ ଟ୍ୟୁଶନ୍ ବେଧଡକ୍ ଚାଲିଛି। କେତେକ ଶିକ୍ଷୟିତ୍ରୀ ଶିକ୍ଷକ ନିଜଘରେ ଏକାଧିକ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି। ଏପରିକ୍ଷେତ୍ରରେ ସାମାଜିକ ଦୂରତ୍ୱ ବଜାଇ ରଖିବା ସମ୍ଭବ ହେଉନାହିଁ। ଏସମ୍ପର୍କରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର କହିଛନ୍ତି, କଟକଣା ନିୟମ ପାଳନ କରୁ ନ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏନେଇ ପୋଲିସ ପଠାଇ ତୁରନ୍ତ ଯାଞ୍ଚ କରାଯିବ। ପାରାଦୀପ ଆଦର୍ଶ ଥାନା ପୋଲିସ କିଛି ଘରୋଇ ଟ୍ୟୁଶନ୍ ଚାଲୁଥିବା ସ୍ଥାନରେ ଚଢ଼ାଉକରି ବନ୍ଦ କରିବା ସହ ଚେତାବନୀ ଦେଇଥିବା ଧୀର କହିଛନ୍ତି।

# ୮ ବାଇକ୍ ଜବତ, ୪ ଲୁଟେରା ଗିରଫ

**ଜଗତ୍ସିଂହପୁର ଅଫିସ, ୯।୫:** ଜଗତସିଂହପୁର ଟାଉନ୍ ଥାନା ପୋଲିସ ୮ ଚୋରି ବାଇକ୍ ଜବତ କରିଛି। ଏହି ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମକୁନ୍ଦପୁର ପଣ୍ଡାସାହିର ଅବିନାଶ ପଣ୍ଡା, ଡିହସାହିର ବିଜୟ କୁମାର ଓଝା, ପାଣିଶାଳିଆର ଆଶିକ ଖାଁ ଓ ସିଙ୍ଘାରପୁରର ପହଲି ସିଂହ। ତେବେ ଗୁମୁଟିପୁରର ଜିତୁ ପାତ୍ରୀ ଓ ଗଉଡୁଣୀ ପଡ଼ିଆର ଚକ୍ରଧର ନାଥଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି। ଜିଲା ଚିକିତ୍ସାଳୟ ସମ୍ମୁଖ ପାର୍କିଂରୁ ୬ ବାଇକ୍ ଉଦ୍ଧାର କରାଯାଇଥିବା ବେଳେ ସ୍ଥାନୀୟ କଲେଜ ଛକ ଓ ଆକ୍ସିସ୍ ବ୍ୟାଙ୍କ ସମ୍ମୁଖରୁ ଗୋଟିଏ ଲେଖାଏ ବାଇକ୍ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ଜଗତ୍ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି, ଏପ୍ରିଲ ୩୦ରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଖଦଳା ଗ୍ରାମର ପ୍ରଶାନ୍ତ କୁମାର ଓଝାଙ୍କ ବାଇକ ଚୋରି ହୋଇଥିଲା। ଏନେଇ ମାମଲା (ନଂ-୧୨୮/୨୦) ରୁଜୁ ହୋଇଥିଲା। ସେହିପରି ମେ ୭ରେ ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ କାଶିପୁରର ସୌମ୍ୟକାନ୍ତ ସାମନ୍ତରାୟ ଓ ଜଗତ୍ସିଂହପୁରସ୍ଥିତ ଲାଲାସାହିର ରାଜେଶ କୁମାର ସାହୁଙ୍କ ବାଇକ୍ ଚୋରି ହୋଇଥିଲା। ଏନେଇ ଯଥାକ୍ରମେ ମାମଲା (ନଂ.୧୩୨, ୧୩୪/୨୦) ରୁଜୁ ହୋଇଥିଲା। ଏହାପରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ବାଇକ୍ଗୁଡିକୁ ଜବତ କରାଯାଇଛି।

## ଚାଷୀଙ୍କ ସମସ୍ୟା ନେଇ ତହସିଲଦାରଙ୍କୁ ଦାବିପତ୍ର

**ନାଉଗାଁ,୯।୫(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ତହସିଲଦାର ଜେ. କଳ୍ପନାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ବଂଶୀଧର ବେହେରା, ଚତୁର୍ଭୁଜ ମହାନ୍ତି ଓ ପ୍ରଫୁଲ୍ଲ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଦର୍ଶାଇଛନ୍ତି, ଫନୀ ବାତ୍ୟାକୁ ବର୍ଷେ ବିତିଥିଲେ ମଧ୍ୟ କ୍ଷତିଗ୍ରସ୍ତ ଚାଷୀ ଆର୍ଥିକ ସହାୟତା ପାଇନାହାନ୍ତି। ତେଣୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଶୀଘ୍ର ସହାୟତା ଯୋଗାଇ ଦେବା ପାଇଁ ଉଲ୍ଲେଖ କରାଯାଇଛି। ସେହିପରି ବର୍ତ୍ତମାନ ଖରିଫ ଚାଷ ସମୟ ଆସୁଥିବାରୁ ଅଚଳ ହୋଇ ପଡିଥିବା ଉଠା ଜଳସେଚନକୁ ସଚଳ କରିବା, ଚାଷୀଙ୍କୁ ଠିକ୍ ସମୟରେ ଧାନ ବିହନ, ରିହାତି ଦରରେ ସାର, ଔଷଧ ଯୋଗାଇ ଦେବାକୁ ମଧ୍ୟ ଦାବିପତ୍ରରେ ଦର୍ଶାଯାଇଛି।

# ଜଳପଥ ସାଜିଛି ବଙ୍ଗୀୟଙ୍କ ଯାତାୟାତ ମାଧ୍ୟମ

**ପାରାଦୀପ,୯।୫(ସ୍ୱ.ପ୍ର.)**

ବାହାର ରାଜ୍ୟରୁ ଫେରୁଥିବା ଓଡ଼ିଆଙ୍କ ପାଇଁ କ୍ୱାରାଣ୍ଟାଇନ୍ ବାଧ୍ୟତାମୂଳକ ରହିଛି। ଏନେଇ ବିଭିନ୍ନ କଟକଣା ଜାରି କରାଯାଇଥିବା ବେଳେ ଜଗତ୍ସିଂହପୁର ଜିଲାର ପାରାଦୀପ ଏବେ ବଙ୍ଗୀୟଙ୍କ ପାଇଁ ଯାତାୟାତର ମାଧ୍ୟମ ପାଲଟିଛି। ପଶ୍ଚିମବଙ୍ଗରବାସିନ୍ଦାମାନେ ପାରାଦୀପ ଜଳପଥ ଦେଇ ସୁବିଧାରେ ଯାତାୟାତ କରୁଛନ୍ତି। ଏହି ବାଟଦେଇ ପ୍ରତିଦିନ ସେମାନେ ପାରାଦୀପକୁ କାମଧନ୍ଦା ପାଇଁ ଆସୁଛନ୍ତି। ଏହାର ଦୃଷ୍ଟାନ୍ତ ଅଠରବାଙ୍କୀର ବାଲିଫ୍ଲଟ ଡ୍ରାଏଡକ୍ରେ ଦେଖିବାକୁ ମିଳୁଛି। ଡ୍ରାଏଡକ୍ ହେଉଛି ମାଛଧରା ଟ୍ରଲର ଓ ଡଙ୍ଗା ମରାମତି ସ୍ଥାନ। ମାଛଧରା ବନ୍ଦଥିବାରୁ ଏବେ ଅଧିକାଂଶ ଟ୍ରଲର ଓ ଡଙ୍ଗା ସେଠାରେ ମରାମତି କରାଯାଉଛି। ଏସବୁ ମରାମତି କରୁଥିବା ଶ୍ରମିକଙ୍କ ମଧ୍ୟରୁ ୯୦ ପ୍ରତିଶତ ପଶ୍ଚିମବଙ୍ଗର ବାସିନ୍ଦା। ରାଜପଥ ଦେଇ ଯାତୟାତ କଲେ ଅନେକ କଟକଣାର ଭୟଥିବାରୁ ସେମାନେ ଜଳପଥକୁ ଆପଣାଇ ନେଇଛନ୍ତି। ଗତ ସପ୍ତାହ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ବଙ୍ଗୀୟ ଡ୍ରାଏଡକ୍ ଆସିଥିବା ସୂଚନା ମିଳିଛି। ଫଳରେ କରୋନା ବ୍ୟାପିବାର ଆଶଙ୍କା ରହିଛି। ଏସମ୍ପର୍କରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର କୁହନ୍ତି, ଆମେ ନଦୀଘାଟ କ୍ଷେତ୍ରରେ ପ୍ରଥମରୁ କଟକଣା ଜାରି କରିଛୁ। ଏନେଇ ସ୍ଥାନୀୟ ମତ୍ସ୍ୟଜୀବୀ ଗୋଷ୍ଠୀଙ୍କୁ ଅବଗତ କରିଛୁ। ଏହାସତ୍ତ୍ୱେ ଲୋକେ କରୋନାର ଭୟବହତାକୁ ନେଇ ସଚେତନ ହେଉନାହାନ୍ତି। ଏନେଇ ସାମୁଦ୍ରିକ ପୋଲିସ ଜରିଆରେ ଯାଞ୍ଚ କରାଯିବ।

# ଫାଇଦା ଉଠାଉଛନ୍ତି ବେଆଇନ ପଥର ଖାଦାନ, କ୍ରଶର ମାଲିକ

**ଯାଜପୁର ଅଫିସ,୯।୫**

କରୋନା ମୁକାବିଲା ପାଇଁ ଯାଜପୁର ଜିଲା ପ୍ରଶାସନ ଦିନରାତି ଏକ କରି ଦେଇଛି। ଶତାଧିକ ଫେରନ୍ତା ପ୍ରବାସୀଙ୍କୁ କ୍ୱାରାଣ୍ଟାଇନ୍ରେ ରଖିବାଠାରୁ ଆରମ୍ଭ କରି ସେମାନଙ୍କ ଖାଦ୍ୟ, ଔଷଧ ବ୍ୟବସ୍ଥା ତଥା କଣ୍ଟେନମେଣ୍ଟ ଜୋନ ପରିଚାଳନା ଆଦି କାର୍ଯ୍ୟରେ ଜିଲାର ପ୍ରାୟ ସମସ୍ତ ଅଧିକାରୀ ଓ କର୍ମଚାରୀ ବ୍ୟସ୍ତ ରହିଛନ୍ତି। ଏଭଳି ବ୍ୟସ୍ତତା ବେଆଇନ ପଥର ଖାଦାନ ଓ କ୍ରଶର ମାଲିକଙ୍କୁ ସୁଯୋଗ ଆଣିଦେଇଛି। ଆଞ୍ଚଳିକ ପରିବହନ, ରାଜସ୍ୱ ଓ ପୋଲିସ ବିଭାଗର ଅଧିକାଂଶ ଅଧିକାରୀ ଓ କର୍ମଚାରୀ କରୋନା ମୁକାବିଲା କାର୍ଯ୍ୟ କରୁଥିବା ସମୟରେ ଧର୍ମଶାଳା ତହସିଲ ଅଞ୍ଚଳରୁ ହାଇୱା, ଟ୍ରକ, ଟ୍ରାକ୍ଟରରେ ବେଆଇନ ଓଭରଲୋଡିଂ ଗାଡ଼ି ଚଳାଚଳ ଜୋର ଧରିଛି। ଏହାବାଦ ଜଙ୍ଗଲ ଜମିରେ ବେଆଇନ ଖାଦାନ ଓ କ୍ରଶର କାରବାର ଅଣାୟତ୍ତ ହୋଇଛି।

ଯାଜପୁର ଜିଲାର ଜଙ୍ଗଲ ଜମି, ପାହାଡ଼ କିସମ ଓ ଅନାବାଦୀ ଜମିକୁ କବ୍ଜା କରିବାକୁ କ୍ରଶର ବ୍ୟବସାୟୀମାନେ ପଛାଉ ନାହାନ୍ତି।



- ଓଭରଲୋଡିଂ ପରିବହନ ଜୋର ଧରିଛି
- କରୋନା ମୁକାବିଲାରେ ପୋଲିସ, ପ୍ରଶାସନ ବ୍ୟସ୍ତ

ଅଣ୍ଡିରା, ଆରୁହା, ବିଛାଖଣ୍ଡି, ରାହାଡପୁର ଆଦି ସ୍ଥାନରେ ଏକାଧିକ ବେଆଇନ ଷ୍ଟୋନ କ୍ରଶର ଗଢ଼ିଉଠିଛି। ବିଛାଖଣ୍ଡ ପାହାଡ ପାଦଦେଶରେ ୨ଟି କ୍ରଶର ବେଆଇନ ଭାବେ ଚାଲିଥିବାବେଳେ ସେଥିରୁ ଜାଲ ଆର୍ ଫର୍ମ ସହାୟତାରେ ପ୍ରତ୍ୟହ ୩୦ରୁ ଊର୍ଦ୍ଧ୍ୱ ଗାଡିରେ ଚିପ୍ସ, ଗେଟି, ବୋଲଡର ଆଦି ମାଲ ଓଭରଲୋଡିଂ ହୋଇ ଚାଲାଣ ହେଉଛି। ତେବେ ଅନ୍ୟ ଖାଦାନ ଓ କ୍ରଶରରୁ ମଧ୍ୟ ଦିନକୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଗାଡ଼ିରେ ଓଭରଲୋଡିଂ ମାଲ ପରିବହନ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଚଣ୍ଡିଖୋଲ-ଦୈତାରି ୫୩ ନମ୍ବର ଜାତୀୟ ରାଜପଥରୁ ଆରମ୍ଭ କରି ପାଣିକୋଇଲି-ରାଜାମୁଣ୍ଡା ଓ କୋଲକାତା-ଚେନ୍ନାଇ ରାଜପଥରେ ପ୍ରାୟ ସବୁବେଳେ ବୋଲଡର, ଚିପ୍ସ, ଗେଟି ବୋଝେଇ ହାଇୱା, ଟ୍ରକ ଆଦି ଗାଡି ଚଳାଚଳ କରୁଛି। ଏହାସହ ଗାଡିର ଡାଲା ଉପରେ କ୍ଷମତାରୁ ଅତ୍ୟଧିକ ଚିପ୍ସ, ପଥର ବୋଝେଇ ହେଉଥିବାରୁ ସାଧାରଣ ଲୋକଙ୍କ ପ୍ରତି ବିପଦ ଆଶଙ୍କା ରହୁଛି। ଓଭରଲୋଡ ଯୋଗୁ ରାସ୍ତା ଫାଟି ନଷ୍ଟ ହେଉଛି। ସମ୍ପ୍ରତି ଲକ୍ଡାଉନ୍ର ସୁଯୋଗ ନେଇ ୬ଚକିଆ ଟ୍ରକଗୁଡିକ ୯.୫ ଟନ୍ ପରିବର୍ତ୍ତେ ୨୦ରୁ ୨୫ ଟନ୍, ୧୦ ଚକିଆ ଟ୍ରକଗୁଡ଼ିକ ୧୬ ଟନ୍ ପରିବର୍ତ୍ତେ ୩୦ରୁ ୩୫ ଟନ୍, ୧୨ ଚକିଆ ଟ୍ରକଗୁଡିକ ୨୦ ଟନ୍ ପରିବର୍ତ୍ତେ ୪୦ରୁ ୫୦ ଟନ୍ ମାଲ ପରିବହନ କରୁଥିବା ଦେଖିବାକୁ ମିଳୁଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡାଙ୍କ କହିବାନୁଯାୟୀ ସେମାନେ ଛତିଆ ଅଞ୍ଚଳରେ କରୋନା ମୁକାବିଲା କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି। ତେବେ ନିର୍ଦ୍ଦିଷ୍ଟ ଭାବେ ଅଭିଯୋଗ ପାଇଲେ ପୋଲିସର ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

# ଯୋଗାଣ ବିଭାଗ ନାଁରେ ବଢୁଛି ଅଭିଯୋଗ

**ରତ୍ନଗିରି,୯।୫(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ରାଶନ ସାମଗ୍ରୀ ପ୍ରଦାନରେ ଅନିୟମିତତା ହେଉଥିବା ନେଇ ଅଭିଯୋଗ ବଢ଼ିବାରେ ଲାଗିଛି। ନିକଟରେ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତବାସୀ ଏପରି ଅଭିଯୋଗ ଆଣିଥିବାବେଳେ ଶନିବାର ବାଲିବିଲ ପଞ୍ଚାୟତର ଅନେକ ରାଶନକାର୍ଡଧାରୀ ନିୟମିତଭାବେ ସାମଗ୍ରୀ ପାଉ ନ ଥିବା ନେଇ ଅଭିଯୋଗ କରିଛନ୍ତି। ଶନିବାର ପଞ୍ଚାୟତର କେତେଜଣ ଦଳିତ ସମ୍ପ୍ରଦାୟ ହିତାଧିକାରୀ ଏ ସମ୍ପର୍କରେ ବରୀ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ୯ ମାସ ହେବ କିରୋସିନ ମିଳିନାହିଁ। ସେହିପରି ପଞ୍ଚାୟତର ଡିଲର ପ୍ରତି ହିତାଧିକାରୀଙ୍କୁ ୩ କେଜି ଚାଉଳ କମ୍ ଦେଉଛନ୍ତି। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ଏଦିଗରେ ପ୍ରଶାସନ

**ବରୀ ବ୍ଲକ୍**

- ବାଇଁଶିରିଆ ପଞ୍ଚାୟତରେ ଜଣେ ବ୍ୟକ୍ତିଙ୍କ ନାମରେ ଏକାଧିକ କାର୍ଡ
- ଅମଠପୁର ପଞ୍ଚାୟତବାସୀଙ୍କ ଅଭିଯୋଗର ତଦନ୍ତ ହେଲାନି
- ହିତାଧିକାରୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ଦୃଷ୍ଟିଦେବାକୁ ସେମାନେ ଦାବି କରିଛନ୍ତି।

ସେହିପରି ଏହି ବ୍ଲକ ଅଧୀନ ବାଇଁଶିରିଆ ପଞ୍ଚାୟତରେ ଜଣେ ହିତାଧିକାରୀଙ୍କ ନାମରେ ୨ଟି ରାଶନ କାର୍ଡ ଥିବା ଅଭିଯୋଗ ହୋଇଛି। ମାତ୍ର ଏଦିଗରେ ଯୋଗାଣ ବିଭାଗ ପଦକ୍ଷେପ ନ ନେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ୨ଟି କାର୍ଡରେ ପରିବାର ସଦସ୍ୟଙ୍କ ନାମ ସମାନ ରହିଛି। ଏତଦ୍ବ୍ୟତୀତ ପଞ୍ଚାୟତର ଆଉ ଜଣେ ହିତାଧିକାରୀଙ୍କ କ୍ଷେତ୍ରରେ ମଧ୍ୟ ସମାନ ଘଟଣା ଘଟିଛି। ଏ ବିଷୟରେ ବରୀ ବ୍ଲକ ଯୋଗାଣ ନିରୀକ୍ଷକ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି, ମୁଁ ଏଠାକୁ ନୂଆ ଆସିଥିବାରୁ କ'ଣ ହୋଇଛି ଜାଣିନାହିଁ। ତେବେ ବିଭିନ୍ନ ପଞ୍ଚାୟତରୁ ଏଭଳି ଅଭିଯୋଗ ଆସୁଛି। ଖୁବ୍ଶୀଘ୍ର ଏ ସବୁର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ବ୍ଲକ ଅଧୀନ ଅମଠପୁର ପଞ୍ଚାୟତର ଖୁଟୁରା ବିକ୍ରେତାଙ୍କ ନିକଟରେ ଏକାଧିକ ହିତାଧିକାରୀଙ୍କ ନାମରେ ଦୁଇଟି ଲେଖାଏ କାର୍ଡ ରହିବା ଓ କେତେଜଣ ହିତାଧିକାରୀ ମୃତ୍ୟୁବରଣ କରିଥିଲେ ମଧ୍ୟ ସେମାନଙ୍କ ନାମରେ ସାମଗ୍ରୀ ଉଠାଣ ହେଉଥିବା ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଶନିବାର ଏହି ଘଟଣାର ତଦନ୍ତ ହେବାର ଥିଲା। ଯୋଗାଣ ନିରୀକ୍ଷକଙ୍କୁ ନେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଦନ୍ତ ପାଇଁ ଆସିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କୌଣସି ଅଧିକାରୀ ନ ଆସିବାରୁ ହିତାଧିକାରୀମାନେ ଆସି ବ୍ଲକ କାର୍ଯ୍ୟାଳୟରେ ଯୋଗାଣ ନିରୀକ୍ଷକଙ୍କୁ ଘେରିଥିଲେ। ପରେ ବ୍ଲକ ଅଧ୍ୟକ୍ଷା ଶୁଭାଷିନୀ ଶର୍ମା ଯୋଗାଣ ନିରୀକ୍ଷକ ଓ ସମ୍ପୃକ୍ତ ରିଟେଲରଙ୍କୁ ଡାକି ତାଗିଦ କରିଥିବା ଜଣାପଡ଼ିଛି। ଏଠାରେ ପ୍ରଶ୍ନ ଉଠୁଛି ବ୍ଲକ ଅଞ୍ଚଳରେ ବିଭିନ୍ନ ପଞ୍ଚାୟତରେ ଏଭଳି ଅନିୟମିତତା ହୋଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ତଦନ୍ତ ହେଉନି କାହିଁକି। ତେଣୁ ଏ ଦିଗରେ ଜିଲାପାଳ ଦୃଷ୍ଟିଦେବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଭାରପ୍ରାପ୍ତ ବିଡିଓ ଶାଶ୍ୱତ ଜେନା କହିଛନ୍ତି, ବାଲିବିଲ ପଞ୍ଚାୟତବାସୀଙ୍କ ଅଭିଯୋଗର ରବିବାର ସମାଧାନ କରାଯିବ। କରୋନା କାର୍ଯ୍ୟରେ ବ୍ୟସ୍ତ ଥିବାରୁ ଅମଠପୁର ପଞ୍ଚାୟତବାସୀଙ୍କ ଅଭିଯୋଗର ତଦନ୍ତ ବିଳମ୍ବ ହୋଇଛି। ବାଇଁଶିରିଆ ପଞ୍ଚାୟତ ଘଟଣାର ତଦନ୍ତ କରାଯିବ। ଯଦି ଏହାର ସତ୍ୟତା ଥାଏ ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଅସ୍ଥାୟୀ ଶିବିର ସମ୍ମୁଖରେ ୧୪୪ଧାରା ଜାରି



ଖଇରା,୯।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକର ବିଭିନ୍ନ ଅସ୍ଥାୟୀ ଚିକିତ୍ସା ଶିବିର ଆଗରେ ଭିଡ ଉପରେ କଟକଣା ଲଗାଇବାକୁ ପ୍ରଶାସନ ପକ୍ଷରୁ ଶନିବାର ଠାରୁ ୧୪୪ଧାରା ଜାରି କରାଯାଇଛି। ଏସମ୍ପର୍କରେ ଶନିବାର ଅପରାହ୍ନରେ ଖଇରା ତହସିଲ ପକ୍ଷରୁ ମାଇକ ଯୋଗେ ପ୍ରଚାର କରି ଜନସାଧାରଣଙ୍କୁ ଅବଗତ କରାଯାଇଛି । ଅସ୍ଥାୟୀ ଶିବିରଠାରୁ ୧ଶହ ମିଟର ଦୂରତା ବ୍ୟବଧାନରେ ଏହି ୧୪୪ଧାରା ଲାଗୁ କରାଯାଇଛି। ଏକତ୍ର ସେହି ସ୍ଥାନରେ ଛିଡା ହେବାର ପ୍ରଶାସନ ନଜରକୁ ଆସିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଖଇରା ବ୍ଲକରେ ୧୪୨ଟି ଅସ୍ଥାୟୀ ଶିବିର ସମ୍ମୁଖରେ ଏହି ନିୟମ ଲାଗୁ କରାଯାଇଛି ।

### ଅଦିନିଆ ବର୍ଷାରେ ଭାଙ୍ଗିଲା ଘର

କପ୍ତିପଦା,୯।୫(ଡି.ଏନ.ଏ)- କପ୍ତିପଦା ଖପରାପାଳ ଗ୍ରାମର ଜଣେ ଗରିବ ମହିଳାଙ୍କ ଘରଟି ଅଦିନିଆ ବର୍ଷାରେ ଭାଙ୍ଗି ମାଟିରେ ମିଶିଯାଇଛି। ସେ ହେଲେ ମୀନତି ଦାସ। ତାଙ୍କର ୨ପୁଅ ଓ ୨ ଝିଅ। ୨ ପୁଅ ଶ୍ରମିକ ଭାବେ କାମ କରୁଥିବାବେଳେ ୨ ଝିଅଙ୍କ ବିବାହ ସରିଛି। ମୀନତିଙ୍କ ସ୍ୱାମୀ ସ୍ୱର୍ଗତ ଦୁର୍ଯ୍ୟୋଧନ ଦାସଙ୍କର ୨୦ବର୍ଷ ପୂର୍ବରୁ ମୃତ୍ୟୁ ଘଟିଛି। ମୀନତି ବହୁ ଦୁଖଃକଷ୍ଟରେ ଦିନ କାଟୁଥିବା ବେଳେ ଅଦିନିଆ ବର୍ଷା ପବନରେ ତାଙ୍କ ଘରଟି ଭାଙ୍ଗି ଯିବା ପରେ ସେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଘରୁ ଆସୁଛି ଖାଦ୍ୟ

■ ପଛପଟ ଦେଇ ପଠାଉଛନ୍ତି ସମ୍ପର୍କୀୟ
■ ସଂକ୍ରମଣ ବଢ଼ିବା ଆଶଙ୍କା

ବାସୁଦେବପୁର, ୯।୫(ଡି.ଏନ.ଏ.)

ବାସୁଦେବପୁର ସହର ମଧ୍ୟରେ ଥିବା ଏବି ହାଇସ୍କୁଲକୁ କ୍ୱାରାଣ୍ଟାଇନ୍ ସେଣ୍ଟର କରାଯାଇଛି। ଏଠାରେ ରାଜ୍ୟ ଓ ରାଜ୍ୟ ବାହାରୁ ଫେରିଥିବା ୪୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଙ୍ଗରୋଧରେ ରହୁଛନ୍ତି। ତେବେ ସେମାନଙ୍କର ଗତିବିଧି ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ଆଶଙ୍କାରେ ପକାଇଛି। ଏହି କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିବା କେତେକ କୋଲକାତା ଓ ସୁରଟ ଫେରନ୍ତାଙ୍କର ଘର ପୌରପାଳିକା ତଥା ସ୍ଥାନୀୟ ଅଞ୍ଚଳରେ ହୋଇଥିବା ବେଳେ ସେମାନଙ୍କ ପରିବାର ଲୋକେ ସରକାରୀ ନିୟମକୁ ଉଲ୍ଲଂଘନ କରୁଥିବା ଲକ୍ଷ୍ୟ କରାଯାଉଛି। ଏହି ସେଣ୍ଟର ପଛପାଖ ବିଲ ଦେଇ ଘରୋଇ ଭାବେ ପ୍ରସ୍ତୁତ କେତେକ ରନ୍ଧା ଓ ଶୁଖିଲା ଖାଦ୍ୟ ସଙ୍ଗରୋଧରେ ଥିବା ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଥିବା ଦେଖିବାକୁ ମିଳୁଛି। ପ୍ରଶାସନ ସ୍କୁଲର ସାମ୍ନାପଟ ଗେଟ୍‌ରେ ଜଗୁଥିଲା ବେଳେ ପଛପଟ ପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଅନାୟାସରେ ପ୍ରତ୍ୟହ ଘରୋଇ ରନ୍ଧାଖାଦ୍ୟ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଆସୁଥିବା ଜଣାପଡ଼ିଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ କେବଳ ଗାଡ଼ି, ମାସ୍କ ଓ ଦୋକାନ ଯାଞ୍ଚରେ ଲାଗିଥିଲା ବେଳେ ଏହି ସେଣ୍ଟରକୁ କିପରି ରନ୍ଧା ଓ ଶୁଖିଲା ଖାଦ୍ୟ ଯାଉଛି ତା'ର ଅନୁସନ୍ଧାନ କରୁନାହାଁନ୍ତି। ଶୁକ୍ରବାର ଏହି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଥିବା ସୁରଟ ଫେରନ୍ତା ଜଣେ ଯୁବକ କରୋନା ପଜିଟିଭ ଚିହ୍ନଟ ହେବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ତେବେ ତାଙ୍କର ସମ୍ପର୍କୀୟମାନେ ଖାଦ୍ୟ ପଠାଇଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ। ଯଦି ଏପରି ହୋଇଥାଏ ତେବେ ତାଙ୍କ ପରିବାର ସଂକ୍ରମିତ ହେବାର ଆଶଙ୍କା ଦେଖାଦେଇଛି। ଏ ସମ୍ପର୍କରେ ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ପଚରାଯିବାରୁ ସମ୍ପୃକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରକୁ ଚତୁଃପାର୍ଶ୍ୱରୁ ଜଗିବା ପାଇଁ ସ୍ଥାନୀୟ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି। ସେହିପରି ପୌରନିର୍ବାହୀ ଅଧିକାରୀ ତାପସ ରଞ୍ଜନ ଜେନା କହିଛନ୍ତି ଯେ, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏହି କ୍ୱାରାଣ୍ଟାଇନ୍ ସେଣ୍ଟର ସଂଲଗ୍ନ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ ସହ ୧୪୪ ଧାରା ଜାରି କରାଯାଇ ଲୋକଙ୍କ ଗତିବିଧି ଉପରେ ନଜର ରଖାଯାଇଛି।

# ସୀମାନ୍ତ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



ବିଧାୟକ ସୀମାନ୍ତ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ଚମ୍ପୁଆ,୯।୫(ଡି.ଏନ.ଏ.)

କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସୀମାନ୍ତ ସ୍ଥିତି ସମୀକ୍ଷା କରିଥିବା ଜଣାଯାଇଛି। ସୂଚନା ଅନୁସାରେ ଶନିବାର କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝି ଚମ୍ପୁଆ ଗସ୍ତ କରିବା ସହିତ ଆନ୍ତଃରାଜ୍ୟ ତନଖି ଫାଟକ ତଥା ଚମ୍ପୁଆ ଓ ଜୟନ୍ତିଗଡ ମଧ୍ୟରେ ରହିଥିବା ଚେକ ପଏଣ୍ଟ ତଦାରଖ କରିଛନ୍ତି। କରୋନା ମହାମାରୀକୁ ରୋକିବା ଏବଂ ପ୍ରବାସୀ ଓଡିଆଙ୍କୁ ଆବଶ୍ୟକ ଯାଞ୍ଚ କରାଯାଇ ଓଡିଶା ମଧ୍ୟକୁ ପ୍ରବେଶ ପାଇଁ ହୋଇଥିବା ବ୍ୟବସ୍ଥା ସହିତ ଓଡିଶାରୁ ବାହାର ରାଜ୍ୟକୁ ଶ୍ରମିକଙ୍କୁ ପଠାଇବା ବ୍ୟବସ୍ଥା ତଦାରଖ କରିଥିଲେ। ଏନେଇ ସେଠାରେ ଉପସ୍ଥିତ ଥିବା ଡାକ୍ତରି ଟିମ୍, ପୋଲିସ ପ୍ରଶାସନ, ଆଞ୍ଚଳିକ ପରିବହନ ବିଭାଗ ସହ ଆଲୋଚନା କରିଥିଲେ। ସେଠାରେ ହୋଇଥିବା ବ୍ୟବସ୍ଥାକୁ ନେଇ ସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କ ବ୍ୟବସ୍ଥାକୁ ପ୍ରଶଂସା କରିଥିଲେ। ମାତ୍ର ବହୁଦୂରଦୂରାନ୍ତରୁ ଆସୁଥିବା ଶ୍ରମିକଙ୍କ ପାଇଁ ଟେଷ୍ଟ ବ୍ୟବସ୍ଥା ଏହା ତୁରନ୍ତ କରିବାପାଇଁ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କାର୍ଯ୍ୟକାରୀଣୀ ସଦସ୍ୟ ରମେଶ ପ୍ରଧାନ, ଏନ୍‌ଏସି ସଭାପତି ରାଜେଶ ଆଚାର୍ଯ୍ୟ, ସନ୍ତୋଷ କୁମାର ସାହୁ, ସଂଖ୍ୟାଲଘୁ ସଭାପତି ମହତାବ ଆଲାମ ପ୍ରମୁଖ ରହିଥିଲେ।

# ହିତାଧିକାରୀଙ୍କୁ ମିଳିଲା ଚାଉଳ

ଆରଡି, ୯।୫(ଡି.ଏନ.ଏ.)

ଅସହାୟ ପରିବାରକୁ ପୂର୍ବରୁ ବିନା ମୂଲ୍ୟରେ ମାସିକ ୧୦ କି.ଗ୍ରା. ଲେଖାଏଁ ଚାଉଳ ଯୋଗାଇ ଦିଆଯାଉଥିଲା। ପରେ ସେହି ପରିବାରଗୁଡ଼ିକୁ ରାଶନ କାର୍ଡ ଯୋଗାଇ ଏହି ଯୋଜନା ବନ୍ଦ କରିଦିଆଯିବ ବୋଲି କୁହାଯାଇଥିଲା। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ସୁନ୍ଦରପୁର ପଞ୍ଚାୟତର ୫ଜଣ ହିତାଧିକାରୀ ସୁକାନ୍ତିଲତା ମହାନ୍ତି, କୈଳାଶ ଚନ୍ଦ୍ର ସାହୁ, ଉମାମଣି ସାହୁ, ଲୋଚନ ମହାରଣା ଓ ଦେବକୀ ଯେନାଙ୍କୁ ରାଶନ କାର୍ଡ ନ ଯୋଗାଇ ଏହି ଯୋଜନାରୁ ବାଦ୍ ଦିଆଯାଇଥିଲା। ଏ ସମ୍ପର୍କରେ ୨୦୧୯ ମସିହା ନଭେମ୍ବର ୩୦ ତାରିଖରେ ଧରିତ୍ରୀରେ 'ରାଶନ ନ ମିଳିବା ଯାଏ ଚାଉଳ ଦିଆଯାଉ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାକୁ ବିଚାରକୁ ନେଇ ମାର୍ଚ୍ଚ ୨୫ ତାରିଖରେ ସେହି ହିତାଧିକାରୀଙ୍କୁ ପୁନଃ ଅନ୍ନପୂର୍ଣ୍ଣା ଯୋଜନାରେ ସାମିଲ କରି ମାସିକ ୧୦ କି.ଗ୍ରା. ଚାଉଳ ଯୋଗାଇ ଦେବାକୁ ରାଜ୍ୟ



ସୁନ୍ଦରପୁର ଗାଁର ୨ ହିତାଧିକାରୀ ଚାଉଳ ନେଉଛନ୍ତି।

**ଧରିତ୍ରୀ ପ୍ରଭାବ**

ସରକାରଙ୍କ ଖାଦ୍ୟ ଯୋଗାଣ ବିଭାଗ ତରଫରୁ ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ହେଲେ ଏହି ପଞ୍ଚାୟତର ହିତାଧିକାରୀ ମାନେ ଏ ବିଷୟରେ ଜାଣିପାରି ନ ଥିଲେ। ଆରଡି ଧରିତ୍ରୀ ପ୍ରତିନିଧି ଚାଉଳ ଯୋଗାଣ ନିର୍ଦ୍ଦେଶନାମା ଦେଖାଇ ଜିଲା ଯୋଗାଣ ଅଧିକାରୀଙ୍କୁ ଅବଗତ କଲା ପରେ ସେ ଉକ୍ତ ନିର୍ଦ୍ଦେଶନାମାକୁ ଦେଖି ଉଦବେଗ ପ୍ରକାଶ କରିବା ସହ ସେହି ୫ ଜଣ ଅନ୍ନପୂର୍ଣ୍ଣା ହିତାଧିକାରୀଙ୍କୁ ୧୨ ଘଣ୍ଟା ମଧ୍ୟରେ ୩ ମାସର ଚାଉଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ପାଇବା ପରେ ସମସ୍ତ ହିତାଧିକାରୀଙ୍କୁ ଶୁକ୍ରବାର ଅପରାହ୍ନରେ ୩ ମାସର ଚାଉଳ ଯୋଗାଇ ଦିଆଯାଇଛି।

## ସିଲ୍ ହେବ ୧୪ ଦୋକାନ

ବାରିପଦା ଅଫିସ, ୯।୫

ସାମାଜିକ ଦୁରତ୍ୱ ପାଳନ ନ କରିଥିବା ଅଭିଯୋଗରେ ବାରିପଦା ସହରରେ ଥିବା ୧୪ଟି ଦୋକାନକୁ ସିଲ୍ କରାଯିବ ବୋଲି ବାରିପଦା ତହସିଲଦାର ରାମଚନ୍ଦ୍ର ସୋରେନ୍ ପ୍ରକାଶ କରିଛନ୍ତି। କଚେରୀ ମାର୍କେଟ, ଲାଲ ବଜାର, ବାଣ୍ଡିଆ ଜଗନ୍ନାଥ ମନ୍ଦିର ସମ୍ମୁଖ, ଗଣେଶ ମାର୍କେଟରେ ଥିବା ଶାଢ଼ୀ, ଚୁଡ଼ି, ଷ୍ଟେଶନାରୀ ଆଦି ୧୪ଟି ଦୋକାନକୁ ସିଲ୍ କରାଯିବ। ବାରିପଦା ଥାନା ପକ୍ଷରୁ ଚେକିଂ କରାଯାଉଥିବା ବେଳେ ଏମାନେ ସାମଜିକ ଦୁରତ୍ୱ ପାଳନ କରୁ ନ ଥିବା ଦେଖିବାକୁ ମିଳିଥିଲା। ଏହାପରେ ବାରିପଦା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କୁ ନୋଟିସ୍ ଦିଆଯାଇଛି।

## କୋଟାରୁ ଆସିଲେ ୧୭ ଛାତ୍ରୀଛାତ୍ର

ବାରିପଦା ଅଫିସ, ୯।୫

ରାଜସ୍ଥାନ କୋଟାରେ ଫସି ରହିଥିବା ୧୭ ଜଣ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ମୟୂରଭଞ୍ଜ ଜିଲାକୁ ଅଣାଯାଇଥିଲା। ସେମାନଙ୍କ ସହିତ ୫ଜଣ ଅଭିଭାବକ, ୨ଜଣ ଗାଡ଼ିର ଡ୍ରାଇଭର ଓ ୨ଜଣ ହେଲପର ମଧ୍ୟ ଆସିଥିଲେ। ସେମାନଙ୍କ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା ସମସ୍ତଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। ସମସ୍ତ କୋଟା ଛାତ୍ରୀଛାତ୍ରଙ୍କ ରିପୋର୍ଟ ନେଗେଟିଭ ହୋଇଥିବାରୁ ସେମାନଙ୍କୁ ଘରକୁ ପଠାଯିବ। ସେମାନେ ଘରକୁ ଯାଇ ହୋମ୍ କ୍ୱାରାଣ୍ଟାଇନରେ ରହିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଯେ ଗତ ୧ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ବସ୍ ରାଜସ୍ଥାନକୁ ଯାଇ ସେଠାରୁ ଛାତ୍ରୀଛାତ୍ରମାନଙ୍କୁ ଆଣି ଗତ ମଙ୍ଗଳବାର ମୟୂରଭଞ୍ଜରେ ପହଞ୍ଚିଥିଲା।

# ଅନ୍‌ଲାଇନ୍ ଚିତ୍ରକଳା ଶିବିର

ବାଲେଶ୍ୱର ଅଫିସ, ୯।୫

କରୋନା ପାଇଁ ଲକ୍‌ଡାଉନ ଚାଲିଥିବା ବେଳେ ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ର ଏକ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି। ଆଲୁମ୍ନି କଳାକ୍ଷେତ୍ର ଦ୍ୱାରା ପୁରାତନ ଏବଂ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଅନଲାଇନରେ ଚିତ୍ରକଳା ଶିବିର ଆୟୋଜନ କରିଛନ୍ତି। ଶୁକ୍ରବାରଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ସମସ୍ତ ଚିତ୍ରଶିଳ୍ପୀ ନିଜ ଘରେ ରହି କାରୁକାର୍ଯ୍ୟ ପ୍ରସ୍ତୁତ କରି ଅନ୍‌ଲାଇନ୍ ମାଧ୍ୟମରେ ପଠାଇବାକୁ କୁହାଯାଇଛି। ଏଥିରେ ପାଖାପାଖି ଦେଢ଼ଶହ କଳାକାର ଭାଗ ନେଇଛନ୍ତି। ଶିବିର ଶେଷରେ ସମସ୍ତ ଅଂଶଗ୍ରହଣକାରୀ କଳାକାରଙ୍କୁ ଇ-ମାନପତ୍ର ଦିଆଯାଇ ସମ୍ମାନିତ କରାଯିବ। ଶିବିରରେ ଆଲୁମ୍ନି କଳାକ୍ଷେତ୍ରର ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ, କାର୍ଯ୍ୟକାରୀ ଅଧ୍ୟକ୍ଷା ଅର୍ଚ୍ଚନା ଜେନା, ପରିଚାଳନା ଟ୍ରଷ୍ଟି ଆର୍ଯ୍ୟପ୍ରଜ୍ଞା ବାସବଦତ୍ତା ଏବଂ ଅନ୍ୟ ସଦସ୍ୟମାନେ ସହଯୋଗ କରିଛନ୍ତି। ଶିବିରରେ ଡ୍ରଇଂ, ପେଣ୍ଟିଂ, ସ୍କଲ୍ପଚର୍ ଓ ଭିଡ଼ିଓ ଆର୍ଟ କରାଯିବାର ଯୋଜନା ରହିଛି।



ଚିତ୍ରଶିଳ୍ପୀଙ୍କ ଦ୍ୱାରା ଚିତ୍ରକଳା

## ବ୍ରହ୍ମପୁର

# ଜିଲାପାଳ କ୍ଷମତାର ଉପଯୋଗ କଲେ ସରପଞ୍ଚ

**ପଞ୍ଚାୟତରେ ୮ଦିନ ପର୍ଯ୍ୟନ୍ତ ୨୦ ଘଣ୍ଟିଆ ଶଟ୍‌ଡାଉନ୍**

ବୁଗୁଡ଼ା,୯।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ସରପଞ୍ଚ ଶାନ୍ତିଲତା ନାୟକ କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ଜିଲାପାଳ କ୍ଷମତାର ଉପଯୋଗ କରିଛନ୍ତି। ଜନବସତି ଅଞ୍ଚଳରେ ସଙ୍ଗରୋଧ ଗୃହ ରହିଥିବାରୁ ସଂକ୍ରମଣ ଆଶଙ୍କାରେ ୮ଦିନ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ପରଦିନ ସକାଳ ୭ଟା ପର୍ଯ୍ୟନ୍ତ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଏନେଇ ସେ ସ୍ଥାନୀୟ ବିଡିଓ ତଥା ନୋଡାଲ ଅଧିକାରୀ ତନ୍ମୟ ପାତ୍ର ଏବଂ ଆଇଆଇସି ଚିତ୍ତରଞ୍ଜନ ବେହେରାଙ୍କୁ ଅବଗତ କରାଇଛନ୍ତି। ରାଜ୍ୟର ମାଣିତରା ହେଉଛି ପ୍ରଥମ ପଞ୍ଚାୟତ, ଯେଉଁଠାରେ ସରପଞ୍ଚଙ୍କୁ ପ୍ରଦତ୍ତ ଜିଲାପାଳ କ୍ଷମତା ପ୍ରୟୋଗ ହୋଇଛି।

ଔଷଧ ଦୋକାନକୁ ଛାଡିଦେଲେ ଅନ୍ୟ ସବୁ ଦୋକାନବଜାର ପୂର୍ବାହ୍ନ ୧୧ଟାରୁ ପରଦିନ ୭ଟା ପର୍ଯ୍ୟନ୍ତ ବନ୍ଦ ରହିବ। ସକାଳ ୭ଟାରୁ ୧୧ଟା ମଧ୍ୟରେ ରାଶନ, ପନିପରିବା ଆଦି ଦୋକାନ ଖୋଲା ରହିବ। ଏହି ନିୟମ ୮ ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସରପଞ୍ଚ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ମାଣିତରା ପଞ୍ଚାୟତ ବିଭିନ୍ନ ସଙ୍ଗରୋଧ କେନ୍ଦ୍ରରେ ୧୭୯ ସୁରଟ ଫେରନ୍ତା ରହୁଛନ୍ତି। ଅଧିକାଂଶ କେନ୍ଦ୍ର ଜନବସତି ଅଞ୍ଚଳରେ ରହିଛି। ସେଠାରେ ଥିବା ଲୋକେ ପାନ ଗୁଟ୍‌ଖା ଆଦି ପାଇଁ ବିଭିନ୍ନ ସମୟରେ ବାହାରକୁ ଆସୁଛନ୍ତି। ଏଥିସହ ମାସ୍କ ବ୍ୟବହାର ଓ ସାମାଜିକ ଦୂରତ୍ୱ ମାନୁ ନାହାନ୍ତି। ତେଣୁ ପଞ୍ଚାୟତରେ କରୋନା ସଂକ୍ରମଣ ଆଶଙ୍କାକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେଇଥିବା ସରପଞ୍ଚ ନାୟକ କହିଛନ୍ତି। ଉକ୍ତ ନିୟମକୁ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ତଥା ନୋଡାଲ ଅଧିକାରୀ ତନ୍ମୟ ପାତ୍ରଙ୍କୁ ପଚାରିବାରୁ ପରିସ୍ଥିତିକୁ ନେଇ ଏପରି ବ୍ୟବସ୍ଥା କରିବା ଠିକ୍ ବୋଲି ସେ କହିଥିଲେ।

# ଚିନ୍ତା ବଢ଼ାଉଛି ପଡ଼ୋଶୀ ଗଞ୍ଜାମ ଜିଲା

**କନ୍ଧମାଳର ସମସ୍ତ ପ୍ରବେଶ ପଥରେ ଯାଞ୍ଚ କଡାକଡି**

ଫୁଲବାଣୀ ଅଫିସ, ୯।୫

କରୋନା ସଂକ୍ରମଣରେ ଗଞ୍ଜାମ ଜିଲା ରେକର୍ଡ ଭାଙ୍ଗିଛି। ପଡୋଶୀ କନ୍ଧମାଳକୁ ଯେପରି ଗଞ୍ଜାମରୁ କେହି ନ ଆସି ପାରିବେ ସେଥିପାଇଁ ଜିଲାର ସମସ୍ତ ପ୍ରବେଶ ପଥରେ ଯାଞ୍ଚ କଡାକଡି କରାଯାଇଛି। ଜିଲାର ସୀମାକୁ ୯ଟି ସ୍ଥାନରେ ସିଲ୍ କରାଯାଇଛି। କନ୍ଧମାଳ ଗ୍ରୀନ୍ ଜୋନରେ ଥିବାରୁ ଜିଲା ଭିତରେ କଟକଣାକୁ କିଛିଟା କୋହଳ କରାଯାଇଛି। ମାତ୍ର ଗଞ୍ଜାମ ଜିଲା କନ୍ଧମାଳ ପ୍ରଶାସନ ପାଇଁ ଚିନ୍ତାର କାରଣ ପାଲଟିଛି। କାରଣ କନ୍ଧମାଳ ଜିଲାବାସୀଙ୍କର ଅଧିକ ଆତ୍ମୀୟସ୍ୱଜନ ଗଞ୍ଜାମରେ। ଗଞ୍ଜାମର ବହୁ ଲୋକ ମଧ୍ୟ କନ୍ଧମାଳରେ ଅଛନ୍ତି। ବର୍ତ୍ତମାନ ଜିଲାପାଇଁ ବିପଦ ସାଜିଛନ୍ତି ଜିଲା ବାହାରୁ ଆସୁଥିବା ଲୋକ। କାରଣ ଏମାନଙ୍କର ଟ୍ରାଭେଲ ହିଷ୍ଟ୍ରି ମିଳିବା କଷ୍ଟକର ହେଉଛି। ଜିଲାପାଳ ଡ଼. ବୃନ୍ଦା ଡ଼ି ଏକ ସ୍ୱତନ୍ତ୍ର ପଦକ୍ଷପ ସ୍ୱରୁପ କଳିଙ୍ଗା, ଚକାପାଦ, ରାଇକିଆ ଆଦି ପ୍ରବେଶ ପଥରେ କଡ଼ା ସୁରକ୍ଷା ବ୍ୟବସ୍ଥା କରିବା ସହିତ ସ୍ୱତନ୍ତ୍ର ଭାବେ ୪ଜଣ ମାଜିଷ୍ଟ୍ରେଟଙ୍କୁ ଦାୟିତ୍ୱ ଦେଇଛନ୍ତି। ଜିଲାରେ ଥିବା ସୁଦ୍ରୁକୁମ୍ପା ପୋଷ୍ଟ ପାଇଁ ଡ଼େପୁଟି କଲେକ୍ଟର ରତ୍ନାକର କାଣ୍ଡି, ଖଜୁରିପଡ଼ା ପାଇଁ ଅତିରିକ୍ତ ତହସିଲଦାର ମନୋଜ କୁମାର ପାଢ୍ୀ, କଳିଙ୍ଗା ପୋଷ୍ଟ ପାଇଁ ଅତିରିକ୍ତ ତହସିଲଦାର ଜି.ଉଦଗିରି ରାକେଶ କୁମାର ପାତ୍ର, ଚକାପାଦ ଟାଙ୍ଗେଡ଼ାପଲ୍ଲି ପାଇଁ ଅତିରିକ୍ତ ତହସିଲଦାର ରାଇକିଆ ଆଦିଙ୍କ ସମେତ ଅନ୍ୟ ପୋଷ୍ଟ ଗୁଡିକରେ ଅନ୍ୟାନ୍ୟ ଅଧିକାରୀ ଯାଞ୍ଚ ଦାୟିତ୍ୱରେ ଅଛନ୍ତି।

## ପୋଲିସ ଉପରକୁ ଟେକା ପଥର ମାଡ଼ ନେଇ ମାମଲା ରୁଜୁ

ଛତ୍ରପୁର,୯।୫(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ପ୍ରବାସୀ ଓଡିଆଙ୍କୁ ରଖିବାକୁ ୭ ତାରିଖ ରାତିରେ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଏପରିକି ପରେ କେତେକ ଲୋକୁ ପୋଲିସ ଉପରକୁ ଟେକାପଥର ମାଡ କରିଥିଲେ । ପରେ କୌଣସି ଉପାୟ ନ ପାଇ ପୋଲିସ ମଧ ଲାଠି ଚାଳନା କରିଥିଲା । ଏନେଇ ପଞ୍ଚାୟତ କ୍ୱାରାଣ୍ଟାଇନ୍ ସେଣ୍ଟର ନୋଡାଲ ଅଫିସରଙ୍କ ଏତଲା କ୍ରମେ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନାରେ ମାମଲା (ନଂ-୧୩/୨୦) ରୁଜୁ ହୋଇ ତଦନ୍ତ ଚାଲିଛି । ଉକ୍ତ ଏତଲାରେ ଉଭୟ ସାନ ଆର୍ଯ୍ୟପଲ୍ଲୀ ଓ ବଡ ଆର୍ଯ୍ୟପଲ୍ଲୀ ଗାଁର କେତେକ ଲୋକଙ୍କ ନାଁରେ ମାମଲା ରୁଜୁ ହୋଇଛି।

## ୫ବର୍ଷର କନ୍ୟାକୁ ବାଳାଶ୍ରମରେ ଛଡ଼ାଗଲା

ଭଞ୍ଜନଗର,୯।୫(ଡି.ଏନ୍.ଏ.)

ଭଞ୍ଜନଗର ବ୍ଲକ ଛକରୁ ୨୦ଦିନ ତଳେ ଉଦ୍ଧାର ହୋଇଥିବା ୫ବର୍ଷର ଶିଶୁ କନ୍ୟାକୁ ଶନିବାର ପୋଲିସ ପ୍ରଶାସନର ସହାୟତାରେ ଧରାକୋଟସ୍ଥିତ ବାଲୁଙ୍କେଶ୍ୱର ବାଳାଶ୍ରମରେ ଛଡ଼ାଯାଇଛି। ପ୍ରକାଶ ଯେ, ଶିଶୁଟିର ମା' ଜଣେ ମାନସିକ ବିକାରଗ୍ରସ୍ତ। ସେ ବ୍ଲକ ଛକରେ ଶିଶୁ କନ୍ୟାଙ୍କୁ ନେଇ ରହୁଥିଲେ। କେତେବେଳେ କେଉଁଆଡ଼େ ଚାଲି ଯାଉଥିବାବେଳେ ଶିଶୁଟି ଏକୁଟିଆ କାନ୍ଦୁଥିଲା। ଭଞ୍ଜନଗର ଏନ୍‌ଏସି ସ୍ୱଚ୍ଛ ସାଥୀ ଗୋଲାପ ମଳିକ ଦେଖି ଶିଶୁକନ୍ୟାକୁ ନେଇ ଘରେ ରଖିଥିଲେ। ଏହାପରେ ସହରର କେତେଜଣ ମହିଳା ଶିଶୁକନ୍ୟାକୁ ଥଇଥାନ ପାଇଁ ପୋଲିସ ପ୍ରଶାସନଙ୍କୁ ନିବେଦନ କରିବା ପରେ ଶନିବାର ସ୍ୱଚ୍ଛ ସାଥୀ ଗୀତାଞ୍ଜଳି ତ୍ରିପାଠୀ, ଗୋଲାପ ମଳିକ ଓ ସୂର୍ଯ୍ୟଲତା ଭୂୟାଁ ପ୍ରଶାସନର ଅନୁମତିକ୍ରମେ ଉକ୍ତ ଶିଶୁଙ୍କୁ ନେଇ ଧରାକୋଟରେ ଛାଡ଼ିଛନ୍ତି।

# ସୁରଟ ଫେରନ୍ତାଙ୍କୁ ନେଇ ଗଞ୍ଜାମ ଆତଙ୍କିତ

■ ଗଞ୍ଜାମ ସ୍ଥିତି ସାଙ୍ଘାତିକ
■ ବଢ଼ିଚାଲିଛି ପଜିଟିଭଙ୍କ ସଂଖ୍ୟା
■ ଆତଙ୍କିତ ଜିଲାବାସୀ

ବ୍ରହ୍ମପୁର ଅଫିସ,୯।୫

ବିଶ୍ୱରେ କରୋନା ଏବେ ଆତଙ୍କ ସୃଷ୍ଟି କରିଛି। ଏହାକୁ ନେଇ ଲୋକେ ଭୟଭୀତ ହେବା ସହ ଆଶା ଆଶଙ୍କାରେ ଦିନ କାଟୁଛନ୍ତି। ଏହି ଧାରାରେ ଓଡ଼ିଶାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବା ବେଳେ ଗ୍ରୀନ୍‌ଜୋନରେ ଥିବା ଗଞ୍ଜାମ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରୁ ରେଡ୍‌ଜୋନ ଭାବେ ଘୋଷଣା କରାଯାଇଛି। ଏବେ ଗଞ୍ଜାମ ସ୍ଥିତି ଦିନକୁ ଦିନ ସାଙ୍ଘାତିକ ହେବାରେ ଲାଗିଛି। ସୁରାଟ ଫେରନ୍ତା ଜିଲାବାସୀଙ୍କ ଚିନ୍ତା ବଢାଇଛିନ୍ତି। ଏପ୍ରିଲ ୨୯ରୁ ସୁରଟ ଫେରାନ୍ତା ଜିଲାରେ ପହଞ୍ଚିବା ଆରମ୍ଭ କରିଥିଲେ। ମେ ୩ରେ ଜିଲାରେ ପ୍ରଥମେ ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ରିପୋର୍ଟ ମିଳିଥିବା ବେଳେ ୫ ରେ ଜଣେ ଓ ୬ରେ ଜଣେ ଲେଖାଏ ଚିହ୍ନଟ ହୋଇଥିଲେ। ସେହିପରି ୭ ରେ ୨୪ ଜଣ, ୮ରେ ୪୩ ଜଣ, ୯ରେ ୧୮ ଜଣ ଚିହ୍ନଟ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ୱେବ୍‌ସାଇଟରେ ଉଲ୍ଲେଖ ରହିଛି। ଏହିପରି ସଂଖ୍ୟା ୮୯ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ଜଣେ କେରଳରୁ ଫେରିଥିବା ବେଳେ ଅନ୍ୟ ୮୮ଜଣ ସୁରଟ ଫେରନ୍ତା ବୋଲି ଜଣାପଡିଛି। ଅନ୍ୟପଟେ ସୁରଟରୁ ଫେରୁଥିବା ଲୋକଙ୍କୁ ନେଇ ଜିଲାବାସୀଙ୍କ ଚିନ୍ତା ବଢିଛି। ଫଳରେ ଜିଲାର ସ୍ଥିତି ଏବେ ଅସମ୍ଭାଳ ହୋଇପଡିଛି।

ଗଞ୍ଜାମ ଜିଲାକୁ ଏହା ଭିତରେ ହଜାର ହଜାର ଶ୍ରମିକ ଫେରିଛନ୍ତି। ଯାହାକି ଆଗାମୀ ଦିନରେ ଅଧିକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଗଞ୍ଜାମ ଜିଲାକୁ ଆସିଥିବା ୩୦ ହଜାରରୁ ଅଧିକ ସୁରଟ ଫେରନ୍ତାଙ୍କ ନମୁନା ପରୀକ୍ଷା କରିବାର ଆବଶ୍ୟକ ରହିଛି। ଏପରିକି ସଂଗରୋଧ କେନ୍ଦ୍ର ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ସଟ୍‌ଡାଉନ୍ କରାଯାଉ ବୋଲି ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେହିପରି ବହୁ ଲୋକ ବସ୍‌ରେ ମଧ୍ୟ ଆସିଛନ୍ତି। ସେମାନେ ସେଥିରେ ସାମାଜିକ ଦୂରତା ରକ୍ଷା କରିନାହାନ୍ତି। ସେମାନେ ମିଳିମିଶି କରି ଯାତ୍ରା କରିଥିବାରୁ ସେମାନଙ୍କ ଫୋମାଇଟ ଓ ଡ୍ରପ୍‌ଲେଟ ଜନିତ ସଂକ୍ରମଣ ଆଶଙ୍କା ଅଧିକ ରହିଛି ବୋଲି ସେ କହିଛନ୍ତି।

## କାର୍ ଭିତରେ ଶ୍ୱାସରୁଦ୍ଧ ହୋଇ ନାବାଳକ ମୃତ

ଭଞ୍ଜନଗର୯।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲା ତାରସିଂ ଥାନା ହଳନ୍ଦଖୋଳାରେ ଶନିବାର ଅପରାହ୍ନରେ କାର ଭିତରେ ଶ୍ୱାସ ରୁଦ୍ଧ ହୋଇ ଜଣେ ୫ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ଗୋସେଇଁ ଆଇର ଶୁଦ୍ଧିକ୍ରିୟାକୁ ଆସି ନାତିର ଅକାଳ ମୃତ୍ୟୁକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଲକ୍‌ଡ଼ାଉନ ଯୋଗୁ ସୁରଟରେ ଫସି ରହିଥିବା ନାବାଳକଙ୍କ ପିତା ଏହି ଦୁଃଖଦ ଖବର ପାଇ ଭାଙ୍ଗି ପଡିଛନ୍ତି। ପଥରାପଲ୍ଲୀର ବିକ୍ରମ ପ୍ରଧାନଙ୍କ ସ୍ତ୍ରୀ ସୁନି ଶନିବାର ଜେଜେ ମା'ର ଶୁଦ୍ଧିକ୍ରିୟା ପାଇଁ ହଳନ୍ଦଖୋଳା ପୁଅଙ୍କୁ ନେଇ ଆସିଥିଲେ। ଦାଣ୍ଡରେ ଖେଳୁଥିବାବେଳେ ସେଠାରେ ଥିବା ଏକ କାର୍ ଗେଟ୍ ଖୋଲି ଭିତରେ ପଶି ଯାଇଥିଲେ। ଲକ୍ ହୋଇଯିବାରୁ ଆଉ ବାହାରକୁ ବାହାରି ପାରିନଥିଲେ। ପରିବାର ଲୋକେ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ଭଞ୍ଜନଗର ମେଡ଼ିକାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଥିବାବେଳେ ଅପରାହ୍ନରେ ତାଙ୍କର ମୃତ୍ୟୁ ଘଟିଛି। ତାରସିଂ ପୋଲିସ ନଂ.୮।୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ହସ୍‌ପିଟାଲକୁ ପଠାଇଛି।

## ସଙ୍ଗରୋଧ କେନ୍ଦ୍ରରେ ସମ୍ପର୍କୀୟଙ୍କ ଅବାଧ ପ୍ରବେଶ

ଶେରଗଡ଼,୯।୫(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଗୋଠଗାଁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ସଙ୍ଗରୋଧ କେନ୍ଦ୍ରକୁ ସୁରଟ ଫେରନ୍ତାଙ୍କ ସମ୍ପର୍କୀୟ ଭେଟିବାକୁ ଆସିବା ସହ ଜିନିଷ ପତ୍ର ମଧ୍ୟ ଦେଉଛନ୍ତ। ସଙ୍ଗରୋଧ କେନ୍ଦ୍ରକୁ ଏପରି ଅବାଧ ପ୍ରବେଶ ଗୋଠଗାଁ ପ୍ରତି ବିପଦ ଆଣିପାରେ। ଉକ୍ତ କେନ୍ଦ୍ରରେ ନରେନ୍ଦ୍ରପୁର ଗ୍ରାମର ୫୧ଜଣ, ଜଣେ ଗୋଠଗାଁର ସୁରଟ ଫେରନ୍ତା ରହୁଛନ୍ତି। ଶୁକ୍ରବାର ଓ ଶନିବାର ମଧ୍ୟରେ ବହୁ ସମ୍ପର୍କୀୟ ଆସି ମିଶିବା ଘଟଣା ଗୋଠଗାଁ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏପରି ଜାରି ରହିଲେ ଗୋଷ୍ଠୀ ସଂକ୍ରମଣକୁ ଏଡାଇ ଦିଆଯାଇ ନପାରେ। ଏଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।



ସମ୍ପର୍କୀୟମାନେ କ୍ୱାରାଣ୍ଟାଇନରେ ଥିବା ପ୍ରବାସୀଙ୍କୁ ଭେଟୁଛନ୍ତି।

## ହୋମ୍ କ୍ୱାରାଣ୍ଟାଇନ୍‌ରେ ସରପଞ୍ଚଙ୍କ ପରିବାର

### କୋରାପୁଟରୁ ବାପାଙ୍କୁ ଆଣିଥିଲେ

ଆର.ଉଦୟଗିରି,୯।୫(ଡି.ଏନ.ଏ.)

ଆର୍.ଉଦୟଗିରି ବ୍ଲକ ମଙ୍ଗରାଜପୁର ସରପଞ୍ଚ ବାପାଙ୍କୁ କୋରାପୁଟରୁ ଘରକୁ ଆଣିଥିବାରୁ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସପରିବାର ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ମଙ୍ଗରାଜପୁର ସରପଞ୍ଚ ରୁବି ରଇତ ବାପାଙ୍କ ଦେହ ଖରାପ ଥିବାରୁ କୋରାପୁଟ ଦେଖା କରିବାକୁ ଯାଇଥିଲେ। ବାପାଙ୍କୁ ଧରି ଗୁରୁବାର ଫେରିବାବେଳେ ବାଟରେ ଦେହ ଅସୁସ୍ଥ ହେବାରୁ ପାରଳାଖେମୁଣ୍ଡି ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ। ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ଅଭିଯୋଗ କରିବାରୁ ଶୁକ୍ରବାର ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ଓ ଆର୍.ଉଦୟଗିରି ଆଇଆଇସି ମମତା ନାୟକ ଗ୍ରାମକୁ ଯାଇ ସରପଞ୍ଚ ଓ ତାଙ୍କ ପରିବାରକୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ତହସିଲଦାର କହିଛନ୍ତି, ମୁଁ ତାଙ୍କୁ ବାପାଙ୍କୁ ଦେଖିବାକୁ ଅନୁମତି ଦେଇଥିଲି, କିନ୍ତୁ ସେ ତାଙ୍କୁ ଘରକୁ ଆଣିଥିବାରୁ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଦେଲି।

## ସଂକ୍ଷେପରେ

### ଇମିଟେଶନ ଦୋକାନ ସିଲ୍



**ଢେଙ୍କାନାଳ ଅଫିସ, ୯।୫:** ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ଶନିବାର ଢେଙ୍କାନାଳ ଟାଉନ ଥାନା ପୋଲିସ ମିନାବଜାରର 'ସ୍ମାର୍ଟ ଚଏସ୍' ଇମିଟେଶନ ଦୋକାନକୁ ସିଲ୍ କରିଛି। ଦୋକାନୀ ଫିରୋଜ କୁମାର ପାତ୍ରଙ୍କ ନାମରେ ମାମଲା (ନଂ.୨୦୨/୨୦) ରୁଜୁ କରି ବ୍ୟକ୍ତିଗତ ମୁଚାଲିକାରେ ଛଡ଼ାଯାଇଛି। ଦୋକାନ ଭିତରେ ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ ଏବଂ ମାସ୍କ ନ ପିନ୍ଧି ବ୍ୟବସାୟ କରାଯାଉଥିବା ସୂଚନା ପାଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏବଂ ଏସ୍‌ପି ଅନୁପମା ଜେମ୍‌ସଙ୍କ ନିର୍ଦ୍ଦେଶରେ ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ଚଢ଼ାଉ କରିଥିଲେ। ବାରମ୍ବାର ତାଗିଦ୍ ସତ୍ତ୍ୱେ ଅନେକ ବ୍ୟବସାୟୀ ଲକ୍‌ଡାଉନ୍ ନିୟମ ମାନୁନାହାନ୍ତି। ଏଣିକି କଡ଼ାକଡ଼ି ନିୟମ ପାଳନ କରୁ ନ ଥିବା ବ୍ୟକ୍ତି ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

### ୫ ଦୋକାନ ସିଲ୍



**ବଇଣ୍ଡା,୯।୫(ଡି.ଏନ.ଏ.):** କଟକଣା ଉଲ୍ଲଂଘନ ଅଭିଯୋଗରେ କିଶୋରନଗର ଅଞ୍ଚଳର ୫ଟି ଦୋକାନକୁ ସିଲ୍ କରାଯାଇଛି। ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ, କିଶୋରନଗର ଥାନା ଆଇଆଇସି ପ୍ରତିଭା ମାଝି ଚଢ଼ାଉ କରି ଦୋକାନ ସିଲ୍ କରିବା ସହ ୫ଟି ମାମଲା ରୁଜୁ କରି ଦିଲୀପ କୁମାର ସାହୁ, ଦିଲୀପ କୁମାର ପ୍ରଧାନ, ପରମେଶ୍ୱର ସାହୁ, ମନୀଷ କୁମାର ପ୍ରଧାନ ଓ ଦିଲୀପ ପ୍ରଧାନଙ୍କୁ ଗିରଫ କରିଛନ୍ତି।

### ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରଲୋକ

**ଛେଣ୍ଡିପଦା,୯।୫(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଜରପଡା ପତିତପାବନ ଡିଗ୍ରୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ତୁକୁଡା ଗ୍ରାମର ନିତ୍ୟାନନ୍ଦ ପ୍ରଧାନଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସରକାରୀ ଚାକିରି ତ୍ୟାଗ କରି ସେ ସମାଜସେବାରେ ନିୟୋଜିତ ହୋଇଥିଲେ। ତୁକୁଡା ସମବାୟ ସମିତିର ପୂର୍ବତନ ସଭାପତି ରହିବା ସହ ତୁକୁଡା ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଭାବେ ସେ ନିର୍ବାଚିତ ହୋଇଥିଲେ। ତାଙ୍କ ବିୟୋଗରେ ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ବିଜେଡି ସଭାପତି ଶ୍ରୀଧର ଗଡନାୟକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### କାଳବୈଶାଖୀରେ ଉଡ଼ିଲା କଲେଜ ଆଜବେଷ୍ଟସ୍



**କାମାକ୍ଷାନଗର, ୯।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ମହିଳା ମହାବିଦ୍ୟାଳୟର ୪ ବଖରା ଘରର ଆଜ୍‌ବେଷ୍ଟେସ୍ କାଳବୈଶାଖୀ ଝଡ଼ତୋଫାନରେ ଉଡ଼ିଯାଇଛି। ଶୁକ୍ରବାର ବିଳମ୍ବିତ ରାତିରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟି ଆସିବା ସହିତ ପ୍ରବଳ ବେଗରେ ପବନ ବୋହିଥିଲା। ଶନିବାର ସକାଳୁ କଲେଜ ଆଜବେଷ୍ଟସ୍ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ପ୍ରକୋଷ୍ଠରେ ଥିବା ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ତୋଫାନରେ ବିଭିନ୍ନ ସ୍ଥାନରେ ଗଛ ଭାଙ୍ଗି ପଡ଼ିଛି। ବହୁ ଚାଳ ଛପର ଉଡ଼ିଯାଇଥିବା ଜଣାପଡ଼ିଛି।

# ଜୀବନ ପାଇଁ ବଦଳିଛି ଜୀବିକା

ବିଶ୍ୱରେ ବିଚିତ୍ର ସ୍ଥିତି ସୃଷ୍ଟି କରିଛି କରୋନା। ଭୂତାଣୁ ସଂକ୍ରମଣରେ ଭୟଭୀତ ମଣିଷ। ପ୍ରତିଦିନ ଗଡୁଛି ମୁଣ୍ଡ। ବଢୁଛି ଆତଙ୍କ। ଏଥିରେ ପ୍ରଭାବିତ ହୋଇଛି ଜୀବନ ସାଙ୍ଗକୁ ଜୀବିକା। କରୋନା ଛଡ଼ାଇ ନେଇଛି ଅନେକଙ୍କ ହାତରୁ ରୋଜଗାର। ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି

**ଭୋକ, ଭୟର ଦୋଛକିରେ ମଣିଷ**

ଅଣସଙ୍ଗଠିତକ୍ଷେତ୍ରରମେହନତିମଣିଷ।ଭୋକଓଭୟରଦୋଛକିରେ ଛିଡ଼ା ହୋଇଛି ମଣିଷ ଖୋଜୁଛି ବଞ୍ଚିବାର ସାଧନ। ଏସବୁ ଭିତରେ ସମୟର ଆହ୍ୱାନକୁ ସମ୍ମାନ ଜଣାଇ ପେଟ ପାଇଁ ଆରମ୍ଭ ହୋଇଛି ପରିବର୍ତ୍ତନ। ଲକ୍‌ଡାଉନ୍‌ରେ ଜୀବନ ଚିନ୍ତାରେ ବୃତ୍ତି ବଦଳାଇଥିବା ଏଭଳି କେତେଜଣଙ୍କୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା...

–ରିପୋର୍ଟ: ଦୀନେଶ ଦାସ, ଓଡ଼ାପଡ଼ା

### ସାଇକେଲ ଦୋକାନରେ ପଡ଼ିଛି ତାଲା

କଣ୍ଟାବଣିଆ ବଜାରରେ ସାଇକେଲ ମରାମତି ଦୋକାନ କରି ଚଳୁଥିଲି। କରୋନା କଟକଣା ପାଇଁ ପ୍ରାୟ ୨ମାସ ହେଲା ଦୋକାନ ବନ୍ଦ। ଘରେ ବାପା, ମାଆ, ସ୍ତ୍ରୀ ଓ ୨ ପୁଅଙ୍କୁ ନେଇ ୬ ପ୍ରାଣୀ କୁଟୁମ୍ବ। ହାତ ବାନ୍ଧି ବସି ରହିଲେ ସମସ୍ତେ ଓପାସ ରହିବେ। ତେଣୁ ପେଟ ପାଇଁ ଜୀବିକା ବଦଳେଇବାକୁ ପଡ଼ିଲା। କିଛିଦିନ ହେବ କଣ୍ଟାବଣିଆ ବଜାରରେ ବସି ପରିବା ବିକ୍ରି କରୁଛି। ସାଇକେଲ ମରାମତି କାମରୁ ଦିନକୁ ୫ଶହ ଟଙ୍କା ଯାଏ ରୋଜଗାର ହେଉଥିଲା। ଏବେ ପରିବା ବ୍ୟବସାୟରୁ କେବେ ୨ଶହ ତ ଆଉ କେବେ ୩ଶହ ଟଙ୍କା ହେଉଛି। ଦିନେ ଦିନେ ପରିବା ନଷ୍ଟ ହୋଇଯିବାରୁ ମୂଳ ବି ହାତରୁ ଯାଉଛି। ବଡ଼ କଷ୍ଟରେ ଚଳିବାକୁ ପଡୁଛି।



–ପ୍ରଦୀପ ସାହୁ, କଣ୍ଟାବଣିଆ

### ଫାଷ୍ଟଫୁଡ୍ ବନ୍ଦ, ଶାଗ ସାହା



ରୋଜଗାର ଆଶାରେ କିଛି ବର୍ଷ ହେଲା ବାଲେଶ୍ୱରରୁ କଣ୍ଟାବଣିଆ ଆସିଥିଲି। କଣ୍ଟାବଣିଆ ବଜାରରେ ଫାଷ୍ଟଫୁଡ୍ ଦୋକାନଟିଏ ଦେଇ ରୋଜଗାର କରିବା ସହ ଅନୁଗୋଳ ଜିଲା ଗିରାଙ୍ଗରେ ସ୍ତ୍ରୀପୁଅକୁ ନେଇ ଭଡ଼ାରେ ରହୁଥିଲି। ଆଗରୁ ସବୁ ଠିକ୍ ଥିଲା। ହେଲେ କରୋନା ଆସିବା ଦିନରୁ ସବୁ ଏପଟ ସେପଟ ହେଇଯାଇଛି। ଫାଷ୍ଟଫୁଡ୍ ଦୋକାନ ବନ୍ଦ। ୨ମାସ ହେଲା ଘରଭଡ଼ା ବି ଦେଇନି। ତା' ସାଙ୍ଗକୁ ପେଟ ଚିନ୍ତା। ତେଣୁ ବାଧ୍ୟ ହୋଇ ଶାଗ, ପରିବା ବିକୁଛି। ଏଥିରେ ପରିବାର ଚଳୁଛି। ଫାଷ୍ଟଫୁଡ୍ ଦୋକାନରୁ ଦିନକୁ ୫୦୦ରୁ ୬୦୦ଟଙ୍କା ବାହାରେ। ଏବେ ଶାଗ, ପରିବାରୁ ୩୦୦ଟଙ୍କା ହେବା ବି ମୁସ୍କିଲ। ଉଠା ଦୋକାନୀଙ୍କ ପାଇଁ ସରକାର ସହଯୋଗ କଲେ ଅନେକ ପରିବାର ବଞ୍ଚିଯାଆନ୍ତେ।

–ପଞ୍ଚାନନ ପାତ୍ର, ବାଲେଶ୍ୱର

### ପାନ ବଦଳରେ ପରିବା ବେପାର

ବାପା ନାହାନ୍ତି। ପରିବାର କହିଲେ ମୁଁ, ମା' ଆଉ ସାନ ଭାଇ। ପୂରା ଘରର ବୋଝ ମୋ' ମୁଣ୍ଡରେ। ଆଗରୁ କଣ୍ଟାବଣିଆ ବଜାରରେ ପାନ ଦୋକାନଟିଏ ଦେଇଥିଲି। ସେଇଥିରୁ ଯାହା ମିଳେ ପରିବାର ଚଳେ। କରୋନା ଯୋଗୁ ସରକାର ଦୋକାନ ବନ୍ଦ କରିବାକୁ କହିଛନ୍ତି। ତେଣୁ ୨ମାସ ହେଲା ଦୋକାନ ବନ୍ଦ। କେମିତି ପେଟ ପୋଷିବୁ ଭାବି ବଜାରରେ ବସି ପରିବା ବିକୁଛି। ସେଇଥିରୁ ଯାହା ୨୦୦–୩୦୦ଟଙ୍କା ମିଳୁଛି, ସେଥିରେ କଷ୍ଟେ ମଷ୍ଟେ ପରିବାର ଚଳାଉଛି। ଆଗକୁ କ'ଣ ହେବ କିଛି ଜଣାନାହିଁ। ଲକ୍‌ଡାଉନ୍ ଖୋଲିଲେ ପାନ ଦୋକାନ ସହ ପରିବା ବ୍ୟବସାୟ କରିବି ବୋଲି ଭାବିଛି।



–ସଞ୍ଜିତ ସାହୁ, କଣ୍ଟାବଣିଆ

## ପକ୍କା ରାସ୍ତା ନିର୍ମାଣ ଦାବି

**ଭୁବନ, ୯।୫(ଡି.ଏନ.ଏ.)**

ଢେଙ୍କାନାଳ–ଭୁବନ ମୁଖ୍ୟରାସ୍ତାରୁ ଏକତାଳି ପଞ୍ଚାୟତର ପୁରୁଷୋତ୍ତମପୁର ଗ୍ରାମକୁ ସଂଯୋଗ କରୁଥିବା କଚ୍ଚାରାସ୍ତା ଶୋଚନୀୟ ହୋଇପଡ଼ିଛି। ଏହାକୁ ସବୁଦିନିଆ ପକ୍କା ସଡ଼କରେ ପରିଣତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଉକ୍ତରାସ୍ତା ଉପରେ ଦୈନିକ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ରାସ୍ତା କଡ଼ରେ ନୋଡାଲ ସ୍କୁଲ ଏବଂ ବାଜି ରାଉତ ସ୍ମୃତି ଉଚ୍ଚ ବିଦ୍ୟାଳୟ ରହିଛି। ଉକ୍ତ ଦୁଇସ୍କୁଲକୁ ଶହୀଦ ଗ୍ରାମ ନୀଳକଣ୍ଠପୁର, ବାରିଜଙ୍ଗ ସମେତ ବିଭିନ୍ନ ସ୍ଥାନରୁ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରିବାକୁ ଆସିଥାନ୍ତି। ତେବେ ସାମାନ୍ୟ ବର୍ଷାରେ ଉକ୍ତ ମାଟି ରାସ୍ତା କାଦୁଅରେ ପରିପୂର୍ଣ୍ଣ ହୋଇଯାଉଛି। ଯାତାୟାତ କରିବାରେ ସମସ୍ୟା ଉପୁଜୁଛି। ଏ ସମ୍ପର୍କରେ ଅଞ୍ଚଳବାସୀ ବହୁବାର ବ୍ଲକ ପ୍ରଶାସନ ଏବଂ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି।

ଏ ନେଇ ବିଡିଓ ଆଶୀର୍ବାଦ ପରିଡ଼ା କୁହନ୍ତି, ରାସ୍ତା ନିର୍ମାଣ ଲାଗି ବ୍ୟୟ ଅଟକଳ କରାଯାଇଛି। ଏହାକୁ ଆକ୍ସନ ପ୍ଲାନରେ ରଖାଯାଇଛି। କରୋନା ସମସ୍ୟା ଯୋଗୁ କାମ ଆଗେଇ ପାରୁନାହିଁ। ଖୁବ୍‌ଶୀଘ୍ର ସରପଞ୍ଚ ଏବଂ ପିଇଓଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଚେତିଲା ଶକ୍ତିସୁଗାର, ପାର୍କିଂ ରାସ୍ତାରେ ବାଡ଼



ଶକ୍ତିସୁଗାର କମ୍ପାନୀ ପକ୍ଷରୁ ପାର୍କିଂ ରାସ୍ତାରେ ବାଉଁଶବାଡ ଦିଆଯାଇଛି।

**ଢେଙ୍କାନାଳ ଅଫିସ, ୯।୫**

**୩ ଟ୍ୟାଙ୍କର ଚାଳକଙ୍କ ମୃତ୍ୟୁ ଘଟଣା**

ଖୋର୍ଦ୍ଧାରୁ ସ୍ପିରିଟ୍ ନେବାକୁ ଆସି ଢେଙ୍କାନାଳ ଶକ୍ତିସୁଗାର କମ୍ପାନୀ ମୁଖ୍ୟଫାଟକ ସମ୍ମୁଖ ପାର୍କିଂ ଅଞ୍ଚଳରେ ଦେଢ଼ମାସ ହେଲା ରହିଥିବା ୩ ବିହାରୀ ଟ୍ୟାଙ୍କର ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ ପରେ କାରଖାନା କର୍ତ୍ତୃପକ୍ଷଙ୍କ ଚେତା ପଶିଛି। ଶନିବାର ଅପରାହ୍ଣରେ କମ୍ପାନୀ ପକ୍ଷରୁ ୫୫ନଂ. ଜାତୀୟ ରାଜପଥକୁ ଲାଗିଥିବା ପାର୍କିଂ ଏରିଆରେ ଯାନବାହନ ପ୍ରବେଶ ନ କରିବା ଲାଗି ବାଉଁଶ ବାଡ ବନ୍ଧାଯାଇଛି। ଅନ୍ୟପଟେ ଲକ୍‌ଡାଉନ୍ ସମୟରେ ସ୍ପିରିଟ୍ ନେବା ପାଇଁ ଆସି ଟ୍ୟାଙ୍କରଗୁଡ଼ିକ କିପରି ପାର୍କିଂ ଅଞ୍ଚଳରେ ରହିଥିଲା ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଏ ସଂକ୍ରାନ୍ତରେ କମ୍ପାନୀର ଆଇନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଅକ୍ଷୟ କୁମାର ଦାସ କୁହନ୍ତି, ଲକ୍‌ଡାଉନ୍ ସମୟରେ ଅଯଥାରେ ଗାଡିଗୁଡିକ ପାର୍କିଂ ଅଞ୍ଚଳରେ ଆସି ରହୁଛି। ଏହି ଘଟଣା ପରେ ପାର୍କିଂ ଏରିଆରେ ଯାନବାହନ ପ୍ରବେଶ ନ କରିବା ପାଇଁ ଅସ୍ଥାୟୀ ଭାବେ ବାଉଁଶ ବାଡ଼ ବନ୍ଧାଯାଇଛି। ଆଗାମୀ ଦିନରେ ଲୁହା ବାଡ଼ ଲଗାଯିବ ବୋଲି ସେ ସୂଚନା ଦେଇଛନ୍ତି।

ଅନ୍ୟପଟେ ମୃତ ଟ୍ୟାଙ୍କର ଚାଳକଙ୍କ ପରିବାର ସଦସ୍ୟ ଶନିବାର ଢେଙ୍କାନାଳରେ ପହଞ୍ଚି ଟାଉନ ଥାନା ପୋଲିସ, କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ମୃତକମାନେ ସମ୍ପର୍କରେ ୩ ଭାଇ ହୋଇଥିବାବେଳେ କଟକରେ ଚିକିତ୍ସାଧୀନ ଅବସ୍ଥାରେ ରୁବେଲ ଭାରତୀଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ଅନ୍ତିମ ସଂସ୍କାର କରିବାକୁ ପରିବାର ଲୋକେ କଟକ ଯାଇଥିବା ପୋଲିସ କହିଛି। ସେଠାରୁ ଫେରିବା ପରେ ରବିବାର ଜିଲା ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ଥିବା ଦିଲୀପ ଭାରତୀ ଏବଂ ହରେରାମ ଭାରତୀଙ୍କ ମୃତଦେହ ହସ୍ତାନ୍ତର କରାଯିବ। ମୃତଦେହର ଶେଷକୃତ୍ୟ ଢେଙ୍କାନାଳରେ କରିବାକୁ ପରିବାର ଲୋକେ ଆଲୋଚନା କରୁଥିବା ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି। ଶବ ବ୍ୟବଚ୍ଛେଦର ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଫୁଡ୍ ପଏଜନିଂ ଯୋଗୁ ୩ଭାଇଙ୍କ ମୃତ୍ୟୁ ଘଟିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

## ଛୁରାମାଡ଼ରେ ଗୁରୁତର ଯୁବକ ମୃତ, ଅଭିଯୁକ୍ତ କୋର୍ଟଚାଲାଣ

**କାମାକ୍ଷାନଗର, ୯।୫(ଡି.ଏନ.ଏ.)**

ଛୁରାମାଡ଼ରେ ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିବା ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଆଳତୁମା ଗ୍ରାମର ପ୍ରଶାନ୍ତ ଷେଣ୍ଢ (୩୫)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ରାଶନ ସାମଗ୍ରୀ ଦେବାକୁ କେନ୍ଦ୍ରକରି ପ୍ରଶାନ୍ତଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏଥିରେ ତାଙ୍କ ଜୀବନ ଯାଇଥିବା ଜଣାପଡ଼ିଛି। ମୃତକଙ୍କ ଭାଇ ପ୍ରତାପ ଷେଣ୍ଢଙ୍କ ଅଭିଯୋଗକ୍ରମେ ନଂ. ୧୫୧/୨୦, ଦଫା ୩୦୭ରେ ମାମଲା ରୁଜୁ ହୋଇଥିଲା। ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ଅନ୍ୟପଟେ ଅଟକ ଅଭିଯୁକ୍ତ ସୁବାସ ଦାସଙ୍କୁ ଶନିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ପ୍ରଶାନ୍ତ ଆଳତୁମା ଖାଉଟି କମିଟି ପକ୍ଷରୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ ସାମଗ୍ରୀ ବଣ୍ଟନ କରୁଥିଲେ। ଗୁରୁବାର ଅପରାହ୍ଣରେ ସୁବାସ ଆସି ଖାଉଟି ସାମଗ୍ରୀ ମାଗିଥିଲେ। ହେଲେ ଚିଠାରେ ନାମ ନ ଥିବାରୁ ପ୍ରଶାନ୍ତ ଅକ୍ଷମତା ପ୍ରକାଶ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ସୁବାସ ତାଙ୍କୁ ଏକ ଛୁରାରେ ଆକ୍ରମଣ କରିଥିଲେ।

## ୫୪ ୟୁନିଟ୍ ରକ୍ତ ସଂଗ୍ରହ

**ଢେଙ୍କାନାଳ ଅଫିସ, ୯।୫**

ଢେଙ୍କାନାଳ ଛାତ୍ର ବିଜେଡି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର ପରିସରରେ ଶନିବାର ରକ୍ତଦାନ ଶିବିର ଆୟୋଜିତ ହୋଇଛି। ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ସୁଧୀର ସାମଲ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କ ପରାମର୍ଶକ୍ରମେ ଆୟୋଜିତ ଏହି ଶିବିରରେ ୫୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଶଶିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବରିଷ୍ଠ ନେତା ଯୋଗେନ୍ଦ୍ର ତ୍ରିପାଠୀ, ଜିଲା ଜୀବନବିନ୍ଦୁ ସଂଯୋଜକ ଦେବୀ ପ୍ରସାଦ ଭୂତିଆ, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ଶ୍ରୀକାନ୍ତ ଧଳ ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ କାର୍ଯ୍ୟକର୍ତ୍ତା ସାଗରିକା ମିଶ୍ର, ସାଇଶ୍ରୀ ପଟ୍ଟନାୟକ, ଗଙ୍ଗାଧର ରାଉତ, ଜିଲା ରକ୍ତଭଣ୍ଡାରର ବିରଞ୍ଚି ନାରାୟଣ ପାଣି, ପରମାନନ୍ଦ ପଣ୍ଡା, ଭୀମସେନ ବେହେରା ପ୍ରମୁଖ ଶିବିର ପରିଚାଳନା କରିବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରାଇଥିଲେ। କରୋନା ମହାମାରୀ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବାବେଳେ ରକ୍ତ ଅଭାବ ପୂରଣ ଲାଗି ଏହି ଶିବିର ଆୟୋଜିତ ହୋଇଥିଲା।



ରକ୍ତଦାନ ଶିବିରରେ ବିଜେଡି କର୍ମକର୍ତ୍ତାମାନେ।

# ଗରିବଙ୍କ ପାଖରେ ପହଞ୍ଚିଲା ସହାୟତା

**କାମାକ୍ଷାନଗର, ୯।୫(ଡି.ଏନ.ଏ.)**

କରୋନା ମହାମାରୀ ସମୟରେ ଅନେକେ ହରାଇଛନ୍ତି ଜୀବିକା। ଗରିବ ଅସହାୟମାନଙ୍କ କ୍ଷେତ୍ରରେ ଦୁଇଓଳି ଖାଇବା ଯୋଗାଡ଼ କରିବା ବି କଷ୍ଟକର ବ୍ୟାପାର ହୋଇଗଲାଣି। ଢେଙ୍କାନାଳ ଭଳି ଶିଳ୍ପସମୃଦ୍ଧ ଜିଲା ମଧ୍ୟ କରୋନାର ଭୟଙ୍କର ପ୍ରଭାବରୁ ବର୍ତ୍ତିନି। ଶିଳ୍ପସଂସ୍ଥା ବନ୍ଦ ହୋଇଯାଇଥିବାରୁ କର୍ମନିଯୋଜନ ନାହିଁ। ଲକ୍‌ଡାଉନ୍ ଯୋଗୁ ବ୍ୟବସାୟ ପ୍ରଭାବିତ ହୋଇଛି। ଏପରି ସମୟରେ ଜିଲାର ଗରିବ ଏବଂ ଅସହାୟଙ୍କୁ ସହାୟତା କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଗେଇ ଆସିଛନ୍ତି। ଜିଲାର ଖଟିଖିଆଙ୍କୁ ଆବଶ୍ୟକ ଖାଦ୍ୟ ସାମଗ୍ରୀ ପ୍ରଦାନ କରିବାକୁ ସେ ଦଳୀୟ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଖାଦ୍ୟ ସାମଗ୍ରୀକୁ କାମାକ୍ଷାନଗର ବ୍ଲକ ଜିରାଳ ମଣ୍ଡଳ ଭାଜପା କର୍ମକର୍ତ୍ତାମାନେ ମାର୍ଥାପୁର, ଅଁଳାପାଳ, ଗୋବିନ୍ଦପୁର ଗ୍ରାମରେ ବାଣ୍ଟିଥିଲେ। ଶତ୍ରୁଘ୍ନ ଜେନା, ପ୍ରେମାନନ୍ଦ ଜେନା, ପବିତ୍ର ବିଶ୍ୱାଳ, ମାତୃପ୍ରସାଦ ନନ୍ଦ, ସୁଶାନ୍ତ ସ୍ୱାଇଁ, ଚନ୍ଦନ ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। କରୋନା ସଙ୍କଟ ସମୟରେ ଏପରି ସହାୟତା ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଦଳ ପକ୍ଷରୁ କୁହାଯାଇଛି।



ଭାଜପା କର୍ମକର୍ତ୍ତାମାନେ ଖାଦ୍ୟ ସାମଗ୍ରୀ ବଣ୍ଟନ କରୁଛନ୍ତି।

## ଜରିମାନା ଆଦାୟ

**ବଇଣ୍ଡା,୯।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ପର୍ଣ୍ଣମାଳ, ନାକିଚି ଅଞ୍ଚଳରେ ଶନିବାର ପୋଲିସ ଯାଞ୍ଚ କରି ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୧୦ ଜଣଙ୍କଠାରୁ ୨୦୦୦ ଟଙ୍କା ଜରିମାନା ଆଦାୟ କରିଛି। ସେହିପରି ଠାକୁରଗଡ଼ ପୋଲିସ ସାନହୁଲା ଓ ନାକିଚି ଅଞ୍ଚଳରେ ଯାଞ୍ଚ କରି ୫ ଜଣଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରିଛି। ଏଥିସହିତ ବିନା ହେଲମେଟରେ ଗାଡ଼ି ଚଳାଉଥିବା ୯ ଜଣଙ୍କଠାରୁ ୯୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଠାକୁରଗଡ଼ ଥାନା ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା ଓ ହଣ୍ଡପା ଥାନା ଏଏସ୍‌ଆଇ ପ୍ରମୋଦ ଆଇଚ ଏହି ଯାଞ୍ଚ କରିଥିଲେ।

## ସ୍ୱାବ୍ ସଂଗ୍ରହରେ ବିଳମ୍ବ, ଉତ୍ତେଜନା

**ବିଞ୍ଝାରପୁର,୯।୫(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ ବାଚ୍ଛୋଳ ହାଇସ୍କୁଲରେ ସ୍ୱାବ୍ ସଂଗ୍ରହରେ ବିଳମ୍ବକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ବହୁ ବିଳମ୍ବରେ ପହଞ୍ଚିଥିବା ଡାକ୍ତରୀଦଳ ସ୍ୱାବ୍ ସଂଗ୍ରହ କରିବାକୁ ମନା କରିଦେଇଥିଲେ। ଏହାକୁ ନେଇ ସେଠାରେ ଉପସ୍ଥିତି ଲୋକେ ତାତିଥିଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରକାଶ ପଣ୍ଡା ବୁଝାଶୁଝା କରିବା ପରେ ରାତି ୮ଟାରେ ୧୮ ବିଦେଶ ଫେରନ୍ତାଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା।

# ପୃଥକ୍ ଅଗ୍ନିକାଣ୍ଡ: ୨ ଗାଈ ଦଗ୍ଧ, ୨ ଗୁରୁତର



ପଙ୍କଜ ସାହୁଙ୍କ ଘରେ ନିଆଁ ଲାଗିଛି।

**ଭୁବନ, ୯।୫(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ତହସିଲ ଅଞ୍ଚଳର ୩ ସ୍ଥାନରେ ଅଗ୍ନିକାଣ୍ଡ ଘଟି ୬ ବଖରା ଜଳିଯାଇଛି। ଏଥିରେ ୨ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ନିଆଁ ଲିଭାଇବାକୁ ଯାଇ ୨ଜଣ ଗୁରୁତର ହୋଇଛନ୍ତି।

ଶୁକ୍ରବାର ବିଳମ୍ବିତ ରାତିରେ ଗଡ଼ଗହମପୁର ନୂଆସାହି ଗ୍ରାମର ଚେମା ବେହେରାଙ୍କ ରୋଷେଇ ଘରୁ ନିଆଁ ବାହାରି ଚାରିଆଡ଼କୁ ବ୍ୟାପି ଯାଇଥିଲା। ଗୁହାଳରେ ବନ୍ଧା ହୋଇଥିବା ୨୦ ଗୋରୁ ପଘା ଛିଣ୍ଡାଇ ପଳାଇ ଯାଇଥିବାବେଳେ ୨ଟି ଗାଈ ଜିଅନ୍ତା ଜଳି ଯାଇଥିଲେ। ପରିବାର ଲୋକେ ଶୋଇଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସୂଚନା ପାଇ ଅଗ୍ନିଶମ ବାହିନୀ କର୍ମକର୍ତ୍ତା ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ସେହିପରି ଶନିବାର ଭୋର ୩ଟାରେ ଭୁବନ ଏନ୍‌ଏସି ଅଧୀନ ୧୫ନଂ. ୱାର୍ଡର ପଙ୍କଜ ଲୋଚନ ସାହୁଙ୍କ ଗୁହାଳ ଘରେ ନିଆଁ ଲାଗି ଯାଇଥିଲା। ପଙ୍କଜ ଜୀବନକୁ ବାଜି ଲଗାଇ ଗାଈ ଏବଂ ବାଛୁରିଙ୍କୁ ଉଦ୍ଧାର କରିଥିଲେ। ନିଆଁ ଧାସରେ ତାଙ୍କ ପିଠି, ଡାହାଣ ହାତ ପୋଡ଼ିଯାଇଛି। ସେହିପରି ଗାଈ, ବାଛୁରିଙ୍କ ଶରୀରରେ କ୍ଷତ ସୃଷ୍ଟି ହୋଇଛି। ଦମକଳ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ପାଖପଡ଼ୋଶୀ ପଙ୍କଜଙ୍କୁ ଉଦ୍ଧାର କରି ପ୍ରଥମେ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନୁରୂପ ଭାବେ ଶନିବାର ସାଢ଼େ ୧୨ଟାରେ ଭୁବନ ବ୍ଲକ କଅଁସରଗୋଡ଼ାରେ ଅଗ୍ନିକାଣ୍ଡ ଘଟି ନବକିଶୋର ଦେବୀଙ୍କ ୨ ବଖରା ଜଳିଯିବା ସହ ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ନିଆଁ ଲିଭାଉଥିବାବେଳେ ନବକିଶୋରଙ୍କ ଶରୀରର କେତେକ ଅଂଶ ପୋଡ଼ିଯାଇଛି। ସେ ଏବେ ଚିକିତ୍ସିତ ଅଛନ୍ତି। ଅପରାହ୍ଣରେ ଆର୍‌ଆଇ ଶ୍ରୀକାନ୍ତ କୁମାର ପରିଡ଼ା କ୍ଷୟକ୍ଷତି ଆକଳନ କରିବା ସହ ବିପନ୍ନ ପରିବାରକୁ ପଲିଥିନ୍ ଯୋଗାଇ ଦେଇଛନ୍ତି।

## ସଂକ୍ଷେପରେ

### ଫୁଲୁପଡ଼ାରେ ହାତୀ ଉପଦ୍ରବ



**ବଅଁରପାଳ,୯।୫(ଡି.ଏନ.ଏ.):** ବଅଁରପାଳ ବ୍ଲକ ଫୁଲୁପଡା ଓ ସାନ୍ତରାପୁର (ଖ) ଅଞ୍ଚଳରେ ଶନିବାର ହାତୀ ଉପଦ୍ରବ ଯୋଗୁ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଖଣ୍ଡହତାରୁ ପଳାଇ ଆସିଥିବା ୮ରୁ ଅଧିକ ହାତୀ ସ୍ଥାନୀୟ ଲୋକଙ୍କ ବାଡ଼ି ବଗିଚାରେ ପଶି ବହୁ ଫସଲ ନଷ୍ଟ କରିଛନ୍ତି। ପ୍ରଥମେ ସାନ୍ତରାପୁରରେ ଥିବା ଏକ ବାଇଗଣ ବଗିଚା ଦଳିଚକଟି ଦେବା ପରେ ଫୁଲୁପଡ଼ା ଅଭିମୁଖେ ଚାଲିଆସିଥିଲେ। ସାନ୍ତାରାପୁର ଗ୍ରାମର ଚାଷୀ ମହେନ୍ଦ୍ର ସାହୁ, କୃଷ୍ଣ ସାହୁ, ସମ୍ବିତ ସାହୁ, ଶ୍ରୀକାନ୍ତ ସାହୁଙ୍କ ବାଇଗଣ ଚାଷରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଅଭିଯୋଗ ହୋଇଛି। ହାତୀପଲ ଦେଖି ଫୁଲୁପଡ଼ା, ସାନ୍ତରାପୁର, ନୂଆସାହି, ତିଲିପଙ୍ଗା, ଗିରିଧିବାସୀଙ୍କ ସମେତ ଆଖପାଖ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

### ଅସହାୟଙ୍କୁ ଖାଦ୍ୟ ବଣ୍ଟନ



**ବଅଁରପାଳ,୯।୫(ଡି.ଏନ.ଏ.):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ବଅଁରପାଳ ଅଞ୍ଚଳର ଅସହାୟ ଗରିବ ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ବଳରାମପ୍ରସାଦ, ଫୁଲୁପଡ଼ା, କାଙ୍ଗୁଲା, ଭୋଗବେରେଣୀ, ମହୀଧରପୁର ଅଞ୍ଚଳରେ ସଂଘ ପକ୍ଷରୁ ଲୋକଙ୍କୁ ଏହି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ସଂଘ ଜିଲା କାର୍ଯ୍ୟବାହ ଚନ୍ଦ୍ରଶେଖର ବେହେରାଙ୍କ ସହ ଅନିଲ ମହାନ୍ତି, ସମିତିସଭ୍ୟ ବିନୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୨ ହଜାର ମାସ୍କ ବଣ୍ଟନ



**କଣିହାଁ,୯।୫(ଡି.ଏନ.ଏ.):** କଣିହାଁ ବ୍ଲକ ମହକୁମାସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦୃଷ୍ଟିହୀନ କଲ୍ୟାଣ ସମିତି ତରଫରୁ ଶନିବାର ମାସ୍କ ବଣ୍ଟନ କରାଯାଇଛି। ବିଡିଓ ରମେଶ ଚନ୍ଦ୍ର ଜେନା ଅତିଥି ଭାବେ ଯୋଗଦେଇ ସମିତି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ପଥଚାରୀଙ୍କୁ ମାସ୍କ ପ୍ରଦାନ କରିଥିଲେ। ସମିତି ସଭାପତି ସୁଧାକର ପ୍ରଧାନ, ସମ୍ପାଦକ କାଳନ୍ଦୀ ପ୍ରଧାନ, ସଦସ୍ୟ ଆଲୋକ ସାହୁ, କର୍ଣ୍ଣକୁମାର ଭୂତିଆ, ଦିଲୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ତ୍ରିପୁରାରୀ ପ୍ରଧାନ ଯୋଗଦେଇଥିଲେ।

### ବାଛୁରୀ ମାରି ଯୁବକ ଗିରଫ

**ବଇଣ୍ଡା,୯।୫(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ତଲେଇପଥର ଗ୍ରାମର ନଥିଲା ଭୋଇଙ୍କ ଏକ ବାଛୁରୀକୁ ପିଟି ମାରିଦେବା ଅଭିଯୋଗରେ କଟକ ଜିଲା ନିଆଳି ଗ୍ରାମର ଅମରେଶ୍ୱର ବାରିକଙ୍କୁ ପୋଲିସ ଗିରଫ କରିଛି। ନଥିଲା ଠାକୁରଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୫୬/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଲାଭ କମାଇନି ଲକ୍‌ଡାଉନ

(ଅଜିତ କୁମାର ଧଳ)
ଛେଣ୍ଡିପଦା, ୯।୫



ଅନୁଗୋଳ-ଛେଣ୍ଡିପଦା ରାଜପଥ ପାର୍ଶ୍ୱରେ ବାଡ଼ି ପରିବା ବିକୁଛନ୍ତି ଦମ୍ପତି।

■ପରିଶ୍ରମର ମୂଲ ପାଉଛନ୍ତି ବୃଦ୍ଧ ଦମ୍ପତି
■ରାସ୍ତା ପାର୍ଶ୍ୱରେ ବିକୁଛନ୍ତି ବାଡ଼ି ପରିବା
■ମାସ୍କ ପିନ୍ଧୁଛନ୍ତି, ଗ୍ରାହକଙ୍କୁ ଦୂରେଇ ରଖୁଛନ୍ତି

ସରକାର କଟକଣା ଲଗାଇଥିବାରୁ ପୂର୍ବପରି ରାସ୍ତାରେ ଚାଲୁନି ଗାଡ଼ି। ହେଲେ ଯେଉଁ ଅଳ୍ପ କେତେଜଣ ଯାତାୟାତ କରୁଛନ୍ତି ସେମାନେ ଆମଠାରୁ ବାଡ଼ି ପରିବା କିଣି ନେଉଛନ୍ତି। ରାଜପଥ ପାର୍ଶ୍ୱରେ ଫସଲ ହୋଇଥିବା ଦେଖି ଖୁସି ହେବା ସହ ବେଶି ମୂଲାମୂଲି ବି କରୁନାହାନ୍ତି। ଅବଶ୍ୟ ଆଗ ଅପେକ୍ଷା ଟିକେ ଅଧିକ ସମୟ ରାସ୍ତା ପାର୍ଶ୍ୱରେ ବସିବାକୁ ପଡୁଛି। କିନ୍ତୁ ଲକ୍‌ଡାଉନ୍ ଆମ ଲାଭ କମାଇପାରିନି ବୋଲି କହିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଣିଡିହ ଗ୍ରାମର ଦମ୍ପତି ଅଇଁଠୁ ପ୍ରଧାନ ଓ ସାବିତ୍ରୀ ପ୍ରଧାନ।

ଚାଷ କରି ଚଳୁଥିବା ଏହି ଦମ୍ପତି କହିଛନ୍ତି, ବୟସ ବଢ଼ି ଯାଇଥିଲେ ବି ଆମେ କାହା ଉପରେ ନିର୍ଭରଶୀଳ ନୁହଁ। ଯାହା ଜମିବାଡ଼ି ଅଛି ସେଥିରେ ବର୍ଷ ବର୍ଷ ଧରି ଖଟି ନିଜ ପେଟ ନିଜେ ପୋଷୁଛୁ। ବିଶେଷକରି ମକା, କଦଳୀ, ପୋଟଳ, କଲରା, ଲଙ୍କା, ଅମୃତଭଣ୍ଡା, ବାଇଗଣ ଆଦି ପରିବା ଚାଷ କରୁଛୁ। ସରକାରୀ ସହାୟତାକୁ ଅପେକ୍ଷା ନ କରି ନିଜ ଉଦ୍ୟମରେ ଯେତିକି ପାରୁଛି ସେତିକି ଜମିରେ ଖଟୁଛୁ। ବଗିଚାକୁ ଲାଗି ଅନୁଗୋଳ-ଛେଣ୍ଡିପଦା ୬୩ ନମ୍ବର ରାଜ୍ୟ ରାଜପଥ ଯାଇଥିବାରୁ ଏହା ଆମ ଆୟର ପନ୍ଥାକୁ ଅଧିକ ସହଜ କରିଦେଇଛି। ବର୍ଷ ତମାମ ପରିବା ଧରି କେଉଁ ବଜାର କି ହାଟକୁ ଯିବାକୁ ପଡୁନି। ରାସ୍ତା କଡ଼େ କିଛି ସମୟ ବସିଗଲେ ସବୁତକ ବିକ୍ରି ହୋଇଯାଉଛି। ତଟକା ପରିବା ନେବାକୁ ସମସ୍ତଙ୍କର ଆଗ୍ରହ ଥିବାରୁ ବେପାର ଭଲ ହେଉଛି। ଏବେ ରାସ୍ତାରେ ଗାଡ଼ି ଚଳାଚଳ କମ୍ ଥିବାରୁ ୩/୪ ଘଣ୍ଟା ଧରି ବସିବାକୁ ପଡୁଛି। ସରକାରଙ୍କ ନିୟମ ମାନି ପରିବା ବିକ୍ରିବେଳେ ମାସ୍କ ପିନ୍ଧୁଛୁ। ଗ୍ରାହକଙ୍କୁ ଦୂରେଇ ରହିବାକୁ ମଧ କହୁଛୁ। ଏତେ କଡ଼ା କଟକଣା ବେଳେ ବି ଆମ ପରିଶ୍ରମର ମୂଲ ମିଳିଯାଉଥିବାରୁ ଅଧିକ ଖୁସି ଲାଗୁଛି ବୋଲି ଅଇଁଠୁ ଓ ସାବିତ୍ରୀ ପ୍ରକାଶ କରିଛନ୍ତି।

# ଛତିଶଗଡ଼, ଝାଡ଼ଖଣ୍ଡ ଗଲେ ୧୦୬

ଅନୁଗୋଳ ଅଫିସ/ ଛେଣ୍ଡିପଦା/ ପାଲଲହଡ଼ା, ୯।୫

ଅନୁଗୋଳ ଜିଲାର ବିଭିନ୍ନ ବ୍ଲକରେ ଅଟକି ରହିଥିବା ଛତିଶଗଡ଼ର ୭୫ ଜଣ ଶ୍ରମିକଙ୍କୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ସେମାନଙ୍କ ରାଜ୍ୟକୁ ପଠାଯାଇଛି। ସେମାନଙ୍କ ମଧ୍ୟରୁ ଅନୁଗୋଳ ବ୍ଲକରେ ୨୪ ଜଣ, ବଅଁରପାଳ ବ୍ଲକରେ ୨୦ ଓ ଛେଣ୍ଡିପଦା ବ୍ଲକରେ ୩୧ ଜଣ କ୍ୱାରାଣ୍ଟାଇନରେ ଥିଲେ। ସେହିପରି ପାଲଲହଡ଼ା, କଣିହାଁ ଓ ଅନୁଗୋଳ ବ୍ଲକରେ କ୍ୱାରାଣ୍ଟାଇନରେ ଥିବା ଝାଡ଼ଖଣ୍ଡର ୩୧ ଜଣ ଶ୍ରମିକଙ୍କୁ ଏକ ବସ୍ ଯୋଗେ ପଠାଇ ଦିଆଯାଇଛି। ସମସ୍ତ ଶ୍ରମିକମାନଙ୍କୁ ଶୁଖିଲା ଖାଦ୍ୟ ସହ ପାନୀୟ ଜଳ ଦିଆଯାଇଥିଲା। ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ଜଗମୋହନ ମୀନା, ପିଡି ଅତୁଲ୍ୟ କୁମାର ଚମ୍ପତିରାୟ, ଉପଜିଲାପାଳ ବାସୁଦେବ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେପୁଟି କଲେକ୍ଟର ବଇତୁରା ଦୀପ୍, ଏପିଡି ଅବିନାଶ ମହାନ୍ତି, ଏପିଡି ରାକେଶ କୁଣ୍ଡ ପ୍ରମୁଖ ଶ୍ରମିକମାନଙ୍କୁ ପଠାଇବାରେ ସହାୟତା କରିଥିଲେ।

# ଗୁଜରାଟ, ମହାରାଷ୍ଟ୍ରରୁ ଆସୁଛନ୍ତି ୧୦୯ ପ୍ରବାସୀ

ଅନୁଗୋଳ ଅଫିସ, ୯।୫

ମହାରାଷ୍ଟ୍ର ଓ ଗୁଜରାଟରୁ ଓଡ଼ିଶାକୁ ଆସୁଥିବା ଦୁଇଟି ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ଅନୁଗୋଳ ଜିଲାର ୧୦୯ ଜଣ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଶ୍ରମିକମାନେ ପହଞ୍ଚିବା ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍‌ରେ ଅନୁଗୋଳ ଅଣାଯିବ। ଏହାପରେ ଅନୁଗୋଳରୁ ସେମାନଙ୍କ ଅଞ୍ଚଳକୁ ପଠାଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ଏ ନେଇ ଜିଲାରେ ଥିବା ୮ଟି ବ୍ଲକର ବିଡିଓଙ୍କୁ ପ୍ରସ୍ତୁତ ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ପୋଲିସ କଲା ସଚେତନ

କଣିହାଁ,୯।୫(ଡି.ଏନ.ଏ.)

କଣିହାଁ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ସହରାଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା। ସମସ୍ତେ ସାମାଜିକ ଦୂରତ୍ୱ ରକ୍ଷା କରିବା ସହିତ ବିନା କାମରେ ଘରୁ ନ ବାହାରିବାକୁ କୁହାଯାଇଥିଲା। ଆଇଆଇସି ପ୍ରଭାତ କୁମାର ତ୍ରିପାଠୀଙ୍କ ସହିତ ସମସ୍ତ ପୋଲିସ କର୍ମଚାରୀ ସାମିଲ ଥିଲେ। ତେବେ ବହୁ ଲୋକ ବିନା କାମରେ ଓ ମାସ୍କ ନ ପିନ୍ଧି ବୁଲାବୁଲି କରୁଥିବାରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବୁଦ୍ଧିଜୀବୀମାନେ ଦାବି କରିଥିଲେ। ଏ ନେଇ ଆଇଆଇସି କହିଛନ୍ତି, ଲୋକଙ୍କୁ ବାରମ୍ବାର ସଚେତନ କରାଯାଉଛି। ସମସ୍ତଙ୍କ ସୁରକ୍ଷା ପାଇଁ କଟକଣା ଲଗାଯାଇଛି। ନିୟମ ପାଳନ ନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା



ସଙ୍ଗଠନ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ପାଲଲହଡା,୯।୫(ଡି.ଏନ.ଏ.)

ପାଲଲହଡା ଉପଖଣ୍ଡର ଯୁବ ସଙ୍ଗଠନ ୟୁଥ୍ ଫର୍ ପାଲଲହଡା ପକ୍ଷରୁ କରୋନା ଯୋଦ୍ଧା ତଥା ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ନିଜିଗଡ଼ ସରପଞ୍ଚ ନିରୂପମା ବୋସ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସଫେଇ କର୍ମଚାରୀମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବରିଷ୍ଠ ଖବରଦାତା ଓ ପାଲଲହଡା ଥାନା ଅଧିକାରୀ କିଶୋର କୁମାର ସାମଲଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ, କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସଭାପତି ଦିବ୍ୟକିଶୋର ଗଡନାୟକଙ୍କ ସହ ଦିଗାମ୍ବର ଗଡନାୟକ, ସମୀର ପାଲ, ସଞ୍ଜୀବ ଦେହୁରୀ, ହିମାଂଶୁ ଶେଖର ବେହେରା ପ୍ରମୁଖ ବହୁ ସଭ୍ୟ ଉପସ୍ଥିତ ଥିଲେ।

# ସୋସିଆଲ ମିଡିଆରେ ଅନ୍‌ଲାଇନ୍ ମଦ ଦୋକାନ ଠିକଣା, ଫୋନ ନମ୍ବର

ଅନୁଗୋଳ ଅଫିସ, ୯।୫

**ଏସ୍‌ପି କହିଲେ ତଦନ୍ତ ହେବ**

ଅନୁଗୋଳ ସହର ଉପକଣ୍ଠରେ ଅନ୍‌ଲାଇନରେ ମଦ ମିଳୁଥିବା ନେଇ ସୋସିଆଲ ମିଡିଆରେ ଖବର ଭାଇରାଲ ହେଉଛି। ଏଥିରେ ସତ୍ୟତା କେତେ ତାହା ଜଣାପଡ଼ି ନ ଥିଲେ ବି ଦୋକାନର ଫଟୋ ଓ ଦୋକାନୀଙ୍କ ଟେଲିଫୋନ ନମ୍ବର ମଧ ଦିଆଯାଇଛି। ଏହା ଏବେ ମୋବାଇଲରୁ ମୋବାଇଲ ଘୁରି ବୁଲୁଥିବାରୁ ଏ ନେଇ ତଦନ୍ତ କରାଯିବ ବୋଲି ଅନୁଗୋଳ ଏସ୍‌ପି ଜଗମୋହନ ମୀନା କହିଛନ୍ତି। ସେହିପରି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି ଯେ, ସରକାରଙ୍କ ପକ୍ଷରୁ ସେପରି କୌଣସି ନିର୍ଦ୍ଦେଶ ଆସିନାହିଁ। ଯଦି ଏଥିରେ ସତ୍ୟତା ଥାଏ ତାହେଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉତ୍ତରକେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ କହିଛନ୍ତି, ଘଟଣାର ଅନୁଧ୍ୟାନ କରାଯିବ। ରାଜ୍ୟ ସରକାର ନିର୍ଦ୍ଦେଶ ଦେବା ପରେ ଜିଲାପାଳ ଅନୁମତି ପ୍ରଦାନ କରିବେ। ଏହାପରେ ଯାଇ ମଦ ଦୋକାନଗୁଡ଼ିକ ଖୋଲାଯିବ ବୋଲି ଆଇଜି ପ୍ରକାଶ କରିଛନ୍ତି।

# ରାଜ୍ୟ ବାହାର ଫେରନ୍ତା କ୍ୱାରାଣ୍ଟାଇନ୍‌ରେ

ବଇଣ୍ଡା/ଅନୁଗୋଳ ଅଫିସ,୯।୫(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳକୁ ଆନ୍ଧ୍ରରୁ ଆସିଥିବା ଗୋଟିଏ ପରିବାରର ୩ ସଦସ୍ୟଙ୍କୁ ନୁନୁକାପଶି ପଞ୍ଚାୟତ ଓ ହଣ୍ଡପା ପୋଲିସ ପକ୍ଷରୁ ଶନିବାର ବଇଣ୍ଡା ରାମଦେଓ ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିବା ସରପଞ୍ଚ ଜଳଧର ସାହୁ ସୂଚନା ଦେଇଛନ୍ତି। ସେହିପରି ଅନୁଗୋଳ ହାତୀଶାଳପଡ଼ାକୁ ପଶ୍ଚିମବଙ୍ଗରୁ ଫେରିଥିବା ଏକ ପରିବାର ସମ୍ପର୍କରେ ଲୋକେ ଖବର ଦେବା ପରେ ପୋଲିସ ଓ ପୌର କର୍ମଚାରୀ ପହଞ୍ଚି ସେମାନଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖିବାର ବ୍ୟବସ୍ଥା କରିଥିଲେ। କିନ୍ତୁ ଟାଉନ୍ ହାଇସ୍କୁଲ ସମ୍ମୁଖରେ ହୋଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରକୁ ପ୍ରଥମେ ଚାଲିକରି ଯିବାକୁ କୁହାଯାଇଥିଲା। ପରେ ଏକ ଅଟୋରେ ସମସ୍ତଙ୍କୁ ନିଆଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ଦିଆଯାଇଛି।

# ବନ୍ଦ ହେଲା ଜେଲ ଫାଟକ, ଲାଗିବ କ୍ୟାମେରା




କ୍ୟାମେରା ଲଗାଯିବାକୁ ଜେଲ ଭିତରକୁ ତାର ଟଣା ଯାଉଛି।

ଅନୁଗୋଳ ଅଫିସ, ୯।୫

ରାଜ୍ୟ ଜେଲ ବିଭାଗ ନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟ ସମସ୍ତ ଜେଲ୍ ପାଇଁ ଜାରି କରିଥିବା କଟକଣା ଅନୁଗୋଳରେ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଥିଲା। ଏ ନେଇ 'ଧରିତ୍ରୀ'ରେ ଶୁକ୍ରବାର ଖବର ପ୍ରକାଶ ପରେ ଅନୁଗୋଳ ଜେଲ୍ କର୍ତ୍ତୃପକ୍ଷ ଚେତିଛନ୍ତି। ଏଣିକି କଏଦୀ କିମ୍ବା ବିଚାରାଧୀନ ବନ୍ଦୀଙ୍କ ସହ ସାକ୍ଷାତ କରିବାକୁ ଯାଉଥିବା ସମ୍ପର୍କୀୟମାନେ କଟକଣା ଅନୁଯାୟୀ କେବଳ ଭିଡିଓ କନଫରେନ୍ସିଂ ଜରିଆରେ ଦେଖାକରି ପାରିବେ। ଏଥିପାଇଁ ଜେଲ୍‌ରେ କ୍ୟାମେରା ଲଗାଯିବା ପାଇଁ ତାର ଟଣା ଯାଉଥିବା ବେଳେ ପରିସରକୁ

**କଟକଣା ପାଳନ ନ ହେବାର କରାଯିବ ଅନୁଧ୍ୟାନ**

ବାହାର ଲୋକ ଯେପରି ପଶି ନ ପାରିବେ ସେଥିପାଇଁ ଫାଟକ ବନ୍ଦ କରାଯାଇଛି। ତେବେ ନିର୍ଦ୍ଦେଶ ପାଳନ ନ ହେବା ଅଭିଯୋଗର ଅନୁଧ୍ୟାନ କରାଯିବ ବୋଲି ରାଜ୍ୟ ଜେଲ ବିଭାଗ ନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟ ସୂଚନା ଦେଇଛନ୍ତି। ଅନୁଗୋଳ କରାଗାର ସୁପରିଣ୍ଟେଣ୍ଡେଣ୍ଟ ସୁଚିତ୍ର ଦାସ କହିଛନ୍ତି, ଶୁଖିଲା ଖାଦ୍ୟ ଭିତରକୁ ନ ଛାଡ଼ିବା ପାଇଁ ନିର୍ଦ୍ଦେଶ ହୋଇନାହିଁ। ତେଣୁ ରନ୍ଧା ଖାଦ୍ୟ ନୁହେଁ କେବଳ ଶୁଖିଲା ଖାଦ୍ୟ ଛଡ଼ାଯାଉଥିବା ସେ କହିଛନ୍ତି। ତେବେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ସାକ୍ଷାତ ପାଇଁ ମାସେ ତଳୁ ନିର୍ଦ୍ଦେଶ ଆସିଥିଲେ ମଧ କାହିଁକି ବ୍ୟବସ୍ଥା କରା ନ ଯାଇ ପୂର୍ବପରି ସାକ୍ଷାତ ପାଇଁ ସମ୍ପର୍କୀୟଙ୍କୁ ସିଧାସଳଖ ଛଡ଼ାଯାଉଥିଲା ବୋଲି ସହରବାସୀ ପ୍ରଶ୍ନ କରିଛନ୍ତି।

# ପୋଲିସ କରୁଛି ପାତରଅନ୍ତର

ଅନୁଗୋଳ ଅଫିସ, ୯।୫



ଏକ ଜଣାଶୁଣା ପୋଷାକ ଦୋକାନ ଭିତରେ ଥିବା ବହୁ ସଂଖ୍ୟକ ଗ୍ରାହକଙ୍କୁ ଶନିବାର ପୋଲିସ ବାହାରକୁ ଆଣି ଠିଆ କରାଇଛି।

ଗ୍ରୀନ୍ ଜୋନ୍‌ରେ ଥିବା ଅନୁଗୋଳ ଜିଲାରେ କଟକଣାକୁ କୋହଳ କରାଯାଇଛି। ଦୋକାନ ବଜାର ଖୋଲିଥିବାରୁ ଗ୍ରାମାଞ୍ଚଳରୁ ଲୋକେ ବଜାରକୁ ଆସି ବିଭିନ୍ନ ସାମଗ୍ରୀ କିଣି ନେଉଛନ୍ତି। ଏଥିପାଇଁ ଭିଡ଼ ବଢୁଥିବା ବେଳେ ଅନୁଗୋଳ ପୋଲିସ ନିୟମ ପାଳନ ଆଳରେ ବ୍ୟବସାୟୀଙ୍କ ସହ ପାତରଅନ୍ତର କରୁଥିବା ଅଭିଯୋଗ ହେଉଛି।

କେତେଜଣ ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଅନୁଗୋଳ ସହରର ବହୁ ଦୋକାନୀ କଟକଣା ନ ମାନି ବ୍ୟବସାୟ କରୁଛନ୍ତି। ଏକାଧିକ ଲୋକଙ୍କୁ ଦୋକାନରେ ପାଖାପାଖି ବସାଇ କିଏ ବେପାର କରୁଛନ୍ତି ତ ଆଉ କିଏ ମାସ୍କ ପିନ୍ଧି ନ ଥିବା ଗ୍ରାହକଙ୍କୁ ସାମାଜିକ ଦୂରତ୍ୱ ରଖିବାକୁ ନ କହି ସାମଗ୍ରୀ ପ୍ରଦାନ କରୁଛନ୍ତି। ଅନୁଗୋଳ ପୋଲିସ ସମ୍ମୁଖରେ ଏପରି ଘଟଣା ଘଟୁଥିଲେ ବି ଅନେକ ସମୟରେ ସେପରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ମାତ୍ର ହାତଗଣତି କେତୋଟି ଦୋକାନ ସିଲ୍ କରାଯାଇଛି।

**ଜୋର୍‌ଧରୁଛି ବ୍ୟବସାୟୀଙ୍କ ଅଭିଯୋଗ**

କଟକଣା ଉଲ୍ଲଂଘନ କରୁଥିବା ବଡ଼ ବ୍ୟବସାୟୀଙ୍କୁ ପୋଲିସ ତାଗିଦ୍ କରି ଛାଡ଼ିଦେଉଥିବା ଦେଖାଯାଉଛି। ହେଲେ ଛୋଟ ଛୋଟ ବ୍ୟବସାୟୀଙ୍କ ଉପରେ ପୋଲିସ ଅଧିକ କାର୍ଯ୍ୟାନୁଷ୍ଠାନ ନେଉଛି। ଶନିବାର ସହରର କଲେଜ ଛକରେ ଥିବା ଜଣେ ବ୍ୟବସାୟୀ ବାହାରେ କିଛି ଚଟପଟା ଖାଦ୍ୟ ସାମଗ୍ରୀ ରଖିଥିବାବେଳେ ତାଙ୍କ ଦୋକାନକୁ ସିଲ୍ କରାଯାଇଥିଲା। ତାଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। ଆଉ ଭୁଲ ହେବ ନାହିଁ ବୋଲି ବ୍ୟବସାୟୀ ଜଣକ ପୋଲିସକୁ ବିଶ୍ୱାସ ଦେଇଥିଲେ ମଧ ପୋଲିସ ଦୋକାନ ବନ୍ଦ କରି ଚାବି ନେଇ ପଳାଇ ଯାଇଥିଲା। ଛୋଟ ଦୋକାନୀଙ୍କ କ୍ଷେତ୍ରରେ ଏପରି କାର୍ଯ୍ୟାନୁଷ୍ଠନ ନେଉଥିବା ପୋଲିସ ସହରର ବଡ଼ ବଡ଼ ବ୍ୟବସାୟୀଙ୍କ କ୍ଷେତ୍ରରେ କାହିଁକି କୋହଳ ହେଉଛି ବୋଲି ସମ୍ପୃକ୍ତ ଦୋକାନୀମାନେ ପ୍ରଶ୍ନ କରିଛନ୍ତି। ଅପରପକ୍ଷରେ କଟକଣା ମାନୁ ନ ଥିବା ୫ଟି ଦୋକାନକୁ ଶନିବାର ଅନୁଗୋଳ ପୋଲିସ ସିଲ୍ କରିବା ସହ ବାଇକ୍‌ରେ ବୁଲୁଥିବା କେତେଜଣ ଅମାନିଆଙ୍କୁ ଥାନାକୁ ଉଠାଇ ନେଇଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

## ଫଟୋରେ ଖବର...



ଅନୁଗୋଳ ପୋଲିସ ପକ୍ଷରୁ ଶନିବାର ମାସ୍କ ଯାଞ୍ଚ କରାଯାଉଛି।



ଅନୁଗୋଳ ସହରରେ ଜଣେ ବ୍ୟବସାୟୀ ଗାମୁଛା ବିକ୍ରି କରୁଛନ୍ତି।



କଟକଣା ବଳବତ୍ତର ଥିଲେ ବି ଅନୁଗୋଳ ବଜାରରେ ଲୋକଙ୍କ ଭିଡ଼। (ଫଟୋ- ବୁଲୁ)

# ୨ଜଣଙ୍କୁ ବସାଇ ଅଟୋ ଚଳାଇବା ସମ୍ଭବ ନୁହେଁ

**ରାଉରକେଲା ଅଫିସ,୯।୫**

ଗତ ୪ ତାରିଖରେ ରାଉରକେଲା ସେକ୍ଟର ୨୨ ଅଞ୍ଚଳର ଅଟୋରିକ୍ସା ଚାଳକମାନେ ରାସ୍ତାକୁ ଓହ୍ଲାଇଥିଲେ। ପ୍ରଶାସନିକ ନିଷ୍ପତ୍ତିର ସେମାନେ ପୁନର୍ବିଚାର ଦାବି କରିଥିଲେ । ହେଲେ ଏ ସଂକ୍ରାନ୍ତରେ ପ୍ରଶାସନ ପକ୍ଷରୁ କୌଣସି ନିଷ୍ପତ୍ତି ନିଆ ନ ଯିବାରୁ ଶନିବାର ସେମାନେ ପ୍ରତିବାଦ କରିବା ସହ ସରକାରୀ ସହାୟତା ଦାବି କରିଛନ୍ତି। ଅଧିକ ଯାତ୍ରୀଙ୍କୁ ନେବାକୁ ଅନୁମତି ପ୍ରଦାନ ସହିତ ଭଡ଼ା ବୃଦ୍ଧି ଉପରେ ସେମାନେ ଗୁରୁତ୍ୱାରୋପ କରିଛନ୍ତି ।

ସେକ୍ଟର-୨୨ ବସ୍‌ଷ୍ଟାଣ୍ଡରେ ଶନିବାର ସକାଳ ୮ଟାରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଅଟୋରିକ୍ସା ଚାଳକ ଏକତ୍ରିତ ହୋଇଥିଲେ। ସେମାନେ ଅଭିଯୋଗ କରିଥିଲେ, ସରକାର ସବୁ ବର୍ଗର ଲୋକଙ୍କୁ ସହାୟତା ପ୍ରଦାନ କରୁଥିବା ବେଳେ ଅଟୋରିକ୍ସା ଚାଳକଙ୍କ ପ୍ରତି ଅନୁକମ୍ପା ଦେଖାଉ ନାହାଁନ୍ତି। ଫଳରେ ଲକ୍‌ଡାଉନ ଯୋଗୁ ଅଟୋରିକ୍ସା ଚାଳକଙ୍କ ଜୀବନଜୀବିକା ଅନ୍ଧକାର ଭିତରକୁ ଠେଲି ହୋଇଯାଇଛି। ଘର ଚଳାଇବା କଷ୍ଟସାଧ ହେଲାଣି। ଋଣ ଭାରରେ ବୁଡ଼ିଯିବାକୁ ବସିଲେଣି ଅଧିକାଂଶ ଅଟୋ ଚାଳକ। ପ୍ରତିଦିନ ଅଟୋରିକ୍ସା ଚାଲିଲେ ଯାହାକିଛି ରୋଜଗାର ହେଉଥିଲା । ସେଥିରେ ଆମ ପରିବାର ଚଳୁଥିଲା । ଲକ୍‌ଡାଉନ ଯୋଗୁ ଅଟୋରିକ୍ସା ଠିଆ ହୋଇ ରହିଛି । ଫଳରେ ଅନେକ ଗାଡ଼ିଚାଳକ ଦୁଃଖରେ ଦିନ କାଟୁଛନ୍ତି। ପାଖରେ ଯାହା ସଞ୍ଚିତ ଅର୍ଥ ଥିଲା ତାହା ଶେଷ ହୋଇ ଗଲାଣି। ଏମିତି ଅବସ୍ଥାରେ ଋଣ କିସ୍ତି, ଟ୍ୟାକ୍ସ ଆଦି ପଇଠ ପାଇଁ ଟଙ୍କା ଆସିବ କେଉଁଠୁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏପରି ସମୟରେ ଋଣ ଲଗାଣକାରୀ ସଂସ୍ଥା ଆମକୁ ତାଗିଦ କରୁଛନ୍ତି । ଯାହା ଆମ ଦୁଃଖକୁ ଦ୍ୱିଗୁଣିତ କରିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି ।

ଇତି ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ୨ ଯାତ୍ରୀଙ୍କୁ ନେଇ ଅଟୋରିକ୍ସା ଚଳାଇବାକୁ ପରାମର୍ଶ ଦିଆଯାଇଛି। ଏଥିରେ ତେଲ ଖର୍ଚ୍ଚ ଉଠିବା ସମ୍ଭବ ନୁହେଁ । ଏମିତି ଅବସ୍ଥାରେ ଅଧିକ ଯାତ୍ରୀ କିମ୍ବା ଅଧିକ ଭଡା ଧାର୍ଯ୍ୟ କରାଯିବା ନିହାତି ଆବଶ୍ୟକ। ଅନ୍ୟଥା ଅଟୋରିକ୍ସା ରାସ୍ତାରେ ଗଡିବା ସମ୍ଭବ ହେବ ନାହିଁ। ସରକାର ବସ ଚଳାଚଳ ପାଇଁ ବିଚାରବିମର୍ଶ କରୁଥିବା ବେଳେ ରାଜ୍ୟରେ ଲକ୍ଷାଧିକ ଅଟୋରିକ୍ସା ଚାଳକଙ୍କ ଭବିଷ୍ୟତ ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ଆନ୍ଦୋଳନକାରୀମାନେ ଦାବି କରିଥିଲେ ।

ଏ ସଂକ୍ରାନ୍ତରେ ଅଟୋରିକ୍ସା ଚାଳକ ପର୍ଶୁରାମ ମଲ୍ଲିକ କୁହନ୍ତି, କେବଳ ସରକାରୀ ଚାଉଳ, ଗହମରେ ଦିନ କାଟିବା ସମ୍ଭବ ହେଉନି। ସରକାର କିଛି ଆର୍ଥିକ ସହାୟତା ଘୋଷଣା କରିବା ଦରକାର। ହିମାଂଶୁ ବାଗଙ୍କ ମତରେ ଅଧିକାଂଶ ଅଟୋରିକ୍ସା ଡ୍ରାଇଭରଙ୍କ ନିଜସ୍ୱ ଗାଡି ନାହିଁ। ମାଲିକଙ୍କ ଦୟା ଉପରେ ନିର୍ଭର କରି ଚଳୁଥିଲେ। ସରକାର ଆମ ପ୍ରତି ଅନୁକମ୍ପା ଦେଖାଇ ସହାୟତା ଦିଅନ୍ତୁ ଓ ପ୍ରଶାସନିକ ନିଷ୍ପତ୍ତିର ପୁନର୍ବିଚାର କରାଯାଉ। ସୀମାଞ୍ଚଳ ପାଣିଗ୍ରାହୀ କହିଛନ୍ତି, ଲକ୍‌ଡାଉନ ପରେ ଗାଡି କିସ୍ତି ପୈଠ ସହ ଟ୍ୟାକ୍ସ ଆଦି ବାବଦକୁ ଆମକୁ ଆର୍ଥିକ ବୋଝ ଉଠାଇବାକୁ ପଡିବ। ଏମିତି ଅବସ୍ଥାରେ ୨ଜଣ ପାସେଞ୍ଜର ନେଇ ଗାଡି ରାସ୍ତାରେ ଗଡାଇବା ସମ୍ଭବ ନୁହେଁ। ଜିଲା ପ୍ରଶାସନ ଏହାର ପୁନର୍ବିଚାର କରନ୍ତୁ ଓ ଭଡା ବୃଦ୍ଧି ଉପରେ ଗୁରୁତ୍ୱ ଦିଅନ୍ତୁ।



ପ୍ରଶାସନ ନିଷ୍ପତ୍ତି ପ୍ରତିବାଦରେ ରାସ୍ତା ଉପରେ ରଖାଯାଇଥିବା ଅଟୋରିକ୍ସା ।

- ପୁଣି ରାସ୍ତାକୁ ଓହ୍ଲାଇଲେ ଅଟୋରିକ୍ସା ଚାଳକ
- ପୁନର୍ବିଚାର କରନ୍ତୁ ଜିଲା ପ୍ରଶାସନ
- ସହାୟତା ପ୍ରଦାନ କରନ୍ତୁ ସରକାର

## ସଂକ୍ଷେପରେ

### ଫେରିଲେଣି ବୌଦ୍ଧ ଜିଲାର ୨୧୦ ପ୍ରବାସୀ

**ବୌଦ୍ଧ,୯।୫ (ସ୍ୱ.ପ୍ର.):** ରାଜ୍ୟକୁ ପ୍ରବାସୀ ଶ୍ରମିକଙ୍କ ଘର ବାହୁଡା ପରେ ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଛି। ପ୍ରତିଦିନ ରାଜ୍ୟକୁ ଶହ ଶହ ପ୍ରବାସୀ ଆସୁଛନ୍ତି। ଏମାନଙ୍କୁ ଚିହ୍ନଟ କରି ରଖିବା ଜିଲା ପ୍ରଶାସନ ଓ ସରପଞ୍ଚମାନଙ୍କ ପାଇଁ କାଠିକର ପାଠ ହୋଇପଡିଛି। ତେବେ ବୌଦ୍ଧ ଜିଲାରୁ ମଧ ଯେଉଁମାନେ ବାହାର ଜିଲା ଓ ବାହାର ରାଜ୍ୟକୁ କାମଧନ୍ଦା କରିବାକୁ ଯାଇଛନ୍ତି ସେମାନେ ଏବେ ଫେରିଲେଣି। ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏଯାଏ ଜିଲାକୁ ୨୧୦ ଜଣ ପ୍ରବାସୀ ଶ୍ରମିକ ଆସୁଛନ୍ତି। ଏ ସମସ୍ତଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ସେହିପରି ଏ ପର୍ଯ୍ୟନ୍ତ ଜିଲାରୁ ୩୭୭ ଜଣଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ହେଲେ ୨୬୯ ଜଣଙ୍କ ପରୀକ୍ଷା ରିପୋର୍ଟ ମିଳିଛି। ଏ ସମସ୍ତ ରିପୋର୍ଟ ନେଗେଟିଭ ରହିଛି। ଆଉ ୧୦୮ଟି ରିପୋର୍ଟ ଏଯାଏଁ ହସ୍ତଗତ ହୋଇ ନ ଥିବା ଉପଜିଲାପାଳ ଏନ୍‌.ସି. ଜ୍ୟୋତିରଞ୍ଜନ ନାଏକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରଜ୍ୟରେ ସୁରଟ ଫେରନ୍ତାଙ୍କ ପାଇଁ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ବିଶେଷ କରି ଗଞ୍ଜାମ ଜିଲା ଏବେ ସୁରଟ ଫେରନ୍ତାଙ୍କ ଲାଗି କରୋନାର ହବ୍ ପାଲଟିଛି। ଏହା ରାଜ୍ୟ ସରକାରଙ୍କ ଚିନ୍ତା ବଢାଇଛି। ତେଣୁ ସୁରଟରୁ ଫେରିଥିବା ପ୍ରବାସୀଙ୍କ ପାଇଁ ମଧ ବୌଦ୍ଧ ଜିଲା ପ୍ରଶାସନ ଚିନ୍ତାରେ ପଡ଼ିଛି।

### ବାର୍‌ହା ମାଂସ ଜବତ, ୩ ଶିକାରୀ ଗିରଫ



ପାଟଣାଗଡ଼, ୯।୫(ଡି.ଏନ.ଏ.) ବଲାଙ୍ଗୀର ଜିଲା ପାଟଣାଗଡ଼ ବନବିଭାଗ ଶନିବାର କିରିବାଞ୍ଜି ଜଙ୍ଗଲରେ ଶନିବାର ଚଢ଼ାଉ କରି ବାର୍‌ହା ମାଂସ ଜବତ କରିବା ସହ ୩ ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଶିକାରୀମାନେ ହେଲେ ପାଟଣାଗଡ଼ ବ୍ଲକ ଅନ୍ତର୍ଗତ ସିଆଲବନ୍ଧ ଗ୍ରାମର କାଳି ବନଗୁଲା, ଜଗତ ଭୁଏ ଏବଂ ଗୌର ରାଉତ। ସେମାନଙ୍କଠାରୁ ୧୫ କେଜି ବାର୍‌ହା ମାଂସ, ଗୋଟିଏ ଆମେରିକାନ ସିଙ୍ଗଲ ବୋର ବନ୍ଧୁକ, ଛୁରି, ଟାଙ୍ଗିଆ ଓ ଏକ ବାଇକ ଜବତ କରାଯାଇଛି । ଅଭିଯୁକ୍ତମାନେ ବନବିଭାଗର ବାରମ୍ବାର ତାଗିଦ୍ ପରେ ମଧ୍ୟ ବନ୍ୟପ୍ରାଣୀ ଶିକାର ଜାରି ରଖିଥିଲେ। ସେମାନଙ୍କ ନାମରେ ପୂର୍ବରୁ ମଧ ବିଭାଗ ପକ୍ଷରୁ ଏକାଧିକ ମାମଲା ରହିଛି। ବାର୍‌ହା ଶିକାରରେ ବ୍ୟବହୃତ ବନ୍ଧୁକର ମାଲିକ ସରମୁହାଣ ଗ୍ରାମର ଜଗନ୍ନାଥ ମେହେର ଫେରାର ହୋଇଯାଇଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପାଟଣାଗଡ଼ ରେଞ୍ଜ ଅଧିକାରୀ ବାସୁଦେବ ନାଥ ସୂଚନା ଦେଇଛନ୍ତି। ଚଢ଼ାଉରେ ଫରେଷ୍ଟର ରଞ୍ଜିତ ସିଂବାବୁ, ଫରେଷ୍ଟର ରାଜେନ୍ଦ୍ର ଧରୁଆ ପ୍ରମୁଖ ସାମିଲ ଥିଲେ।

## ସୁକ୍‌ତେଲ ପୋଲ ଭୁଶୁଡ଼ିବା ଘଟଣା
# ନିର୍ବାହୀ ଯନ୍ତ୍ରୀ ନିଲମ୍ବିତ

**ପାଟଣାଗଡ଼, ୯।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ତମିଆ-ମୁଦଲସର ସୁକ୍‌ତେଲ ପୋଲ ଗତ ଏପ୍ରିଲ ୨୯ ତାରିଖରେ ମରାମତି ବେଳେ ଭୁଶୁଡ଼ି ପଡ଼ିଥିଲା । ଏଥିରେ ଦୁଇ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ବିଭାଗ ପାଟଣାଗଡ଼ ନିର୍ବାହୀ ଯନ୍ତ୍ରୀ ଅଣ୍ଟୋନୀ କିଷାନଙ୍କୁ ନିଲମ୍ବିତ କରିଛନ୍ତି । ପୂର୍ବରୁ ଠିକାସଂସ୍ଥା ରାମକୁମାର ଅଗ୍ରୱାଲ ଇଞ୍ଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍‌ର ମ୍ୟାନେଜର ଦିନେଶ ନାୟାରଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲା। ନିର୍ବାହୀ ଯନ୍ତ୍ରୀ କିଷାନଙ୍କୁ ନିଲମ୍ବନ କରାଯିବା ପରେ ପାଟଣାଗଡ଼ ଗ୍ରାମ୍ୟ ଉନ୍ନୟନ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଭାବେ ବଲାଙ୍ଗୀର ଡିଭିଜନ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି ।



ନିଲମ୍ବିତ ନିର୍ବାହୀ ଯନ୍ତ୍ରୀ ଅଣ୍ଟୋନୀ କିଷାନ ।

## ଫଟୋରେ ଖବର..



ସମ୍ବଲପୁର ଗୋବିନ୍ଦତୋଲା ହରଡଯୋର ଭଙ୍ଗା ବ୍ରିଜ୍ ତଳେ ଶନିବାର ବିପଦ ସଂକୁଳ ଭାବେ ପିଲାମାନେ ମାଛ ଧରଛନ୍ତି।

# କଟକଣା କୋହଳ ପରେ ଢିଲା ମାରୁଛି ପୋଲିସ

**ଝାରସୁଗୁଡା ଅଫିସ, ୯।୫**

କରୋନା ଭୂତାଣୁର ସଂକ୍ରମଣକୁ ରୋକିବା ପାଇଁ ସମଗ୍ର ଦେଶକୁ ଲକ୍‌ଡାଉନ୍ କରାଯାଇଛି। ଝାରସୁଗୁଡା ଜିଲାରେ ମଧ ଦୁଇଜଣଙ୍କଠାରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏହି ଜିଲାକୁ ଅରେଞ୍ଜ ଜୋନ୍ ଭାବେ ଘୋଷଣା କରାଯାଇଛି। ତେବେ ଇତି ମଧରେ କୋହଳ କଟକଣା ପାଇଁ ବହୁ ଦୋକାନ ବଜାର ଖୋଲିଛି। ସକାଳୁ ସନ୍ଧ୍ୟା ରାସ୍ତାରେ ଗାଡ଼ିମୋଟର ଗଡୁଛି। ଲୋକେ ବି ବାହାରେ ବୁଲୁଛନ୍ତି। ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ବେଳେ ଝାରସୁଗୁଡା ସହରର କିଷାନ ଛକ, ବସ୍‌ଷ୍ଟାଣ୍ଡ ଛକ, ରେଳ ଷ୍ଟେଶନ ଛକ ଓ ଥାନା ଛକରେ ମାଳ ମାଳ ପୋଲିସ କର୍ମଚାରୀ ଉପସ୍ଥିତ ରହୁଥିଲେ। ସହରରେ ବିନା କାରଣରେ ଯିବା ଆସିବା କରୁଥିବା ଗାଡ଼ିମୋଟର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ। ହେଲେ ଏବେ କଟକଣା କୋହଳ ହେବା ପରଠାରୁ ପୋଲିସ ଛକରେ ଛାଇରେ ବସି ରହୁଛି। ଗାଡ଼ିମୋଟର ଯାଞ୍ଚ କରାଯାଉ ନାହିଁ। ଏବେ ସନ୍ଧ୍ୟା ୭ରୁ ସକାଳ ୭ ପର୍ଯ୍ୟନ୍ତ କୌଣସି ଲୋକ ବାହାରକୁ ନ ବାହାରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ହେଲେ ଏଠାରେ ରାତି ୧୧ଟା ପର୍ଯ୍ୟନ୍ତ ଲୋକେ ବାହାରେ ବୁଲୁଛନ୍ତି। ତେବେ ଏ ସମ୍ପର୍କରେ ଝାରସୁଗୁଡା ଥାନା ଅଧିକାରୀ ସାବିତ୍ରୀ ବଳ କହିଛନ୍ତି ଯେ, ସବୁ ଛକରେ ପୋଲିସ ଯାଞ୍ଚ କରୁଛି। ଗୁରୁବାର ୬୫ଟି ଗାଡି ଜବତ କରାଯାଇଛି। ଶୁକ୍ରବାର ମଧ ପୋଲିସ ଯାଞ୍ଚ ପ୍ରକ୍ରିୟା ଚାଲୁ ରଖିଥିବା ସେ ସୂଚନା ଦେଇଛନ୍ତି।

# ଅସ୍ଥାୟୀ ଆଶ୍ରୟ ଗୃହରେ ପଶ୍ଚିମବଙ୍ଗ ଶ୍ରମିକଙ୍କ ମୃତ୍ୟୁ

**ସୋନପୁର/ବିନିକା,୯।୫ (ନି.ପ୍ର./ଡି.ଏନ୍.ଏ.)**

**ଲକ୍‌ଡାଉନ୍ ଯୋଗୁ ଏଠାରେ ରହୁଥିଲେ**

ଲକ୍‌ଡାଉନ୍‌ରେ ଫସି ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ସିଂଘିଯୁବା ୟୁପି ସ୍କୁଲ(ଅସ୍ଥାୟୀ ଆଶ୍ରୟ ସ୍ଥଳ)ରେ ରହୁଥିବା ପଶ୍ଚିମବଙ୍ଗର ଜଣେ ଶ୍ରମିକଙ୍କର ଶନିବାର ମୃତ୍ୟୁ ହୋଇଛି। ମୃତ ଶ୍ରମିକଙ୍କ ନାମ ବକୁଲ ସେଖ୍(୨୨)। ତାଙ୍କ ଘର ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲା ଲିମଟିଟା ଅଞ୍ଚଳରେ। ବକୁଲ ଅନ୍ୟ ୭ ସହଯୋଗୀଙ୍କ ସହ ବିନିକା ଅଞ୍ଚଳରେ ୫ମାସ ଧରି କୋଠାବାଡି ନିର୍ମାଣ କାମ କରୁଥିଲେ। କରୋନା ମହାମାରୀ ସଂକ୍ରମଣକୁ ପ୍ରତିରୋଧ କରିବାକୁ ଯାଇ ସରକାର ଲକ୍‌ଡାଉନ୍ ଘୋଷଣା କରିବା ପରେ ଏହି ଶ୍ରମିକମାନେ କର୍ମସଂସ୍ଥାନ ହରାଇ ଦୁର୍ଦ୍ଦିନରେ ଥିଲେ। ସ୍ଥାନୀୟ ପ୍ରଶାସନର ନଜରକୁ ଆସିବା ପରେ ମାର୍ଚ୍ଚ ୩୦ ତାରିଖଠାରୁ ବକୁଲଙ୍କ ସମେତ ଲିମ୍‌ଟିଟାର ରିଙ୍କୁ ସେଖ୍(୨୦), ଶହିଦ୍ ସେଖ୍(୧୯), ରୁବେଲ ସେଖ୍(୨୧), ଲାଲୁ ସେଖ୍(୨୧), ସମ୍ରାଟ୍ ସେଖ୍(୨୦), ବାବୁ ସେଖ୍(୨୧) ଓ ଆବୁ ସେଖ(୨୧)ଙ୍କୁ ଆଶ୍ରୟସ୍ଥଳରେ ରଖାଯାଇଥିଲା । ପ୍ରଶାସନ ପକ୍ଷରୁ ଶ୍ରମିକମାନଙ୍କୁ ୨ ଓଳି ରନ୍ଧାଖାଦ୍ୟ, ଜଳଖିଆ ଓ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଥିଲା। ଅନ୍ୟ ରାଜ୍ୟର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ରାଜ୍ୟକୁ ସୁବର୍ଣ୍ଣପୁର ଜିଲା ପ୍ରଶାସନ ପଠାଇ ଥିବା ବେଳେ ଅନୁମତି ନ ମିଳିବାରୁ ପଶ୍ଚିମବଙ୍ଗର ଶ୍ରମିକମାନେ ସେମାନଙ୍କ ଘରକୁ ଯାଇ ପାରି ନ ଥିଲେ। ତେବେ ଶନିବାର ପ୍ରାତଃ ସମୟରେ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ହେବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲିଟିଛି । ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଶ୍ରମିକଙ୍କର ହୃଦ୍‌ରୋଗ ଓ ମଧୁମେହ ରୋଗ ଥିବା ଏବଂ ସେ ଔଷଧ ଖାଉଥିବା ଜଣାପଡିଛି। ଆଶ୍ରୟସ୍ଥଳରେ ଶ୍ରମିକଙ୍କ ମୃତ୍ୟୁ ଖବର ପାଇବା ପରେ ସିଂଘିଯୁବା ପଞ୍ଚାୟତ ସରପଞ୍ଚ ମହାବୀର ବରିହା ଓ ନିର୍ବାହୀ ଅଧିକାରୀ ରୂପେଶ ଭୋଇ ଘଟଣା ସମ୍ପର୍କରେ ବିନିକା ପୋଲିସ, ବ୍ଲକ କର୍ତ୍ତୃପକ୍ଷ ଓ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଥିଲେ । ପରେ ଆଶ୍ରୟସ୍ଥଳକୁ ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ବିନିକା ବିଡିଓ ବିଶ୍ୱରଞ୍ଜନ ମଲ୍ଲିକ, ତହସିଲଦାର ଅଲେଖ ଘୁଟା ଓ ବିନିକା ଆଇଆଇସି କୁଶ ପାଣିଗ୍ରାହୀ ପ୍ରମୁଖ ଆସି ଅନୁଧ୍ୟାନ କରିଥିଲେ। ମେଡିକାଲ ଟିମ୍ ପକ୍ଷରୁ ମୃତ ବ୍ୟକ୍ତିଙ୍କର ସ୍ୱାବ୍ ସଂଗ୍ରହ ହୋଇଛି। ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଘଟଣାସ୍ଥଳରେ ପହଞ୍ଚି ପ୍ରବାସୀ ଶ୍ରମିକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ମଧାହ୍ନରେ ୧୦୮ ଆମ୍ବୁଲାନ୍ସ ଯୋଗେ ମୃତ ଶ୍ରମିକଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ବିନିକା ନିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ବକୁଲଙ୍କ ମୃତ୍ୟୁ ହୃଦ୍‌ଘାତଜନିତ କିମ୍ବା ଅନ୍ୟ କୌଣସି କାରଣରୁ ହୋଇଛି ତାହା ସ୍ପଷ୍ଟ ହେବ । ଅନ୍ୟପକ୍ଷେ ମୃତ ଶ୍ରମିକ ଓ ତାଙ୍କ ସାଥୀମାନଙ୍କୁ ନିଜ ଗାଁକୁ ପଠାଇବା ପାଇଁ ପ୍ରଶାସନ ବ୍ୟବସ୍ଥା କରିବ ବୋଲି ସୂଚନା ମିଳିଛି ।

# ଅସ୍ଥାୟୀ ରାଶନ କାର୍ଡ ଦେଇ ଚାଉଳ ଦିଅ: ନରସିଂହ

**ବଲାଙ୍ଗୀର ଅଫିସ, ୯।୫**

କରୋନା ମହାମାରୀ ଭୟଙ୍କର ଖାଦ୍ୟ ସଙ୍କଟ ସୂଚନା ଦେଲାଣି । ଖାଦ୍ୟ ସୁରକ୍ଷା ଯୋଜନା ବାହାରେ ବହୁ ଗରିବ ଲୋକ ରହିଛନ୍ତି । ସେମାନଙ୍କ ପାଇଁ ଚାଉଳ ଯୋଗାଡ କଷ୍ଟକର ବ୍ୟାପାର। ଦୀର୍ଘ ଦେଢ଼ ମାସ ହେଲାଣି ଲୋକେ ଲକ୍‌ଡାଉନ୍‌ରେ ରହିଛନ୍ତି । ଏହି ସମୟ ମଧ୍ୟରେ ଗରିବ ଓ ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକେ ଜୀବିକା ହରାଇ ଅର୍ଥନୈତିକ ସଙ୍କଟରେ ରହିଛନ୍ତି । ବିଶେଷକରି ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଲୋକଙ୍କ ଅବସ୍ଥା ଶୋଚନୀୟ ହେବାକୁ ବସିଲାଣି । ଏଭଳି ସମୟରେ ରାଜ୍ୟ ସରକାର ତୁରନ୍ତ ଖାଦ୍ୟ ସୁରକ୍ଷା ଓ ସାମାଜିକ ସୁରକ୍ଷା ଯୋଜନାରୁ ବାଦ୍ ପଡିଥିବା ଗରିବ ଶ୍ରେଣୀର ଲୋକଙ୍କୁ ଅସ୍ଥାୟୀ ରାଶନ୍ କାର୍ଡ ଜରିଆରେ ଚାଉଳ ବଣ୍ଟନ ବ୍ୟବସ୍ଥା କରନ୍ତୁ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିବା ସୂଚନା ଦେଇଛନ୍ତି । ସେ ଆହୁରି କହିଛନ୍ତି ଯେ, ସାମ୍ପ୍ରତିକ କରୋନା ମହାମାରୀ ପରିସ୍ଥିତିରେ ଅନ୍ତତଃ ପକ୍ଷେ ୩ ମାସ ପାଇଁ ଅସ୍ଥାୟୀ ରାଶନ କାର୍ଡ ଜରିଆରେ ଗରିବ ଲୋକଙ୍କୁ ସରକାର ଆବଶ୍ୟକ ଚାଉଳ ବଣ୍ଟନ କରନ୍ତୁ । ଯେଉଁ ଗରିବ ଶ୍ରେଣୀର ଲୋକେ ଚାଉଳ ଦାବି କରୁଛନ୍ତି ସେ ସମସ୍ତଙ୍କୁ ଏହା ଯୋଗାଇ ଦିଆଯାଉ। ଏହି ଅସ୍ଥାୟୀ କାର୍ଡକୁ ଆଗାମୀ ୩ ମାସ ପାଇଁ କିମ୍ବା କରୋନା ମୁକାବିଲା ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ କରାଯାଉ । ଏହାପରେ ସରକାର ଉକ୍ତ ଅସ୍ଥାୟୀ କାର୍ଡକୁ ଅକାମୀ କରିଦେଇ ପାରିବେ । ଏହାହେଲେ କରୋନା ମହାମାରୀ ସମୟର ଖାଦ୍ୟ ସଙ୍କଟରୁ ଗରିବ ଶ୍ରେଣୀର ଲୋକଙ୍କୁ ମୁକୁଳା ଯାଇପାରିବ ବୋଲି ସେ ପ୍ରସ୍ତାବ ଦେଇଛନ୍ତି । ଯେଉଁମାନେ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ପାଉଛନ୍ତି ସେମାନେ ଯେଭଳି ଏହି ଅସ୍ଥାୟୀ କାର୍ଡ ଜରିଆରେ ଚାଉଳ ନେବେ ନାହିଁ ସେ ଦିଗକୁ ସୁନିଶ୍ଚିତ କରାଗଲେ ପ୍ରକୃତ ଗରିବ ଏହାଦ୍ୱାରା ଉପକୃତ ହେବେ ବୋଲି ସେ କହିଛନ୍ତି । ଅନ୍ୟପଟେ ସେ କହିଛନ୍ତି ଯେ, ସରକାର ତୁରନ୍ତ ପେଟ୍ରୋଲ ଓ ଡିଜେଲ ଦାମ୍ କମ କରନ୍ତୁ । ଆନ୍ତର୍ଜାତିକ କ୍ଷେତ୍ରରେ ତୈଳ ଦର ଢ଼େର କମିଯାଇଛି । ଏଭଳି ସମୟରେ ମାତ୍ରାଧିକ ଟିକସ ପକାଇ ସାଧାରଣ ଜନତାଙ୍କୁ ଶୋଷଣ କରିବା ଠିକ୍ ନୁହେଁ । ଚାଷୀ ଓ ଗରିବ ଶ୍ରେଣୀର ଲୋକେ ମଧ ଡିଜେଲ, ପେଟ୍ରୋଲ ବ୍ୟବହାର କରୁଛନ୍ତି । ଏଣୁ ଏଭଳି ସମୟରେ ସରକାର ତୁରନ୍ତ ତୈଳଦର କମାନ୍ତୁ ବୋଲି ସେ ଦାବି କରିଛନ୍ତି।

# ବିଲାସପୁର ଫେରନ୍ତାଙ୍କୁ ପୁରୀ ପଠାଗଲା

**ମନମୁଣ୍ଡା,୯।୫(ଡି.ଏନ.ଏ.)**

ଛତିଶଗଡ ରାଜ୍ୟର ବିଲାସପୁରରୁ ପୁରୀର ସାକ୍ଷୀଗୋପାଳକୁ ସାଇକେଲ ଯୋଗେ ଫେରୁଥିବା ୯ଜଣ ପ୍ରବାସୀ ଓଡିଆ ଶ୍ରମିକଙ୍କୁ ବୌଦ୍ଧ ଜିଲା ପ୍ରଶାସନ ଖାଇବା ପିଇବାକୁ ଦେଇ ଶନିବାର ଅପରାହ୍ନ ୪ ଟାରେ ଗାଡି ଯୋଗେ ସେମାନଙ୍କ ଘରକୁ ପଠାଇ ଦେଇଛି । ପ୍ରକାଶ ଯେ, ଶୁକ୍ରବାର ସନ୍ଧ୍ୟାରେ ପୁରୀ ଜିଲା ବ୍ରହ୍ମଗିରି ଥାନା ଅଧୀନ ଭାତିପଡାର ଗୋପୀନାଥ ବରାଳ, ବସନ୍ତମାଳର ଅଜୟ କୁମାର ପ୍ରଧାନ, ମାନପୁରର ଅନୀଲ କୁମାର ସ୍ୱାଇଁ, ଆଲାଗମର ଗଣେଶ ପ୍ରଧାନ, ପଲ୍ଲିସେମିଳିର ଅକ୍ଷୟ କୁମାର ବେହେରା, ସାକ୍ଷୀଗୋପାଳ ଥାନା ଆଲାଗମର ମୁନ୍ନା ବରାଳ, ମିଥୁନ ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ବିମ୍ବାଧର ପ୍ରଧାନ ସାଇକେଲ ଯୋଗେ ବିଲାସପୁରରୁ ଘରକୁ ଫେରୁଥିଲେ । ତେବେ କରୋନା ପାଇଁ ମନମୁଣ୍ଡା ଚେକ୍‌ପୋଷ୍ଟରେ ଏହି ଶ୍ରମିକମାନଙ୍କୁ ଅଟକା ଯାଇଥିଲା। ସେମାନେ ଲକ୍ ଡାଉନ ଯୋଗୁ ସେଠାରେ ଫସି ରହିଥିଲେ । ରହିବା, ଖାଇବା ଅସୁବିଧା ସହ ଆର୍ଥିକ ଅଭାବ ଲାଗି ରହିଥିଲା । ଏପଟେ ଆସିବା ପାଇଁ ଗାଡି ମୋଟରର ସୁବିଧା ନ ହେବାରୁ ବାଧ ହୋଇ ସାଇକେଲରେ ଫେରୁଥିବା ସେମାନେ ଅତିରିକ୍ତ ତହସିଲଦାର ସୁଶୀଲ କୁମାର କୁଅଁରଙ୍କ ଆଗରେ କହିଥିଲେ। ପ୍ରବାସୀ ଓଡିଆ ଫେରନ୍ତାଙ୍କ ତଥ୍ୟ ସଂଗ୍ରହ ସହ ସେମାନଙ୍କୁ ଘରକୁ ପଠାଇବା ବ୍ୟବସ୍ଥା କରିବା ପାଇଁ ଅତିରିକ୍ତ ତହସିଲଦାର କୁଅଁରଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ସେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କୁ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ କୁଅଁର ଉକ୍ତ ୯ଜଣ ଶ୍ରମିକଙ୍କୁ ମନମୁଣ୍ଡା ଟିଏମସି (ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର) ରେ ଆଣି ରଖିଥିଲେ। ମନମୁଣ୍ଡା ସରପଞ୍ଚ ମିନାକ୍ଷୀ ସାହୁ, ପିଇଓ ବସନ୍ତ କର୍ଣ୍ଣ, ନୋଡାଲ ଅଫିସର ସ୍ମୃତିରଞ୍ଜନ ସେଠୀ, ସୟଦ ଅମଜାଦ୍ ଅଲ୍ଲୀ ପ୍ରମୁଖ ସେମାନଙ୍କୁ ଖାଦ୍ୟ ଦେବାର ବ୍ୟବସ୍ଥା କରିଥିଲେ। ଶନିବାର ଅତିରିକ୍ତ ତହସିଲଦାର କୁଅଁର ଏକ ସ୍ୱତନ୍ତ୍ର ଗାଡି ଯୋଗେ ଏହି ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦେଇଥିବା ଜଣାଯାଇଛି।

# ଦେଓଗାଁ ବ୍ଲକ: ଫେରିବେ ୪ହଜାର ପ୍ରବାସୀ

**ଦେଓଗାଁ,୯।୫(ଡି.ଏନ.ଏ.)**

- ପ୍ରଶାସନ ପ୍ରସ୍ତୁତ କରିଛି ମାତ୍ର ୧୩ଶହ ଶଯ୍ୟା
- ପର୍ଯ୍ୟାୟକ୍ରମେ ଆସିବାକୁ ଥିବାରୁ ସମସ୍ୟା ନାହିଁ: ବିଡିଓ
- ପ୍ରଶାସନକୁ ଭେଟିଲା ବଣିକ ସଂଘ

ବଲାଙ୍ଗୀର ଜିଲା ଦେଓଗାଁ ଓ ଗୁଡଭେଲା ବ୍ଲକ ସୀମାନ୍ତ ଲିଖିରିଆ ଗାଁରୁ ୨ ତାମିଲନାଡୁ ଫେରନ୍ତା ଯୁବକ କରୋନା ପଜିଟିଭ ଚିହ୍ନଟ ପରେ ଏହି ଅଞ୍ଚଳ ମେ ୧ତାରିଖରୁ କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ରହିଛି। ଏହାକୁ ନେଇ ଦେଓଗାଁ ବ୍ଲକବାସୀ ଚିନ୍ତାରେ ଥିବା ବେଳେ ପ୍ରବାସୀ ଶ୍ରମିକଙ୍କ ଆଗମନ ସେମାନଙ୍କୁ ବିବ୍ରତ କରିଛି। ବ୍ଲକକୁ ଏବେ ପାଖାପାଖି ୪ ହଜାର ପ୍ରବାସୀ ଶ୍ରମିକ ଆସିବାର ଅଛି । ହେଲେ ଏତେ ସଂଖ୍ୟକ ଲୋକଙ୍କୁ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରି ନ ଥିବା କୁହାଯାଉଛି।

ମିଳିଥିବା ସୂଚନାନୁସାରେ ଦେଓଗାଁ ବ୍ଲକ ଅନ୍ତର୍ଗତ ୨୬ ପଞ୍ଚାୟତର ୩୮୨୬ଜଣ ପ୍ରବାସୀ ମୋବାଇଲ ଆପ ମାଧ୍ୟମରେ ଏଠାକୁ ଫେରିବା ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ରହିବା ପାଇଁ ପ୍ରତି ପଞ୍ଚାୟତରେ କରାଯାଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଏ ପର୍ଯ୍ୟନ୍ତ ମାତ୍ର ୧୩ଶହ ଶଯ୍ୟାର ବ୍ୟବସ୍ଥା ହୋଇଛି । ଆଉ ୭ ଶହ ପ୍ରବାସୀଙ୍କ ପାଇଁ ତଳେ ମସିଣା ପକାଇ ବ୍ୟବସ୍ଥା କରାଯାଇଥିବା ବ୍ଲକ ସୂତ୍ରରୁ ସୂଚନା ମିଳିଛି । ଯଦି ଏଥିରୁ ଅଧିକ ସଂଖ୍ୟକ ଆସିଲେ ଦେଓଗାଁ ବାଳିକା ଆବାସିକ ଉଚ୍ଚବିଦ୍ୟାଳୟ ସ୍ଥିତ ହଷ୍ଟେଲ, ସାଗରପାଲି କେଜିବିଭି, ନୋଡାଲ ସ୍କୁଲ, ଜରାସିଂହା ହାଇସ୍କୁଲ ଓ ରାମଚନ୍ଦ୍ରପୁର କନ୍ୟାଶ୍ରମରେ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ମିଳିଛି । ତେବେ ଏହି ପ୍ରବାସୀ ଶ୍ରମିକମାନେ ୨/୩ଟି ପର୍ଯ୍ୟାୟକ୍ରମେ ଆସିବାକୁ ଥିବାରୁ ସେମିତି ବିଶେଷ ଅସୁବିଧା ହେବନାହିଁ ବୋଲି ବିଡିଓ ନବିନ କୁମାର ପାଢ଼ୀ ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷେ ଦେଓଗାଁ ଓ ସାଲେପାଲି ପଞ୍ଚାୟତରେ ଲାଗିଥିବା ସଟ୍‌ଡାଉନ ଶନିବାର ନବମ ଦିନରେ ପହଞ୍ଚିଥିବାରୁ ପଞ୍ଚାୟତବାସୀ ଚିନ୍ତିତ ରହିଛନ୍ତି । ଉଭୟ ପଞ୍ଚାୟତରୁ ପ୍ରଥମେ ସଂଗ୍ରହ ହୋଇଥିବା ସ୍ୱାବ୍ ନେଗେଟିଭ ଆସିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୩୬ ଓ ତୃତୀୟରେ ୭୬ ସ୍ୱାବ୍ ନମୁନା ରିପୋର୍ଟ ଆସିବାରେ ବିଳମ୍ବ ହେବାରୁ ସାଧାରଣରେ ଚିନ୍ତାର ବିଷୟ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଏ ନେଇ ଦେଓଗାଁ ବଣିକ ସଂଘ ସ୍ଥାନୀୟ ବ୍ଲକ ଓ ପୋଲିସ ପ୍ରଶାସନକୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ବ୍ଲକକୁ ପ୍ରବାସୀ ଶ୍ରମିକମାନେ ଫେରିବା ପରେ ସେମାନେ ଯେପରି କ୍ୱାରାଣ୍ଟାଇନ୍ କେନ୍ଦ୍ରରୁ ବାହାରକୁ ନ ଆସିବେ ସେ ଦିଗରେ ଯତ୍ନବାନ ହେବା ପାଇଁ ଦାବି କରାଯାଇଥିଲା। ଏଥିସହ ଗାଁରେ ୯ ଦିନ ହେଲା ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ମଧ ବନ୍ଦ ରହିଥିବାରୁ ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ସଂଘ ଅଭିଯୋଗ କରିଥିଲା। ସମସ୍ୟାକୁ ନଜରରେ ରଖି ପ୍ରଶାସନର ନିର୍ଦ୍ଦେଶ କ୍ରମେ ଶନିବାର ୨ଟି ରାଶନ ସାମଗ୍ରୀ, ୨ଟି ପରିବା ଓ ଗୋଟିଏ ଦୁଗ୍ଧ, ଦହି, ମିକ୍ସଚର ସାମଗ୍ରୀ ମୋବାଇଲ ଭ୍ୟାନକୁ ଅନୁମତି ଦେବାରୁ କିଛିଟା ଆଶ୍ୱସ୍ତି ମିଳିଛି ।




ବିଭିନ୍ନ ସମସ୍ୟା ନେଇ ଦେଓଗାଁ ବଣିକ ସଂଘର କର୍ମକର୍ତ୍ତା ପୋଲିସ ପ୍ରଶାସନ ସହ ଆଲୋଚନା କରୁଛନ୍ତି ।

## ସଂକ୍ଷେପରେ



### କ୍ୱାରାଣ୍ଟାଇନରେ ରହିଲେ ପ୍ରବାସୀ ଶ୍ରମିକ

ବଡଗାଁ, ୯।୫ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ସମେତ ଜିଲା ତଥା ରାଜ୍ୟର ବିଭିନ୍ନ ଅଞ୍ଚଳର ୧୧ଜଣ କୁଶଳୀ ଶ୍ରମିକ ଶନିବାର ଦାଣ୍ଡଜମରା ଗ୍ରାମକୁ ଫେରିବା ପରେ ସେମାନଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଇଛି। ଏହି ଶ୍ରମିକମାନେ ବୋକାରୋର ଏକ ଫେବ୍ରିକେଶନ ସପ୍‌ରେ କାମ କରୁଥିଲେ। ସେଠାରୁ ବୋଲେରୋ ଓ ସ୍କର୍ପିଓରେ ୫୦ ହଜାର ଟଙ୍କା ଭଡା ଦେଇ ଓଡିଶା ସୀମାରେ ପହଞ୍ଚିଥିଲେ । ଏ ସମ୍ପର୍କରେ ସୂଚନା ପାଇ ସ୍ଥାନୀୟ ଅଙ୍ଗନୱାଡି କର୍ମୀ ମାଦିଲତା କୁଲୁ ଫୋନରେ ସେମାନଙ୍କୁ ସଙ୍ଗରୋଧ କେନ୍ଦ୍ରକୁ ଆସିବାକୁ ପରାମର୍ଶ ଦେଇଥିଲେ । ଏହାପରେ ସିଏଚସି ଷ୍ଟାଫଙ୍କୁ ଜଣାଇ ଆଶାକର୍ମୀ ଜ୍ୟୋତି କୁମାରୀ ଟେଟେ, ପ୍ରତିମା ସୋରେଙ୍ଗ ଓ ଅଙ୍ଗନୱାଡି କର୍ମୀ ସିଲେଷ୍ଟିନା ସୋରେଙ୍ଗଙ୍କ ଉପସ୍ଥିତିରେ ସେମାନଙ୍କୁ ଦାଣ୍ଡଜମରା କେନ୍ଦ୍ରରେ ରଖାଯାଇଛି । ଦାଣ୍ଡଜମରାର ୩, ଉଦାରମାର ଜଣେ, ବଣେଇର ଜଣେ, ଜଗତସିଂପୁରର ଜଣେ, ଗୁସୁମଡେଗୀ ଗ୍ରାମର ୨ଜଣ, ମଝାପଡାର ଜଣେ ଓ କୁଟୁନିଆର ୨ଜଣ ଏହିପରି ମୋଟ ୧୧ ଜଣଙ୍କ ଡାକ୍ତରୀ ପରୀକ୍ଷା କରି କ୍ୱାରାଣ୍ଟାଇନରେ ରଖାଯାଇଛି ।

# ଅନ୍‌ଲାଇନ୍ ଶିକ୍ଷାକୁ ଗୁରୁତ୍ୱ

କରୋନା ପାଇଁ ଲକ୍‌ଡାଉନ କଟକଣା କିଛି ମାତ୍ରାରେ କୋହଳ ହୋଇଛି । ମାତ୍ର ଶିକ୍ଷାନୁଷ୍ଠାନ ଗୁଡିକ ବନ୍ଦ ରହିଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢାରେ ବାଧା ଉପୁଜିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଅନ୍‌ଲାଇନରେ ପିଲାମାନଙ୍କୁ ପାଠ ପଢାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ବରଗଡ଼ ଜିଲା ଭଟଲି ବ୍ଲକରେ ହ୍ୱାଟ୍ସଆପ୍ ଗ୍ରୁପ୍ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରାଯାଉଛି। ଏହାସହିତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଘର ଘର ବୁଲି ଛାତ୍ରୀଛାତ୍ରଙ୍କ ଖାତା ଗୁଡ଼ିକ ସଂଶୋଧନ ମଧ୍ୟ କରୁଥିବା ଦେଖିବାକୁ ମିଳିଛି ।



ଶିକ୍ଷକମାନେ ଘର ଘର ବୁଲି ଶିକ୍ଷାଦାନ କରୁଛନ୍ତି ।

### ସବୁ ସ୍କୁଲରେ ଅନ୍‌ଲାଇନ ଶିକ୍ଷାଦାନ



ବର୍ତ୍ତମାନ କୋଭିଡ୍-୧୯ ପାଇଁ ବିଦ୍ୟାଳୟ ଗୁଡ଼ିକ ମାସ ମାସ ଧରି ବନ୍ଦ ରହିଛି । ଫଳରେ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହୋଇଥିଲା । ସରକାରୀ ନିର୍ଦ୍ଦେଶନାମା ପାଇବା ପୂର୍ବରୁ ମଧ୍ୟ ଆମ ବ୍ଲକର କେତେକ ଶିକ୍ଷୟିତ୍ରୀ ଶିକ୍ଷକ ହ୍ୱାଟ୍ସଆପ୍ ଗ୍ରୁପ୍ ଗଠନ କରି ଛାତ୍ରୀଛାତ୍ରଙ୍କୁ ଅନ୍‌ଲାଇନ୍ ଶିକ୍ଷାଦାନ ଆରମ୍ଭ କରିଥିଲେ । ଏବେ କିନ୍ତୁ ସମସ୍ତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି ।

**-ଛତ୍ରପତି ସାହୁ, ବିଇଓ, ଭଟଲି**

### ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଚିନ୍ତିତ



ବିଦ୍ୟାଳୟ ବନ୍ଦ ହେବା ପରଠାରୁ ଆମେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପାଇଁ ଚିନ୍ତିତ ଥିଲୁ। ଲକ୍‌ଡାଉନ୍ ଅବଧି ମଧ୍ୟ ବଢ଼ିବାରୁ ବିଦ୍ୟାଳୟ ଖୋଲିବାର ଆଶା ମଉଳି ଗଲା। ସେଥିପାଇଁ ଆମେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଧାରାକୁ ଅବ୍ୟାହତ ରଖିବା ପାଇଁ ଅନ୍‌ଲାଇନ ଶିକ୍ଷାଦାନ ଆରମ୍ଭ କଲୁ । ଏହାସହିତ ମଝିରେ ମଝିରେ ଘର ଘର ମଧ୍ୟ ବୁଲି ଛାତ୍ରୀଛାତ୍ରଙ୍କୁ ଯୋଗାଯୋଗ କରୁଛୁ ।

**-ଉପେନ୍ଦ୍ର ଖମାରୀ, ଶିକ୍ଷକ, ତେଜାଗୋଲା ଉ.ପ୍ରା ବିଦ୍ୟାଳୟ**

### ସମସ୍ୟାର ସମାଧାନ ହୋଇପାରୁଛି



ମୁଁ ଚଳିତ ଶିକ୍ଷାବର୍ଷରେ ଦଶମ ଶ୍ରେଣୀରେ ପଢ଼ିବି । ଲକ୍‌ଡାଉନ୍ ଅବଧି ବୃଦ୍ଧି ଯୋଗୁ ସ୍କୁଲ ପାଠପଢ଼ା ବ୍ୟାହତ ହେଲା । ତେଣୁ ମୁଁ ବହୁତ ଚିନ୍ତିତ ଥିଲି । ଘରେ ରହି ପାଠ ପଢ଼ିବା ଆରମ୍ଭ କରିବା ସହିତ କୌଣସି ପ୍ରକାର ଅସୁବିଧା ହେଲେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଯୋଗାଯୋଗ କରୁଥିଲି । ମାତ୍ର ସରକାରଙ୍କ ଅନ୍‌ଲାଇନ୍ ଶିକ୍ଷାଦାନ ବ୍ୟବସ୍ଥା ମୋତେ ବହୁତ ଖୁସି ଦେଇଛି । ଏହି ବ୍ୟବସ୍ଥା ଯୋଗୁ ସଙ୍ଗେ ସଙ୍ଗେ ସମସ୍ତ ପ୍ରକାର ସମସ୍ୟାର ସମାଧାନ ହୋଇପାରୁଛି । **-ପ୍ରାଚୀ ବାରିକ, ଛାତ୍ରୀ, ସତିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ**

**(ରିପୋର୍ଟ: ସଞ୍ଜୀବ ଷଡ଼ଙ୍ଗୀ, ଭଟଲି, ବରଗଡ଼)**

# ମାଓବାଦୀ-ପୋଲିସ ଗୁଳି ବିନିମୟ

**ପାଟଦର୍ହା ଜଙ୍ଗଲ**
- ମାଓବାଦୀଙ୍କ ଛତ୍ରଭଙ୍ଗ
- କ୍ୟାମ୍ପରୁ ରାଇଫଲ, ଭୁଜାଲି ସମେତ ବହୁ ସାମଗ୍ରୀ ଜବତ

ନୂଆପଡା ଅଫିସ,୯।୫

ନୂଆପଡା ଜିଲା ବୋଡେନ ଥାନା ପାଟଦର୍ହା ଜଙ୍ଗଲରେ ଶୁକ୍ରବାର ମାଓବାଦୀ ଓ ପୋଲିସ ଏସ୍‌ଓଜି ମଧ୍ୟରେ ଗୁଳି ବିନିମୟ ହୋଇଛି । ମାଓବାଦୀମାନେ ଛତ୍ରଭଙ୍ଗ ଦେଇଛନ୍ତି। ପୋଲିସ ସେହି ଜଙ୍ଗଲରୁ ଏକ କ୍ୟାମ୍ପ ଠାବ କରି ସେଠାରୁ ମାଓବାଦୀଙ୍କ ବହୁ ସାମଗ୍ରୀ ଜବତ କରିଛି। ନୂଆପଡା ଏସ୍‌ପି ବିନୀତ କୁମାର ଅଗ୍ରୱାଲ ଶନିବାର ସ୍ଥାନୀୟ ଜିଲା ରିଜର୍ଭ ପୋଲିସ ପଡିଆରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ମାଓବାଦୀମାନେ ପାଟଦର୍ହା ଜଙ୍ଗଲରେ କ୍ୟାମ୍ପ କରିଥିବା ପୋଲିସକୁ କୌଣସି ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନାକୁ ଆଧାର କରି ଶୁକ୍ରବାର ପୋଲିସ ପାଟଦର୍ହା ସଂରକ୍ଷିତ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ଏହି ସର୍ଚ୍ଚ ଅପରେଶନ ଚାଲିଥିବା ବେଳେ ମାଓବାଦୀଙ୍କ ତରଫରୁ ପ୍ରଥମେ ପୋଲିସକୁ ଲକ୍ଷ୍ୟ କରି ଗୁଳିମାଡ଼ କରାଯାଇଥିଲା। ଏହାର ଜବାବରେ ପୋଲିସ ତରଫରୁ ଗୁଳିଚାଳନା କରାଯାଇଥିଲା। କିଛି ସମୟ ଗୁଳି ବିନିମୟ ପରେ ମାଓବାଦୀମାନେ କ୍ୟାମ୍ପ ଛାଡି ଛତ୍ରଭଙ୍ଗ ଦେଇଥିଲେ । ପୋଲିସ ଟିମ୍ ସେଠାରୁ ମାଓବାଦୀଙ୍କ ପୁସ୍ତିକା, ରାଇଫଲ, ଭୁଜାଲି, ବୈଦ୍ୟୁତିକ ଉପକରଣ, ପ୍ଲାଷ୍ଟିକ ଉପକରଣ ସହ ବହୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ କରିଛି। ଉପରୋକ୍ତ କ୍ୟାମ୍ପରେ ୬ରୁ ୭ଜଣ ମହିଳା ଓ ପୁରୁଷ ମାଓବାଦୀ ରହୁଥିବା ପୋଲିସ ଅନୁମାନ କରୁଛି । ସଂପୃକ୍ତ ଅଞ୍ଚଳରେ ଏସ୍‌ଓଜି ଯବାନମାନେ ସର୍ଚ୍ଚ ଅପରେଶନ ଜାରି ରଖିଥିବା ଏସ୍‌ପି କହିଛନ୍ତି।

ସୂଚନାଯୋଗ୍ୟ, ପାଟଦର୍ହା ଜଙ୍ଗଲରେ ମାଓବାଦୀମାନେ ନିଜର ଉପସ୍ଥିତି ଜାହିର କରି ଆସୁଥିଲେ । ହେଲେ ପୋଲିସ ସେଥିପ୍ରତି ନଜର ରଖିଥିଲା । ଶେଷରେ ଶୁକ୍ରବାର ପୋଲିସ ସର୍ଚ୍ଚ ଅପରେଶନ ଆରମ୍ଭ କରି ସଫଳତା ପାଇଥିଲା।



ଖବରଦାତା ସମ୍ମିଳନୀରେ ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ସୂଚନା ଦେଉଛନ୍ତି।

# କିରୋସିନ ଠକେଇ ଉଦ୍ୟମ ଧରାପଡିଲା

ବଡଗାଁ, ୯।୫ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ବଡଗାଁ, ଏକମା, ଜରଙ୍ଗଲୋଇ ଓ ତୁଡାଲଗା ଗ୍ରାମରେ ହିତାଧିକାରୀଙ୍କଠାରୁ କିରୋସିନ ଲିଟର ପିଛା ୧୦ରୁ ୨୦ ଟଙ୍କା ଅଧିକ ନିଆଯାଉଥିବା ଅଭିଯୋଗ ହୋଇଛି। ସେହିପରି ଶନିବାର ସାହାଜବାହାଲ ପଞ୍ଚାୟତରେ ହିତାଧିକାରୀଙ୍କୁ ୩ ଲିଟର କିରୋସିନ ଦେଇ ତାଙ୍କ ଖାତାରେ ୬ ଲିଟର ଲେଖାଯିବା ଘଟଣା ଜଣାପଡିବା ପରେ ଗ୍ରାମର ଯୁବକମାନେ ପଞ୍ଚାୟତ ଅଫିସ୍‌କୁ ଯାଇ ପାଟିତୁଣ୍ଡ କରିଥିଲେ। ରାସନ କାର୍ଡରେ ୬ ଲିଟର ଲେଖି ୩ ଲିଟର କିରୋସିନ ଦେଇଥିଲେ ବୋଲି ଲିଟାପଡାର ଗୁପନ ସୋରେଙ୍ଗ, ରାଣୀବୁଡା ଗ୍ରାମର ତରଣୀ ନାଏକ ଅଭିଯୋଗ କରିଥିଲେ। ଏ ନେଇ ସରପଞ୍ଚ ବିକ୍ରମ ଟପ୍ପୋଙ୍କୁ ପଚାରିବାରୁ ଲୋକ ବହୁତ ହୋଇଗଲେ, ଭୁଲ୍‌ରେ ୬ ଲିଟର ଲେଖି ଦିଆଯାଇଛି । ତେଲ ଆସିଲେ ସେମାନଙ୍କୁ ଦିଆଯିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଯୋଗାଣ ସହାୟକ ଦୀପକ ମାଝୀଙ୍କୁ ପଚାରିବାରେ ଷ୍ଟକ କେତେ ଅଛି ଜାଣି ନ ପାରିବାରୁ ଏପରି ହୋଇଛି ବୋଲି କହିଥିଲେ ।

# ତାରପୋଲିନ ତଳେ ବିତୁଛି ଜୀବନ

ଜହ୍ନାପଙ୍କ, ୯।୫ (ଡି.ଏନ.ଏ)

ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ ରାମପୁର ଗାଁର ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପରିବାର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାରୁ ବାଦ୍ ପଡିଥିବା ଅଭିଯୋଗ ହୋଇଛି। ସେମାନେ ରାମପୁର ଗାଁର ବାସିନ୍ଦା ହୋଇଥିଲେ ମଧ୍ୟ ଘରଡିହ ନ ଥିବାରୁ ରାସନ କାର୍ଡ, ଆଧାରକାର୍ଡ, ଆବାସ ଯୋଜନା ଏପରିକି ଅସହାୟ ଓ

**ସରକାରୀ ସହାୟତାକୁ ଅପେକ୍ଷା**

ନିରାଶ୍ରୟଙ୍କୁ ମିଳୁଥିବା ଅନ୍ନପୂର୍ଣ୍ଣା ଚାଉଳ ମଧ୍ୟ ମିଳୁନାହିଁ । ଫଳରେ ଦୈନିକ ଭିକ୍ଷାବୃତ୍ତି କରି ଚଳୁଥିବା ପୂର୍ଣ୍ଣଚନ୍ଦ୍ରଙ୍କ ପକ୍ଷରେ ୩ ପ୍ରାଣୀ କୁଟୁମ୍ବ ପୋଷିବା କଷ୍ଟକର ହୋଇପଡୁଛି । ଜମିବାଡି ନ ଥିବାରୁ ସରକାରୀ ଜାଗାରେ ତାରପୋଲିନ ଜରି ଖଣ୍ଡେ ଟାଣି ରହୁଥିବା ବେଳେ ଝଡବାତ୍ୟା ଆସିଲେ ଭୟଭୀତ ହୋଇପଡନ୍ତି। ସରକାରୀ ସହାୟତା ପାଇଁ ସେ ବିଗତ ଦିନରେ ସରପଞ୍ଚଙ୍କଠୁ ଆରମ୍ଭ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ କୌଣସି ସୁଫଳ ପାଇପାରି ନ ଥିବା ସେ କହିଛନ୍ତି । ୨୦୧୯ରେ ଝଡବାତ୍ୟାରେ ତାରପୋଲିନ ଚିରି ଯିବାରୁ ସ୍ଥାନୀୟ ଆରଆଇଙ୍କୁ ତାରପୋଲିନ ପାଇଁ କହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ମିଳି ନ ଥିବା କୋହଭରା କଣ୍ଠରେ କହିଛନ୍ତି ପୂର୍ଣ୍ଣଚନ୍ଦ୍ର। ଏ ନେଇ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।



ତାରପୋଲିନ ତଳେ ପୂର୍ଣ୍ଣଚନ୍ଦ୍ରଙ୍କ ପରିବାର।

## ସଙ୍ଗରୋଧ କେନ୍ଦ୍ରକୁ ଗଲେ ୨୧ ତୀର୍ଥଯାତ୍ରୀ

ଟିଟିଲାଗଡ଼, ୯।୫ (ଡି.ଏନ.ଏ)

ତୀର୍ଥ କରିବାକୁ ଉତ୍ତରପ୍ରଦେଶ ଯାଇଥିବା ବଲାଙ୍ଗୀର ଜିଲା ଟିଟିଲାଗଡ ଅଞ୍ଚଳର ୨୧ଜଣ ମହିଳା ପୁରୁଷ ମହିଳା ଦୁଇ ମାସ ପରେ ଶୁକ୍ରବାର ରାତିରେ ଫେରିବା ପରେ ସଙ୍ଗରୋଧ କେନ୍ଦ୍ରକୁ ଯାଇଛନ୍ତି। ଏନେଇ ଟିଟିଲାଗଡ ଉପଜିଲାପାଳ ସୁଧାକର ନାୟକଙ୍କ ନେତୃତ୍ୱରେ ପୂର୍ବରୁ ସଜାଗ ଅତିରିକ୍ତ ତହସିଲଦାର କର୍ଣ୍ଣ ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ ନରେନ୍ଦ୍ର ପ୍ରଧାନ ତୀର୍ଥଯାତ୍ରୀଙ୍କୁ ମାତୃ ଓ ଶିଶୁ ଡାକ୍ତରଖାନାସ୍ଥିତ ସଙ୍ଗରୋଧ କେନ୍ଦ୍ରକୁ ନେଇ ଛାଡିଥିଲେ। ସୂଚନାଯୋଗ୍ୟ, ଟିଟିଲାଗଡ, ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲାର ୨୪ଜଣ ଉତ୍ତରପ୍ରଦେଶକୁ ତୀର୍ଥ ଉଦ୍ଦେଶ୍ୟରେ ଯାଇଥିଲେ। ତେବେ ଲକଡାଉନ ଯୋଗୁ ଫେରି ନପାରି ସେମାନେ ଅଯୋଧ୍ୟା ନିକଟରେ ଏକ ଆଶ୍ରମରେ ଆଶ୍ରୟ ନେଇଥିଲେ। କରୋନା ଗାଇଡଲାଇନ ଅନୁଯାୟୀ ସଙ୍ଗରୋଧ କେନ୍ଦ୍ରରୁ ଫେରି ଅଧିକ ୭ ଦିନ ପର୍ଯ୍ୟନ୍ତ ସେମାନେ ନିଜ ଘରେ ସଙ୍ଗରୋଧରେ ରହିବେ ବୋଲି ପୌର ନିର୍ବାହୀ ଅଧିକାରୀ ପ୍ରଧାନ କହିଛନ୍ତି ।

# ଧାନ ଉଠାଣ ଶିଥିଳ, ଅଭାବୀ ବିକ୍ରି ଆଶଙ୍କା

ବରଗଡ଼ ଅଫିସ,୯।୫

ବରଗଡ଼ ଜିଲାରେ ଶୁକ୍ରବାରରୁ ରବିରବୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଛି। ଶନିବାର ଏହା ଦ୍ୱିତୀୟ ଦିବସରେ ପହଞ୍ଚିଛି। ତେବେ ଏହି ପ୍ରକ୍ରିୟା ଆରମ୍ଭରୁ ଧାନ ଉଠାଣରେ ଶୀଥିଳତା ଦେଖାଯାଇଛି। ସଂଗୃହୀତ ଧାନ ଅନୁପାତରେ ଯଥେଷ୍ଟ କମ୍ ଧାନ ମଣ୍ଡିରୁ ଉଠି ମିଲ୍‌କୁ ଯାଉଛି । ଫଳରେ ମଣ୍ଡିରେ ବିକ୍ରି ହୋଇ ନ ଥିବା ଧାନ ପରିମାଣ ବଢ଼ିବାରେ ଲାଗିଛି । ମଣ୍ଡିରେ ଧାନ ଉଠାଣରେ ଏଭଳି ଶିଥିଳତା ଜାରି ରହିଲେ ଆଗକୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ରହିଛି ।

ବରଗଡ଼ ଜିଲାରେ ଏଥର ରବିରବୁ ଧାନ ସଂଗ୍ରହ ପାଇଁ ସମୁଦାୟ ୧୩୭ଟି ମଣ୍ଡି ଖୋଲା ଯାଇଛି । ସେଥିମଧ୍ୟରୁ ୧୨୪ଟି ମଣ୍ଡିରେ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ୧୩ଟି ମଣ୍ଡିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି) ଜରିଆରେ ଯୋଗାଣ ନିଗମ ଧାନ କିଣିବାର ବ୍ୟବସ୍ଥା କରାଯାଇଛି। ଗତ ୧ ତାରିଖରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ପାଇଁ ଦାବି ହୋଇଥିଲା। ମାତ୍ର ସପ୍ତାହକ ପରେ ଏହି ପ୍ରକ୍ରିୟା ଜିଲାରେ ଆରମ୍ଭ ହୋଇଥିଲା । ତେବେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ଦିବସରେ ଧାନ ଉଠାଣ କରାଯାଇଥିଲେ ସୁଦ୍ଧା ତାହା ଆଖି ଦୃଶିଆ ନ ଥିଲା । ଶନିବାର ବରଗଡ଼ ଆରଏମସି ଅଧୀନ କଳାପାଣି ମଣ୍ଡିକୁ ଧାନ ଆସିଥିଲେ ସୁଦ୍ଧା ଧାନ ଉଠାଣ ହୋଇ ନ ଥିବା ଜଣାପଡ଼ିଛି । ଏହି ମଣ୍ଡିକୁ ୧୨୫୨ ପ୍ୟାକେଟ୍ ଧାନ ଆସିଥିଲା । କିନ୍ତୁ ସେଥିରୁ ପ୍ୟାକେଟ୍‌ଟିଏ ବି ଧାନ ଉଠି ନାହିଁ । ମାତ୍ର ଏହି ଆରଏମସି ଅଧୀନ ଅମ୍ବାଭୋନା ମଣ୍ଡିକୁ ୧୫୪୪ ପ୍ୟାକେଟ୍ ସେଠାରୁ ସମୁଦାୟ ଧାନ କ୍ରୟ ପରେ ମିଲର୍ସ ତାକୁ ଉଠାଇଥିବା ଆରଏମସି ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକୁ ୨ଦିନ ମଧ୍ୟରେ ୨୫ହଜାର ୭୫୮ ପ୍ୟାକେଟ୍ ଧାନ ଆସିଛି । ସେଥିରୁ ୯୮୬୯ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବା ବେଳେ ଆହୁରି ୧୫ହଜାର ୮୮୯ ପ୍ୟାକେଟ୍ ମଣ୍ଡିରେ ପଡ଼ି ରହିଛି । ଏଭଳି ଭାବେ ଅତାବିରା, ବରଗଡ଼ ଆରଏମସିକୁ ୨ଦିନ ମଧ୍ୟରେ ୨୮ହଜାର ୭୮୦ ପ୍ୟାକେଟ୍ ଧାନ ଆସିଛି । ସେଥିରୁ ୧୧ହଜାର ୬୫୯ ପ୍ୟାକେଟ୍ ଧାନ ବିକ୍ରି ହୋଇଥିବାବେଳେ ଆହୁରି ୧୭ହଜାର ୧୨୧ ପ୍ୟାକେଟ୍ ଧାନ ବିକ୍ରି ନ ହୋଇ ପଡ଼ି ରହିଛି ।



ଅତାବିରା ଆରଏମସି ଅଧୀନ ମଣ୍ଡିକୁ ଆସିଥିବା ଧାନ ।

## ରାଜଧାନୀରୁ ଫେରିଥିବା ଯୁବକଙ୍କୁ ନେଇ ଆତଙ୍କ

ଜହ୍ନାପଙ୍କ,୯।୫(ଡି.ଏନ.ଏ.): ଶୁକ୍ରବାର ସନ୍ଧ୍ୟାରେ ରାଜଧାନୀ ଭୁବନେଶ୍ୱରରୁ ଏକ ଗାଡି (ନଂ. ଓଡି ୦୨ ଏଆର- ୦୪୪୭)ରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ବୁରକଟା ଗ୍ରାମକୁ ଜଣେ ଯୁବକ ଆସିବା ଖବର ମିଳିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା । ଗ୍ରାମବାସୀ ସଂପୃକ୍ତ ଯୁବକଙ୍କ ଘରକୁ ଯାଇ ସରକାରୀ ସଙ୍ଗରୋଧ କେନ୍ଦ୍ରରେ ରହିବାକୁ ତାଙ୍କୁ ଅନୁରୋଧ କରିଥିଲେ । ହେଲେ ଯୁବକ ଜଣକ ମୁଁ ପାସ୍‌ରେ ଆସିଛି ବୋଲି କହିବାରୁ ଗ୍ରାମବାସୀ ଫେରି ଆସିଥିଲେ । ଏ ସମ୍ପର୍କରେ ବୌଦ୍ଧ ସିଡିଏମ୍‌ଓଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

# ଆଶ୍ରୟସ୍ଥଳରୁ ଖସି ପଳାଇଲେ ୫ ଶ୍ରମିକ

ବିନିକା, ୯।୫(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ପଞ୍ଚାୟତ ଅନ୍ତର୍ଗତ ପଲସାପାଲିରେ ଛତିଶଗଡର ୫ଜଣ ଶ୍ରମିକ ଇଟାଗଡା କାମରେ ନିୟୋଜିତ ଥିଲେ । ଲକ୍‌ଡାଉନ୍ ଯୋଗୁଁ ଇଟାଗଡା କାମ ବନ୍ଦ ରହିବା ଫଳରେ ସେମାନେ ସେଠାରେ ଅଟକି ରହିଲେ । ପରେ ଉକ୍ତ ଶ୍ରମିକମାନଙ୍କୁ ପଲସାପାଲି ପ୍ରାଥମିକ ବିଦ୍ୟାଳୟ ଆଶ୍ରୟ ଗୃହରେ ରଖାଯାଇଥିଲା। ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଶନିବାର ସକାଳେ ଜଳଖିଆ ଦେବାପାଇଁ ଉକ୍ତ କେନ୍ଦ୍ରକୁ ଯିବା ସମୟରେ ଶ୍ରମିକମାନେ ସେଠାରେ ନ ଥିବା ଜଣାପଡିଥିଲା । ଏନେଇ ବାବୁପାଲି ପିଇଓ ନିମାଇଁ ନାଏକ ବିଡିଓ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

# ଡିଭି ପ୍ରୋଜେକ୍ଟରେ ଶ୍ରମିକଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ପଡିଆବାହାଲ,୯।୫ (ଡି.ଏନ.ଏ.)

ଡିଭି ପ୍ରୋଜେକ୍ଟଠାରେ ଚାଲିଥିବା ଦରମା ନାହିଁ ତ କାମ ବନ୍ଦ ଆନ୍ଦୋଳନ ଚତୁର୍ଥ ଦିବସରେ ପ୍ରତ୍ୟାହୃତ ହୋଇଛି। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଆନ୍ଦୋଳନକାରୀ ଶ୍ରମିକମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି। ଜିଲା ପ୍ରଶାସନ ତରଫରୁ ସମ୍ବଲପୁର ଏଡିଏମ୍, ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ, ସଦର ପୋଲିସ ଅଧିକାରୀ ଚିନ୍ତାମଣୀ ପଧାନଙ୍କ ଉପସ୍ଥିତିରେ କ୍ୟାମ୍ପ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଶ୍ରମିକ ଓ ଡିଭି ପ୍ରୋଜେକ୍ଟର ସଞ୍ଜୟ ଶୁକ୍ଳା, ମନିଷ (ଏଚଆର) ଓ ଅନ୍ୟ କର୍ମଚାରୀମାନଙ୍କ ଉପସ୍ଥିତ ଥିଲେ । ଶ୍ରମିକଙ୍କ ମୁଖ୍ୟ ଦାବି ଉପରେ ଆଲୋଚନା କରାଯାଇଥିଲା । ଶ୍ରମିକଙ୍କ ୨ ମାସର ଦରମା ପ୍ରଦାନ, ସେମାନଙ୍କୁ ମାନସିକ ଓ ଶାରିରୀକ ନିର୍ଯାତନା ନ ଦେବା, କାର୍ଯ୍ୟରେ ସହଯୋଗ କରିବା ଓ ରବିବାରଠାରୁ ସମସ୍ତ ଶ୍ରମିକ କାମରେ ଯୋଗ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ରବିଧାନ ଅମଳରେ କୃଷି ଶ୍ରମିକ ଅଡୁଆ

**ସମ୍ବଲପୁର ଜିଲା**



- ସରପଞ୍ଚ, ସ୍ଥାନୀୟ ଲୋକଙ୍କ ବିରୋଧ
- ୨ ଶହ ଶ୍ରମିକଙ୍କ ପାଇଁ ପାସ୍ ନେଇଛନ୍ତି ଚାଷୀ

ସମ୍ବଲପୁର,୯।୫(ବ୍ୟୁରୋ)

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ନେଇ ଲକ୍‌ଡାଉନ ଏବେ ତୃତୀୟ ପର୍ଯ୍ୟାୟରେ। ଏହି ସମୟରେ କଟକଣାରେ କିଛି କୋହଳ କରାଯାଇଛି। କୃଷି କ୍ଷେତ୍ରକୁ ସରକାର ଗୁରୁତ୍ୱ ଦେଇଥିବାରୁ ପଶ୍ଚିମ ଓଡିଶାରେ ଚାଷୀମାନେ ଚାଷ କାମକୁ ତ୍ୱରାନ୍ୱିତ କରିଛନ୍ତି । ମାତ୍ର ଏଥିରେ କୃଷି ଶ୍ରମିକ ଅଡୁଆ ସାଜିଛନ୍ତି । ଫଳରେ ଚାଷୀମାନେ ଏବେ ରବିଧାନ ଅମଳ ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଧାନ ଅମଳ ସକାଶେ ପ୍ରଶାସନ ଜିଲା ବାହାରୁ ଶ୍ରମିକ ଆଣିବା ପାଇଁ ପାସ ବ୍ୟବସ୍ଥା କରିଛନ୍ତି । ସେହିପରି ଚାଷରେ ବ୍ୟବହାର ହେଉଥିବା ଯନ୍ତ୍ରପାତି ବିକ୍ରି ଓ ମରାମତି କରିବା, ଅମଳ ଫସଲ ଉତ୍ପାଦନ ଓ ବିକ୍ରି କରିବା ପାଇଁ ଟ୍ରାକ୍ଟର ଓ ହାର୍ଭେଷ୍ଟର ନେବା ଆଣିବା ପାଇଁ କଟକଣା କୋହଳ କରାଯାଇଛି । ହେଲେ ହାର୍ଭେଷ୍ଟର ଚାଳକମାନେ ମୁଖ୍ୟତଃ ରାଜ୍ୟ ବାହାର ପଞ୍ଜାବ, କର୍ଣ୍ଣାଟକ, ହରିୟାଣାରୁ ଆସନ୍ତି। ଏବେ ସେମାନେ ଆସିବା ସମ୍ଭବପର ହେଉନାହିଁ। ସେହିପରି ଛତିଶଗଡର ଶ୍ରମିକ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାକୁ ଆସି କାମ କରୁଥିଲେ। ସେମାନଙ୍କୁ ଅନୁମତି ନ ମିଳିବାରୁ ଜଳସେଚିତ ଅଞ୍ଚଳର ଚାଷୀମାନେ ଏବେ ଅଣଜଳସେଚିତ ଅଞ୍ଚଳର କୃଷି ଶ୍ରମିକଙ୍କ ଉପରେ ଭରସା କରୁଛନ୍ତି । ନୂଆପଡା, କଳାହାଣ୍ଡି, ନବରଙ୍ଗପୁର, ବଲାଙ୍ଗୀର, ସୁନ୍ଦରଗଡ ଜିଲାରେ ଅଧିକ କୃଷି ଶ୍ରମିକ ରହିଛନ୍ତି । ଚାଷୀମାନେ ଶ୍ରମିକମାନଙ୍କ ସହ ଯୋଗାଯୋଗ କଲେ ମଧ୍ୟ ସେମାନେ ଆସିବାକୁ ଅମଙ୍ଗ ହେଉଛନ୍ତି । ସେଠାକାର ସରପଞ୍ଚ ଓ ଲୋକମାନେ ବାହାରକୁ କାମ କରିଯିବାକୁ ମନା କରିଦେଉଛନ୍ତି। ସେହିପରି ଏଠାକୁ ଶ୍ରମିକମାନେ ଆସିଲା ପରେ ମଧ୍ୟ ସେହି ସମସ୍ୟା ସୃଷ୍ଟି ହେଉଛି। ଶ୍ରମିକ ମାନଙ୍କୁ ବାହାରକୁ କାମ କରିବାକୁ ଗଲେ ଆଉ ଗ୍ରାମରେ ପୁରାଇ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଜନ ପ୍ରତିନିଧି ଓ ଲୋକମାନେ ଧମକ ଦେଉଛନ୍ତି। ଫଳରେ ଶ୍ରମିକମାନେ ଧାନ ଅମଳ ପାଇଁ ଆସିବାକୁ ମନା କରିଦେଉଛନ୍ତି। ପୂର୍ବରୁ ଶ୍ରମିକ ମାନଙ୍କୁ ଅଗ୍ରୀମ ଟଙ୍କା ମଧ୍ୟ ଦିଆଯାଇଥିଲା ବୋଲି ସମ୍ବଲପୁର ମହାନଗର ନିଗମ ଚାଆଁରପୁରର ଚାଷୀ କାଶୀ ବିଶ୍ୱନାଥ, ଶିବଶଙ୍କର ବଢେଇ କହିଛନ୍ତି । ତେଣୁ ଚଳିତ ବର୍ଷ ଚାଷୀମାନଙ୍କ ପାଇଁ ଶ୍ରମିକ ଚିନ୍ତାର ବିଷୟ ହୋଇଛି । କେତେକ ଚାଷୀ ହାର୍ଭେଷ୍ଟରରେ ଧାନ କଟା ଆରମ୍ଭ କରିଛନ୍ତି। ହେଲେ ସବୁ ଧାନ କାଟିବା ସମ୍ଭବପର ନୁହଁ । ଅଦିନିଆ ବର୍ଷା, କୁଆପଥର ମାଡରେ ଧାନଗଛ ବିଲରେ ଶୋଇ ପଡ଼ିଛି। ବିଲରେ ପାଣି ଜମି ରହୁଛି। ତେଣୁ ସେଠାରେ ହାର୍ଭେଷ୍ଟରରେ ଧାନ କଟାଯାଇ ପାରିବନାହିଁ। ଅନ୍ୟପଟେ ଶୀଘ୍ର ଅମଳ ନ କଲେ ବର୍ଷା ଫସଲ ନଷ୍ଟ କରିଦେବାର ଭୟ ରହୁଛି । ତେଣୁ ଶ୍ରମିକଙ୍କୁ ଆଣିବା ସୁବିଧା କରାଯାଉ ବୋଲି ଚାଷୀମାନେ ଦାବି କରିଛନ୍ତି । ଏ ସମ୍ପର୍କରେ ଜିଲା ମୁଖ୍ୟ କୃଷି ଅଧିକାରୀ ଏସ. କେ. ରାୟ କହିଛନ୍ତି, ଜିଲା ବାହାରୁ ଶ୍ରମିକ ଆଣିବାରେ କୌଣସି ସମସ୍ୟା ନାହିଁ। ଚାଷୀମାନେ ଆବେଦନ କଲେ ପାସ୍ ଦିଆଯାଉଛି । ହେଲେ କୃଷି ଶ୍ରମିକମାନଙ୍କୁ ନେଇ କୌଣସି ସ୍ଥାନରେ ସମସ୍ୟା ସୃଷ୍ଟି ନ କରିବାକୁ ସେ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲା କୃଷି ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ ଜିଲା ବାହାରର ୨୫୦ ଜଣ ଶ୍ରମିକ ପାସ୍ ପାଇ ଆସିଥିବା ଜଣାପଡ଼ିଛି।

ଧରିତ୍ରୀ
DHARITRI
ରବିବାର, ମେ ୧୦, ୨୦୨୦



## ସଂକ୍ଷେପରେ

### ଖରାରେ ପିଲାଙ୍କ ହାତରେ ବହି ବୁହାଇବା ଘଟଣା ସିଆର୍‌ସିସି ନିଲମ୍ବିତ

କୋରୁକୋଣ୍ଡା,୯।୫(ଡି.ଏନ୍.ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ତାରଲାକୋଟା ପଞ୍ଚାୟତ ଅନ୍ତର୍ଗତ ସି- କଲୋନି ପ୍ରାଥମିକ ବିଦ୍ୟାଳୟରେ ଗତ ଏପ୍ରିଲ ୨୪ରେ ପିଲାଙ୍କୁ ଘରୁ ଡାକି ସିଆର୍‌ସିସି ପାଠ୍ୟପୁସ୍ତକ ବୁହାଇଥିଲେ। ଖରାରେ ପିଲାମାନେ ଗାଡ଼ିରୁ ବହି ବୋହିନେଇ ବିଦ୍ୟାଳୟରେ ରଖିଥିଲେ। ଏହି ଘଟଣାରେ ସିଆର୍‌ସିସି ଶରତ ଚନ୍ଦ୍ର ପାଢ଼ୀ ନିଲମ୍ବିତ ହୋଇଛନ୍ତି। ଘଟଣାର ତଦନ୍ତ ପରେ ଡିଇଓ ରମେଶ ଚନ୍ଦ୍ର ସେଠୀ କାର୍ଯ୍ୟାନୁଷ୍ଠାନ ନେଇଥିବା ବିଇଓ ପତିତପାବନ ଦାସ କହିଛନ୍ତି।

### ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଗୋଷାଣୀ,୯।୫(ଡି.ଏନ୍.ଏ)-ଗଜପତି ଜିଲା ଗୋଷାଣୀ ବ୍ଲକ କଣ୍ଟାରଗଡ ପଞ୍ଚାୟତର କଣ୍ଟାରଗଡ ଗ୍ରାମର ପଲାକି ମୋହନ ରାଓ (୪୦) ଶୁକ୍ରବାର ଗାଧୋଇବା ପାଇଁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗୁରାଣ୍ଡି ଥାନା ଏସଆଇ ଅଭିମନ୍ୟୁ ପଲେଇ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଗୁରାଣ୍ଡି ଥାନାରେ ନଂ. ୧/୨୦ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ମଞ୍ଚାଗାଁ କ୍ୱାରାଣ୍ଟାଇନ୍ ସେଣ୍ଟରରେ ୩୬ ପ୍ରବାସୀ ଶ୍ରମିକ

ତେନ୍ତୁଳିଖୁଣ୍ଟି,୯।୫(ଡି.ଏନ.ଏ.)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତ କ୍ୱାରାଣ୍ଟାଇନ ସେଣ୍ଟରରେ ଚେନ୍ନାଇ ଫେରନ୍ତା ୩୬ ପ୍ରବାସୀ ଶ୍ରମିକ ରହିଛନ୍ତି। ସେମାନଙ୍କ ମଧ୍ୟରେ ରାଇଘର ବ୍ଲକର ୧୨ ଜଣ, ନନ୍ଦାହାଣ୍ଡି ବ୍ଲକର ୫, ମଞ୍ଚାଗାଁ ପଞ୍ଚାୟତର ୧୯ ଶ୍ରମିକ ରହିଛନ୍ତି। ଏହି ଶ୍ରମିକମାନେ ଚେନ୍ନାଇରୁ ଟ୍ରେନରେ ବିଶାଖାପାଟଣା ଆସିଥିଲେ। ସେଠାରୁ ମୋଟୁକୁ ବସ୍ ଯୋଗେ ପହଞ୍ଚିଥିଲେ। ସେଠାରୁ ନବରଙ୍ଗପୁର ଜିଲା ପ୍ରଶାସନ ମଞ୍ଚାଗାଁ ଆଣିବା ବ୍ୟବସ୍ଥା କରି କ୍ୱାରାଣ୍ଟାଇନ ଗୃହରେ ରଖିଛନ୍ତି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜଗମୋହନ ମାଝି, ପିଇଓ ଏ.ପି.ଚେଟ୍ଟି ଉପସ୍ଥିତ ଥିଲେ। କ୍ୱାରାଣ୍ଟାଇନ ଗୃହ ପରିଚାଳନା ତଦାରଖ ପାଇଁ ଗ୍ରାମ ରୋଜଗାର ସେବକ ସୁନୀଲ ବାଘ, ଅଙ୍ଗନୱାଡି ଏବଂ ଆଶା କର୍ମୀ ସହଯୋଗ କରୁଛନ୍ତି। ତହସିଲଦାର ପ୍ରଦୀପ କୁମାର ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

### ଆଟ୍ରୋସିଟି ନିୟମ ସମ୍ପର୍କିତ ସଚେତନତା ଶିବିର

ବୋରିଗୁମ୍ମା,୯।୫ (ଡି.ଏନ୍.ଏ.)- କୋରାପୁଟ ଜିଲା ବୋରିଗୁମ୍ମା ସହର ଉପକଣ୍ଠରେ ବୋରିଗୁମ୍ମା ଆଇନ ମଣ୍ଡଳ ପକ୍ଷରୁ ଆଟ୍ରୋସିଟି ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଜେଏମ୍ଏଫ୍‌ସିର ମାଜିଷ୍ଟ୍ରେଟ ପ୍ରୀତୀଶ ମିଶ୍ର, ମୁଖ୍ୟବକ୍ତା ଭାବେ ଆଇନଜୀବୀ ଲାଲୁ ଷଡ଼ଙ୍ଗୀ ଯୋଗଦେଇ ସରକାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ପାଇଁ କରିଥିବା ଆଟ୍ରୋସିଟି ନିୟମ ସମ୍ପର୍କରେ ବୁଝାଇଥିଲେ। ଗ୍ରାମାଞ୍ଚଳରେ ବସବାସ କରୁଥିବା ଅନୁସୂଚିତ ଜାତି ଓ ଜନଜାତିର ଲୋକେ ଏଥିରୁ ସୁଫଳ ହାସଲ ନେଇ ପରାମର୍ଶ ଦେଇଥିଲେ। ଶିବିରରେ ଆଇଆଇସି ସଞ୍ଜୟ କୁମାର ମଣ୍ଡଳ, ଆଇନଜୀବୀ ସଂଘ ସଭାପତି ନାଗରାଜ ଦୋରା,ଆଇନଜୀବୀ ମୁନା ଦୋରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଗ୍ରାମାଞ୍ଚଳରେ ବିଦ୍ୟୁତ୍ କାଟ

ଜୟପୁର,୯।୫(ଡି.ଏନ.ଏ)- କୋରାପୁଟ ଜିଲା ଜୟପୁର ଟାଙ୍ଗୁଆ ପଞ୍ଚାୟତର ଟାଙ୍ଗୁଆ, ମାହାଲିଆପୁଟ, ଡୋଲିଆମ୍ବଗୁଡା, ଡିମଳା ପ୍ରଭୃତି ଗ୍ରାମରେ ଗତ ୫/୬ ଦିନ ହେଲା ବିଦ୍ୟୁତ ବିଭ୍ରାଟ ଲାଗି ରହିଛି। ଯଦି ସନ୍ଧ୍ୟାରେ ବିଦ୍ୟୁତ୍ ଚାଲିଯାଏ ତେବେ ଆଉ ଆସେନାହିଁ। ତା'ପରଦିନ ସକାଳେ ଆସିଥାଏ। ଫଳରେ ଗ୍ରାମଗୁଡିକ ରାତିସାରା ଅନ୍ଧାରରେ ରହିଥାଏ। ବିଦ୍ୟୁତ ବିଭାଗ ପକ୍ଷରୁ ରାତିରେ ଏହାର ମରାମତି କରାଯାଉନାହିଁ। ଉକ୍ତ ଅଞ୍ଚଳ ଦାୟିତ୍ୱରେ ଥିବା ଜେଇ କିମ୍ବା ଅନ୍ୟ ଅଧିକାରୀ ଏହି ସମସ୍ୟାର ସମାଧାନ କରୁନାହାନ୍ତି। ଏନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଫୁଲ ଗୌଡଙ୍କୁ ପଚାରିବାରୁ ସେ କହିଲେ ଯେ, ଏହାର ତଦନ୍ତ କରାଯାଇ ସମସ୍ୟାର ସମାଧାନ କରାଯିବ।

# ହୋଇପାରୁନି ଛାତ୍ରୀଛାତ୍ରଙ୍କ ନାମଲେଖା

- ଚିନ୍ତାରେ ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ
- ନିର୍ଦ୍ଦେଶନାମା ଆସିଲେ ନିଆଯିବ ପଦକ୍ଷେପ
- ପାଠ୍ୟପୁସ୍ତକ ଥାଇ ଯୋଗାଇ ହେଉନି

ମାଲକାନଗିରି,୯।୫(ଡି.ଏନ୍.ଏ.)

କରୋନା ମହାମାରୀ ଯୋଗୁ ରାଜ୍ୟ ସରକାର ଗତ ମାର୍ଚ୍ଚ ୨୫ରୁ ସମସ୍ତ ବିଦ୍ୟାଳୟ ଛୁଟି ଘୋଷଣା କରିଛନ୍ତି। ଛାତ୍ରାବାସରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ମଧ୍ୟ ନିଜ ଘରକୁ ପଠାଯାଇଛି। ଆଗାମୀ ଶିକ୍ଷାବର୍ଷ ପାଇଁ ଛାତ୍ରୀଛାତ୍ରଙ୍କ ନିକଟରେ ବହି ପହଞ୍ଚାଇବା ଲାଗି ସରକାର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦାୟିତ୍ୱ ଦେଇଛନ୍ତି। ଫଳରେ ମାଲକାନଗିରି ଜିଲାରେ ଲକ୍ଷାଧିକ ଛାତ୍ରୀଛାତ୍ରଙ୍କ ନିକଟରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ପାଠ୍ୟପୁସ୍ତକ ପହଞ୍ଚାଇଛନ୍ତି। ତେବେ ଲକ୍‌ଡାଉନର ବିଶେଷ ପ୍ରଭାବ ପ୍ରଥମ, ଷଷ୍ଠ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଉପରେ ପଡ଼ିଛି। ମାର୍ଚ୍ଚରେ ସବୁ ଶ୍ରେଣୀ ପରୀକ୍ଷା ଶେଷ ପରେ ଫଳ ପ୍ରକାଶ ପାଏ। ପରେ ପ୍ରଥମ, ଷଷ୍ଠ, ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନାମଲେଖା ହୁଏ। କିଛିଦିନ ଶିକ୍ଷାଦାନ ପରେ ଗ୍ରୀଷ୍ମାବକାଶ ଛୁଟି ହୋଇଥାଏ। ଏଥର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ପାସ୍ ଘୋଷଣା କରାଯାଇଛି। ଏହି ତିନୋଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କ ନାମଲେଖା ଏଯାଏ ହୋଇନାହିଁ। ଫଳରେ ଏହି ବହିଗୁଡ଼ିକୁ କାହାକୁ ଓ କିପରି ବାଣ୍ଟିବେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଚିନ୍ତାରେ ପଡ଼ିଛନ୍ତି। ପିଲାଙ୍କ ନାମଲେଖା ନେଇ ମଧ୍ୟ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ଜିଲାରେ ଶିକ୍ଷା ବିଭାଗ ଅଧୀନରେ ୧୫୦୦ରୁ ଊର୍ଦ୍ଧ୍ୱ ପ୍ରାଥମିକ, ଉଚ୍ଚ ପ୍ରାଥମିକ,ମଧ୍ୟ ଇଂରାଜୀ ଓ ଉଚ୍ଚ ବିଦ୍ୟାଳୟ ରହିଛି। ସେହିପରି ମଙ୍ଗଳ ବିଭାଗ ଦ୍ୱାରା ୫୦ଟି ବିଦ୍ୟାଳୟ ପରିଚାଳିତ ହେଉଛି। ପ୍ରଥମ ଶ୍ରେଣୀରେ ନୂତନ ଛାତ୍ରୀଛାତ୍ରଙ୍କ ନାମଲେଖା ହୋଇପାରୁନି। ୫ମରୁ ଉନ୍ନୀତ ଛାତ୍ରୀଛାତ୍ରଙ୍କ ନାମ ଷଷ୍ଠଶ୍ରେଣୀରେ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଲେଖାଇବା ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଅଷ୍ଟମରୁ ନବମକୁ ଯାଇଥିବା ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ମଧ୍ୟ ସମାନ ସମସ୍ୟା ଦେଖାଦେଇଛି। ଏନେଇ ଜିଲା ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ବର୍ତ୍ତମାନ ସୁଦ୍ଧା ଏହି ତିନୋଟି ଶ୍ରେଣୀ ପାଇଁ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଆସିନାହିଁ। ନିର୍ଦ୍ଦେଶନାମା ଆସିଲେ ପଦକ୍ଷେପ ନିଆଯିବ।

## ନବରଙ୍ଗପୁର ଜିଲାପାଳଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ



ଦୁର୍ଘଟଣାଗ୍ରସ୍ତ କାର ।

ରାୟଗଡ଼ା ଅଫିସ,୯।୫: ନବରଙ୍ଗପୁର ଜିଲାପାଳ ଡ. ଅଜିତ କୁମାର ମିଶ୍ରଙ୍କ ସରକାରୀ ଗାଡ଼ି(ଓଡି ୨୪ଇ-୧୯୧୯) ଶୁକ୍ରବାର ରାତିରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ କାର୍‌ରେ ଜିଲାପାଳ ନ ଥିବାବେଳେ ତାଙ୍କ ଚାଳକ କାର୍‌ଟି ସର୍ଭିସିଂ ପାଇଁ ଭୁବନେଶ୍ୱର ନେଇ ଯାଉଥିଲେ। ଏହି ସମୟରେ ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ହାତିଖମ୍ବ ଗ୍ରାମଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏକ ମଇଁଷିକୁ ବଞ୍ଚାଇବାକୁ ଯାଇ କାର୍‌ଟି ନିକଟରେ ଥିବା ଏକ ପଥରକୁ ଧକ୍କା ଦେଇଥିଲା। ତେବେ ଚାଳକ ସୁରକ୍ଷିତ ଥିବା ଜଣାପଡ଼ିଛି। ଏ ନେଇ ଚାନ୍ଦିଲି ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## ମନ୍ତ୍ରୀ ଭାଙ୍ଗିଲେ ଲକ୍‌ଡାଉନ କଟକଣା



ମନ୍ତ୍ରୀ ପଦ୍ମିନୀ ଦିଆନ ସମ୍ପର୍କୀୟଙ୍କ ସହ ବିବାହ ବାର୍ଷିକ ଉତ୍ସବ ପାଳନ କରୁଛନ୍ତି ।

ଜୟପୁର,୯।୫(ଡି.ଏନ.ଏ.)

ରାଜ୍ୟ ହସ୍ତତନ୍ତ ଓ ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପଦ୍ମିନୀ ଦିଆନଙ୍କ ବିବାହ ବାର୍ଷିକୀ ଉତ୍ସବ ପାଳନ ନେଇ ଅଖିଳ ଭାରତୀୟ କଂଗ୍ରେସ କମିଟି ପ୍ରତିବାଦ କରିଛି। କମିଟି ସଦସ୍ୟ ରବୀନ୍ଦ୍ର ମହାପାତ୍ର ଅଭିଯୋଗ କରି କହିଛନ୍ତି ଯେ, ଗତ ଶୁକ୍ରବାର ମନ୍ତ୍ରୀ ଦିଆନ ବିବାହ ବାର୍ଷିକୀ ତାଙ୍କ ଘର କୋରାପୁଟ ଜିଲା କୋଟପାଡସ୍ଥିତ ବାସଭବନରେ ପାଳନ କରିଥିଲେ। ଏଥିରେ ତାଙ୍କର କେତେଜଣ ବନ୍ଧୁ ଓ ସାଙ୍ଗସାଥୀ ସାମିଲ ହୋଇଥିଲେ। ଉତ୍ସବ ପାଳନ ବେଳେ କେହି ମାସ୍କ ପିନ୍ଧି ନ ଥିଲେ କି ସାମାଜିକ ଦୂରତା ରକ୍ଷା କରି ନ ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର କାରୋନା ଭୂତାଣୁ ସଂକ୍ରମଣକୁ ରୋକିବା ଲାଗି ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଏହାକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପରି କ୍ଷେତ୍ରରେ ରାଜ୍ୟର ଜଣେ ମନ୍ତ୍ରୀ ରୂପେ ଦାୟିତ୍ୱ ନିର୍ବାହ କରୁଥିବା ଦିଆନ ସବୁ ନିୟମକୁ ବେଖାତିରକରି ଉଲ୍ଲଂଘନ କରିଛନ୍ତି। ତାଙ୍କ ବିରୋଧରେ ପ୍ରଶାସନ ଏବଂ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଆଇସିସି ସଦସ୍ୟ ମହାପାତ୍ର ଦାବି କରିଛନ୍ତି। ଏନେଇ ମନ୍ତ୍ରୀଙ୍କ ଦୁଇଟି ଫୋନକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସୁଇଚ ଅଫ୍ ଯୋଗୁ ମତାମତ ନିଆଯାଇପାରି ନ ଥିଲା।

## ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୩ ସଂସ୍ଥା ଦେଲେ ସହାୟତା

ସୁନାବେଡ଼ା/କୋରୁକୋଣ୍ଡା/ ବୈପାରିଗୁଡ଼ା, ୯।୫(ସ୍ୱ.ପ୍ର./ଡି.ଏନ୍.ଏ.)

ସୁନାବେଡ଼ା ହାଲ୍ କୋରାପୁଟ ପ୍ରଭାଗ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୩୭ଲକ୍ଷ୯୯ହଜାର୬୪୭ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏନେଇ ଏକ ଚେକ୍ ଜିଲାପାଳ ମଧୁସୂଦନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ହାଲ୍ କୋରାପୁଟ ପ୍ରଭାଗର କର୍ମଚାରୀମାନେ ନିଜ ଦରମାରୁ ଏହା ଦେଇଛନ୍ତି। ଚେକ୍ ପ୍ରଦାନ ସମୟରେ ହାଲ୍ କୋରାପୁଟ ପ୍ରଭାଗ ପକ୍ଷରୁ ଉପ ମହାପ୍ରବନ୍ଧକ ତୁଷାର ରଞ୍ଜନ ବେହେରା, ବରିଷ୍ଠ ପ୍ରବନ୍ଧକ ସୂର୍ଯ୍ୟକାନ୍ତ ରାଉତ, ଶ୍ରମିକ ସଙ୍ଗଠନ ବିଜୁ ଏରୋନଟିକ୍ସ ଏମ୍ପ୍ଲଇଜ ଆସୋସିଏଶନର ସଭାପତି ଅଶୋକ କୁମାର ଦାଶ, ଅଫିସର୍ସ ଆସୋସିଏଶନର ଉପସଭାପତି ଲକ୍ଷ୍ମୀକାନ୍ତ ଖିଲ ଉପସ୍ଥିତ ଥିଲେ।

କୋରାପୁଟ ଜିଲା ବୈପାରିଗୁଡ଼ା ଅଞ୍ଚଳର ଦେଶିଆ ନାଟ ଗୁରୁ ସଂଘ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ କରୋନା ମୁକାବିଲା ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରିଛି। ଶୁକ୍ରବାର ସଂଘ କର୍ମକର୍ତ୍ତା ଦୈତାରି ଦିଶାରି, ପୀତବାସ ଲକ୍ଷ୍ମୀପୁରିଆ, ଟଙ୍କଧର ଦଳେଇ, ଭଗବାନ ନାଗ, ଧନୁର୍ଜୟ ସଗରିଆଙ୍କ ସମେତ ଅନ୍ୟମାନେ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କୁ ଭେଟି ୧୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ।

ମାଲକାନଗିରି ଜିଲା କୋରୁକୋଣ୍ଡା ବିଇଓଙ୍କ ଅଧୀନ ସମସ୍ତ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କରୋନା ମୁକାବିଲା ପାଇଁ ସେମାନଙ୍କ ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି। ମୋଟ ୮ ଲକ୍ଷ ୬୦ ହଜାର ୫୩୬ ଟଙ୍କାର ଚେକ୍ ଡିଇଓ ରମେଶ ଚନ୍ଦ୍ର ସେଠୀଙ୍କ ଜରିଆରେ ପ୍ରଦାନ କରାଯାଇଛି।

## ସ୍ତ୍ରୀଙ୍କୁ ପୁଅ ସହ ମିଶି ଠେଙ୍ଗାରେ ପିଟି ହତ୍ୟାକଲେ ସ୍ୱାମୀ

କାଲିମେଲା,୯।୫(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଲା ଥାନା ଅନ୍ତର୍ଗତ ବଦିଲି ଗ୍ରାମରେ ଶୁକ୍ରବାର ଏକ ହତ୍ୟାକାଣ୍ଡ ଘଟିଛି। କିଛି ଟଙ୍କା ପାଇଁ ଜଣେ ବ୍ୟକ୍ତି ପୁଅ ସହ ମିଶି ସ୍ତ୍ରୀଙ୍କୁ ଠେଙ୍ଗାରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଖବର ପାଇ ପୋଟେରୁ ଫାଣ୍ଡି ପୋଲିସ ସହାୟତାରେ କାଲିମେଲା ପୋଲିସ ବଦିଲି ଗ୍ରାମରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କ ମୃତଦେହ ଜବତ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଲାଠି ମଧ୍ୟ ଜବତ କରାଯାଇଛି। ମୃତ ମହିଳା ହେଲେ ଶୁକ୍ରା ମାଡକାମିଙ୍କ ସ୍ତ୍ରୀ ରାମେ ମାଡକାମି(୪୭)। କାଲିମେଲା ପୋଲିସ ଦୁଇ ଅଭିଯୁକ୍ତ ରାମେଙ୍କ ସ୍ୱାମୀ ଶୁକ୍ରା (୫୫) ଏବଂ ପୁଅ ସମା ମାଡକାମି (୨୨)ଙ୍କୁ ଗିରଫ କରିଛି। ଖବରରୁ ଜଣାପଡିଛି ବଦିଲି ଗ୍ରାମରେ ଶୁକ୍ରା ତାଙ୍କ ପରିବାର ନେଇ ରହୁଥିଲେ। ତେବେ ଶୁକ୍ରା କିଛି କାମଧନ୍ଦା ନ କରି ସର୍ବଦା ମଦ୍ୟପାନ କରି ଏଣେ ତେଣେ ବୁଲୁଥିଲେ। ସ୍ତ୍ରୀ ରାମେ ମହୁଲ ସଂଗ୍ରହକରି ଏହାକୁ ବିକ୍ରିକରି ସେଥିରୁ ଯାହା ରୋଜଗାର ହେଉଥିଲା ସେ ଘର ଚଳାଉଥିଲେ। ତେବେ ଗତ ଶୁକ୍ରବାର ମହୁଲ ଫୁଲ ବିକ୍ରିକରି ରାମେ ୨୭ଶହ ଟଙ୍କା ପାଇଥିଲେ। ଏହି ଟଙ୍କା ଦେବାପାଇଁ ଶୁକ୍ରା ଏବଂ ପୁଅ ସମା ରାମେଙ୍କୁ କହିଥିଲେ । ମାତ୍ର ରାମେ ସେମାନଙ୍କୁ ଟଙ୍କା ଦେଇ ନ ଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବାପପୁଅ ମିଶି ଠେଙ୍ଗାରେ ରାମେଙ୍କୁ ନିଷ୍ଠୁର ମାଡ ମାରିଥିଲେ। ଏହି ସମୟରେ ଘରେ ଥିବା ତାଙ୍କ ବୋହୂ ସେମାନଙ୍କୁ ଅଟକାଇଥିଲେ ମଧ୍ୟ ବାପପୁଅ କିଛି ଶୁଣି ନ ଥିଲେ। ଏହାର କିଛି ସମୟ ପରେ ରାମେଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ରାମେଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଛି। କେସ୍ ନଂ. ୫୭/୨୦ରେ ଏକ ମାମଲା ରୁଜୁହୋଇ ଘଟଣାର ତଦନ୍ତ ଚାଲିଥିବା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର କହିଛନ୍ତି ।

## ନବରଙ୍ଗପୁରକୁ ଯୋଗାଣ ହେଉନି ଓମ୍‌ଫେଡ କ୍ଷୀର

- ଖାଉଟି ହଇରାଣ
- ହାତବାନ୍ଧି ବସିଲେ ବ୍ୟବସାୟୀ

ନବରଙ୍ଗପୁର,୯।୫(ବି.ପ୍ର.)

ଓମଫେଡ ଜୟପୁର ପ୍ଲାଣ୍ଟରୁ କ୍ଷୀର ନବରଙ୍ଗପୁର ସହରକୁ ୨ ଦିନ ହେବ ଯୋଗାଣ ବନ୍ଦ ରହିଛି । ଏହାଦ୍ୱାରା ଖାଉଟି ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ବ୍ୟବସାୟୀ ଏବଂ ଡିଲରମାନେ ହାତ ବାନ୍ଧି ବସିଛନ୍ତି । ଲକଡାଉନ ସମୟରେ ଜନସାଧାରଣ ଓମଫେଡ କ୍ଷୀର, ଦହି ଓ ଛେନା ଉପରେ ଅଧିକ ନିର୍ଭର କରୁଛନ୍ତି। ନବରଙ୍ଗପୁର ସହରକୁ ଦୈନିକ ୨ହଜାର ପ୍ୟାକେଟ କ୍ଷୀର, ୫୦ କିଲୋ ଛେନା ଓ ୧୫୦ ଲିଟରରୁ ଊର୍ଦ୍ଧ୍ୱ ଦହି ଆସୁଥିଲା । ଏବେ ଓମଫେଡ ସାମଗ୍ରୀ ଆସୁ ନ ଥିବାରୁ ଲୋକମାନେ ଚିନ୍ତାରେ ପଡି ଯାଇଛନ୍ତି । ସହରରେ ୨୫ ଜଣରୁ ଊର୍ଦ୍ଧ୍ୱ ବ୍ୟବସାୟୀ ରହିଛନ୍ତି । ଓମଫେଡ ସାମଗ୍ରୀ ବିକ୍ରି କରି ବ୍ୟବସାୟୀ ଦୈନିକ କିଛି ରୋଜଗାର କରୁଥିଲେ ତାହା ମଧ୍ୟ ବନ୍ଦ ହୋଇଯାଇଛି। ବ୍ୟବସାୟୀଙ୍କ ଠାରୁ ପ୍ରତ୍ୟହ କେତେ ପରିମାଣର କ୍ଷୀର, ଦହି ଓ ଛେନା ଆବଶ୍ୟକ ତାହା ଓମଫେଡ ପକ୍ଷରୁ ଆଗୁଆ ରିପୋର୍ଟ ନିଆଯାଉଥିଲା । ତାହା ମଧ୍ୟ ନିଆଯାଉ ନାହିଁ । ବ୍ୟବସାୟୀ ଓ ଡିଲରମାନେ କ୍ଷୀର ଯୋଗାଇବା ପାଇଁ କହିଲେ ମଧ୍ୟ ଯୋଗାଣ ହେଉନି ବୋଲି ଡିଲର ଭବାନୀ ଶଙ୍କର ତ୍ରିପାଠୀ କହିଛନ୍ତି। ଏନେଇ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ସୋମବାର ଓମଫେଡ ଅଧିକାରୀଙ୍କୁ ଡକାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ତେବେ ପ୍ଲାଣ୍ଟ ମ୍ୟାନେଜରଙ୍କ ମୋବାଇଲକୁ ଯୋଗାଯୋଗ କରାଯିବାରୁ ସେ ଫୋନ ରିସିଭ କରି ନ ଥିଲେ।

## ୨୪୦ ପଞ୍ଚାୟତରେ ୩୭୫ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର

ଜୟପୁର ୯।୫ (ନି.ପ୍ର.)

କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ କରୋନା ମୁକାବିଲା ନେଇ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଜିଲାରେ ୨୪୦ ପଞ୍ଚାୟତରେ ୩୭୫ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ୧୪୦୬୪ ଶଯ୍ୟା ପ୍ରସ୍ତୁତ ହୋଇଛି। ଜିଲାର ୪ଟି ପୌର ପରିଷଦରେ ୨୪ଟି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ୨୧୯୧ଟି ଶଯ୍ୟା ପ୍ରସ୍ତୁତ ହୋଇଛି । ଏହି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ବିଦ୍ୟୁତ୍ ପାନୀୟଜଳ ସହ ଅନ୍ୟ ସମସ୍ତ ବ୍ୟବସ୍ଥା ହୋଇଛି । ଜିଲାରେ ୯୧୬ ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିଲା। ସେଥିରୁ ୮୪୯ଟି ନେଗେଟିଭ ଆସିଥିବା ବେଳେ ଗୋଟିଏ ପଜେଟିଭ ରହିଛି। ଅନ୍ୟ ୬୬ଟି

**କୋରାପୁଟ: କରୋନା ମୁକାବିଲା**

ରିପୋର୍ଟ ଆସିନାହିଁ। ଜିଲାର ଖାଦ୍ୟ ସୁରକ୍ଷା ଯୋଜନାରେ ୯ ତାରିଖ ସୁଦ୍ଧା ୩୫୮୪୯୭ ହିତାଧିକାରୀଙ୍କୁ ୨୧୭୭୨୨ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯାଇଛି। ୩୫୬୮୨୮ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ସହ ୧ ହଜାର ଲେଖାଏ ଟଙ୍କା ବଣ୍ଟନ କରାଯାଇଛି। ଜିଲାର ୨୪ଟି ପଞ୍ଚାୟତରେ ୪୩୦୫୭୧ ଜଣଙ୍କୁ ଏବଂ ୪ଟି ପୌରାଞ୍ଚଳରେ ୮୩୯୬୧ ଜଣଙ୍କୁ ମାଗଣା ରନ୍ଧା ଖାଦ୍ୟ ବଣ୍ଟନ ହୋଇଛି। ସେହିପରି ଜିଲାର ପୌରାଞ୍ଚଳରେ ୧୦୨୭ଟି ପଞ୍ଜୀକୃତ ଉଠାଦୋକାନୀଙ୍କୁ ୩ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ।

## ବର୍ଷେ ଧରି ରୋଗରେ ଆକ୍ରାନ୍ତ ମହିଳାଙ୍କୁ ଉଦ୍ଧାରକଲେ ମାଆଘର ସଦସ୍ୟ



ରୋଗରେ ଆକ୍ରାନ୍ତ ମହିଳାଙ୍କୁ ଉଦ୍ଧାର କରି ନିଆଯାଉଛି ।

ମାଲକାନଗିରି,୯।୫(ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକ ତମସା ପଞ୍ଚାୟତ ତମସା ଗ୍ରାମରେ କୁନ୍ଦେ ମାଡକାମି ଦୀର୍ଘ ଏକବର୍ଷ ଧରି ଜ୍ୱର ଏବଂ ବିଭିନ୍ନ ରୋଗରେ ପୀଡ଼ିତ ଥିଲେ। ଏହି ଖବର ଜାଣିବା ପରେ ମାଲକାନଗିରି ଜିଲା ମାଆ ଘରର ସଦସ୍ୟା ପ୍ରଶାନ୍ତିଲତା ବିଶୋୟୀ, ଦୁଲାଲି ଥଣ୍ଡର, କମଳା ପିଲାଇ ଗ୍ରାମରେ ପହଞ୍ଚି କୁନ୍ଦେଙ୍କୁ ଉଦ୍ଧାରକରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଏକ ସ୍ୱତନ୍ତ୍ର ବେଡ୍‌ରେ ରଖି ତାଙ୍କର ଚିକିତ୍ସା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ ଯେ, କୁନ୍ଦେଙ୍କ କେହି ପରିବାର ଲୋକ ନାହାନ୍ତି।

## ଚଢ଼ା ଦରରେ ବିକ୍ରି ହେଉଛି ସାମଗ୍ରୀ

ରାୟଗଡ଼ା ଅଫିସ,୯।୫:

ମହାମାରୀ କୋରନା ମୁକାବିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲକ୍ ଡାଉନ ଘୋଷଣା କରିଛନ୍ତି। କେତେକ ବ୍ୟବସାୟୀ ଏଥିରୁ ଫାଇଦା ଉଠାଇ ଲୋକଙ୍କୁ ଠକିବାରେ ଲାଗିଛନ୍ତି। ଆତ୍ୟାବଶ୍ୟକ ସାମଗ୍ରୀର ଦର ମନଇଚ୍ଛା ବୃଦ୍ଧି କରି ବିକ୍ରି କରୁଛନ୍ତି। ରାୟଗଡା ଜିଲାରେ ସହରାଞ୍ଚଳରୁ ଆରମ୍ଭ କରି ଗ୍ରାମାଞ୍ଚଳ ଯାଏ ସବୁଠି ପ୍ରାୟ ସମାନ ଅବସ୍ଥା ଦେଖିବାକୁ ମିଳୁଛି। ଓମଫେଡ଼ କ୍ଷୀରର ଧାର୍ଯ୍ୟ ମୂଲ୍ୟଠାରୁ ବ୍ୟବସାୟୀମାନେ ବହୁ ଅଧିକ ଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ରାୟଗଡ଼ା ନିକଟସ୍ଥ ଜେମାଦେଇପେଣ୍ଠ ଗ୍ରାମରେ ଏହାକୁ ବ୍ୟବସାୟୀମାନେ ୩୦ଟଙ୍କାରେ ବିକ୍ରି କରୁଛନ୍ତି। ଆଳୁ ଦର ୨୦ଟଙ୍କା ଥିବା ବେଳେ ଏହାକୁ ୨୫ ଟଙ୍କା, ପିଆଜ ୨୫ ଟଙ୍କା ଥିବା ବେଳେ ୩୦ ଟଙ୍କାରେ ବିକ୍ରି କରୁଛନ୍ତି। ଅନ୍ୟସବୁ ସାମଗ୍ରୀ ମଧ୍ୟ ପ୍ୟାକେଟ୍‌ରେ ଲିଖିତ ଦରଠାରୁ ଅଧିକ ଦରରେ ବିକ୍ରି କରୁଥିବା ଗ୍ରାମର ଅଙ୍ଗନୱାଡ଼ି କର୍ମୀ ସଂଯୁକ୍ତା ଦାସ କହିଛନ୍ତି। ରାୟଗଡ଼ା ସହରରେ ମଧ୍ୟ ଏପରି ଚାଲିଛି। ଜଣେ ବ୍ୟବସାୟୀ କ୍ଷୀରର ଧାର୍ଯ୍ୟ ମୂଲ୍ୟଠାରୁ ୨ଟଙ୍କା ଅଧିକ ଦରରେ ବିକୁଛନ୍ତି। ଆଳୁ, ପିଆଜ, ଅଣ୍ଡା ସହ ଅନ୍ୟ ସାମଗ୍ରୀ ମଧ୍ୟ ଅଧିକ ଦରରେ ବିକ୍ରି ହେଉଛି। ରାୟଗଡାର କେତେକ ସାହିରେ ମଧ୍ୟ ବ୍ୟବସାୟୀମାନେ ପ୍ରତ୍ୟେକ ସାମଗ୍ରୀର ଦରବୃଦ୍ଧି କରି ବିକ୍ରି କରୁଛନ୍ତି। ଦୋକାନ ସମ୍ମୁଖରେ ଦର ତାଲିକା ଲଗାଇବାକୁ ଝୁନୀ ପଣ୍ଡା ନାମ୍ନୀ ଜଣେ ମହିଳା ଦାବି କରିଛନ୍ତି। ଏନେଇ ଭାରପ୍ରାପ୍ତ ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆମ କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀମାନେ ବଜାରରେ ବୁଲି ଏହାର ଯାଞ୍ଚ କରୁଛନ୍ତି। ଯେଉଁସବୁ ଅଞ୍ଚଳରୁ ଅଭିଯୋଗ ଆସୁଛି ଏହାକୁ ଗୁରୁତ୍ୱ ଦେଇ ପଦକ୍ଷେପ ନିଆଯାଉଛି ବୋଲି ନାୟକ କହିଥିଲେ।

# ଏସ୍‌ଏଚ୍‌ଜି ମହିଳା ଜବତ କଲେ ମଦ

ଦଶମନ୍ତପୁର,୯।୫ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପୋଡ଼ାଗଡ଼ ପଞ୍ଚାୟତ ଲମତାପୁଟ ଗ୍ରାମର ମହିଳାମାନେ ଶନିବାର ଜଣେ ମଦ ବ୍ୟବସାୟୀଙ୍କଠାରୁ ୩୫ ପ୍ୟାକେଟ ଦେଶୀମଦ ଜବତ କରିଛନ୍ତି। ପୋଡ଼ାଗଡ଼ ଏବଂ ମୁଜାଙ୍ଗ ପଞ୍ଚାୟତରେ ଦେଶୀ ମଦ କାରବାର ବୃଦ୍ଧିପାଇ ଚାଲିଥିବା ବେଳେ ଅବକାରୀ ବିଭାଗ ନୀରବ ରହିଛି। ଏନେଇ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ମହିଳାମାନେ ସେମାନଙ୍କୁ ତାଗିଦ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ମଦ ବ୍ୟବସାୟୀ ଦେଶୀ ମଦ ପ୍ୟାକେଟ ଗ୍ରାମକୁ ଆଣି ଖୁଚୁରା ବ୍ୟବସାୟୀଙ୍କୁ ଯୋଗାଇ ଦେଉଥିବା ସ୍ୱୟଂ ସହାୟିକା ଗୋଷ୍ଠୀ ଅଭିଯୋଗ କରିଛନ୍ତି। ଶନିବାର ଜଣେ ବ୍ୟବସାୟୀ ଜଣେ ଖୁଚୁରା ମଦ ବ୍ୟବସାୟୀଙ୍କୁ ମଦ ଯୋଗାଉଥିବା ବେଳେ ଗୋଷ୍ଠୀର ସଦସ୍ୟାମାନେ ତାଙ୍କଠାରୁ ୩୫ ପ୍ୟାକେଟ ଦେଶୀମଦ ଜବତ କରିଥିବା ଜଣାପଡ଼ିଛି। ଆମେ ବିରୋଧର ସମ୍ମୁଖୀନ ହେଲେ ମଧ୍ୟ ଆମ ଗ୍ରାମରେ ମଦ କାରବାର କରାଇ ଦେବୁନାହିଁ ବୋଲି ସଦସ୍ୟାମାନେ ପ୍ରକାଶ କରିଛନ୍ତି। ଅବକାରୀ ବିଭାଗ ଆମ ଗ୍ରାମରେ ଦେଶୀ ମଦ କାରବାର ବନ୍ଦ ନ କରାଇଲେ ଆମେ କାର୍ଯ୍ୟାଳୟରେ ତାଲା ପକାଇ ଜିଲାପାଳଙ୍କୁ ଭେଟିବୁ ବୋଲି ସେମାନେ କହିଛନ୍ତି। ଏ ନେଇ ଅବକାରୀ ବିଭାଗ ଓଆଇସି ଉଷା ଗଉଡ଼ଙ୍କୁ ପଚାରିବାରୁ ସେ କହିଲେ ଯେ, ସମ୍ପୃକ୍ତ ଗ୍ରାମରେ ଆଗକୁ ଯେପରି ମଦ କାରବାର ନ ହେବ ପଦକ୍ଷେପ ନେବି ବୋଲି କହିଛନ୍ତି।



ଏସ୍‌ଏଚ୍‌ଜି ମହିଳାମାନେ ଜବତ କରିଥିବା ମଦ ।

**ଅବକାରୀ କାର୍ଯ୍ୟାଳୟରେ ତାଲା ପକାଇବାକୁ ଚେତାବନୀ**

# ଚ୍ୟାଲେଞ୍ଜ ସତ୍ତ୍ୱେ ଆଗକୁ ବଢ଼ିବାକୁ ହେବ

**ଲକ୍‌ଡାଉନ କଟକଣା ଧୀରେ ଧୀରେ କୋହଳ ହେଉଥିବା ବେଳେ ଜୀବନଯାତ୍ରା ସ୍ୱାଭାବିକ ହେଉଛି। ବିଭିନ୍ନ ବର୍ଗରେ ଶୋ'ରୁମ୍ ଏବେ ଖୋଲିବା ଆରମ୍ଭ ହୋଇଛି। ଶୋ'ରୁମ୍‌ଗୁଡ଼ିକରେ ସରକାରଙ୍କ ଧାର୍ଯ୍ୟ ନିୟମାବଳୀ ମୁତାବକ ସାମାଜିକ ଦୂରତ୍ୱ ସହ ଅନ୍ୟ ବ୍ୟବସ୍ଥା କରାଯାଇଛି। ଦୀର୍ଘଦିନ ଧରି କାରବାର ବନ୍ଦ ରହିଥିବା ବେଳେ ବ୍ୟବସାୟରେ କ୍ଷତି ସହିବାକୁ ପଡୁଛି। ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ଏହି ସଂସ୍ଥାଗୁଡ଼ିକ ଯୋଗଦାନ ରଖୁଛନ୍ତି ହେଲେ କାରବାର ବନ୍ଦ ରହିଲେ ମଧ ପରିଚାଳନା ଖର୍ଚ୍ଚର ବୋଝ ଉଠାଇବାକୁ ପଡୁଛି। ବ୍ୟାଙ୍କ ଋଣ ଉପରେ ସୁଧ, ଘରଭଡ଼ା ସହ ଅନ୍ୟ ଖର୍ଚ୍ଚର ଚାପ ବ୍ୟବସାୟୀଙ୍କ ଉପରେ ରହିଛି। ସରକାର ଏ ଦିଗରେ ସହାୟତା ଯୋଗାଇ ଦିଅନ୍ତୁ ବୋଲି ବ୍ୟବସାୟ ଅଂଶୀଦାରମାନେ ନିବେଦନ କରିଛନ୍ତି। ବଜାର ସ୍ଥିତି ବିଗିଡ଼ିଲେ ମଧ ଚ୍ୟାଲେଞ୍ଜ ସହ ବଢ଼ିବାକୁ ହେବ ବୋଲି ଅଂଶୀଦାରମାନେ ମତପ୍ରକାଶ କରିଛନ୍ତି। କୋଭିଡ୍-୧୯ ଯୋଗୁ ବଜାର ସ୍ଥିତି ନେଇ ପ୍ରମୁଖ କ୍ଷେତ୍ରଗୁଡ଼ିକ ସହ ଜଡ଼ିତ ବ୍ୟକ୍ତିବିଶେଷ ବାଣିଜ୍ୟକୁ ନେଇ ଦେଇଥିବା ପ୍ରତିକ୍ରିୟା...**



କାରବାର ବର୍ତ୍ତମାନ ସମ୍ପୂର୍ଣ୍ଣ ପ୍ରଭାବିତ ରହିଛି। ଗ୍ରାହକଙ୍କ ଫ୍ଲୋ ବର୍ତ୍ତମାନ ଶୋ'ରୁମ୍‌ରେ ନାହିଁ। ଆମ ଟ୍ରେଡ୍‌ରେ ଶ୍ରମ ଶକ୍ତି ଏକ ପ୍ରମୁଖ ପ୍ରସଙ୍ଗ। ମାତ୍ର ୩୩% କର୍ମଚାରୀଙ୍କୁ ନେଇ କାମ କରିବା କଷ୍ଟକର ହେଉଛି। ସରକାରଙ୍କ ନିୟମ ମୁତାବକ ସବୁ କାମ ହେଉଛି। ଯାଜପୁର, ଜଗତ୍‌ସିଂହପୁର ବାଦ୍ ଅନ୍ୟ ରିଟେଲ ଷ୍ଟୋରଗୁଡିକ ଖୋଲା ରହିଛି। ଲୋକଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖାଯାଇଛି। ଲକ୍‌ଡାଉନ ଲାଗି ଦୀର୍ଘଦିନ ଧରି ବେପାର ବନ୍ଦ ରହିଥିବା ବେଳେ ଏବେ ଷ୍ଟୋର ଖୋଲିଥିଲେ ମଧ ବେପାର ନ ଥିବାରୁ ପରିଚାଳନାକୁ ଅସୁବିଧା ସୃଷ୍ଟି ହେଉଛି। ସରକାର ଘରଭଡ଼ା କ୍ଷେତ୍ରରେ ଏକ ନିୟମ ପ୍ରଣୟନ କରିବା ଆବଶ୍ୟକ। ସ୍ଥିତି ନ ସୁଧୁରିବା ଯାଏ ଘରଭଡା କ୍ଷେତ୍ରରେ ଏକ ବିଶେଷ ରିହାତି ମିଳିବା ଆବଶ୍ୟକ। ଏହା ହେଲେ ବାଣିଜ୍ୟ ସଂସ୍ଥାଗୁଡିକ ଉପରେ ଚାପ କମିବ। ସେହିଭଳି ବ୍ୟାଙ୍କ ଋଣ ଉପରେ ସୁଧ କ୍ଷେତ୍ରରେ ମଧ ରିହାତି ଦେଲେ ଭଲ ହୁଅନ୍ତା। ମାତ୍ର ସରକାର ବାଣିଜ୍ୟ ଗୋଷ୍ଠୀ ଲାଗି ସେମିତି କିଛି ପଦକ୍ଷେପ ନେଉ ନାହାନ୍ତି। ବଜାର ସ୍ଥିତି ଦୀର୍ଘଦିନ ଧରି ନ ସୁଧୁରିଲା ଭଳି ଲାଗୁଛି। ସରକାରୀ ସହାୟତା ଲୋଡ଼ା ପଡୁଛି। ଏହା ହେଲେ ବ୍ୟବସାୟ ଆଗକୁ ବଢ଼ାଇବା ସହଜ ହେବ, ନିଯୁକ୍ତି କ୍ଷେତ୍ରରେ ଏହା ପ୍ରଭାବ ପକାଇବ ନାହିଁ।

**– ରାଜେଶ ଗୁପ୍ତା, ଏମ୍‌ଡି, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ**



ଗତ ୪ ଦିନ ତଳେ ଷ୍ଟୋର ଖୋଲାଯାଇଛି। ଗ୍ରାହକ ବେଶି ଆସୁନାହାନ୍ତି। ଲୋକଙ୍କୁ ନିୟମ ସତର୍କତା ସହ ଆଗକୁ ବଢିବାକୁ ପଡିବ। କରୋନା ପାଇଁ କୌଣସି ଭ୍ୟାକ୍ସିନ ଆସି ନ ଥିବାରୁ ପରିସ୍ଥିତି ସହ ଆଗକୁ ବଢ଼ିବାକୁ ହେବ। ବର୍ତ୍ତମାନ ଜୀବନଯାତ୍ରା ପ୍ରଭାବିତ ରହିଛି। ହେଲେ ସ୍ଥିତିରେ ଟିକିଏ ସୁଧାର ଆସିବା ଲାଗି ଅନ୍ତତଃ ପକ୍ଷେ ୧୫ରୁ ୨୦ ଦିନ ସମୟ ଲାଗିବ। ସ୍ଥିତି ସମ୍ପୂର୍ଣ୍ଣ ସୁଧୁରିବା ନେଇ ବର୍ତ୍ତମାନ କହି ହେଉନି। ହେଲେ କାରବାର ଆଗକୁ ବଢ଼ାଇବକୁ ପଡ଼ିବ। ଭୁବନେଶ୍ୱର ବ୍ରହ୍ମପୁର ଷ୍ଟୋରରେ ଏବେ ସେବା ଯୋଗାଇ ଦେଉଛୁ। ବାଲେଶ୍ୱର ଷ୍ଟୋର ଖୋଲିନାହିଁ। କାରବାର ବର୍ତ୍ତମାନ ପ୍ରଭାବିତ ରହିଲେ ମଧ ନିୟମ ପାଳନ ପୂର୍ବକ ଷ୍ଟୋର ଖୋଲାଯାଇଛି। ସରକାରଙ୍କ ସବୁ ନିୟମକୁ ଷ୍ଟୋରରେ କଡ଼ାକଡ଼ି ଭାବେ ପାଳନ କରାଯାଉଛି। ଆଗାମୀ ଦିନରେ ସବୁ ଠିକ୍‌ଠାକ୍ ହେବା ନେଇ ଆଶାବାଦୀ। ଲୋକମାନେ ସବୁକିଛି ବୁଝି ଆଗକୁ ବଢ଼ିବାକୁ ହେବ। କଷ୍ଟ ଏବଂ ଚ୍ୟାଲେଞ୍ଜ ରହିଲେ ମଧ ଆଗକୁ ଯିବାକୁ ପଡ଼ିବ।

**– ଇପାରି ଶ୍ରୀଧର,ଏମ୍‌ଡି, ଇପାରି ସଦାଶିବ**



ଭୁବନେଶ୍ୱର ମାର୍କେଟ ବିଲ୍‌ଡିଂକୁ ଛାଡ଼ି ଶହୀଦନଗର ଏବଂ ବାପୁଜୀନଗର ଷ୍ଟୋରକୁ ଖୋଲାଯାଇଛି। ଷ୍ଟୋରରେ ସାମାଜିକ ଦୂରତ୍ୱ ନିୟମ ସହ ଅନ୍ୟ ନିରାପତ୍ତା ପଦକ୍ଷେପ ହାତକୁ ନିଆଯାଇଛି। ଲୋକଙ୍କୁ ବଜାର ସହ ଖାପ ଖୁଆଇବା ଲାଗି କିଛିଦିନ ଲାଗିବ। ମନରେ ଭୟ ରହିବା ଯୋଗୁ ଏବେ ଗ୍ରାହକଙ୍କ କ୍ରୟ ମନୋଭାବ ଉପରେ ପ୍ରଭାବ ରହିଛି। ଧୀରେ ଧୀରେ ଲୋକ ଆସୁଛନ୍ତି। ସ୍ଥିତିରେ ପରିବର୍ତ୍ତନ ଆସିବା ଲାଗି କିଛି ସମୟ ଲାଗିବ। ବର୍ତ୍ତମାନ ସାରା ବିଶ୍ୱକୁ କରୋନା କ୍ଷତିଗ୍ରସ୍ତ ହୋଇଛି। ସମଗ୍ର ଚେନ୍ ଏହାଦ୍ୱାରା ପ୍ରଭାବିତ। କିଭଳି ସ୍ଥିତି ସୁଧୁରିବ ସେହି ଆଶା ନେଇ କାରବାର ଆଗକୁ ବଢାଇବାକୁ ପଡୁଛି। ସାମାନ୍ୟ ସ୍ଥିତି ଆସିବାକୁ ଅନ୍ତତଃ ପକ୍ଷେ ୬ ମାସ ସମୟ ଲାଗିପାରେ।

**– ଶିବପ୍ରସାଦ ପଣ୍ଡା, ସ୍ୱତ୍ୱାଧିକାରୀ, ପଣ୍ଡା ଟ୍ରାଭେଲ ମାର୍ଟ**



କଟକଣା କୋହଳ ହେବାରୁ ଶୋ'ରୁମ୍ ଖୋଲିଛୁ। ଗ୍ରାହକ ବର୍ତ୍ତମାନ ଆସୁନାହାନ୍ତି। କଷ୍ଟ ସମୟରେ ଆଗକୁ ବଢ଼ିବାକୁ ହେବ। ଷ୍ଟୋରରେ ୩୦% କମ୍ ଷ୍ଟାଫ ରଖାଯାଇଛି। ଗ୍ରାହକଙ୍କ ନିରାପତ୍ତାକୁ ଧ୍ୟାନରେ ରଖି ସୋସିଆଲ ଡିଷ୍ଟାନ୍ସ ନିୟମ ପାଳନ କରାଯାଉଛି। ଷ୍ଟୋରରେ ଏକ ସମୟରେ ଅଧିକ ଲୋକଙ୍କୁ ନିଆଯାଉନାହିଁ। ଯାନରେ ଆସିବା ବେଳେ କଟକଣା ରହିଥିବାରୁ ଲୋକ ଆସିବାକୁ ମଧ ଅସୁବିଧା ହେଉଛି। କରୋନା କାୟା ବିସ୍ତାର କରୁଥିବାରୁ ବଜାରକୁ ନେଇ କିଛି ଆକଳନ କରିହେଉନି। ସାବିତ୍ରୀରେ ହୁଏତ କିଛି ବିକ୍ରି ହୋଇପାରେ। ମାତ୍ର ଚଳିତ ବର୍ଷ ବ୍ୟବସାୟ ନେଇ ବିଶେଷ ଆଶା ନାହିଁ। ଏବେ ପରିଚାଳନା ନେଇ ସବୁ ଖର୍ଚ୍ଚ ବହନ କରାଯାଉଛି। ବେପାର ନ ଥିବା ବେଳେ ପୂର୍ବଭଳି କର୍ମଚାରୀଙ୍କ ବେତନ, ଘରଭଡ଼ା, ଟିକସ, ଋଣ ଉପରେ ସୁଧ ଦିଆଯାଉଛି। ଏହା ବହନକରି ବଢ଼ିବାକୁ ପଡୁଛି। ଆଗକୁ ବଢ଼ିବା ଏବେ ବଡ଼ ଚ୍ୟାଲେଞ୍ଜ ହୋଇଛି।

**– କିଶୋର ଚନ୍ଦ୍ର ମେହେର, ପ୍ରବନ୍ଧକ, ମେହର୍ସ**

## ସଂକ୍ଷେପରେ

### ନିରାପତ୍ତାକୁ ମାରୁତି ସୁଜୁକିର ପ୍ରାଥମିକତା

**ନୂଆଦିଲ୍ଲୀ,୯।୫:** କଟକଣା କୋହଳ ହେଉଥିବା ବେଳେ ଦେଶର ପ୍ରମୁଖ କମ୍ପାନୀ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ ଏହାର ଶୋ'ରୁମଗୁଡିକରେ ଗ୍ରାହକ ସୁରକ୍ଷାକୁ ପ୍ରାଥମିକତା ଦେଉଛି। ଶୋ'ରୁମରେ ସୁରକ୍ଷା ଏବଂ ନିରାପତ୍ତା ବିହୀନ କ୍ରୟ ଅଭିଜ୍ଞତା ପ୍ରଦାନ ଉପରେ କମ୍ପାନୀ ବର୍ତ୍ତମାନ ପ୍ରୟାସ ଜାରି ରଖିଛି। ଡିଲରଶିପଗୁଡିକରେ ସାମାଜିକ ଦୂରତ୍ୱ, ସ୍ୱଚ୍ଛତା, ସାମାଜିକ ଦୂରତ୍ୱ ନିୟମ ପାଳନ କରାଯାଉଛି। ସରକାରଙ୍କ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରସେଜ୍ୟୁର(ଏସ୍‌ଓପି) ନିୟମ ଅନୁସାରେ କାର୍ଯ୍ୟକ୍ରମ ଜାରି ରହିଛି। ମାରୁତି ସୁଜୁକି ଇଣ୍ଡିଆ ସିଇଓ କେନିଚି ଆୟୁକାୱା କହିଛନ୍ତି ଯେ, ଗ୍ରାହକ ସନ୍ତୁଷ୍ଟି ଏବଂ ସୁରକ୍ଷାକୁ କମ୍ପାନୀ ପ୍ରାଥମିକତା ଦେଇ ଆସିଛି।

### ୪୧୧ କୋଟି ଠକି ଚମ୍ପଟ

**ନୂଆଦିଲ୍ଲୀ,୯।୫:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ର ୪୧୧ କୋଟି ଋଣ ଠକେଇରେ ସମ୍ପୃକ୍ତ ରାମଦେବ ଇଣ୍ଟରନ୍ୟାଶନାଲ କମ୍ପାନୀର ୩ ପ୍ରମୋଟର ଦେଶ ଛାଡ଼ି ପଳାୟନ କରିଛନ୍ତି। ଏମାନଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ନିକଟରେ ମାମଲା ରୁଜୁ କରାଯାଇଛି। ଏସ୍‌ବିଆଇ ନେତୃତ୍ୱରେ ୬ କନ୍‌ସୋର୍ଟିୟମ ବ୍ୟାଙ୍କରୁ ଉକ୍ତ କମ୍ପାନୀର ପ୍ରମୋଟର ୪୧୧ କୋଟି ଟଙ୍କା ନେଇଥିଲେ। ଏମାନଙ୍କର ପତ୍ତା ନ ମିଳିବାରୁ ଏସ୍‌ବିଆଇ ଶନିବାର ସିବିଆଇ ନିକଟରେ ଅଭିଯୋଗ କରିଛି। ପଶ୍ଚିମ ଏସିଆ ଏବଂ ୟୁରୋପ ଦେଶଗୁଡିକୁ ବାସ୍‌ମତି ଚାଉଳ ରପ୍ତାନି କରୁଥିବା ଏହି କମ୍ପାନୀର ନିର୍ଦ୍ଦେଶକ ନରେଶ କୁମାର, ସୁରେଶ କୁମାର ଏବଂ ସଙ୍ଗୀତାଙ୍କ ନାମ ଏହି ମାମଲାରେ ସମ୍ପୃକ୍ତ ରହିଛି। ଏସ୍‌ବିଆଇ ଅଭିଯୋଗ ଆଧାରରେ ସିବିଆଇ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ସମ୍ପୃକ୍ତ କମ୍ପାନୀ ୧୭୩ କୋଟି କ୍ଷତି ସହିଥିବା ଜଣାପଡିଛି। ଏସ୍‌ବିଆଇ ବାଦ୍ କନସୋର୍ଟିୟମରେ କାନାରା ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଡିବିଆଇ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ କର୍ପୋରେଶନ ବ୍ୟାଙ୍କ ରହିଛି।

## ଷ୍ଟୋର ପୁନଃ ଶୁଭାରମ୍ଭ କଲା ତନିସ୍କ

**ନୂଆଦିଲ୍ଲୀ,୯।୫**




ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ତନିସ୍କ ପକ୍ଷରୁ ସାରା ଦେଶରେ ଥିବା ୩୨୮ ଷ୍ଟୋରକୁ ପୁନଃ ଶୁଭାରମ୍ଭ ଘୋଷଣା କରାଯାଇଛି। ଏଗୁଡିକ ପର୍ଯ୍ୟାୟ ଭିତ୍ତିରେ ଖୋଲିବ ବୋଲି କମ୍ପାନୀ ସୂଚନା ଦେଇଛି। ଷ୍ଟୋରଗୁଡିକରେ ନିରାପତ୍ତା ପଦକ୍ଷେପକୁ କଡାକଡି କରାଯିବା ସହ ସାମାଜିକ ଦୂରତ୍ୱ ନିୟମ ପାଳନ କରାଯିବାକୁ ଯୋଜନା ରହିଛି। ମେ ୧୦ରେ ପ୍ରଥମ ୫୦ ଷ୍ଟୋର ଖୋଲିବ। କମ୍ପାନୀ ଗୋଲ୍ଡ ଷ୍ଟାଣ୍ଡାର୍ଡ ନିରାପତ୍ତା ନିୟମ ସହ କାର୍ଯ୍ୟ କରୁଛି। କର୍ମଚାରୀଙ୍କ ନିରାପତ୍ତା ଏବଂ ସ୍ୱଚ୍ଛତାକୁ ବର୍ତ୍ତମାନ ଧ୍ୟାନରେ ରଖାଯାଉଛି। ଏହି ଅବସରରେ ଟାଇଟାନ କମ୍ପାନୀ ଲିମିଟେଡର ଜୁଏଲେରୀ ଡିଭିଜନ ସିଇଓ ଅଜୟ ଚାୱ୍ଲା କହିଛନ୍ତି ଯେ, ଗ୍ରାହକ ଏବଂ କର୍ମଚାରୀଙ୍କ ନିରାପତ୍ତାକୁ ଧ୍ୟାନରେ ରଖି ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ସେ ଅନୁସାରେ ଷ୍ଟୋରଗୁଡିକରେ ପ୍ରସ୍ତୁତି ମଧ ରହିଛି।

## ରିଲାଏନ୍ସ ଫ୍ରେଶ, ସ୍ମାର୍ଟ ଷ୍ଟୋରରେ ମଦର୍ସ ଡେ

**ନୂଆଦିଲ୍ଲୀ,୯।୫**




ସୁପର ମାର୍କେଟ ବ୍ରାଣ୍ଡ ରିଲାଏନ୍ସ ରିଟେଲ ପକ୍ଷରୁ ଏହାର ରିଲାଏନ୍ସ ଫ୍ରେଶ ଏବଂ ସ୍ମାର୍ଟ ଷ୍ଟୋରରେ ମଦର୍ସ ଡେ ପାଳନ କରାଯାଉଛି। ଏହି ଅବସରରେ ଏକ ଡିଜିଟାଲ କ୍ୟାମ୍ପେନ 'ଭାରତ ମାତା କେଲିଏ' ଶୁଭାରମ୍ଭ ହୋଇଛି। ଏହି ଅବସରରେ ଏକ ଡିଜିଟାଲ ଫିଲ୍ମ ପ୍ରସ୍ତୁତ ହୋଇଥିବା ବେଳେ ବଲିଉଡ ଅଭିନେତା ଆୟୁଷ୍ମାନ ଖୁରାନା ଏଥିରେ ଅଭିନୟ କରିଛନ୍ତି। ମଦର ଇଣ୍ଡିଆ ତଥା ମାଆ ମାନଙ୍କର ଉଲ୍ଲେଖନୀୟ ଯୋଗଦାନକୁ ସେ ଏଥିରେ ବର୍ଣ୍ଣନା କରିଛନ୍ତି। ଦେଶ ବର୍ତ୍ତମାନ କୋଭିଡ ୧୯ ସହ ଲଢୁଥିବା ବେଳେ ମାଆ ମାନଙ୍କର ଯୋଗଦାନକୁ ଏଥିରେ ପ୍ରଦର୍ଶନ କରାଯାଇଛି। ଲକ୍ ଡାଉନ ଯୋଗୁ ଉପୁଜୁଥିବା ବିଭିନ୍ନ ସମସ୍ୟାକୁ ଏଥିରେ ବିଭିନ୍ନ ଭାଗରେ ସ୍ଥାନିତ କରାଯାଇଛି। ସମସ୍ତେ ମିଳିତ ହୋଇ ଭାରତ ମାତାକୁ ଖୁସି କରାଇବା ପୁଣି ଏହାର ମୁହଁରେ ହସ ଫୁଟାଇବାକୁ ଭିଡିଓରେ ଆହ୍ୱାନ କରାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

# ଖେଳ ଖବର

# ସଫଳ କ୍ରୀଡ଼ାବିତ୍, ଏବେ ସ୍ନେହମୟୀ ମା'...

**କଟକ ଅଫିସ,୯।୫- ଖେଳ ମଇଦାନରେ ରାଜ୍ୟ ତଥା ଦେଶ ପାଇଁ ଯେତିକି ଉତ୍ସର୍ଗୀକୃତ ଜୀବନ ଜିଇଛନ୍ତି, ଏବେ ପରିବାର ପାଇଁ ମଧ ସମାନ ଅବଦାନ। ସେ ଜଣେ ଖେଳାଳି ଆଉ ଜଣେ ମା' ମଧ। ପ୍ରତିପକ୍ଷଙ୍କୁ ସାମ୍ନା କରୁଥିବା ଏହି ସଫଳ କ୍ରୀଡ଼ାବିତମାନେ ଏବେ ନିଜ ସନ୍ତାନମାନଙ୍କୁ ସଫଳ ଭାବେ ଗଢ଼ି ତୋଳିବାକୁ ପ୍ରଚେଷ୍ଟା କରୁଛନ୍ତି। ରବିବାର ଅନ୍ତର୍ଜାତୀୟ ମାତୃଦିବସ ଅବସରରେ ରାଜ୍ୟର କେତେଜଣ ମହିଳା କ୍ରୀଡ଼ାବିତ୍‌ଙ୍କ କାହାଣୀ...**

### ମୋ ମା'ଙ୍କ କାର୍ଯ୍ୟ ମୁଁ କରୁଛି



ରାଜ୍ୟ ଆଥ୍‌ଲେଟିକ ଜଗତର ଯୁବ ପ୍ରତିଭା ହେଲେ ଅଂଶିକା ରାଉତରାୟ। ଲଗାତର ଭାବେ ରାଜ୍ୟ ଆଥଲେଟିକ ମିଟ୍‌ରେ ଅଂଶିକା ନୂତନ ରେକର୍ଡ ସୃଷ୍ଟି କରିବା ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ତାଙ୍କ ପରିଚୟ ହେଉଛି, ସେ ହେଲେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ଝିଅ। ଅନୁରାଧାଙ୍କର ୪ ବର୍ଷର ଏକ ଶିଶୁ ପୁତ୍ର ମଧ ଅଛି। ତାଙ୍କ ନାମ ରିୟାନ ରାଉତରାୟ। ରିୟାନ ବୟସରେ ଖୁବ ସାନ ହୋଇଥିଲେ ବି ଏବେ ଠାରୁ ଖେଳକୁଦ ପ୍ରତି ଉତ୍ସୁକତା ଦେଖାଉଛି। ଅନୁରାଧାଙ୍କ କହିବା ଅନୁଯାୟୀ, ମୋ ମା' ହିଁ ମୋତେ ଖେଳରେ ଆଗକୁ ବଢ଼ିବା ପାଇଁ ସାହାସ ଦେଇଥିଲେ। ତାଙ୍କରି ପ୍ରଚେଷ୍ଟା ଯୋଗୁଁ ମୁଁ ସଫଳତାର ପାହାଚ ଚଢ଼ିଛି। ଏଣୁ ଅଂଶିକା ପାଇଁ ମଧ ମୁଁ ସମାନ ଦାୟିତ୍ୱ ଦୋହରାଉଛି।

### ବଳକା ସମୟ କେବଳ 'ପୁଅ' ପାଇଁ



ରାଜ୍ୟରେ ଡିସ୍କସ୍ କୁଇନ ହେଉଛନ୍ତି ଆଥଲେଟ୍ ପାର୍ବତୀ ସେଠୀ। ଡିସକସ୍ ଓ ସଟ୍‌ପୁଟ୍ କ୍ରୀଡ଼ାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ପାର୍ବତୀ ଅନେକ ପଦକ ବିଜୟୀ ହୋଇଛନ୍ତି। ଏକମାତ୍ର ପୁଅ ଆଦିତ୍ୟ ଏବେ ଫୁଟବଲ ଖେଳିବା ଆରମ୍ଭ କରିଛି ବୋଲି ପାର୍ବତୀ କୁହନ୍ତି। ନିଜର ଖେଳ ଓ ଚାକିରି ଜୀବନ ଭିତରୁ ପୁଅ ଆଦିତ୍ୟ ପାଇଁ ଖୁବ କମ୍ ସମୟ ମିଳେ। ଏହି ବଳକା ସମୟ କେବଳ ଆଦିତ୍ୟ ସହ ବିତାଏ। ମା' ଆଉ ପୁଅର ସମ୍ପର୍କ ଖୁବ ସୁନ୍ଦର। ଆଦିତ୍ୟ ଜୀବନରେ ଜଣେ କ୍ରୀଡ଼ାବିତ୍ ହେବ କିମ୍ବା ଆଉ କେଉଁ ବିଭାଗରେ କାର୍ଯ୍ୟ କରିବ ତାହା ଜାଣିନାହିଁ। ହେଲେ ସେ କିପରି ଭାବେ ଜଣେ ଭଲ ମଣିଷ ହେବ, ତାହା ମୋର ଇଚ୍ଛା।

### ଏବେ 'ଆଦି' ହିଁ ମୋ ପ୍ରାଥମିକତା



ରାଜ୍ୟ ମହିଳା ଫୁଟବଲ କ୍ରୀଡ଼ାର ଜଣେ ପରିଚିତ ଚେହେରା ହେଲେ ଗୀତାଞ୍ଜଳି ଖୁଣ୍ଟିଆ। ୨୦୦୬ରୁ ୨୦୧୦ ମସିହା ପର୍ଯ୍ୟନ୍ତ ଗୀତାଞ୍ଜଳି ଜାତୀୟ ଫୁଟବଲ ଦଳର ଜଣେ ନିୟମିତ ଖେଳାଳିଥିଲେ। ଏବେ ରାଜ୍ୟ ମହିଳା ଫୁଟବଲ ଖେଳାଳିଙ୍କ ପ୍ରଶିକ୍ଷଣ ଦାୟିତ୍ୱରେ। ଏକମାତ୍ର ପୁଅ ଆଦ୍ୟାନ୍ତ ଦାସ(ଆଦି) ପାଇଁ ବ୍ୟସ୍ତବହୁଳ ଜୀବନ ଭିତରୁ ସମୟ କାଢ଼ିବାକୁ କେବେ ସେ ଭୁଲ କରନ୍ତିନି। ଆଦିତ୍ୟକୁ ଏବେ ୭ବର୍ଷ ବୟସ। ତା'ର ପାଠପଢ଼ାରେ ବିଶେଷ ଧ୍ୟାନ ଦେବା ସହିତ ତାକୁ ଖେଳକୁଦରେ ଜଡ଼ିତ ରଖିବା ପାଇଁ ଚେଷ୍ଟା କରୁଛି। ଆଦିତ୍ୟ ଫୁଟବଲ ଖେଳ ପ୍ରତି ଅଧିକ ଉତ୍କଣ୍ଠା ଦେଖାଉଛି ବୋଲି ଗୀତାଞ୍ଜଳି କୁହନ୍ତି। ଜୀବନରେ ଖେଳ ହିଁ ମୋ ପ୍ରାଥମିକତା ଥିଲା।

## ଅନ୍‌ଲାଇନ୍ ଚେସ୍: କୌଶିକ ଚାମ୍ପିୟନ



**ଭୁବନେଶ୍ୱର, ୯।୫(କ୍ରୀଡ଼ା ପ୍ରତିନିଧି):** ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଦ୍ୱିତୀୟ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ କୌଶିକ ପାଣିଗ୍ରାହୀ ଚାମ୍ପିୟନ ହୋଇଛନ୍ତି। ଦୁଇଜଣ ଖେଳାଳି ୫ ପଏଣ୍ଟ ଲେଖାଏ ପାଇଥିଲେ ହେଁ ବୁକୋଲଜରେ କୌଶିକ ପ୍ରଥମ ଏବଂ ପ୍ରତୀକ ଚୌରାସିଆ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନୁଜ ସୁବୁଦ୍ଧି, ତେଜାସ ଲୋହାନୀ, ମହାବୀର ପାତ୍ର(ସମସ୍ତେ ୪ ପଏଣ୍ଟ), ସାଇ ସମ୍ବିଦା ମହାନ୍ତି, ଆଦ୍ୟନ ରଥ(ଉଭୟେ ୩.୫), ଶିବାଂଶ ମିଶ୍ର, ଧୀର ଚାୱଲା ଓ ଆଦିତ୍ୟ ନାରାୟଣ ମହାନ୍ତି (ସମସ୍ତେ ୩ ପଏଣ୍ଟ) ଟପ୍-୧୦ ଫିନିଶ୍ କରିଛନ୍ତି। ଏସ୍‌ଆର୍ ଚେସ୍ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଡ.ମାନସ ରଞ୍ଜନ ମିଶ୍ର ଓ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## 'କୋଚ୍ ନୁହେଁ ଖେଳାଳିଙ୍କ ପରାମର୍ଶଦାତା ପାଲଟିଛି'

**ନୂଆଦିଲ୍ଲୀ, ୯।୫ (ପି.ଟି.)**




ଲକ୍‌ଡାଉନ୍ ଯୋଗୁ ଭାରତର ଜୁନିୟର ବ୍ୟାଡ୍‌ମିଣ୍ଟନ ଖେଳାଳିମାନଙ୍କୁ ଘରେ ରହିବାକୁ ପଡୁଛି। ଏହି କାରଣରୁ ସେମାନଙ୍କ ମନରେ ବିରକ୍ତି ଓ ନୈରାଶ୍ୟ ଭାବ ପ୍ରକାଶ ପାଉଛି। ଏକଥା କହିଛନ୍ତି ଜାତୀୟ ଜୁନିୟର ବ୍ୟାଡ୍‌ମିଣ୍ଟନ ମୁଖ୍ୟ କୋଚ୍ ସଞ୍ଜୟ ମିଶ୍ର। କୋଭିଡ୍-୧୯ ମହାମାରୀ ଯୋଗୁ ଯୁବ ଖେଳାଳିମାନେ ପାଖାପାଖି ଦୁଇମାସ ଧରି ଘରେ ରହିଲେଣି। ବର୍ତ୍ତମାନ କୋଚ୍ ନୁହେଁ ବରଂ ଜଣେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବାକୁ ହେଉଛି। ଏହି ସମୟରେ ନିଜର ନକାରାତ୍ମକ ଚିନ୍ତାଧାରା ଉପରେ ନିୟନ୍ତ୍ରଣ ରଖିବାକୁ ପଡ଼ିବ, ଯାହାକି ଏକ ମ୍ୟାଚ୍‌ର କଠିନ ମୁହୂର୍ତ୍ତରେ ସେମାନଙ୍କୁ ସହାୟକ ହୋଇଥାଏ ବୋଲି ମୋତେ ଖେଳାଳିମାନଙ୍କୁ ବୁଝାଇବାକୁ ପଡୁଛି। ମ୍ୟାଚ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ହରାଇବା ସମୟରେ କେତେକ ଖେଳାଳିଙ୍କ ମନରେ ବିରକ୍ତି ଓ ଚିଡ଼ିଚିଡ଼ା ଭାବ ସୃଷ୍ଟି ହୋଇଥାଏ। ମାନସିକ ଦୁର୍ବଳତା ଯୋଗୁ ଏହା ଦେଖା ଦେଇଥାଏ। ଏହି ମନୋଭାବ କିପରି ଦୂର କରିହେବ ସେ ଦିଗରେ ଧ୍ୟାନ ଦେବାକୁ ମୁଁ ଖେଳାଳିମାନଙ୍କୁ ପରାମର୍ଶ ଦେଉଛି।

## ୩୨ ସିନିୟର ପୁରୁଷ ଓ ୨୩ ମହିଳା ଖେଳାଳି ଭାଗନେବେ

### ହକି ଖେଳାଳିଙ୍କ ପାଇଁ ବେସିକ୍ କୋଚିଂ

**ନୂଆଦିଲ୍ଲୀ, ୯।୫**

କରୋନା ଭାଇରସ୍ ସଂକ୍ରମଣ ପ୍ରଭାବରୁ ଲକଡାଉନ କଟକଣା ଥିବାରୁ ଖେଳ ସମ୍ଭବ ହେଉନାହିଁ। ତେଣୁ ସିନିୟର ସମ୍ଭାବ୍ୟ କୋର୍ ଖେଳାଳିଙ୍କ ପାଇଁ ହକି ଇଣ୍ଡିଆ ଲେଭଲ ବେସିକ୍ କୋଚିଂ କୋର୍ସ ଆୟୋଜନ କରିବାକୁ ଯାଉଛି। ଶନିବାର ହକି ଇଣ୍ଡିଆ ପକ୍ଷରୁ ଏହା ପ୍ରକାଶ କରାଯାଇଛି। ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଥିବା ଖେଳାଳିମାନେ ଏଥିରେ ଭାଗନେବେ। ୩୨ ସିନିୟର ପୁରୁଷ ଓ ୨୩ ସିନିୟର ମହିଳା କୋର୍ ସମ୍ଭାବ୍ୟ ଖେଳାଳି ହକି ଇଣ୍ଡିଆର ଏହି ଅନ୍‌ଲାଇନ୍ କୋର୍ସ କରିବେ। ଭାରତୀୟ ମହିଳା ହକି ଦଳର ଅଧିନାୟକ ରାଣୀ ରାମପାଲ ପୂର୍ବରୁ ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ କୋଚିଂ ଏଜୁକେଶନ କାର୍ଯ୍ୟକ୍ରମରେ ଭାଗନେଇ ଲେଭଲ-୧ କୋଚ୍ ପ୍ରମାଣପତ୍ର ହାସଲ କରି ସାରିଛନ୍ତି।

ଭାରତୀୟ କୋଚ୍‌ମାନେ ଯେପରି ତୃଣମୂଳ ସ୍ତରରୁ ଅନ୍ତର୍ଜାତୀୟ ସ୍ତରର ହୋଇପାରିବେ ତାକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ୨୦୧୯ରୁ କୋଚିଂ ଏଜୁକେଶନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଏବେ ସିନିୟର ଖେଳାଳିମାନଙ୍କୁ ସାମିଲ କରାଯାଇଛି। କୋର୍ ଖେଳାଳିମାନେ ଅନ୍‌ଲାଇନ୍ ସେସନ ରିଭ୍ୟୁ ପାଇଁ ୩୬ ଘଣ୍ଟା ସମୟ ପାଇବେ। ଏହାପରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫଆଇଏଚ୍) ନୀତି ନିୟମରେ ଅନ୍‌ଲାଇନ୍‌ରେ ଏକ ପରୀକ୍ଷା ହେବ। ପୁରୁଷ ଖେଳାଳିଙ୍କ ପାଇଁ ଚଳିତମାସ ୧୧ ଏବଂ ମହିଳା ଖେଳାଳିଙ୍କ ପାଇଁ ୧୫ ତାରିଖରେ ଏହି ମୂଲ୍ୟନିର୍ଦ୍ଧାରଣ ପରୀକ୍ଷା ଅନୁଷ୍ଠିତ ହେବ। ଏହି କୋର୍ସଦ୍ୱାରା ଖେଳାଳିମାନେ ଗେମ୍ ସମ୍ପର୍କରେ ଏଜୁକେଟ ହେବା ସହ ଜଣେ କୋଚ୍ ଦୃଷ୍ଟିକୋଣରୁ ଖେଳକୁ ଦେଖି ପାରିବେ।











3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ